# ଧରିତ୍ରୀ DHARITRI

୪୭

ଭୁବନେଶ୍ୱର, ଶୁକ୍ରବାର, ନଭେମ୍ବର ୨୭/୨୦୨୦ (୧୬ ପୃଷ୍ଠା) | Bhubaneswar, Friday, November 27/2020 | ★★★★★★

୪୭ଶ ଭାଗ ୪ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୫/-


## ପୁଣି ବଢ଼ିଲା ପେଟ୍ରୋଲ, ଡିଜେଲ



**ଭୁବନେଶ୍ୱର,୨୬।୧୧**

ଗୋଟିଏ ଦିନ ବ୍ୟବଧାନ ପରେ ଗୁରୁବାର ପୁଣିଥରେ ତେଲ ଦର ବୃଦ୍ଧି ପାଇଛି। ଏହି ସମୟରେ ଭୁବନେଶ୍ୱରରେ ପେଟ୍ରୋଲ ୧୩ ଏବଂ ଡିଜେଲ ୨୩ ପଇସା ବଢ଼ିଛି। ଫଳରେ ଏଠାରେ ପେଟ୍ରୋଲ ଲିଟର ପିଛା ୮୨.୩୧ ଟଙ୍କା ଏବଂ ଡିଜେଲ ୭୭.୯୯ ଟଙ୍କା ଛୁଇଁଥିବା ତୈଳ ବିପଣନ କମ୍ପାନୀଗୁଡ଼ିକ ପକ୍ଷରୁ ସୂଚନା ମିଳିଛି। କରୋନାର ଲହର ପୁଣି ଥରେ ଫେରୁଥିବା ବେଳେ ଲଗାତର ତେଲ ଦର ବୃଦ୍ଧି ଖାଉଟିଙ୍କ ଚିନ୍ତା ବଢ଼ାଉଛି। ଗତ ୨ ମାସ ହେବ ତେଲ ଦରରେ କୌଣସି ପରିବର୍ତ୍ତନ ହେଉ ନ ଥିଲା। ହେଲେ ଗତ ସପ୍ତାହ ଶୁକ୍ରବାରଠାରୁ ତେଲ ଦର ବଢୁଛି। ଅର୍ଥାତ୍ ଗତ ୭ ଦିନ ମଧ୍ୟରୁ ୬ ଦିନ ତେଲ ଦର ବଢ଼ିଛି। ଚଳିତ ସପ୍ତାହ ବୁଧବାର କେବଳ ଦରରେ କୌଣସି ପରିବର୍ତ୍ତନ ହୋଇ ନ ଥିଲା। ଦେଶର ମେଟ୍ରୋ ସହରଗୁଡ଼ିକରେ ଗୁରୁବାର ପେଟ୍ରୋଲ ୧୦ରୁ ୧୧ ପଇସା ଉର୍ଦ୍ଧ୍ୱରେ ରହିଛି। ସେହିଭଳି ଏହି ସ୍ଥାନଗୁଡ଼ିକରେ ଡିଜେଲ ଲିଟର ପିଛା ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

## ଟିକା ଦୌଡ଼

# ଲାଞ୍ଚ: ଏସିଆରେ ଭାରତ ସର୍ବାଗ୍ରେ

**ନୂଆଦିଲ୍ଲୀ, ୨୬।୧୧(ପି.ଟି.)**

ଏସିଆ ମହାଦେଶରେ ସବୁଠୁ ବେଶି ଲାଞ୍ଚ କାରବାର ଭାରତରେ ହେଉଥିବା ଟ୍ରାନ୍ସପାରେନ୍ସି ଇଣ୍ଟରନ୍ୟାଶନାଲ ପକ୍ଷରୁ କୁହାଯାଇଛି। ଏହି ରିପୋର୍ଟ ଅନୁଯାୟୀ ଭାରତରେ ଅଧିକାଂଶ ଲୋକ ସରକାରୀ ସେବା ପାଇବା ପାଇଁ ବ୍ୟକ୍ତିଗତ ସମ୍ପର୍କର ବ୍ୟବହାର କରିଥାନ୍ତି। ଗ୍ଲୋବାଲ କରପ୍ସନ ବାରୋମିଟର (ଜିସିବି) ରିପୋର୍ଟ ଅନୁଯାୟୀ ଲାଞ୍ଚ ଦେଉଥିବା ଲୋକଙ୍କ ମଧ୍ୟରୁ ପାଖାପାଖି ୫୦ ପ୍ରତିଶତଙ୍କୁ ଏଥିପାଇଁ କୁହାଯାଇଥାଏ। ୩୨ ପ୍ରତିଶତ ବ୍ୟକ୍ତିଗତ ସମ୍ପର୍କର ଉପଯୋଗ କରିଥାନ୍ତି। ତାହା ନ କଲେ ସେବା ମିଳିବ ନାହିଁ ବୋଲି ସେମାନେ କହିଛନ୍ତି। ଗତ ଜୁନ୍ ୧୭ରୁ ଜୁଲାଇ ୧୭ ମଧ୍ୟରେ ହୋଇଥିବା ସର୍ଭେରୁ ଏହା ଜଣାପଡ଼ିଛି। ରିପୋର୍ଟ ଅନୁଯାୟୀ ଭାରତରେ ସର୍ବାଧିକ ୩୯ ପ୍ରତିଶତ ଲୋକ ଲାଞ୍ଚ ଦେଉଥିବାବେଳେ ୪୬ ପ୍ରତିଶତ ବ୍ୟକ୍ତିଗତ ସମ୍ପର୍କର ବ୍ୟବହାର କରିଥାନ୍ତି।

**୩୯% ଲାଞ୍ଚ ଦେଉଥିବାବେଳେ ୪୬ % ବ୍ୟକ୍ତିଗତ ସମ୍ପର୍କର ବ୍ୟବହାର କରିଥାନ୍ତି**



ସରକାରୀ ସେବାରେ ଲାଞ୍ଚ କାରବାର ଭାରତରେ ପ୍ଲେଗ୍ ଭଳି ବ୍ୟାପିଛି। ମନ୍ଥର ତଥା ଜଟିଳ ପ୍ରଶାସନିକ ପ୍ରକ୍ରିୟା, ଅନାବଶ୍ୟକ ନାଲିଫିତା ସଂସ୍କୃତି, ଅସ୍ପଷ୍ଟ ନିୟାମକ ଢାଞ୍ଚା ଯୋଗୁ ନାଗରିକମାନେ ମୌଳିକ ସେବା ପାଇବା ପାଇଁ ବିକଳ୍ପ ସମାଧାନ ଖୋଜିବାକୁ ବାଧ୍ୟ ହେଉଛନ୍ତି। ଏଥିପାଇଁ ସେମାନେ ଦୁର୍ନୀତିର ଆଶ୍ରୟ ନେଉଛନ୍ତି ବୋଲି ରିପୋର୍ଟରେ କୁହାଯାଇଛି। ତେଣୁ ସରକାରୀ ସେବା ଲାଗି ଉଭୟ ଜାତୀୟ ଓ ରାଜ୍ୟ ସରକାର ପ୍ରଶାସନିକ ପ୍ରକ୍ରିୟାକୁ ସରଳ କରିବା ସହ ଲାଞ୍ଚ ଓ ପ୍ରିୟାପ୍ରୀତି ତୋଷଣ ରୋକିବା ଲାଗି ପ୍ରତିକାର ବ୍ୟବସ୍ଥା ଗ୍ରହଣ କରିବା ଆବଶ୍ୟକ। ଜରୁରୀ ସେବା ଯେପରି ଶୀଘ୍ର ଲୋକଙ୍କ ପାଖରେ ପହଞ୍ଚିପାରିବ ସେଥିପାଇଁ ୟୁଜର-ଫ୍ରେଣ୍ଡଲି ଅନ୍‌ଲାଇନ ପ୍ଲାଟଫର୍ମରେ ପୁଞ୍ଜିନିବେଶ କରିବାକୁ ରିପୋର୍ଟରେ କୁହାଯାଇଛି।

ସର୍ବାଧିକ ଲାଞ୍ଚ କାରବାରରେ ଭାରତ ପଛକୁ ଦ୍ୱିତୀୟ ସ୍ଥାନରେ ରହିଛି କାମ୍ବୋଡ଼ିଆ। ସେଠାରେ ୩୭ ପ୍ରତିଶତ ଲୋକ ଲାଞ୍ଚ ଦେଇଥାନ୍ତି। ସେହିପରି ୩୦ ପ୍ରତିଶତ ଲାଞ୍ଚ କାରବାର ସହ ଇଣ୍ଡୋନେସିଆ ତୃତୀୟ ସ୍ଥାନରେ ରହିଛି। ତେବେ ମାଳଦ୍ୱୀପ ଓ ଜାପାନରେ ସର୍ବନିମ୍ନ ☞ପୃଷ୍ଠା-୪

## ପରୀକୁ ନ୍ୟାୟ ବିରୋଧୀଙ୍କ ଦାବି

**ଭୁବନେଶ୍ୱର,୨୬।୧୧(ବ୍ୟୁରୋ)**

ନୟାଗଡ଼ ଜିଲାର ୫ବର୍ଷର ଶିଶୁ କନ୍ୟା ପରୀକୁ ନ୍ୟାୟ ଜିଦ୍‌ରେ ବିରୋଧୀ ଅଟଳ। ବୁଧବାର ପରୀ ହତ୍ୟା ପ୍ରସଙ୍ଗରେ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ବିବୃତି ରଖି ମାମଲାର ତଦନ୍ତ ଭାର କ୍ରାଇମବ୍ରାଞ୍ଚ କରିବ ବୋଲି ଘୋଷଣା କରିଥିଲେ ମଧ୍ୟ ଶାନ୍ତ ପଡ଼ିନାହାନ୍ତି ବିରୋଧୀ। ଫଳସ୍ୱରୂପ ଗୁରୁବାର ଦିନତମାମ ବିଧାନସଭା ଚାଲିପାରି ନ ଥିଲା। କୃଷିମନ୍ତ୍ରୀ ଅରୁଣ ସାହୁଙ୍କ ଇସ୍ତଫା ଦାବିରେ ଉଭୟ ବିରୋଧୀ ଭାଜପା ଓ କଂଗ୍ରେସ ପ୍ରବଳ ହଟ୍ଟଗୋଳ କରିଥିଲେ। ବିରୋଧୀଙ୍କ ହୋହଲ୍ଲା, ନାରାବାଜି ଓ ପ୍ଲାକାର୍ଡ ପ୍ରଦର୍ଶନ ଯୋଗୁ ଗୃହକୁ ବାରମ୍ବାର ମୁଲତବୀ ଘୋଷଣା କରାଯାଇଥିଲା। ଅପରାହ୍ନରେ ଏ ପ୍ରସଙ୍ଗରେ ମନ୍ତ୍ରୀ ସାହୁ ନିଜର ବ୍ୟକ୍ତିଗତ ସ୍ପଷ୍ଟୀକରଣ ରଖିବା ସତ୍ତ୍ୱେ ବିରୋଧୀ ସଦସ୍ୟମାନେ ତାଙ୍କ ଇସ୍ତଫା ଜିଦ୍‌ରୁ ଓହରି ନ ଥିଲେ। ହଟ୍ଟଗୋଳ ଜାରି ରହିବାରୁ ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ଶୁକ୍ରବାର ପୂର୍ବାହ୍ନ ୧୦ଟା ୩୦ପର୍ଯ୍ୟନ୍ତ ଗୃହକୁ ମୁଲତବୀ ରଖିଛନ୍ତି।

ଗୁରୁବାର ଗୃହକାର୍ଯ୍ୟ ଆରମ୍ଭ ହେବାକ୍ଷଣି ଭାଜପା ଓ କଂଗ୍ରେସ ବିଧାୟକମାନେ ପରୀ ହତ୍ୟା ମାମଲାରେ କୃଷିମନ୍ତ୍ରୀଙ୍କ ଇସ୍ତଫା ଦାବିକରି ନାରାବାଜି କରିଥିଲେ। ଭାଜପା ବିଧାୟକମାନେ ପ୍ଲାକାର୍ଡ ପ୍ରଦର୍ଶନ କରି ହଟ୍ଟଗୋଳ କରିଥିବାବେଳେ ☞ପୃଷ୍ଠା-୪

## ୨ ଯବାନ ଶହୀଦ

**ଶ୍ରୀନଗର, ୨୬।୧୧(ଆଇଏଏନ୍‌ଏସ୍)**

ଜମ୍ମୁ-କଶ୍ମୀରରେ ଡିଡିସି ନିର୍ବାଚନର ୪୮ ଘଣ୍ଟା ପୂର୍ବରୁ ଶ୍ରୀନଗର ବାହାରେ ଆତଙ୍କବାଦୀ ଆକ୍ରମଣରେ ୨ ଯବାନ ଶହୀଦ ହୋଇଛନ୍ତି। ଗୁରୁବାର ସ୍ପଷ୍ଟ ଦିବାଲୋକରେ ଆତଙ୍କବାଦୀମାନେ ଶ୍ରୀନଗର-ବାରମୁଲ୍ଲା ରାଜପଥର ଶରିଫାବାଦଠାରେ ପାଟ୍ରୋଲିଂ ପାର୍ଟି ଉପରେ ଆକ୍ରମଣ କରିଥିଲେ। ୨୬/୧୧ ମୁମ୍ବାଇ ଆକ୍ରମଣର ଦ୍ୱାଦଶ ବାର୍ଷିକୀରେ ଆତଙ୍କବାଦୀମାନେ ଆଖିବୁଜା ଗୁଳି ଚଳାଇଥିଲେ। ସେମାନଙ୍କ ଗୁଳିରେ ଗୁରୁତର ଆହତ ହୋଇଥିବା ୨ ଯବାନଙ୍କର ମୃତ୍ୟୁ ହୋଇଛି। ଘଟଣାସ୍ଥଳକୁ ଅଧିକ ସୁରକ୍ଷା ବଳ ପଠାଯାଇଛି।







**ଶନିବାର ସେରମ୍ ଇନ୍ଷ୍ଟିଚ୍ୟୁଟ ଯିବେ ମୋଦି**
ମହାମାରୀ କରୋନା କବଳରୁ ମୁକ୍ତି ପାଇବା ଲାଗି ଲୋକେ ଟିକା ଅପେକ୍ଷାରେ ଅଛନ୍ତି। ଏଭଳି ସ୍ଥିତିରେ ଶନିବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପୁଣେସ୍ଥିତ ଟିକା ପ୍ରସ୍ତୁତକାରୀ ଫାର୍ମ ସେରମ୍ ଇନ୍ଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆକୁ ଯିବାର କାର୍ଯ୍ୟକ୍ରମ ରହିଛି। ଏନେଇ ପୁଣେ ଡିଭିଜନାଲ କମିଶନର ସୌରଭ ରାଓ ସୂଚନା ଦେଇଛନ୍ତି। ଟିକାର ସ୍ଥିତି, ଉତ୍ପାଦନ, ବଣ୍ଟନ ଓ ଏହାର ବଜାରପ୍ରବେଶ ନେଇ ପ୍ରଧାନମନ୍ତ୍ରୀ ସମୀକ୍ଷା କରିବେ।



## ସଂକ୍ଷେପରେ

### ଲାଲୁଙ୍କ ବିରୋଧରେ ଏତଲା



ପାଟନା, ୨୬।୧୧: ଆର୍‌ଜେଡି ଅଧକ୍ଷ ଲାଲୁ ପ୍ରସାଦ ଯାଦବଙ୍କ ବିରୋଧରେ ଭାଜପା ବିଧାୟକ ଲଲନ ପାଶ୍ୱାନ ଦୁର୍ନୀତି ନିବାରଣ ଆଇନରେ ଏତଲା ଦାଏର କରିଛନ୍ତି। ଦଳ ବଦଳ କରିବା ଲାଗି ତାଙ୍କୁ ଲାଲୁ ଲାଞ୍ଚ ଯାଚିଥିଲେ ବୋଲି ସେ ଅଭିଯୋଗ କରିଛନ୍ତି। ଜେଲ୍‌ରେ ଥିବା ଲାଲୁ ତାଙ୍କୁ ଫୋନ୍ କରି ମନ୍ତ୍ରୀପଦ ଯାଚିଥିଲେ ବୋଲି ସେ କହିଛନ୍ତି। ସେ ପାଟନାର ଭିଜିଲାନ୍ସ ଥାନାରେ ଏତଲା ଦେଇଥିବା ବରିଷ୍ଠ ଭାଜପା ନେତା ସୁଶୀଲ କୁମାର ମୋଦି ଟୁଇଟ୍ କରି ଜଣାଇଛନ୍ତି। ଲାଲୁ ଜେଲ୍‌ରେ ଥାଇ ଘୋଡ଼ାବେପାର ଉଦ୍ୟମ ଚଳାଇଥିଲେ ବୋଲି ମଙ୍ଗଳବାର ସୁଶୀଲ ଅନ୍ୟ ଏକ ଟୁଇଟ୍‌ରେ କହିଥିଲେ।

### ସହଯୋଗ ବୃଦ୍ଧି ଲାଗି ଭାରତ-ନେପାଳ ରାଜି

କାଠମାଣ୍ଡୁ, ୨୬।୧୧(ପି.ଟି.): ଭାରତର ବହିର୍ବ୍ୟାପାର ସଚିବ ହର୍ଷ ବର୍ଦ୍ଧନ ଶ୍ରୀଙ୍ଗ୍‌ଲା ଏବଂ ତାଙ୍କ ନେପାଳ ପ୍ରତିପକ୍ଷ ଭରତରଜ ପୌଡ୍ୟାଲଙ୍କ ମଧ୍ୟରେ ଗୁରୁବାର ଫଳପ୍ରଦ ଆଲୋଚନା ହୋଇଛି। ଆପୋଷ ସହଯୋଗକୁ ଆଗେଇନେବା ଲାଗି ଉଦ୍ୟମ କରିବାକୁ ଦୁଇଦେଶ ରାଜି ହୋଇଛନ୍ତି। ଦୁଇଦିନିଆ ଗସ୍ତରେ ଯାଇଥିବା ଶ୍ରୀଙ୍ଗ୍‌ଲାଙ୍କୁ କାଠମାଣ୍ଡୁରେ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ସୀମାକୁ ନେଇ ଭାରତ ଓ ନେପାଳ ମଧ୍ୟରେ କିଛିଦିନ ହେଲା ତିକ୍ତତା ସୃଷ୍ଟି ହୋଇଥିଲା। ଏବେ ଦ୍ୱିପାକ୍ଷିକ ସମ୍ପର୍କ ସୁଧାରିବା ଲାଗି ଉଦ୍ୟମ ଆରମ୍ଭ ହୋଇଛି। ଶ୍ରୀଙ୍ଗ୍‌ଲା ନେପାଳ ପ୍ରଧାନମନ୍ତ୍ରୀ କେ.ପି. ଶର୍ମା ଓଲିଙ୍କୁ ତାଙ୍କ ବାସଭବନରେ ସାକ୍ଷାତ କରିବା ସହ ବହିର୍ବ୍ୟାପାର ମନ୍ତ୍ରୀ ପ୍ରଦୀପ କୁମାର ଗ୍ୟାୱାଲିଙ୍କୁ ଭେଟିଥିଲେ। ଏହି ଅବସରରେ ସେ ତାଙ୍କୁ ୨୦୦୦ରୁ ଅଧିକ ଆଣ୍ଟି-ଭାଇରାଲ ଇଞ୍ଜେକ୍ସନ ରାମଡେସିଭିର ପ୍ରଦାନ କରିଥିଲେ।

### ୨୬/୧୧ ଆକ୍ରମଣ ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି

ମୁମ୍ବାଇ, ୨୬।୧୧: ମୁମ୍ବାଇ ଆତଙ୍କବାଦୀ ଆକ୍ରମଣର ୧୨ ବର୍ଷ ପୂର୍ତ୍ତି ଅବସରରେ ଶହୀଦମାନଙ୍କୁ ମୁମ୍ବାଇବାସୀ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି। ୨୦୦୮ ନଭେମ୍ବର ୨୬ରେ ୧୦ ପାକିସ୍ତାନୀ ଆତଙ୍କବାଦୀ ମୁମ୍ବାଇରେ ପ୍ରବେଶ କରି ଆକ୍ରମଣ କରିଥିଲେ। ଏଥିରେ ୧୬୬ ଜଣଙ୍କ ମୃତ୍ୟୁ ହେବା ସହ ୩୦୦ରୁ ଅଧିକ ଆହତ ହୋଇଥିଲେ। ପାକିସ୍ତାନର ଏହି ଯୋଜନାବଦ୍ଧ ଆକ୍ରମଣକୁ ଭାରତ କେବେ ଭୁଲିବ ନାହିଁ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି। ଦେଶ ଏବେ ନୂଆ ନୀତି ଓ ନୂତନ କୌଶଳରେ ଆତଙ୍କବାଦର ମୁକାବିଲା କରୁଥିବା ସେ ସୂଚନା ଦେଇଛନ୍ତି। ମହାରାଷ୍ଟ୍ର ରାଜ୍ୟପାଳ ଭଗତ ସିଂ କୋଶ୍ୟାରୀ ଓ ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକରେଙ୍କ ନେତୃତ୍ୱରେ ରାଜ୍ୟ ପକ୍ଷରୁ ଶହୀଦ ସ୍ମାରକୀରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଗୃହମନ୍ତ୍ରୀ ଅନିଲ ଦେଶ୍‌ମୁଖ, ପର୍ଯ୍ୟଟନ ମନ୍ତ୍ରୀ ଆଦିତ୍ୟ ଠାକ୍‌ରେ, ମୁଖ୍ୟ ଶାସନ ସଚିବ ସଞ୍ଜୟ କୁମାର, ପୋଲିସ ମହାନିର୍ଦ୍ଦେଶକ ସୁବୋଧ ଜୟସ୍ୱାଲ, ମୁମ୍ବାଇ ପୋଲିସ କମିଶନର ପରମବୀର ସିଂ ପ୍ରମୁଖ ଉପସ୍ଥିତ ଥିଲେ। ଆକ୍ରମଣକୁ ୧୨ ବର୍ଷ ବିତିଥିଲେ ହେଁ ଏହାର ମୁଖ୍ୟ ଷଡ଼ଯନ୍ତ୍ରକାରୀ ଲଶ୍କର-ଇ-ତୋଇବାର ୧୯ ସଦସ୍ୟଙ୍କୁ ପାକିସ୍ତାନ କେବଳ ମୋଷ୍ଟ ୱାଣ୍ଟେଡ୍ ଆତଙ୍କବାଦୀ ତାଲିକାରେ ରଖିଛି। ସେମାନଙ୍କୁ ଧରିବା କିମ୍ବା ଦଣ୍ଡ ଦେବା ଲାଗି କିଛି କରିନାହିଁ।

# କେନ୍ଦ୍ର ବିରୋଧରେ କୃଷକଙ୍କ ଯୁଦ୍ଧଂଦେହି

ନୂଆଦିଲ୍ଲୀ/ଚଣ୍ଡିଗଡ଼,୨୬।୧୧ (ପି.ଟି./ଆଇଏଏନ୍ଏସ୍)

କେନ୍ଦ୍ର ସରକାରଙ୍କ ୩ ବିବାଦୀୟ କୃଷି ଆଇନ ବିରୋଧରେ ଯୁଦ୍ଧଂଦେହି ଡାକରା ଦେଇଛନ୍ତି ପଞ୍ଜାବୀ କୃଷକ। ପଞ୍ଜାବର ହଜାର ହଜାର ଚାଷୀ ଗୁରୁବାର 'ଦିଲ୍ଲୀ ଚଲୋ' ଶୋଭାଯାତ୍ରାରେ ସାମିଲ ହୋଇ ଟ୍ରାକ୍ଟରରେ ନୂଆଦିଲ୍ଲୀ ଯାଉଥିବାବେଳେ ହରିୟାଣାରେ ସେମାନଙ୍କୁ ରୋକାଯାଇଛି। ପଞ୍ଜାବ-ହରିୟାଣା ସୀମାରେ ପୋଲିସ କୃଷକମାନଙ୍କୁ ଅଟକାଇବା ପାଇଁ ବ୍ୟାରିକେଡ୍ କରିଥିବାବେଳେ ସେମାନେ ତାକୁ ହଟାଇ ଘାଗର ନଦୀକୁ ଫିଙ୍ଗି ଦେଇଛନ୍ତି। ଫଳରେ ପୋଲିସ କୃଷକଙ୍କୁ ଘଉଡ଼ାଇବା ପାଇଁ ୱାଟର କ୍ୟାନନ ଯୋଗେ ପାଣିବର୍ଷା ଓ ଲୁହବୁହା ବାଷ୍ପ ପ୍ରୟୋଗ କରିଛି। କେତେକ ସ୍ଥାନରେ ପୋଲିସ ବଳ ପ୍ରୟୋଗ କରିବାର କୃଷକଙ୍କ ସହ ମୁହାଁମୁହିଁ ସ୍ଥିତି ସୃଷ୍ଟି ହୋଇଛି। ଏହାକୁ ନେଇ ଶୀତରେ ରାଜନୈତିକ ତାପମାତ୍ରା ବୃଦ୍ଧି ପାଇଛି।

କେନ୍ଦ୍ର ସରକାର ଗତ ସେପ୍ଟେମ୍ବରରେ ପାର୍ଲାମେଣ୍ଟରେ ତିନୋଟି କୃଷି ବିଲ୍ ଆଗତ କରିଥିଲେ। କୃଷିଜାତ ସାମଗ୍ରୀର ବିକ୍ରି, ମୂଲ୍ୟ ଓ ସଂରକ୍ଷଣ ସମ୍ପର୍କିତ ଏହି ୩ ବିଲ୍ ଉଭୟ ସଦନରେ ଗୃହୀତ ହେବା ପରେ ସେହି ମାସ ୨୭ ତାରିଖରେ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ଅନୁମୋଦନ ସହ ଆଇନରେ ପରିଣତ ହେଲା। ନୂଆ ଆଇନ କୃଷକଙ୍କୁ ଉତ୍ପାଦିତ ଶସ୍ୟକୁ ଖୋଲା ବଜାରରେ ବିକ୍ରି ପାଇଁ ସ୍ୱାଧୀନତା ଦେବ ବୋଲି ସରକାର ଦାବି କରୁଛନ୍ତି। ଅନ୍ୟପକ୍ଷେ ଏହି ଆଇନ ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍ଏସ୍‌ପି) ବ୍ୟବସ୍ଥାକୁ ଦୁର୍ବଳ କରିବ ଓ ସେମାନେ ଘରୋଇ ପକ୍ଷ ବା ବଡ଼ ବ୍ୟବସାୟୀଙ୍କ ଦୟାରେ ଚଳିବାକୁ ବାଧ୍ୟ ହେବେ ବୋଲି ଚାଷୀମାନେ ଏହାକୁ ବିରୋଧ କରୁଛନ୍ତି। ଇତିମଧ୍ୟରେ ଦୁଇମାସର ବିରୋଧ ଭିତରେ ପଞ୍ଜାବର ୧୩ କୃଷକଙ୍କ ମୃତ୍ୟୁ ଘଟିଲାଣି। ୟୁନାଇଟେଡ୍ ଫାର୍ମର୍ସ ଫ୍ରଣ୍ଟ ବ୍ୟାନରରେ ୩୩ କୃଷକ ସଙ୍ଗଠନ ଏକାଠି ହୋଇ ନଭେମ୍ବର ୨୬ ଓ ୨୭ରେ 'ଦିଲ୍ଲୀ ଚଲୋ' ଡାକରା ଦେଇଛନ୍ତି। ସେଗୁଡ଼ିକ ମଧ୍ୟରୁ ୧୩ କୃଷକ ଟ୍ରେଡ୍ ୟୁନିୟନ୍ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବେ କମ୍ୟୁନିଷ୍ଟ ପାର୍ଟି ସହ ଜଡ଼ିତ, ଯେଉଁ ଦଳ କି ଭାଜପା ବିରୋଧୀ। ଏହି ଆନ୍ଦୋଳନକୁ ପଞ୍ଜାବର ଶାସକ କଂଗ୍ରେସ ଓ ବିରୋଧୀ ଶିରୋମଣି ଅକାଳୀ ଦଳ (ଏସ୍ଏଡି) ସମର୍ଥନ କରୁଛନ୍ତି।



'ଦିଲ୍ଲୀ ଚଲୋ' ବିକ୍ଷୋଭ ବେଳେ ପଞ୍ଜାବ-ହରିୟାଣା ସୀମାରେ ବିଭିନ୍ନ ଚାଷୀ ସଙ୍ଗଠନର ସଦସ୍ୟମାନେ ବ୍ୟାରିକେଡ୍ ହଟାଉଛନ୍ତି।

**କୃଷକଙ୍କ ୫ ମୁଖ୍ୟ ଦାବି**
- କେନ୍ଦ୍ରୀୟ କୃଷି ଆଇନ ପ୍ରତ୍ୟାହାର କରାଯାଉ
- ଏମ୍ଏସ୍‌ପି ଉପରେ ଲିଖିତ ପ୍ରତିଶ୍ରୁତି ଦିଆଯାଉ
- ବିଦ୍ୟୁତ୍ ବିଲ୍ ସଂଶୋଧନ ରଦ୍ଦ କରାଯାଉ
- ନଡ଼ାମୂଳି ଜାଳିଲେ ଜେଲ-ଜରିମାନାର ଦଣ୍ଡବିଧାନ ପ୍ରତ୍ୟାହାର କରାଯାଉ
- ଗିରଫ କୃଷକମାନଙ୍କୁ ତୁରନ୍ତ ମୁକ୍ତ କରାଯାଉ

ଗୁରୁବାର ପଞ୍ଜାବର ହଜାର ହଜାର କୃଷକ ଦିଲ୍ଲୀ ଅଭିମୁଖେ ଯାଉଥିବାବେଳେ ପଞ୍ଜାବ-ହରିୟାଣା ସୀମାର ଅମ୍ବାଲା ନିକଟ ଶମ୍ଭୁଠାରେ ହରିୟାଣା ପୋଲିସ ବ୍ୟାରିକେଡ୍ କରି ରାସ୍ତା ଅବରୋଧ କରିଥିଲା। ଚାଷୀମାନେ ତାକୁ ଭାଙ୍ଗି ବ୍ରିଜ୍ ତଳକୁ ଫିଙ୍ଗିଦେବା ପରେ ପୋଲିସ ସେମାନଙ୍କ ଉପରକୁ ଲୁହବୁହା ବାଷ୍ପ ଓ ପାଣି ପ୍ରୟୋଗ କରିଥିଲା। ଅଲ୍ ଇଣ୍ଡିଆ କିଷାନ ସଭା ଅନୁସାରେ ୫୦ ହଜାରରୁ ଅଧିକ ଚାଷୀ ଶୀତକାକର, ବର୍ଷା ଓ ପବନକୁ ଖାତିର ନ କରି ଏହି ଆନ୍ଦୋଳନରେ ସାମିଲ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଅଧିକାଂଶ ବରିଷ୍ଠ ନାଗରିକ ଓ ମହିଳା ଟ୍ରାକ୍ଟର ଟ୍ରଲିରେ ଯାଉଥିବାବେଳେ କଲେଜ ଛାତ୍ରୀଛାତ୍ର କାର୍, ବାଇକ୍‌ରେ ଯାଉଛନ୍ତି। ସେମାନଙ୍କୁ ଘଉଡ଼ାଇବା ପାଇଁ ବ୍ୟାପକ ପୋଲିସ କର୍ମୀ ଓ ରାପିଡ୍ ଆକ୍ସନ ଫୋର୍ସ ଯବାନଙ୍କୁ ମୁତୟନ କରାଯାଇଛି। କେବଳ ଶମ୍ଭୁ ନୁହେଁ, ପଞ୍ଜାବ-ହରିୟାଣା ସୀମାରେ ଥିବା ଅନେକ ସହରରେ ସମାନ ପରିସ୍ଥିତି ଦେଖିବାକୁ ମିଳିଥିଲା। ସୀମାବର୍ତ୍ତୀ ଅଞ୍ଚଳରେ ୧୪୪ ଧାରା ଜାରି କରାଯାଇ ସୁରକ୍ଷା ଛାଉଣିରେ ପରିଣତ କରାଯାଇଛି। ଦିଲ୍ଲୀରେ ଉଭୟ ପଞ୍ଜାବ ଓ ହରିୟାଣାର ପ୍ରାୟ ୩ ଲକ୍ଷ ଚାଷୀ ପହଞ୍ଚିବା ପାଇଁ ଆନ୍ଦୋଳନରେ ସାମିଲ ହୋଇଥିବା ପୋଲିସ ଆକଳନ କରିଛି। ବିକ୍ଷୋଭରତ ଚାଷୀମାନେ ଦିଲ୍ଲୀକୁ ପ୍ରବେଶ କରିବାକୁ ଦିଆ ନ ଗଲେ ଜାତୀୟ ରାଜଧାନୀ ସହ ସଂଯୋଗ କରୁଥିବା ସମସ୍ତ ରାସ୍ତା ବନ୍ଦ କରିଦେବେ ବୋଲି ଧମକ ଦେଇଛନ୍ତି। ବିକ୍ଷୋଭ ଯୋଗୁ ଦିଲ୍ଲୀରୁ ପଡ଼ୋଶୀ ସହରଗୁଡ଼ିକୁ ମେଟ୍ରୋ ସେବାକୁ ବାତିଲ କରିଦିଆଯାଇଛି। ପଞ୍ଜାବ-ହରିୟାଣା ସୀମାକୁ ସିଲ୍ କରାଯାଇ ଯାନବାହନଗୁଡ଼ିକୁ ଯାଞ୍ଚ କରାଯାଉଛି। ଏହାର ପ୍ରତିବାଦରେ ବିକ୍ଷୋଭକାରୀମାନେ କେତେକ ସରକାରୀ ଯାନବାହନ ଜାଳିଦେଇଛନ୍ତି।

**ଦିଲ୍ଲୀ ଚଲୋ**
- ପଞ୍ଜାବ-ହରିୟାଣା ସୀମା ସିଲ୍, ୧୪୪ ଧାରା ଜାରି
- ବ୍ୟାରିକେଡ୍ ଭାଙ୍ଗିଲେ, ଯାନବାହନ ପୋଡ଼ିଲେ ବିକ୍ଷୋଭକାରୀ
- ଚାଷୀଙ୍କ ଉପରେ ପାଣିବର୍ଷା, ଲୁହବୁହା ବାଷ୍ପ ପ୍ରୟୋଗ କଲା ପୋଲିସ



ମୋଦି ସରକାରଙ୍କ କ୍ରୂରତାକୁ ସାମ୍ନା କରିବା ଲାଗି ଚାଷୀମାନେ ଦୃଢ଼ ଭାବେ ଛିଡ଼ା ହୋଇଛନ୍ତି।
**-ରାହୁଲ ଗାନ୍ଧୀ, କଂଗ୍ରେସ ନେତା**



ଭାଜପା ନେତୃତ୍ୱାଧୀନ କେନ୍ଦ୍ର ସରକାର କୃଷକମାନଙ୍କୁ ଦେଶର ଶତ୍ରୁ ଭଳି ବ୍ୟବହାର କରୁଛନ୍ତି। ଅନ୍ନଦାତାମାନଙ୍କ ବିରୋଧରେ ବଳ ପ୍ରୟୋଗ କରି 'ସମ୍ବିଧାନ ଦିବସ'କୁ 'କଳା ଦିବସ'ରେ ପରିଣତ କରିଛନ୍ତି।
**-ହରସିମରତ୍ କୌର ବାଦଲ, ଏସ୍ଏଡି ନେତା ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ**



ହରିୟାଣାର ଖଟ୍ଟର ସରକାର କୃଷକଙ୍କୁ ଦିଲ୍ଲୀ ଯିବା ପାଇଁ ବାଟ ଛାଡୁନାହାନ୍ତି। ସେମାନଙ୍କ ଉପରେ ନିର୍ମମ ଭାବେ ଶକ୍ତି ପ୍ରୟୋଗ କରୁଛନ୍ତି। ଏହା ସମ୍ପୂର୍ଣ୍ଣ ଅଗଣତାନ୍ତ୍ରିକ ଓ ଅସାମ୍ବିଧାନିକ।
**-ଅମରିନ୍ଦର ସିଂ, ପଞ୍ଜାବ ମୁଖ୍ୟମନ୍ତ୍ରୀ**



ପଞ୍ଜାବ ମୁଖ୍ୟମନ୍ତ୍ରୀ ଅମରିନ୍ଦର ସିଂ ନିରୀହ ଚାଷୀମାନଙ୍କୁ ଉସୁକାଇବା ବନ୍ଦ କରନ୍ତୁ। ଚାଷୀଙ୍କୁ ଏମ୍ଏସ୍‌ପି ମିଳିବାରେ କୌଣସି ଅସୁବିଧା ହେଲେ ରାଜନୀତି ଛାଡ଼ିଦେବି।
**-ମନୋହର ଲାଲ ଖଟ୍ଟର, ହରିୟାଣା ମୁଖ୍ୟମନ୍ତ୍ରୀ**

## 'ନିଭାର' ନେଲା ୩ ଜୀବନ



ଚେନ୍ନାଇ/ପୁଡୁଚେରୀ, ୨୬।୧୧(ଆଇଏଏନ୍ଏସ୍)

ସାମୁଦ୍ରିକ ବାତ୍ୟା ନିଭାର ଗୁରୁବାର ତାମିଲନାଡୁ ଓ ପୁଡୁଚେରୀରେ ତାଣ୍ଡବ ରଚିଛି। ଏଥିରେ ୩ ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ଅନ୍ୟ ୩ ଜଣ ଆହତ ହୋଇଛନ୍ତି। ବାତ୍ୟାରେ ୨୬ ଗୋରୁ ପ୍ରାଣ ହରାଇଥିବା ତାମିଲନାଡୁ ସରକାରଙ୍କ ପକ୍ଷରୁ କୁହାଯାଇଛି। ତାମିଲନାଡୁର କୁଡାଲୋର, ମରକ୍କନମ ଏବଂ ପୁଡୁଚେରୀରେ ବହୁ ଘର ଭାଙ୍ଗିବା ସହ ଗଛ ଓ ବିଦ୍ୟୁତ ଖୁଣ୍ଟ ଉପୁଡ଼ିପଡ଼ିଛି। ରାସ୍ତା ଉପରେ ପଡ଼ିଥିବା ଗଛ କଟା ଜାରି ରହିଛି। ବିଦ୍ୟୁତ ଲାଇନ ମରାମତି କାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ ଚାଲିଥିବା ସରକାର କହିଛନ୍ତି।

ପ୍ରବଳ ବର୍ଷା ଯୋଗୁ ଚେନ୍ନାଇର ଅଧିକାଂଶ ଅଞ୍ଚଳ ଜଳାର୍ଣ୍ଣବ ହୋଇ ଜୀବନଯାତ୍ରା ଓ ଗାଡ଼ି ଚଳାଚଳ ବାଧାପ୍ରାପ୍ତ ହୋଇଛି। ୨୪ ତାରିଖ ଅପରାହ୍ନରୁ ତାମିଲନାଡୁରେ ବସ୍ ଚଳାଚଳ ବନ୍ଦ ରହିଥିଲା। ଗୁରୁବାର ଅପରାହ୍ନରୁ ୭ଟି ଜିଲାରେ ବସ୍ ଚାଲିବା ଆରମ୍ଭ କରିଛି। ସେହିପରି ଚେନ୍ନାଇ ଉପସହରାଞ୍ଚଳରେ ଟ୍ରେନ୍ ସେବା ଆରମ୍ଭ ହୋଇଛି। ପ୍ରାୟ ୨.୨୭ ଲକ୍ଷ ଲୋକଙ୍କୁ ୩,୦୮୫ ରିଲିଫ୍ କ୍ୟାମ୍ପରେ ରଖାଯାଇଛି। ରାସ୍ତାରୁ ଗଛ ହଟାଇବା ଓ ଅସୁବିଧାରେ ଥିବା ଲୋକଙ୍କୁ ସହାୟତା କରିବାରେ ଗ୍ରେଟର ଚେନ୍ନାଇ କର୍ପୋରେଶନ ଓ ଗ୍ରେଟର ଚେନ୍ନାଇ ପୋଲିସ୍‌ର କାର୍ଯ୍ୟକୁ ମୁଖ୍ୟମନ୍ତ୍ରୀ ଇ.କେ. ପାଲାନିସ୍ୱାମୀ ପ୍ରଶଂସା କରିଛନ୍ତି। ମୁଖ୍ୟମନ୍ତ୍ରୀ କୁଡ୍ଡାଲୋର ଯାଇ ବାତ୍ୟା କ୍ଷୟକ୍ଷତି ଅନୁଧ୍ୟାନ କରିଛନ୍ତି। ପୁଡୁଚେରୀରେ ବାତ୍ୟା ଯୋଗୁ ବହୁ ଗଛ ଉପୁଡ଼ିବା ସହ ବିଦ୍ୟୁତ ସେବା ବାଧାପ୍ରାପ୍ତ ହୋଇଛି। ପର୍ଯ୍ୟାୟକ୍ରମେ ବିଦ୍ୟୁତ ଯୋଗାଇଦିଆଯିବ ବୋଲି ପୁଡୁଚେରୀ ମୁଖ୍ୟମନ୍ତ୍ରୀ ଭି. ନାରାୟଣସ୍ୱାମୀ କହିଛନ୍ତି।

ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ଗୁରୁବାର ତାମିଲନାଡୁ ଓ ପୁଡୁଚେରୀ ମୁଖ୍ୟମନ୍ତ୍ରୀଙ୍କ ସହ ଫୋନ୍ ଯୋଗେ କଥା ହୋଇଛନ୍ତି। କେନ୍ଦ୍ର ସରକାର ଦୁଇ ରାଜ୍ୟର ବାତ୍ୟା କ୍ଷୟକ୍ଷତି ଅନୁଧ୍ୟାନ କରୁଛନ୍ତି। ସମସ୍ତ ସମ୍ଭାବ୍ୟ ସହାୟତା ଯୋଗାଇଦିଆଯିବ ବୋଲି ଶାହା ପ୍ରତିଶ୍ରୁତି ଦେଇଛନ୍ତି। ବାତ୍ୟା ଅଞ୍ଚଳରେ ସହାୟତା ପାଇଁ ଏନ୍‌ଡିଆର୍‌ଏଫ୍ ଟିମ୍ ମୁତୟନ ରହିଛି।

## ଭାରତ ବନ୍ଦ: କେରଳ ସର୍ବାଧିକ ପ୍ରଭାବିତ

ନୂଆଦିଲ୍ଲୀ, ୨୬।୧୧

କେନ୍ଦ୍ର ସରକାରଙ୍କ ନୂଆ ଶ୍ରମ ଓ କୃଷି ଆଇନକୁ ବିରୋଧ କରି କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନ ପକ୍ଷରୁ ଗୁରୁବାର ଦିଆଯାଇଥିବା ଭାରତ ବନ୍ଦ ଡାକରା ଆଂଶିକ ସଫଳ ହୋଇଛି। କେରଳରେ ଏହି ବନ୍ଦର ପ୍ରଭାବ ସବୁଠାରୁ ବେଶୀ ଅନୁଭୂତ ହୋଇଛି। ଏଠାରେ ବିଭିନ୍ନ ଦୋକାନବଜାର, ଗାଡ଼ିମୋଟର ବନ୍ଦ ରହିଥିଲା। ସରକାରୀ ଅଫିସ୍‌ଗୁଡ଼ିକ ବନ୍ଦ ରହିବା ସହ ବ୍ୟାଙ୍କ ସେବା ବହୁଳ ଭାବରେ ପ୍ରଭାବିତ ହୋଇଥିଲା। ଏମିତିକି ଘରୋଇ ବସ୍, ଅଟୋ, ଟ୍ୟାକ୍ସି ଚଳାଚଳ କରୁ ନ ଥିବା ଜଣାପଡ଼ିଛି। ଇଣ୍ଡିଆନ୍ ନ୍ୟାଶନାଲ ଟ୍ରେଡ୍ ୟୁନିୟନ କଂଗ୍ରେସ ସମେତ ୧୦ କେନ୍ଦ୍ରୀୟ ୟୁନିୟନ ଭାରତ ବନ୍ଦକୁ ସମର୍ଥନ କରିଥିଲେ। ବିଭିନ୍ନ ରାଜ୍ୟରେ ଏହାର ପ୍ରଭାବ ଅନୁଭୂତ ହୋଇଛି।

ପଶ୍ଚିମବଙ୍ଗର ବିଭିନ୍ନ ସ୍ଥାନରେ ଜୋର୍‌ଦାର ବିକ୍ଷୋଭ କରାଯିବା ସହ ଟାୟାର ଜାଳି ରାସ୍ତା ଅବରୋଧ କରାଯାଇଥିଲା। ପଶ୍ଚିମବଙ୍ଗ ସରକାର ଭାରତ ବନ୍ଦକୁ ବିରୋଧ କରୁଥିଲେ ହେଁ ଶାସକ ତୃଣମୂଳ କଂଗ୍ରେସର ଟ୍ରେଡ ୟୁନିୟନ ଶାଖା ଏହାକୁ ସମର୍ଥନ କରିଥିଲା। ଏଥିସହ ବାମଦଳ, କଂଗ୍ରେସ ଭାରତ ବନ୍ଦରେ ସାମିଲ ହୋଇ ବିଭିନ୍ନ ସ୍ଥାନରେ ଚକାବନ୍ଦ କରିଥିଲେ। କୋଲକାତାରେ ବିକ୍ଷୋଭକାରୀ ଓ ପୋଲିସଙ୍କ ମଧ୍ୟରେ ଠେଲାପେଲା ଓ ଧସ୍ତାଧସ୍ତି ହୋଇଥିଲା। ବାମପନ୍ଥୀ ସମର୍ଥିତ ଟ୍ରେଡ ୟୁନିୟନ ସଦସ୍ୟମାନେ ରେଲ୍‌ୱେ ଲାଇନ୍ ଅବରୋଧ କରିଥିଲେ। ଦିଲ୍ଲୀର ଯନ୍ତରମନ୍ତରଠାରେ ବିକ୍ଷୋଭ କରାଯାଇଥିଲା। ହରିୟାଣା, ଓଡ଼ିଶା, ତ୍ରିପୁରା ଆଦି ରାଜ୍ୟରେ ଭାରତ ବନ୍ଦର ପ୍ରଭାବ ଅନୁଭୂତ ହେବା ସହ ସାଧାରଣ ଜୀବନଯାପନ ପ୍ରଭାବିତ ହୋଇଥିଲା। ଭାରତ ବନ୍ଦରେ ପ୍ରାୟ ୨୫ କୋଟି କର୍ମଚାରୀ ଯୋଗଦେଇଥିବା ଟ୍ରେଡ ୟୁନିୟନ ପକ୍ଷରୁ କୁହାଯାଇଛି।

**କୋଲକାତାରେ ପୋଲିସ-ବିକ୍ଷୋଭକାରୀ ଧସ୍ତାଧସ୍ତି**



### ଦୁର୍ଘଟଣାରେ ୬ ମୃତ

ଗୁଆହାଟୀ, ୨୬।୧୧: ଆସାମର ଡିବ୍ରୁଗଡ଼ ଜିଲା ଲେପେଟ୍‌କାଟାରେ ଏକ ସଡ଼କ ଦୁର୍ଘଟଣାରେ ୬ ଜଣଙ୍କ ପ୍ରାଣହାନି ଘଟିଛି। ଏକ ବିବାହ ଉତ୍ସବରେ ଯୋଗଦେବା ଲାଗି ଗାଡ଼ିରେ ଲୋକମାନେ ଯାଉଥିବାବେଳେ ଜାତୀୟ ରାଜପଥ ୩୭ ଉପରେ ଡ୍ରାଇଭର ଭାରସାମ୍ୟ ହରାଇ ଏକ ଟ୍ରେଲର ଟ୍ରକ୍‌କୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ୫ ଜଣ ପ୍ରାଣ ହରାଇଥିବାବେଳେ ହସ୍ପିଟାଲ ଯିବା ବାଟରେ ଅନ୍ୟ ଜଣଙ୍କ ମୃତ୍ୟୁ ଘଟିଛି।

**ପିଏଲ୍ଏକୁ ଜିନ୍‌ପିଙ୍ଗଙ୍କ ପରାମର୍ଶ**
## ଯୁଦ୍ଧ ଲାଗି ପ୍ରସ୍ତୁତ ରୁହ

ବେଜିଂ, ୨୬।୧୧



ଭାରତ ପକ୍ଷରୁ ଚାଇନାର ପୁଣି ୪୩ ମୋବାଇଲ ଆପ୍ ଉପରେ କଟକଣା ଲଗାଯାଇଛି। ଏହାକୁ ମିଶାଇ ୨୦୨୦ ଜୁନ୍ ମାସରୁ ଏପର୍ଯ୍ୟନ୍ତ ମୋଟ ୨୬୭ ଚାଇନା ଆପ୍ ଉପରେ କଟକଣା ଲାଗିଛି। ଭାରତର ଏଭଳି ଆଭିମୁଖ୍ୟକୁ ନେଇ ଚାଇନା ପ୍ରତିକ୍ରିୟା ପ୍ରକାଶ କରିଛି। ଭାରତ ଜାତୀୟ ସୁରକ୍ଷାକୁ ଦେଖି ଉଦ୍ଦେଶ୍ୟମୂଳକ ଭାବେ ଏହା କରିଛି ବୋଲି ଅଭିଯୋଗ କରାଯାଇଛି। ପରିସ୍ଥିତିକୁ ଦେଖି ଚାଇନା ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗ ଚାଇନା ସୈନ୍ୟଙ୍କୁ ସତର୍କ କରାଇଛନ୍ତି। ପିଏଲ୍ଏର ପ୍ରଶିକ୍ଷଣ ବୃଦ୍ଧି ସହ ଯୁଦ୍ଧ ଲାଗି ପ୍ରସ୍ତୁତ ରହିବାକୁ ସେ ପରାମର୍ଶ ଦେଇଛନ୍ତି। କେନ୍ଦ୍ରୀୟ ସେନା ଆୟୋଗ ବୈଠକରେ ସେ ପିଏଲ୍ଏକୁ ସୀମାରେ ଅଧିକ ସତର୍କ ରହିବା, ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ରରେ ସୁସଜ୍ଜିତ ହୋଇ ଯୁଦ୍ଧ କ୍ଷମତା ବଢ଼ାଇବାକୁ ପରାମର୍ଶ ଦେଇଛନ୍ତି।

## 'ଏକ ଦେଶ, ଏକ ନିର୍ବାଚନ'କୁ ମୋଦିଙ୍କ ଗୁରୁତ୍ୱ

ନୂଆଦିଲ୍ଲୀ, ୨୬।୧୧

**ଲୋକ ସଭା, ବିଧାନସଭା, ପଞ୍ଚାୟତିରାଜ ନିର୍ବାଚନ ଲାଗି ସିଙ୍ଗଲ ଭୋଟର ତାଲିକା ପ୍ରସ୍ତୁତ ହେଉ**

ଅର୍ଥ ଖର୍ଚ୍ଚ ଓ ସମୟ ଅପଚୟ ରୋକିବା ଲାଗି 'ଏକ ଦେଶ, ଏକ ନିର୍ବାଚନ'ର ଆବଶ୍ୟକତା ରହିଛି। ଏନେଇ କୌଣସି ବିତର୍କର ଆବଶ୍ୟକତା ନାହିଁ। ଦେଶରେ ଏକକାଳୀନ ନିର୍ବାଚନ କରାଯିବା ଉପରେ ସେ ଗୁରୁତ୍ୱ ଦେଇଛନ୍ତି। ଲୋକ ସଭା, ବିଧାନସଭା, ପଞ୍ଚାୟତିରାଜ ନିର୍ବାଚନ ଲାଗି ସିଙ୍ଗଲ ଭୋଟର ତାଲିକା ପ୍ରସ୍ତୁତ କରାଯିବା ଉଚିତ। ଭିନ୍ନ ଭିନ୍ନ ତାଲିକା କରାଗଲେ କେବଳ ଅର୍ଥ ଅପଚୟ ହେବ ବୋଲି ପ୍ରଧାନମନ୍ତ୍ରୀ ପ୍ରକାଶ କରିଛନ୍ତି। ଗୁଜରାଟର କାଭେଡିଆଠାରେ ଗୁରୁବାର ସମ୍ବିଧାନ ଦିବସ ପାଳନ ଓ ୮୦ତମ ସର୍ବଭାରତୀୟ ପ୍ରଜାଇଡିଂ ଅଫିସର୍ସ ସମ୍ମିଳନୀର ଉଦ୍‌ଯାପନୀ ଉତ୍ସବରେ ଉଦ୍‌ବୋଧନ ଦେଇ ପ୍ରଧାନମନ୍ତ୍ରୀ ଏଭଳି ମତ ରଖିଛନ୍ତି। ସମ୍ବିଧାନର ଗୁରୁଦାୟିତ୍ୱକୁ ତୁଲାଇବା ଓ ସମ୍ବିଧାନ ପ୍ରଣେତାଙ୍କ ସ୍ୱପ୍ନ ପୂରଣ ଲାଗି ଆଗେଇ ଆସିବା ଜରୁରୀ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ରାଷ୍ଟ୍ରପତି ଭବନରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ ସମ୍ବିଧାନର ପ୍ରସ୍ତାବନା ପାଠ କରିଥିବାବେଳେ ଏହାର ଲାଇଭ୍ ଟେଲିକାଷ୍ଟ କରାଯାଇଥିଲା।

୨୦୧୪ରେ ପ୍ରଥମ ପ୍ରଧାନମନ୍ତ୍ରୀ ହେବା ପରଠାରୁ ସେ ଏହା ଉପରେ ଗୁରୁତ୍ୱ ଦେଇଆସୁଛନ୍ତି। ଏବେ ଏନେଇ ଏକ ଗଠନମୂଳକ ଆଲୋଚନା କରାଯାଇ ନିର୍ବାଚନ କମିଶନଙ୍କୁ ଜଣାଯିବା ଜରୁରୀ। ଏକକାଳୀନ ନିର୍ବାଚନ ଦ୍ୱାରା ନିର୍ବାଚନର ବ୍ୟୟ ବହୁଳତାକୁ ରୋକାଯାଇ ପାରିବ ।

## 'ଅକ୍ସଫୋର୍ଡ'ର ସଫଳତାକୁ ନେଇ ପ୍ରଶ୍ନବାଚୀ

ଲଣ୍ଡନ, ୨୬।୧୧




ଅଷ୍ଟ୍ରାଜେନିକା ପ୍ରସ୍ତୁତ କରୁଥିବା ଅକ୍ସଫୋର୍ଡ ଟିକା ୯୦ ପ୍ରତିଶତ ଫଳପ୍ରଦ ହୋଇଛି ଓ ଏହା ସବୁଠୁ ଶସ୍ତାରେ ଉପଲବ୍ଧ ହେବ ବୋଲି କମ୍ପାନୀ ପକ୍ଷରୁ ଘୋଷଣା କରାଯିବା ପରେ ସାଧାରଣରେ ଟିକାକୁ ନେଇ ବେଶ୍ ଉତ୍ସାହ ଦେଖାଦେଇଥିଲା। ଅକ୍ସଫୋର୍ଡ ଟିକାର ଦାମ୍ କପେ କଫିଠାରୁ ଶସ୍ତା ହେବ ବୋଲି କୁହାଯାଇଥିଲା। ତେବେ ପରୀକ୍ଷାରେ ଭାଗ ନେଇଥିବା କେତେଜଣଙ୍କଠାରେ ଟିକାର ଭୁଲ୍ ଡୋଜ୍ ଦିଆଯାଇଥିବା ପ୍ରାରମ୍ଭିକ ଫଳାଫଳ ପ୍ରକାଶ ପରେ ଅଷ୍ଟ୍ରାଜେନିକା ସ୍ୱୀକାର କରିଛି। ଫଳରେ ଏହି ଟିକାର ସଫଳତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହାର ଅତିରିକ୍ତ ପରୀକ୍ଷା ହେଲେ ପୂର୍ବ ଫଳାଫଳ ଆସିବ କି ନାହିଁ ତାକୁ ନେଇ ପ୍ରଶ୍ନ ଉଠିଛି। ତ୍ରୁଟି ଓ ଅନେକ ଅନିୟମିତତା ମଧ୍ୟରେ ଅଷ୍ଟ୍ରାଜେନିକା ଯେପରି ପ୍ରାରମ୍ଭିକ ତଥ୍ୟ ପ୍ରକାଶ କଲା, ଏହାର ଫଳାଫଳର ବିଶ୍ୱସନୀୟତା ଉପରେ ଆସ୍ଥା ହ୍ରାସ ପାଇଛି ବୋଲି ବୈଜ୍ଞାନିକ ଓ ଶିଳ୍ପ ବିଶେଷଜ୍ଞମାନେ ମତ ଦେଇଛନ୍ତି।

ଅକ୍ସଫୋର୍ଡ ଟିକାର ଫଳାଫଳ ସ୍ପଷ୍ଟ ନୁହେଁ ବୋଲି ଆମେରିକାର ଅଧିକାରୀମାନେ କହିଛନ୍ତି। ଏହି ଟିକାକୁ ତୁରନ୍ତ ଜରୁରୀ ବ୍ୟବହାର ଲାଗି ମଞ୍ଜୁରୀ ଦେବାକୁ ଆମେରିକା କର୍ତ୍ତୃପକ୍ଷ ମନା କରିଛନ୍ତି। ଭୁଲ୍ ଘୋଷଣା ଯୋଗୁ ମହାମାରୀ ବିରୋଧରେ ଲଢ଼େଇକୁ ବଡ଼ ଝଟ୍‌କା ଲାଗିଛି। ସେମାନେ ସମସ୍ତ ବିକାଶ କାର୍ଯ୍ୟକ୍ରମର ଆସ୍ଥାକୁ ନଷ୍ଟ କରିଦେଲେ ବୋଲି ଇନ୍‌ଭେଷ୍ଟମେଣ୍ଟ ବ୍ୟାଙ୍କ ଏସ୍‌ଭିବି ଲିରିଙ୍କ୍‌ର ବିଶ୍ଳେଷକ ଜିଓଫ୍ରେ ପୋର୍ଗେସ୍ କହିଛନ୍ତି। ଅନ୍ୟପକ୍ଷରେ ଉଚ୍ଚତମ ମାନ ସହ ପରୀକ୍ଷା ପରିଚାଳନା କରାଯାଇଥିଲା ବୋଲି ଅଷ୍ଟ୍ରାଜେନିକା ମୁଖପାତ୍ର ମିଚେଲେ ମୈକ୍ସେଲ୍ କହିଛନ୍ତି।

### ଟିକାକରଣ ପାଇଁ ଗଠନ ହେବ ଟାସ୍କଫୋର୍ସ

ନୂଆଦିଲ୍ଲୀ, ୨୬।୧୧(ପି.ଟି.)

କୋଭିଡ୍ ଟିକା କାର୍ଯ୍ୟକ୍ରମକୁ ଅନୁଧ୍ୟାନ କରିବା ଓ ଭୁଲ୍ ସୂଚନା ଓ ଗୁଜବକୁ ପ୍ରତିହତ କରିବା ଲାଗି ଧର୍ମୀୟ ନେତାମାନଙ୍କୁ ନେଇ ବ୍ଲକ୍ ସ୍ତରରେ ଟାସ୍କଫୋର୍ସ ଗଠନ ଲାଗି କେନ୍ଦ୍ର ସରକାର ରାଜ୍ୟଗୁଡ଼ିକୁ ପରାମର୍ଶ ଦେଇଛନ୍ତି। ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ସୂଚନା ଅନୁଯାୟୀ ଉକ୍ତ ଟାସ୍କଫୋର୍ସ ଟିକାକରଣ କ୍ଷେତ୍ରରେ ଉପୁଜିବାକୁ ଥିବା ସମସ୍ୟାର ସମାଧାନ କରିବା ସହ ଯୋଜନା ଓ ପ୍ରସ୍ତୁତିର ବିକେନ୍ଦ୍ରୀକରଣ କରିବ। ବ୍ଲକ୍ ଟାସ୍କଫୋର୍ସ ସବ୍‌ଡିଭିଜନାଲ ମାଜିଷ୍ଟ୍ରେଟ୍ କିମ୍ବା ତହସିଲଦାରଙ୍କ ଅଧ୍ୟକ୍ଷତାରେ ଗଢ଼ାଯିବ। ଏଥିରେ ବିଭିନ୍ନ ସରକାରୀ ବିଭାଗ ପ୍ରତିନିଧିତ୍ୱ କରିବା ସହ ଏନ୍‌ଜିଓ, ସ୍ଥାନୀୟ ପ୍ରଭାବଶାଳୀ ନେତା ଓ ଧର୍ମୀୟ ନେତା ସଦସ୍ୟ ରହିବେ। ଟିକାକରଣ କାର୍ଯ୍ୟକ୍ରମ ବର୍ଷେ ପର୍ଯ୍ୟନ୍ତ ଚାଲିବାକୁ ଥିବାରୁ ବିଭିନ୍ନ ସଂଗଠନକୁ ଏଥିରେ ସାମିଲ କରାଯିବ। ଏଥିପାଇଁ ରାଜ୍ୟ ଓ ଜିଲା ସ୍ତରରେ କାର୍ଯ୍ୟପ୍ରସ୍ତୁତି ସମୀକ୍ଷା କମିଟି ଗଠନ ହେବ।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୬,୧୦,୬୧,୬୬୪ | ୧୪,୩୨,୮୦୬ | ୪,୨୨,୬୪,୨୯୯ |
| ଭାରତ | ୯୨,୯୧,୦୬୮ | ୧,୩୫,୫୩୩ | ୮୭,୦୦,୬୮୧ |
| ଓଡ଼ିଶା | ୩,୧୬,୬୪୫ | ୧୭୦୪(+୫୩) | ୩,୦୮,୮୩୯ |

ଗୁରୁବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

# ଓଡ଼ିଆକୁ ପୋଲିସର ଅଣଦେଖା

**ଜ୍ୟୋତିରଞ୍ଜନ ମହାପାତ୍ର**
**ଭୁବନେଶ୍ୱର,୨୬।୧୧(ବ୍ୟୁରୋ)**

ଓଡ଼ିଆ ଭାଷାରେ ଓଡ଼ିଶା ଶାସନ ହେବ। ଆଇନ ଉଲ୍ଲଂଘନକାରୀଙ୍କ ପାଇଁ ଦଣ୍ଡବିଧାନ ନିମନ୍ତେ ଓଡ଼ିଶା ସରକାରୀ ଭାଷା (ସଂଶୋଧନ) ଆଇନ-୨୦୧୮ ଗୃହୀତ ହୋଇଛି। ହେଲେ ଉକ୍ତ ଆଇନର ଖୋଲାଖୋଲି ଉଲ୍ଲଂଘନ ହେଉଥିବା ଦେଖିବାକୁ ମିଳୁଛି। ଉଲ୍ଲଂଘନକାରୀଙ୍କ ବିରୋଧରେ ପ୍ରତିବାଦ କିମ୍ବା କୌଣସି ଆଖିଦୃଶିଆ କାର୍ଯ୍ୟାନୁଷ୍ଠାନ ନିଆଯାଉ ନ ଥିବାରୁ ଅନେକ ସରକାରୀ କାର୍ଯ୍ୟକ୍ରମରେ ଓଡ଼ିଆ ପରିବର୍ତ୍ତେ ହିନ୍ଦୀ ଭାଷାର ବ୍ୟବହାର କରାଯାଉଛି। ଖୋଦ୍ ରାଜଧାନୀରେ ଏଭଳି ବ୍ୟତିକ୍ରମ ଦେଖିବାକୁ ମିଳୁଛି। କମିଶନରେଟ ପୋଲିସର ବିଭିନ୍ନ ଟ୍ରାଫିକ ପୋଷ୍ଟରେ ଭୁବନେଶ୍ୱର ସ୍ମାର୍ଟ ସିଟି ଲିମିଟେଡ ପକ୍ଷରୁ ଜନସାଧାରଣଙ୍କୁ ଟ୍ରାଫିକ୍ ସଚେତନତା ବାର୍ତ୍ତା ଦିଆଯାଉଛି। ହେଲେ ଏହି ବାର୍ତ୍ତା ଓଡ଼ିଆ ପରିବର୍ତ୍ତେ ହିନ୍ଦୀ ଭାଷାରେ ଦିଆଯାଉଛି। ହିନ୍ଦୀ ଭାଷା ଓଡ଼ିଶାବାସୀଙ୍କ ପାଇଁ କେତଦୂର ଗ୍ରହଣୀୟ, ତାହାକୁ ତର୍ଜମା କରିବାର ଅଛି। ଓଡ଼ିଆ ଭାଷାର ସୁରକ୍ଷା ପାଇଁ ଏହା କେତେ ମାତ୍ରାରେ କାର୍ଯ୍ୟକାରୀ ହେବ ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ତେବେ ଏହାକୁ ନେଇ ବୁଦ୍ଧିଜୀବୀ ଓ ଜନସାଧାରଣ ଭିନ୍ନ ପ୍ରତିକ୍ରିୟା ଦେବା ସହ ଏଥିରେ ସୁଧାର ଦାବି କରିଛନ୍ତି।



ରାଜଧାନୀ ଟ୍ରାଫିକ ପୋଷ୍ଟରେ ଓଡ଼ିଆ ବଦଳରେ ହିନ୍ଦୀରେ ସଚେତନତା ବାର୍ତ୍ତା ଦିଆଯାଉଛି।

ଏ ସଂକ୍ରାନ୍ତ ଭିଡିଓ ଧରିତ୍ରୀ ଲାଇଭ୍‌ରେ ଦେଖିବା ପାଇଁ QR CODE କୁ ସ୍କାନ କରନ୍ତୁ।

ଭୁବନେଶ୍ୱର ସ୍ମାର୍ଟ ସିଟି ଲିମିଟେଡ ପକ୍ଷରୁ ରାଜଧାନୀରେ ସମନ୍ୱିତ ଟ୍ରାଫିକ୍ ପରିଚାଳନା ବ୍ୟବସ୍ଥା ବା ଇଣ୍ଟିଗ୍ରେଟେଡ ଟ୍ରାଫିକ ମ୍ୟାନେଜମେଣ୍ଟ ସିଷ୍ଟମ(ଆଇଟିଏମ୍ଏସ୍) ସହରର ପ୍ରମୁଖ ୩୦ଟି ଛକରେ କିଛି ଦିନ ପରେ ଆରମ୍ଭ ହେବାକୁ ଯାଉଛି। ଯାହାକି ଦ୍ରୁତ ଓ ବିପରୀତ ଦିଗରେ ଗାଡ଼ିଚାଳନା ଏବଂ ଟ୍ରାଫିକ ନିୟମ ଉଲ୍ଲଂଘନକରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେଇପାରିବ। ଏହି ବ୍ୟବସ୍ଥା ଦ୍ୱାରା ଉଲ୍ଲଂଘନକାରୀଙ୍କ ନିକଟକୁ ତୁରନ୍ତ ମୋବାଇଲ ନମ୍ବର କିମ୍ବା ଗାଡ଼ି ମାଲିକଙ୍କ ଠିକଣାରେ ଜରିମାନା ନୋଟିସ ପଠାଯାଇପାରିବ। ଅଧିକାଂଶ ଲୋକ ଏହି ବ୍ୟବସ୍ଥା ସମ୍ପର୍କରେ ସଚେତନ ହୋଇନାହାନ୍ତି। ଫଳରେ ସେମାନେ ବହୁ ଜରିମାନା ଦେବାର ଶିକାର ହେବେ। ତେଣୁ ଏହି ବ୍ୟବସ୍ଥାକୁ କାର୍ଯ୍ୟକରୀ କରାଯିବା ପୂର୍ବରୁ ଜନସାଧାରଣଙ୍କୁ କମିଶନରେଟ ପୋଲିସ ପକ୍ଷରୁ ସଚେତନ କରାଯାଉଛି। ହେଲେ ଏହି ସଚେତନତା ବାର୍ତ୍ତା ଓଡ଼ିଆରେ ଦେବା ପରିବର୍ତ୍ତେ ହିନ୍ଦୀରେ ଦିଆଯାଉଛି, ଯାହାକୁ ନେଇ ସ୍ଥାନୀୟ ବାସିନ୍ଦା ଓ ବୁଦ୍ଧିଜୀବୀ ମହଲରେ ନିନ୍ଦା କରାଯାଇଛି।

ରାଜଧାନୀରେ ଏକ ଆଇଟି ସଂସ୍ଥାରେ କାର୍ଯ୍ୟ କରୁଥିବା ପ୍ରିୟଙ୍କା ବାରିକ କହିଛନ୍ତି, ଯଦି ଏପରି ହିନ୍ଦୀ ଭାଷାରେ ସଚେତନତା କାର୍ଯ୍ୟକ୍ରମ କରାଯିବ, ତେବେ ଆମେ ଆମ ଭାଷା ଠାରୁ ଦୁରେଇ ଯିବା। ଏହା ଆମ ମାତୃଭୂମିର ଭାଷା ପ୍ରତି ଅପମାନ ହେଉଛି। ଜନସାଧାରଣ ଏପରି ହିନ୍ଦୀ ସଚେତନତା ବାର୍ତ୍ତାରେ ଅଭ୍ୟସ୍ତ ହେଲେ ଆଗାମୀ ପିଢ଼ି ଉପରେ ଏହାର ପ୍ରଭାବ ପଡ଼ିବା ସହ ଆମ ଭାଷା ପ୍ରତି ବିପଦ ବଢୁଛି।

ସେହିପରି ନୟାପଲ୍ଲୀ ଅଞ୍ଚଳର ବରିଷ୍ଠ ନାଗରିକ ପ୍ରଶାନ୍ତ କୁମାର ଦାସ କହିଛନ୍ତି, ହିନ୍ଦୀରେ ସଚେତନତାକୁ ଅନେକ ଲୋକ ସହଜରେ ଗ୍ରହଣ କରିପାରିବେ ନାହିଁ। କାରଣ ଅଧିକାଂଶ ଲୋକେ ହିନ୍ଦୀ ବୁଝନ୍ତି ନାହିଁ। ତେଣୁ ଏଠାରେ ଓଡ଼ିଆରେ ସଚେତନ କରାଗଲେ ଅଧିକ ଫଳପ୍ରଦ ହେବା ସହ ଆମ ଭାଷାର ମାନ ବଢ଼ିବ।

ସ୍ତମ୍ଭକାର ଜାନକିସ୍ ବଡ଼ପଣ୍ଡା କହିଛନ୍ତି, ଓଡିଶା ସରକାର ଓଡ଼ିଆରେ ଶାସନ କରିବା ପାଇଁ ଆଇନ ପ୍ରଣୟନ କରିଛନ୍ତି। ଉକ୍ତ ଆଇନରେ ଦଣ୍ଡ ବିଧାନ ବ୍ୟବସ୍ଥା ରହିଥିଲେ ମଧ୍ୟ ତାହାକୁ ଲାଗୁ କରାଯାଉ ନାହିଁ। ବଡ଼ ଦୁର୍ଭାଗ୍ୟର କଥା ବିଭିନ୍ନ ସରକାରୀ ବିଭାଗ ଏହାକୁ ଅମାନ୍ୟ କରୁଛନ୍ତି। ଆମେ ଓଡ଼ିଆମାନେ ଯେହେତୁ ଏହାର ପ୍ରତିବାଦ କରୁନାହୁଁ, ସେଥିପାଇଁ ନିୟମ ଉଲ୍ଲଂଘନକାରୀମାନେ ଏଭଳି କାର୍ଯ୍ୟକ୍ରମକୁ ଅଧିକରୁ ଅଧିକ ଆଗେଇ ନେବା ପାଇଁ ସାହାସ ପାଉଛନ୍ତି।

## ପିଜି ନାମଲେଖା: ୫ରେ ପ୍ରଥମ ମେଧା ତାଲିକା

ଭୁବନେଶ୍ୱର, ୨୬।୧୧(ବ୍ୟୁରୋ)- ଉଚ୍ଚ ଶିକ୍ଷା ବିଭାଗ ୨୦୨୦-୨୧ ଶିକ୍ଷାବର୍ଷରେ ପିଜି ନାମଲେଖା ପାଇଁ ସମୟ ସୂଚୀ ପ୍ରକାଶ କରିଛି। ଡିସେମ୍ବର ୫ରେ ପ୍ରଥମ ମେଧା ତାଲିକା ପ୍ରକାଶ ପାଇବ। ମନୋନୀତ ଛାତ୍ରୀଛାତ୍ରମାନେ ୯ ତାରିଖ ପୂର୍ବାହ୍ନ ୧୧ଟାରୁ ୧୧ ତାରିଖ ଅପରାହ୍ନ ୫ଟା ମଧ୍ୟରେ ନାମ ଲେଖାଇବେ। ୧୧ ତାରିଖରେ ଦ୍ୱିତୀୟ ମେଧା ତାଲିକା ଓ ୧୮ରୁ ୨୦ତାରିଖ ମଧ୍ୟରେ ନାମଲେଖା। ୨୬ ତାରିଖରେ ତୃତୀୟ ମେଧା ତାଲିକା ପ୍ରକାଶ ପାଇବ ଓ ୨୮ରୁ ୨୯ତାରିଖ ଅପରାହ୍ନ ୫ଟା ପର୍ଯ୍ୟନ୍ତ ନାମଲେଖା ହେବ। ଅନ୍ୟପକ୍ଷରେ ପିଜି ନାମଲେଖା ପାଇଁ ଏକ ଏସ୍ଓପି ମଧ୍ୟ ଜାରି କରିଛି ଉଚ୍ଚ ଶିକ୍ଷା ବିଭାଗ।







## ମୁଲତବୀ ଆଲୋଚନା ଏଣିକି ୯୫ ମିନିଟ

**ଭୁବନେଶ୍ୱର,୨୬।୧୧(ବ୍ୟୁରୋ)**

ବିଧାନସଭାରେ ମୁଲତବୀ ପ୍ରସ୍ତାବ ଆଲୋଚନା ପାଇଁ ସମୟ ନିର୍ଘଣ୍ଟ ପୁନଃନିର୍ଦ୍ଧାରଣ ହୋଇଛି। ୯୦ମିନିଟ୍ ପରିବର୍ତ୍ତେ ଏଣିକି ମୁଲତବୀ ଆଲୋଚନା ୯୫ ମିନିଟ କରିବାକୁ ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ଗୁରୁବାର ଘୋଷଣା କରିଛନ୍ତି। ବିରୋଧୀ ଦଳ ସଦସ୍ୟଙ୍କ ପକ୍ଷରୁ ବିଭିନ୍ନ ପ୍ରସଙ୍ଗରେ ଗୃହକୁ ଆସୁଥିବା ମୁଲତବୀ ପ୍ରସ୍ତାବ ଉପରେ ମୋଟ ୯୫ ମିନିଟ ଆଲୋଚନା ହେବ। ଗୁରୁବାର ପୂର୍ବାହ୍ନରେ ଅନୁଷ୍ଠିତ ସର୍ବଦଳୀୟ ବୈଠକର ନିଷ୍ପତ୍ତି ଅନୁଯାୟୀ ଗୃହକୁ ସୂଚନା ଦେଇ ବାଚସ୍ପତି କହିଥିଲେ, ଚଳିତ ଅଧିବେଶନରେ ଏବେ ପୂର୍ବାହ୍ନ ୧୧ଟା ୨୫ ମିନିଟ୍‌ରୁ ମୁଲତବୀ ପ୍ରସ୍ତାବ ଉପରେ ଆଲୋଚନା ଆରମ୍ଭ ହେବ। ବିଭାଗୀୟ ମନ୍ତ୍ରୀ ପ୍ରସ୍ତାବ ଆଲୋଚନା ଆରମ୍ଭ ଓ ଶେଷକୁ ମିଶାଇ ମୋଟ ୧୫ ମିନିଟ୍‌ରେ ନିଜ ଉତ୍ତର ରଖିବେ। ସେହିଭଳି ବିରୋଧୀ ଦଳ ସଦସ୍ୟଙ୍କ ପାଇଁ ମୋଟ ୬୫ମିନିଟ ଏବଂ ଶାସକ ଦଳର ସଦସ୍ୟଙ୍କୁ ୧୫ ମିନିଟ ସମୟ ଦିଆଯିବ। ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ମୁଲତବୀ ପ୍ରସ୍ତାବ ଆଲୋଚନା ସମାପ୍ତ କରିବା ପାଇଁ ସମସ୍ତ ସଦସ୍ୟ ସହଯୋଗ କରିବାକୁ ବାଚସ୍ପତି କହିଛନ୍ତି। ବୁଧବାର ବିଧାନସଭାରେ ବିରୋଧୀ ଦଳ ପକ୍ଷରୁ ଆଗତ ହୋଇଥିବା ମୁଲତବୀ ପ୍ରସ୍ତାବ ଆଲୋଚନା ବେଳେ କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର ସମୟ ଅଭାବ ଯୋଗୁ ଅସନ୍ତୋଷ ବ୍ୟକ୍ତ କରି କକ୍ଷତ୍ୟାଗ କରିଥିଲେ। ତାଙ୍କ ସହ କଂଗ୍ରେସର ଅନ୍ୟ ସଦସ୍ୟ ମଧ୍ୟ ଆଲୋଚନା ଅଧାରୁ ଗୃହ ଛାଡ଼ିଥିଲେ। ନିର୍ଦ୍ଧାରିତ ୯୦ମିନିଟ୍ ସମୟରୁ ଭାଜପାର ୪ଜଣ ସଦସ୍ୟ ୫୦ ମିନିଟ କହିଥିବାବେଳେ କଂଗ୍ରେସ ସଦସ୍ୟଙ୍କୁ ୩୦ମିନିଟ୍ ଦେବାକୁ ସର୍ତ୍ତ ରଖି ନରସିଂହ ଆଲୋଚନା ଆରମ୍ଭ କରିଥିଲେ। ହେଲେ ୧୬ ମିନିଟ୍ କହିବା ପରେ ବାଚସ୍ପତି ତାଙ୍କୁ ବକ୍ତବ୍ୟ ଶେଷ କରିବାକୁ କହିଥିଲେ। ଫଳରେ ଗୃହରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଗୁରୁବାରଠାରୁ ମୁଲତବୀ ପ୍ରସ୍ତାବ ଆଲୋଚନା ପାଇଁ ସମୟସୀମା ଧାର୍ଯ୍ୟ ହେବ ବୋଲି ବାଚସ୍ପତି କହିଥିଲେ।

## ସିଏଲ୍‌ସି ନେଇଥିବା ଛାତ୍ରୀଛାତ୍ରଙ୍କୁ ନାମଲେଖା ଫି’ ଫେରାଇବାକୁ ନିର୍ଦ୍ଦେଶ

ଭୁବନେଶ୍ୱର, ୨୬।୧୧(ବ୍ୟୁରୋ)- ଉଚ୍ଚ ମାଧ୍ୟମିକ ସ୍କୁଲଗୁଡ଼ିକରୁ ସିଏଲ୍‌ସି ନେଇଥିବା ଛାତ୍ରୀଛାତ୍ରଙ୍କୁ ନାମଲେଖା ଫି’ ଫେରାଇବାକୁ ନିର୍ଦ୍ଦେଶ ଦେଇଛନ୍ତି ରାଜ୍ୟ ସରକାର। କେତେକ ଉଚ୍ଚ ମାଧ୍ୟମିକ ସ୍କୁଲ ସିଏଲ୍‌ସି ନେଇଥିବା ଛାତ୍ରୀଛାତ୍ରଙ୍କୁ ଫି’ ଫେରାଉ ନ ଥିବା ଅଭିଯୋଗ ଆସିବା ପରେ ଏଭଳି ନିଷ୍ପତ୍ତି ନିଆଯାଇଛି। ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ଭୂପିନ୍ଦର ସିଂ ପୁନିଆ ଏନେଇ ସମସ୍ତ ଉଚ୍ଚ ମାଧ୍ୟମିକ ସ୍କୁଲର ଅଧ୍ୟକ୍ଷଙ୍କୁ ଚିଠି ଲେଖିଛନ୍ତି। ଯେଉଁମାନେ ସିଏଲ୍‌ସି ନେଇଛନ୍ତି ସେମାନଙ୍କୁ ତୁରନ୍ତ ଟଙ୍କା ଫେରସ୍ତ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି।




## କାଳିଆ ମୃତ୍ୟୁରେ ମୁଖ୍ୟମନ୍ତ୍ରୀଙ୍କ ଶୋକ

**ଭୁବନେଶ୍ୱର, ୨୬।୧୧(ବ୍ୟୁରୋ)**

ଯୋଡ଼ାମୁଣ୍ଡ ଶିଶୁ କାଳିଆର ମୃତ୍ୟୁରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶୋକ ପ୍ରକାଶ କରିଛନ୍ତି। ମୁଖ୍ୟମନ୍ତ୍ରୀ ତାଙ୍କ ଟୁଇଟ୍‌ରେ ଲେଖିଛନ୍ତି ଯେ, ଡାକ୍ତରଙ୍କ



ଅଦମ୍ୟ ଚେଷ୍ଟା ଓ ଶ୍ରେଷ୍ଠ ଚିକିତ୍ସା ସତ୍ତ୍ୱେ କାଳିଆର ଦେହାନ୍ତ ଖବର ଅତ୍ୟନ୍ତ ଦୁଃଖଦାୟକ। ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ଭଗବାନ ଧୈର୍ଯ୍ୟ ଦିଅନ୍ତୁ। ଅସମୟରେ ଝଡ଼ି ପଡ଼ିଥିବା କାଳିଆର ଅମର ଆତ୍ମାର ସଦ୍‌ଗତି କାମନା କରିବା ସହିତ ଏଭଳି କଠିନ ସମୟରେ ଜଗାର ଉତ୍ତମ ସ୍ୱାସ୍ଥ୍ୟ ପାଇଁ ଭଗବାନଙ୍କ ନିକଟରେ ପ୍ରାର୍ଥନା କରୁଛି ବୋଲି ମୁଖ୍ୟମନ୍ତ୍ରୀ ଲେଖିଛନ୍ତି। ସେହିପରି ଧର୍ମେନ୍ଦ୍ର ପ୍ରଧାନ ଲେଖିଛନ୍ତି, କନ୍ଧମାଳ ଜିଲାର ଯୋଡ଼ାମୁଣ୍ଡ ଦୁଇ ଭାଇଙ୍କ ମଧ୍ୟରୁ କାଳିଆର ଚିକିତ୍ସାଧୀନ ଅବସ୍ଥାରେ ଦେହାନ୍ତ ହେବା ଖବର ଶୁଣି ମୁଁ ଦୁଃଖିତ। ସମସ୍ତ ପ୍ରଚେଷ୍ଟା ସତ୍ତ୍ୱେ କାଳିଆର ଜୀବନ ବଞ୍ଚାଯାଇ ପାରିଲା ନାହିଁ। ଏପରି ଦୁଃଖଦ ସମୟରେ କାଳିଆର ମା’, ବାପା ଓ ପରିବାରବର୍ଗଙ୍କୁ ସମବେଦନା ଜଣାଉଛି ବୋଲି ସେ ଲେଖିଛନ୍ତି।

ଅନ୍ୟପକ୍ଷରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବ କିଶୋର ଦାସ ମଧ୍ୟ କାଳିଆ ମୃତ୍ୟୁକୁ ନେଇ ଦୁଃଖପ୍ରକାଶ କରିବା ସହ ଜଗାର ଚିକିତ୍ସା ପାଇଁ ସରକାର ସମସ୍ତ ପଦକ୍ଷେପ ଗ୍ରହଣ କରିବେ ବୋଲି କହିଛନ୍ତି। ଆବଶ୍ୟକ ପଡ଼ିଲେ ପ୍ରଫେସର ଅଶୋକ ମହାପାତ୍ରଙ୍କ ପରାମର୍ଶ ନିଆଯିବ ବୋଲି ମନ୍ତ୍ରୀ କହିଛନ୍ତି।



**ଆଜିର ମନ୍ତବ୍ୟ**

ନୂତନ ଓ କଠୋର ରଣନୀତି ମାଧ୍ୟମରେ ଆତଙ୍କବାଦୀ ଆକ୍ରମଣକୁ ଭାରତ ପ୍ରତିହତ କରୁଛି।
**-ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ**

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ...............................


ବୈଷ୍ଣବୀ
ପରିବାରବର୍ଗ


ସୀତାଂଶୁ
ପରିବାରବର୍ଗ


ମାମୁନି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ଗାଁ ଶ୍ମଶାନରେ କାଳିଆକୁ ବିଦାୟ

**ଫୁଲବାଣୀ ଅଫିସ, ୨୬।୧୧**

କନ୍ଧମାଳ ଜିଲା ଫିରିଙ୍ଗିଆ ବ୍ଲକ ମିଲୁପଡ଼ା ଗ୍ରାମର ଯୋଡ଼ାମୁଣ୍ଡ ଶିଶୁ ଜଗା, କାଳିଆଙ୍କ ମଧ୍ୟରୁ କାଳିଆ ବୁଧବାର କଟକ ଶ୍ରୀରାମ ଚନ୍ଦ୍ର ଭଞ୍ଜ (ଏସ୍‌ସିବି) ମେଡିକାଲ ଓ କଲେଜରେ ଚିକିତ୍ସାଧୀନ ଅବସ୍ଥାରେ ଆଖି ବୁଜିଥିଲା। ଗୁରୁବାର ମୃତଦେହ ଆସି ପହଞ୍ଚିବା ପରେ ଗାଁ ଶ୍ମଶାନରେ ଅନ୍ତିମ ସଂସ୍କାର କରାଯାଇଛି। ଅନ୍ୟପକ୍ଷରେ କଟକରେ ଏକାକୀ ରହିଥିବା ଜଗା କାହାକୁ କିଛି କହି ନ ପାରି ଭାଇକୁ ଝୁରି ହେଉଛି । ଏହି ଘଟଣାକୁ ନେଇ ଗାଁରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

ଗୁରୁବାର ସକାଳେ ମିଲୁପଡ଼ାରେ କାଳିଆର ମୃତଦେହ ପହଞ୍ଚିଥିଲା । ଗ୍ରାମବାସୀ ଏକାଠି ହୋଇ ତା'ର ଅନ୍ତିମ ସଂସ୍କାର ପାଇଁ ଯୋଗାଡ଼ କରିଥିଲେ । ଫିରିଙ୍ଗିଆ ବିଡିଓଙ୍କ ଦାୟିତ୍ୱରେ ଥିବା ଶାନ୍ତନୁ ନାୟକ ପହଞ୍ଚି କାଳିଆଙ୍କ ପରିବାରକୁ ରେଡକ୍ରସ ତରଫରୁ ୧୦ ହଜାର ଟଙ୍କା ଓ ହରିଶ୍ଚନ୍ଦ୍ର ଯୋଜନାରେ ୨ ହଜାର ଟଙ୍କା ପ୍ରଦାନ କରିଥିଲେ। ପରେ ପରମ୍ପରା ଅନୁସାରେ ଗାଁ ଶ୍ମଶାନରେ ମୃତଦେହ ସତ୍କାର କରାଯାଇଥିଲା । କାଳିଆଙ୍କ ମା' ପୁଷ୍ପାଞ୍ଜଳି କହଁର ଓ ବାପା ଭୂୟାଁ କହଁରଙ୍କ ଆଖିରୁ ଲୁହ ଶୁଖୁ ନ ଥିଲା। ସେପଟେ ଜଗା ଏକୁଟିଆ ଥିବାରୁ ତାକୁ ମଧ୍ୟ ଝୁରି ହେଉଥିଲେ। ରୀତି ଅନୁସାରେ କାଳିଆର ସମସ୍ତ କର୍ମ ସରିବା ପରେ ସେମାନେ ଜଗା ପାଖକୁ ଯିବେ। ଏଥିପାଇଁ କିଛିଦିନ ସେମାନଙ୍କୁ ଗାଁରେ ରହିବାକୁ ହେବ। କାଳିଆଙ୍କ ମୃତ୍ୟୁକୁ ନେଇ ତାଙ୍କ ମା' ଭାଙ୍ଗି ପଡିଥିଲେ ମଧ୍ୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସାଧୁବାଦ ଜଣାଇଛନ୍ତି। ନିଜ ଯୋଡ଼ାମୁଣ୍ଡ ପିଲାଙ୍କୁ ଅଲଗା କରିବା ପାଇଁ ସେ ନେଇଥିବା ପଦକ୍ଷେପକୁ ପ୍ରଶଂସା କରିଛନ୍ତି। ଜଗା କିପରି ସମ୍ପୂର୍ଣ୍ଣ ଭଲ ହୋଇ ଫେରିବ ସେ ନେଇ ଚିନ୍ତିତ ଥିବା କହିଛନ୍ତି।


ମିଲୁପଡ଼ା ଗାଁ ଶ୍ମଶାନରେ କାଳିଆର ମୃତଦେହ ସତ୍କାର କରାଯାଉଛି।

### ଭାଇକୁ ଝୁରୁଛି ଜଗା

ସୂଚନାଯୋଗ୍ୟ, ଯୋଡ଼ାମୁଣ୍ଡ ଶିଶୁ ଜଗା, କାଳିଆଙ୍କୁ ୩ ବର୍ଷ ପୂର୍ବେ ଦିଲ୍ଲୀ ଏମ୍‌ସରେ ଅସ୍ତ୍ରୋପଚାର କରାଯାଇ ଅଲଗା କରାଯାଇଥିଲା। ଗତବର୍ଷ ସେମାନେ ଏମ୍‌ସରୁ ଡିସଚାର୍ଜ ହୋଇଥିଲେ। ଓଡ଼ିଶା ଫେରିବା ପରେ ଉଭୟଙ୍କୁ କଟକ ଏସ୍‌ସିବି ମେଡିକାଲ ଓ କଲେଜରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିଲା। ଜଗା ସ୍ୱାସ୍ଥ୍ୟରେ ସୁଧାର ଆସିଥିବା ବେଳେ କାଳିଆ ସ୍ୱାସ୍ଥ୍ୟାବସ୍ଥା ଠିକ୍ ରହୁ ନ ଥିଲା । ତେଣୁ ତାକୁ ଅନେକ ସମୟରେ ଭେଣ୍ଟିଲେଟରରେ ରଖାଯାଇ ଚିକିତ୍ସା କରାଯାଉଥିଲା । ଗତ ଦୁଇ ଦିନ ହେବ ତାର ହାତ ଗୋଡ଼ ଫୁଲିଯିବା ସହ ନିଃଶ୍ୱାସ ନେବାରେ ଅସୁବିଧା ହେଉଥିଲା । ବୁଧବାର ରାତିରେ ଚିକିତ୍ସିତ ଅବସ୍ଥାରେ କାଳିଆ ଆଖି ବୁଜିଥିଲା ।

## ପ୍ରଥମ ପୃଷ୍ଠାରୁ...

### ପରୀକୁ ନ୍ୟାୟ ...

କଂଗ୍ରେସ ବିଧାୟକମାନେ ମଧ୍ୟ ଏଥିରେ ସାମିଲ୍ ହୋଇଥିଲେ। ଗୃହର ମଧ୍ୟଭାଗକୁ ଯାଇ ବିରୋଧୀ ପ୍ରବଳ ହଟ୍ଟଗୋଳ କରିବା ସହ ବାଚସ୍ପତିଙ୍କ ପୋଡିୟମ୍ ଆଗରେ ଲାଗିଥିବା କୋଭିଡ୍ ସୁରକ୍ଷା କାଚକୁ ବାଡ଼େଇଥିଲେ। ଉପବାଚସ୍ପତି ରଜନୀକାନ୍ତ ସିଂହଙ୍କ ବାରମ୍ବାର ଅନୁରୋଧ ସତ୍ତ୍ୱେ ସଦସ୍ୟମାନେ ଶାନ୍ତ ପଡ଼ି ନ ଥିଲେ। ଫଳରେ ଉପବାଚସ୍ପତି ଗୃହକୁ ପ୍ରଥମେ ୧୦ଟା ୩୪ରୁ ୨୦ ମିନିଟ ପାଇଁ ମୁଲତବୀ ଘୋଷଣା କରିଥିଲେ। ୧୦ଟା ୫୪ରୁ ପୁନଃ ଗୃହକାର୍ଯ୍ୟ ଆରମ୍ଭ ହେବାକ୍ଷଣି ବିରୋଧୀ ସଦସ୍ୟ ଗୃହର ମଧ୍ୟଭାଗକୁ ଯାଇ ପୁଣିଥରେ ନାରାବାଜି କରିଥିଲେ। ଗୃହରେ ଅଚଳାବସ୍ଥା ଜାରି ରହିବାରୁ ବାଚସ୍ପତି ୧୦ଟା ୫୭ରୁ ଅପରାହ୍ଣ ୩ଟା ପର୍ଯ୍ୟନ୍ତ ଗୃହକୁ ମୁଲତବୀ ରଖିଥିଲେ। ଅପରାହ୍ଣ ଅଧିବେଶନରେ ଅତିରିକ୍ତ ବଜେଟକୁ ନେଇ ଆଲୋଚନା ହେବାକୁ ଥିବାବେଳେ ପୁଣିଥରେ ସମାନ ସ୍ଥିତି ଉପୁଜିଥିଲା। ହଟ୍ଟଗୋଳ ଜାରି ରହିବାରୁ ୧୫ ମିନିଟ୍ ଲେଖାଏ ଦୁଇଥର ଗୃହକୁ ମୁଲତବୀ ରଖାଯାଇଥିଲା। ଏହାପରେ ହୋହଲ୍ଲା ଭିତରେ ବାଚସ୍ପତି ପାତ୍ର ମୁଲତବୀ ପ୍ରସ୍ତାବ ଆଲୋଚନା ପାଇଁ ସମୟ ନିର୍ଦ୍ଧାରଣ ସମ୍ପର୍କରେ ଘୋଷଣା କରିବା ସହ ମନ୍ତ୍ରୀ ସାହୁଙ୍କୁ ବ୍ୟକ୍ତିଗତ ସ୍ପଷ୍ଟୀକରଣ ରଖିବାକୁ କହିଥିଲେ। ତେବେ ମନ୍ତ୍ରୀଙ୍କ ସ୍ପଷ୍ଟୀକରଣ ପରେ ବି ବିରୋଧୀ ଦଳ ସଦସ୍ୟମାନେ ଇସ୍ତଫା ଦାବି ଜିଦ୍‌ରେ ଅଟଳ ରହିଥିଲେ। ନାରାବାଜି କରିବା ସହ ହଟ୍ଟଗୋଳ ଜାରି ରହିବାରୁ ବାଚସ୍ପତି ଗୃହକୁ ମୁଲତବୀ ରଖିଥିଲେ।

### ପୁଣି ବଢ଼ିଲା ...

ଲୋକଙ୍କୁ ୨୦ରୁ ୨୧ ଅଧିକ ଦେବାକୁ ପଡୁଛି। ନୂଆଦିଲ୍ଲୀରେ ପେଟ୍ରୋଲ ୮୧.୭୦ ଟଙ୍କା ଥିବା ବେଳେ ମୁମ୍ବାଇରେ ୮୮.୪୦ ଟଙ୍କା, ଚେନ୍ନାଇରେ ୮୪.୭୪ ଟଙ୍କା ଏବଂ କୋଲକାତାରେ ୮୩.୨୬ ଟଙ୍କା ରହିଛି। ସେହିଭଳି ଏହି ସହରଗୁଡିକରେ ଡିଜେଲ ଦର ଯଥାକ୍ରମେ ୭୧.୬୨ ଟଙ୍କା, ୭୮.୧୨ ଟଙ୍କା, ୭୭.୦୮ ଟଙ୍କା ଏବଂ ୭୫.୧୯ ଟଙ୍କାକୁ ବଢିଛି।

### ଲାଞ୍ଚ: ଏସିଆରେ ...

୨ ପ୍ରତିଶତ ଲାଞ୍ଚ ଦେଉଥିବାବେଳେ ଦକ୍ଷିଣ କୋରିଆରେ ୧୦ ପ୍ରତିଶତ ଓ ନେପାଳରେ ୧୨ ପ୍ରତିଶତ ଲାଞ୍ଚ ଦେଇଥାନ୍ତି। ଭାରତ ସମେତ ମାଲେସିଆ,ଥାଇଲାଣ୍ଡ, ଶ୍ରୀଲଙ୍କା, ଇଣ୍ଡୋନେସିଆ ଆଦି ଦେଶରେ ଯୌନ ସମ୍ପର୍କ ନାଁରେ ବ୍ଲାକ୍‌ମେଲ୍ କରି ଅର୍ଥ ଆଦାୟ କରିବା ଘଟଣା ଅଧିକ। ଏହା ମଧ୍ୟ ଏକ ଦୁର୍ନୀତି। ଭାରତରେ ସରକାରୀ ଦୁର୍ନୀତି ବଡ଼ ସମସ୍ୟା ବୋଲି ୮୯ ପ୍ରତିଶତ ଭାବୁଥିବାବେଳେ ୧୮ ପ୍ରତିଶତ ଭୋଟ ପାଇଁ ଲାଞ୍ଚ ଦେଇଥାନ୍ତି। ୧୧ ପ୍ରତିଶତ ଯୌନ ବ୍ଲାକ୍‌ମେଲ୍ ବା ସେକ୍ସଟୋର୍ଶନର ସମ୍ମୁଖୀନ ହୋଇଥିବା ଜଣାପଡିଛି। ଜିସିବି ପକ୍ଷରୁ ୧୭ ଦେଶର ପ୍ରାୟ ୨୦ ହଜାର ନାଗରିକଙ୍କୁ ନେଇ ଏହି ସର୍ଭେ କରାଯାଇଥିଲା।

# ଡିସେମ୍ବର ୩୧ ଯାଏ ଅନ୍ତର୍ଜାତୀୟ ବିମାନସେବା ବନ୍ଦ

**ନୂଆଦିଲ୍ଲୀ, ୨୬।୧୧**

ଅନ୍ତର୍ଜାତୀୟ ବିମାନ ସେବାକୁ ସରକାର ଡିସେମ୍ବର ୩୧ ପର୍ଯ୍ୟନ୍ତ ବନ୍ଦ କରିଛନ୍ତି। ତେବେ ଏହି ସମୟ ମଧ୍ୟରେ ବନ୍ଦେ ଭାରତ ମିଶନ ଓ ଅନ୍ୟ କେତେକ ସ୍ୱତନ୍ତ୍ର ବିମାନ ଚଳାଚଳକୁ ଅନୁମତି ମିଳିବ। ସରକାରଙ୍କ ନିୟମ ଅନୁଯାୟୀ ଯେଉଁମାନେ ଯୋଗ୍ୟ ହେବେ, ସେମାନେ ଭାରତ ବାହାରକୁ ଯାଇପାରିବେ। ସେହିପରି ଅନ୍ତର୍ଜାତୀୟ ମାଲ୍ ପରିବହନ ବିମାନ ଏବଂ ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ (ଡିଜିସିଏ) ଦ୍ୱାରା ଅନୁମୋଦିତ ବିମାନ କ୍ଷେତ୍ରରେ କଟକଣା ଲାଗୁ ହେବନାହିଁ। ନିର୍ଦ୍ଦିଷ୍ଟ ରୁଟ୍‌ରେ କର୍ତ୍ତୃପକ୍ଷ ଅନ୍ତର୍ଜାତୀୟ ବିମାନ ଚଳାଚଳ ପାଇଁ ଅନୁମତି ଦେଇପାରିବେ ବୋଲି ସରକାରଙ୍କ ପକ୍ଷରୁ ଜାରି ସର୍କୁଲାରରେ କୁହାଯାଇଛି।

# ସିବିଆଇ ତଦନ୍ତ ଲାଗି ହାଇକୋର୍ଟରେ ମାମଲା

**କଟକ ଅଫିସ୍, ୨୬।୧୧**

ନୟାଗଡ଼ ଜିଲା ଯଦୁପୁର ଅଞ୍ଚଳର ଏକ ୫ବର୍ଷର ଶିଶୁକୁ ଅପହରଣ ପରେ ହତ୍ୟା ମାମଲାର ସିବିଆଇ ତଦନ୍ତ ଏବଂ ମୃତାଙ୍କ ପରିବାରକୁ ୫ଲକ୍ଷ ଟଙ୍କା କ୍ଷତିପୂରଣ ଦାବିରେ ହାଇକୋର୍ଟରେ ଗୁରୁବାର ଏକ ଜନସ୍ୱାର୍ଥ ମାମଲା ରୁଜୁ ହୋଇଛି। ସାମାଜିକ ଅନୁଷ୍ଠାନ 'ଭାରତ ବିକାଶ ପରିଷଦ' ପକ୍ଷରୁ ଏହି ମାମଲା ରୁଜୁ କରାଯାଇଛି। ଏଥିରେ ରାଜ୍ୟ ସରକାର ଏବଂ ଜିଲା ପ୍ରଶାସନକୁ ପକ୍ଷଭୁକ୍ତ କରାଯାଇଛି। ପରୀ ହତ୍ୟା ଘଟଣାର ୪ମାସ ପରେ ବି ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିପାରିଲା ନାହିଁ। ଘଟଣାରେ ସମ୍ପୃକ୍ତ ବ୍ୟକ୍ତି ମନ୍ତ୍ରୀ ଅରୁଣ ସାହୁଙ୍କ ପାଖ ଲୋକ ହୋଇଥିବାରୁ ପୋଲିସ ଜାଣିଶୁଣି ଘଟଣାକୁ ଚପାଇ ଦେଉଛି। ଏପରି କି ଅଭିଯୁକ୍ତମାନେ ଗାଁରୁ ଆମକୁ ରହିବାକୁ ଦେଉ ନାହାନ୍ତି ବୋଲି ଅଭିଯୋଗ କରି ପରୀର ବାପା ଅଶୋକ ସାହୁ ଏବଂ ମା' ସୌଦାମିନୀ ମଙ୍ଗଳବାର ବିଧାନସଭା ମୁଖ୍ୟ ଫାଟକ ସମ୍ମୁଖ ରାସ୍ତାରେ କିରୋସିନ ଢ଼ାଳି ଆତ୍ମାହୁତି ଉଦ୍ୟମ କରିଥିଲେ। ତେବେ ଉପସ୍ଥିତ ପୋଲିସ ଏହା ଦେଖି ତୁରନ୍ତ ସେମାନଙ୍କୁ କାବୁ କରିଥିଲେ। ଏହି ଘଟଣା ଜଣାପଡ଼ିବା ପରେ ଗୃହରେ ବିରୋଧୀ ଦଳ ପ୍ରବଳ ହଟ୍ଟଗୋଳ କରିଥିଲେ। ଏଥିସହ ମନ୍ତ୍ରୀ ଅରୁଣ ସାହୁଙ୍କ ତୁରନ୍ତ ଇସ୍ତଫା ଦାବି କରିଥିଲେ। ରାଜ୍ୟ ସରକାର ବୁଧବାର ଏହି ଘଟଣାର ତଦନ୍ତ ଦାୟିତ୍ୱ କ୍ରାଇମ୍ ବ୍ରାଞ୍ଚକୁ ଦେଇଛନ୍ତି। ହେଲେ କ୍ରାଇମବ୍ରାଞ୍ଚ ତଦନ୍ତ ବାଧାପ୍ରାପ୍ତ ହୋଇପାରେ ବୋଲି ଦର୍ଶାଇ ଆବେଦନକାରୀଙ୍କ ପକ୍ଷରୁ ସିବିଆଇ ତଦନ୍ତ ନିମନ୍ତେ ପ୍ରାର୍ଥନା କରାଯାଇଛି।

### ପରୀ ହତ୍ୟାକାଣ୍ଡ



# ବିବୃତି ରଖିଲେ ମନ୍ତ୍ରୀ ଅରୁଣ

**ଭୁବନେଶ୍ୱର, ୨୬।୧୧(ବ୍ୟୁରୋ)**

ପରୀ ହତ୍ୟା ମାମଲାରେ ଶେଷରେ ମୁହଁ ଖୋଲିଛନ୍ତି ମନ୍ତ୍ରୀ ଅରୁଣ ସାହୁ। ଏନେଇ ଗୁରୁବାର ବିଧାନସଭାରେ ମନ୍ତ୍ରୀ ସାହୁ ବିବୃତି ରଖି ଏହା ଏକ ସମ୍ବେଦନଶୀଳ ଘଟଣା ବୋଲି କହିଛନ୍ତି। ଏକ ଛୋଟ ଝିଅର ହତ୍ୟା ଘଟଣା ମୋତେ ବ୍ୟଥିତ କରିଛି। ପରୀର ମୃତ୍ୟୁରେ ମୁଁ ଗଭୀର ମର୍ମାହତ। ତାଙ୍କ ପରିବାରକୁ ନ୍ୟାୟ ମିଳିବା ମୋର ଉଦ୍ଦେଶ୍ୟ। ରାଜନୀତି ଜୀବନରେ ମୁଁ ହିଂସାର ଘୋର ବିରୋଧୀ। ରାଜ୍ୟ ସରକାର ଘଟଣାର ତଦନ୍ତ ଦାୟିତ୍ୱ କ୍ରାଇମବ୍ରାଞ୍ଚକୁ ଦେବା ନିଷ୍ପତ୍ତିକୁ ମୁଁ ସ୍ୱାଗତ କରୁଛି। କ୍ରାଇମବ୍ରାଞ୍ଚ ଉପରେ ମୋର ପୂର୍ଣ୍ଣ ବିଶ୍ୱାସ ଅଛି। ଏହା ଦ୍ୱାରା ପରୀ ପରିବାରକୁ ଉପଯୁକ୍ତ ନ୍ୟାୟ ମିଳିବ ବୋଲି ମୋର ଦୃଢ଼ ଆଶା। ଏହି ହତ୍ୟା ଘଟଣାରେ ଯିଏ ବି ଜଡ଼ିତ ଥିବେ, ତାଙ୍କୁ ଦଣ୍ଡ ମିଳିବା ଦରକାର। ଏଭଳି ସମ୍ବେଦନଶୀଳ ପ୍ରସଙ୍ଗକୁ ନେଇ ଅଯଥା ରାଜନୀତି ନ କରିବାକୁ ମନ୍ତ୍ରୀ ସାହୁ କହିଥିଲେ। ସତ୍ୟର ଉନ୍ମୋଚନ ହେବା ସହ ପରୀକୁ ନ୍ୟାୟ ମିଳୁ ବୋଲି ଗୃହରେ ମନ୍ତ୍ରୀ ସାହୁ କହିଛନ୍ତି।

# ଟ୍ରାନ୍‌ଜିଟ୍ ପାସ୍ ଦାବିରେ ଗାଡ଼ି ମାଲିକଙ୍କ ଆନ୍ଦୋଳନ

ଭୁବନେଶ୍ୱର, ୨୬।୧୧(ବ୍ୟୁରୋ)- ଟ୍ରାନ୍‌ଜିଟ୍ ପାସ୍ ଦାବିରେ ଲଘୁଖଣିଜ ପରିବହନ କରୁଥିବା ଯାନବାହନଗୁଡ଼ିକ ୪ଦିନ ହେଲା କାର୍ଯ୍ୟବନ୍ଦ ଆନ୍ଦୋଳନ ଚଳାଇଛନ୍ତି। ଲିଜ୍ ନେଇଥିବା ବ୍ୟକ୍ତିଙ୍କ ମନମୁଖି କାର୍ଯ୍ୟ, ରାଜସ୍ୱ ଅଧିକାରୀ, ପୋଲିସ ଜୁଲମକୁ ବିରୋଧ କରି ଏପରି ପ୍ରତିବାଦ ଆରମ୍ଭ ହୋଇଛି। ଫଳରେ କଟକ, ଭୁବନେଶ୍ୱର, ପୁରୀ, ଯାଜପୁର, ବାଲେଶ୍ୱର, ଖୋର୍ଦ୍ଧା ଆଦି ଜିଲାରେ ନିର୍ମାଣ କାର୍ଯ୍ୟ ଠପ୍ ହୋଇଯାଇଛି। ଦୈନିକ ମଜୁରିରେ କାମ କରୁଥିବା ଶ୍ରମିକମାନେ ରୋଜଗାର ହରାଇଛନ୍ତି। ଡ୍ରେନ୍, ସ୍ୱେରେଜ, କୋଠାବାଡ଼ି, ରାସ୍ତା ଭଳି ନିର୍ମାଣ କାର୍ଯ୍ୟ ବନ୍ଦ ହୋଇଯାଇଛି। ଟ୍ରାନ୍‌ଜିଟ୍ ପାସ୍ ନ ଥିବାରୁ ଗାଡ଼ି ଚାଳକଙ୍କୁ ହଇରାଣ ହରକତ କରାଯିବା ସହ ଜରିମାନା ଆଦାୟ କରାଯାଉଥିବା ଅଭିଯୋଗ ହେଉଛି। ଲଘୁ ଖଣିଜ ଆଇନ-୨୦୧୯ ଅନୁଯାୟୀ ବିନା ଟ୍ରାନ୍‌ଜିଟ୍ ପାସ୍‌ରେ ଲଘୁ ଖଣିଜ ପରିବହନ କରାଗଲେ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଜରିମାନା କରିବାର ବ୍ୟବସ୍ଥା ରହିଛି। ଖଣିଜ ପରିବହନ ପାଇଁ ଜରିମାନା ନୁହେଁ, ସରକାରଙ୍କୁ ଗାଡ଼ି ମାଲିକମାନେ ରୟାଲ୍‌ଟି ଦେବାକୁ ପ୍ରସ୍ତୁତ ଅଛନ୍ତି। ସରକାର ତୁରନ୍ତ ଟ୍ରାନ୍‌ଜିଟ୍ ପାସ୍ ବ୍ୟବସ୍ଥା କରନ୍ତୁ ବୋଲି ଖୋର୍ଦ୍ଧା ଜିଲା ଟ୍ରକ୍ ମାଲିକ ସଂଘର ସଭାପତି ପ୍ରଣବ ପରିଜା ଦାବି କରିଛନ୍ତି। ନଚେତ ଆନ୍ଦୋଳନ ଜାରିରହିବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆଜି ଶ୍ରୀଚନ୍ଦ୍ର ହେତୁ ମନ, କର୍ମ, ବଚନରେ ସିଦ୍ଧିଲାଭ କରିବେ । ଯେଉଁ ବନ୍ଧୁମାନେ ପାଖ ମାଡୁ ନ ଥିଲେ ଆଜି ସେହିମାନେ ନିଜ ତରଫରୁ ମିଶିବା ପାଇଁ ଆଗେଇ ଆସିବେ । ସ୍ୱାସ୍ଥ୍ୟରେ ଉନ୍ନତି ଘଟିବା ସଙ୍ଗକୁ ସ୍ନାୟବିକ ଦୁର୍ବଳତା କେତେକାଂଶରେ ଦୂର ହେବ । କର୍ମକ୍ଷେତ୍ରରେ ହାତକୁ ନେଇଥିବା କାମଗୁଡ଼ିକ ସମ୍ପନ୍ନ କରିପାରିବେ ।

**ବୃଷ** ସମ୍ପର୍କୀୟମାନେ ଦୂରେଇ ଯାଉଥିବାରୁ ପର ଲୋକକୁ ଆପଣାର କରିବାକୁ ବାଧ ହେବେ । ଆଜି ଅଫିସ୍ କାର୍ଯ୍ୟରେ ବେଶି ବ୍ୟସ୍ତ ରହିବେ । ଚେଷ୍ଟା କରୁଥିବା ବ୍ୟବସାୟିକ କାମରେ ଆଂଶିକ ସଫଳତା ମିଳିବ । ପାରିବାରିକ କ୍ଷେତ୍ରରେ ପିଲାମାନେ ଛୋଟ କଥାଟିକୁ ବଡ଼ ଆକାରରେ ଚିନ୍ତା କରିବେ ।

**ମିଥୁନ** ଯେଉଁମାନଙ୍କ ପାଇଁ ଆପଣ ଅତୀତରେ ବହୁତ ଉପକାର କରିଥିଲେ, ସେହିମାନେ ସମସ୍ୟା ସୃଷ୍ଟି କରିପାରନ୍ତି । ହଜିଯାଇଥିବା ଜିନିଷ କିମ୍ବା ନିରୁଦ୍ଦିଷ୍ଟ ବ୍ୟକ୍ତିଙ୍କ ଖବର ଆଜି ପାଇବେ। କର୍ମକ୍ଷେତ୍ରରେ ସହକର୍ମୀ ସହାନୁଭୂତି ପ୍ରଦର୍ଶନ କରିବେ। ଆନୁଷ୍ଠାନିକ କାମ, ବାଣିଜ୍ୟ, ବ୍ୟବସାୟ ପାଇଁ ଦିନଟି ମନ୍ଦ ନୁହେଁ।

**କର୍କଟ** ଆକସ୍ମିକ ଅର୍ଥଲାଭ ସହ ବିଳାସବ୍ୟସନ ସମ୍ବନ୍ଧିତ ଜିନିଷ ପ୍ରାପ୍ତି ହେବ । କର୍ମକ୍ଷେତ୍ରରେ ପରିସ୍ଥିତି ସହ ଆଗକୁ ବଢିବା ସକାଶେ ଚେଷ୍ଟାକରି ସଫଳତା ପାଇବେ । ଶିଳ୍ପ, ବାଣିଜ୍ୟ, ପରିବହନ, ବ୍ୟବସାୟ, ସଂଗଠନ, ଗବେଷଣା କ୍ଷେତ୍ରରେ ସମସ୍ୟା ଆସିପାରେ ।

**ସିଂହ** ପ୍ରତିକୂଳ ସମୟ ଲାଗି ରହିଥିଲେ ମଧ୍ୟ ଦୃଢ ମନୋବଳ ଯୋଗୁଁ କାର୍ଯ୍ୟସିଦ୍ଧି ଘଟିବ । ବାଲ୍ୟବନ୍ଧୁ କିମ୍ବା କୌଣସି ବୟସ୍କଙ୍କ ସାନ୍ତ୍ୱନା ଆଶ୍ୱସ୍ତି ଆଣିଦେବ। ପାରିବାରିକ ଜୀବନରେ ବୁଝାମଣା ନେଇ ଅଶାନ୍ତିକର ପରିସ୍ଥିତି ଦେଖାଦେଇପାରେ । ନୂତନ ଘର, ଗାଡି, କିମ୍ବା କିଛି ଯାନ୍ତ୍ରିକ ଜିନିଷ କିଣିବା ପାଇଁ ମନ ବଳାଇ ପାରନ୍ତି।

**କନ୍ୟା** ଭାଇ, ବନ୍ଧୁ, କୁଟୁମ୍ବ, ସନ୍ତାନ ସକାଶେ ଅର୍ଥ ବ୍ୟୟ କରିବେ । ସହକର୍ମୀଙ୍କ ସୌହାର୍ଦ୍ଦ୍ୟରେ କର୍ମକ୍ଷେତ୍ରରେ ଆଶାନୁରୂପ ଫଳ ପାଇବାରେ ଅସୁବିଧା ହେବ ନାହିଁ । ବ୍ୟବହାରରେ ସଂଯମତା ରକ୍ଷା ନ କଲେ ବିବାଦଗ୍ରସ୍ତ ହେବେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ପରିବହନ, ପ୍ରଶାସନ ଓ ପ୍ରକାଶନ କ୍ଷେତ୍ରରେ ସମସ୍ୟା ରହିବ ।

**ତୁଳା** ଆଜି ଯେଉଁଭଳି ଚିନ୍ତା କରୁଛନ୍ତି, ଠିକ୍ ସେହିପରି ହିଁ ହେବ ଏବଂ ଆପଣଙ୍କର କୌଣସି କାମ ଅଟକିବ ନାହିଁ । ଆର୍ଥିକ ସ୍ଥିତି ବେଶ୍ ମଜଭୁତ୍ ରହିବ ଏବଂ କୌଣସି ଯୁବକଙ୍କଠାରୁ ଯଥେଷ୍ଟ ସହାୟତା ପାଇବେ । ଆଜିର ଯାତ୍ରାରେ ଜିନିଷପତ୍ର ପ୍ରତି ସତର୍କ ରୁହନ୍ତୁ । ନୂତନ ଯାନବାହନ କିମ୍ବା ଦ୍ରବ୍ୟଲାଭରୁ ଖୁସି ହେବେ ।

**ବିଛା** କୌଣସି ଏକ ସାଧାରଣ କଥାକୁ କେନ୍ଦ୍ର କରି ପ୍ରିୟ ବନ୍ଧୁଟି ମୁହଁ ଫେରାଇ ନେଇପାରନ୍ତି । ପାରିବାରିକ ଅଶାନ୍ତି ଲାଗିରହିବ, ମାତ୍ର ବାହାରେ ସମ୍ମାନରେ ଊଣା ହେବ ନାହିଁ। କଳା, ସାହିତ୍ୟ, ପ୍ରତିଯୋଗିତା, ପ୍ରତିଦ୍ୱନ୍ଦ୍ୱିତା, ପ୍ରକାଶନ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ। ଶରୀର ପୀଡ଼ାର ସମ୍ଭାବନା ରହିଛି।

**ଧନୁ** ଆଜିର ଦିନଟିକୁ ବନ୍ଧୁ ଗହଣରେ ଖୁସି ଓ ଆନନ୍ଦରେ ଅତିବାହିତ କରିବେ । ନୂତନ ଯୋଜନା, ଅବହେଳିତ କାମ, କୌଣସି ଆଲୋଚନା, ଆନୁଷ୍ଠାନିକ କାମ ପ୍ରଭୃତିରେ ସଫଳତା ମିଳିବ । ନିଜ ଲୋକମାନେ ଦାଉ ସାଧିବା ପାଇଁ ଚେଷ୍ଟା କରିପାରନ୍ତି। ସତର୍କ ରହିବା ଭଲ ହେବ । ପାରିବାରିକ କ୍ଷେତ୍ରରେ ସ୍ତ୍ରୀଙ୍କ ପ୍ରେରଣାରୁ ଉପକୃତ ହେବେ ।

**ମକର** କର୍ମକ୍ଷେତ୍ରରେ ଯେଉଁଥିପାଇଁ ଆଶଙ୍କା କରୁଛନ୍ତି ସେଥିରେ କିଛି ଅସୁବିଧା ହେବ ନାହିଁ । ପରିବାରରେ ପିଲାମାନଙ୍କ ପଢା ସମସ୍ୟା ନେଇ ମନ ଭାରାକ୍ରାନ୍ତ ରହିପାରେ । ସାମାଜିକ ସ୍ତରରେ ପ୍ରଶଂସା ଓ ପ୍ରୋତ୍ସାହନ ଲାଭ କରି ମନୋବଳ ବୃଦ୍ଧି ପାଇବ । ଦୀର୍ଘ ସମୟ ଧରି ବନ୍ଧୁଙ୍କ ପ୍ରତୀକ୍ଷାଜନିତ ଯନ୍ତ୍ରଣା ତୀବ୍ର ହୋଇପାରେ ।

**କୁମ୍ଭ** ଆର୍ଥିକ ଦୁରବସ୍ଥା ଦୂରେଇ ଯିବାରେ ବନ୍ଧୁଙ୍କ ସାହାଯ୍ୟ ଅବିସ୍ମରଣୀୟ ରହିବ । ନୂଆ ଯୋଜନାକୁ ଗୁରୁତ୍ୱ ଦେବେ। ବ୍ୟବସାୟ, ବାଣିଜ୍ୟ ଓ କଳା ସାହିତ୍ୟ, କ୍ରୀଡ଼ା, ଚଳଚ୍ଚିତ୍ର ପ୍ରଭୃତିରେ ସମସ୍ୟା ସମାଧାନ ହୋଇଯିବ । ସଭା ସମିତି, ଚୁକ୍ତିପତ୍ର, ପରିବହନ ଓ ନିର୍ମାଣ କ୍ଷେତ୍ରରେ ବନ୍ଧୁଙ୍କ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ ହେବେ ।

**ମୀନ** ଆଜି ପ୍ରତ୍ୟେକ କାମକୁ ସଫଳତାର ସହ ସମ୍ପନ୍ନ କରିବେ । ହଠାତ୍ ସମ୍ପର୍କୀୟମାନେ କୌଣସି ଆଲୋଚନା ସକାଶେ ଡାକି ପାରନ୍ତି । ପରିବାର ମଧ୍ୟରେ ପିଲାମାନଙ୍କ ଆଚରଣ ଓ କାର୍ଯ୍ୟକଳାପକୁ ନାପସନ୍ଦ କରିପାରନ୍ତି । ସହକର୍ମୀଙ୍କ ଆଭ୍ୟନ୍ତରୀଣ ବ୍ୟାପାରରେ ମୁଣ୍ଡ ପୂରାନ୍ତୁ ନାହିଁ ।

ଆଜି କାର୍ତ୍ତିକ ଶୁକ୍ଳ ତ୍ରୟୋଦଶୀ ଶୁକ୍ରବାର, ଶ୍ରୀମନ୍ଦିରରେ ନାଗାର୍ଜୁନ ବେଶ, ନଭେମ୍ବର ୨୭ ତାରିଖ, ରାଶି ନକ୍ଷତ୍ର-ଅଶ୍ୱିନୀ/ମେଷ, ମେଷ ରାଶିର ଘାତଚନ୍ଦ୍ର, ତ୍ରୟୋଦଶୀର ପାର୍ବଣ ଶ୍ରାଦ୍ଧ, ମେଷ ରାଶିର ଘାତବାର, ଅଦ୍ୟ ବିବାହ ପାଣିଗ୍ରହଣ, ଗୃହାରମ୍ଭ, ନବ ବଧୂଯାତ୍ରା, ବାଣିଜ୍ୟ ପାଇଁ ଶୁଭଦିନ । ସକାଳ ଘ.୦୬.୦୬ମି. ଗତେ ୦୬.୫୦ମି. ମଧ୍ୟେ, ଘ.୦୭.୩୩ମି. ଗତେ ଘ.୦୯.୪୪ମି. ମଧ୍ୟେ, ଘ.୧୧.୫୬ମି. ଗତେ ଘ.୦୨.୫୧ମି. ମଧ୍ୟେ, ଘ.୦୩.୩୪ମି. ଗତେ ଘ.୦୫.୦୨ମି. ମଧ୍ୟେ ଅମୃତବେଳା। ଦିବା ଘ.୧୦.୧୨ମି. ଗତେ ଘ.୧୧.୩୪ମି. ମଧ୍ୟେ ରାହୁକାଳ।


# classifieds

**Everyday 0674-2580101, 2549302**

**real estate**

**SALE**

Ready move 2BHK and 3BHK flats for sale at Patia/ Sailashree Vihar and Damana. 7008346486. D-70033

**ଟଙ୍କପାଣି ରୋଡ୍ Sai ମନ୍ଦିରରୁ 2km ମଧ୍ୟରେ gharabari boundary plot କିଣନ୍ତୁ। 7008492511.** D-69354

1200sqft. Yellowzone residential plot for sale near Palasuni, Bhubaneswar, near to NH. Price- 45.5lakhs. Contact- 8260595320, (No Brokers). D-70032

**ପୁରୀ ବାଟମଙ୍ଗଳା ସମ୍ମୁଖ ନୂଆ ବାଇପାସ୍‌ରୋଡ୍ ପାଖରେ 1000sqft. କାଗାସହ 2Bedroom, 2Bathroom, Drawing cum Dining, Kitchen and Garage ମାତ୍ର 24ଲକ୍ଷ। Installment ସୁବିଧା ଅଛି। Call: 9438109040, 8144658008.** D-19061

Plot near Khandagiri Paikarapur Mouza, close to tata ariana, immediate construction. 7809654182. D-70031

**Booking open for 3BHK luxurious & premium flat at Surya Nagar, Bhubaneswar, Genuine buyer contact- DEEPAK- 9937329999.** D-69939

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. 2,20,000/-, ଅରଗୁଳ IIT 1200sqft. 1,32,000/- (Outright). 9776974912, 7894433357. D-69200

**Flat sale Jagannathdham Puri, AC, LED TV, BED, Matress, Celling, Diningset free. 7978230118, 9348332283.** D-69197

ଭୁବନେଶ୍ୱର AMRI Hospital ପଛପଟେ yellowzone plot ନେଇ ଘର କରନ୍ତୁ। 7894216209. D-70106

**2000sqft. 200mtr from bypass NH corner, boundarywall, gharabari plot sale infront of DAV Public School, Kantabada, Bhubaneswar. 7008634668.** D-70110

Hanspal duplex 45,00,000/-, homestead plot 1900/-, Aiginia-1700/-, Nakhara East College 550/-, Sundarpada- 600/- (Bank finance available) 9777236619. D-70111

**ଭୁବନେଶ୍ୱର ଚନ୍ଦକାଛକରୁ 500mtr. near Nalanda ଓ BCST College ପାଖରେ ଘର ଉପଯୋଗୀ plot ମିଳୁଛି। Immediate registration/ possession. 8895492671, 9348870771.** D-70112

**ଭୁବନେଶ୍ୱର ସୁନ୍ଦରପଦା Indus Engineering College backside ସ୍ଥିତିବାନ ପ୍ଲଟ Sqft.299/- ମିଳୁଅଛି। 7848882166.** D-70113

6664sqft. land in Pandara Mouza of Bhubaneswar with gharabari Kisam available for sale. Contact- 6371643578, 9437478657. D-19062

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି । ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ । ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**to-let**

3BHK ground floor near Kalinga Hospital, Bhubaneswar for Office, residence. 9437091066. D-19058

**LEASE**

1.3 acre land on main road near Sisolo chak, Balipatna, dist Khordha for lease. Contact- 9438143108. D-19060

**healthcare**

Swarna SPA newly open positively health benefits with expert therapist. 9556978408. D-70024

**Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-**
classifieddharitri@gmail.com

Nadi Pariksha, Panchakarma, Acupressure, General therapy (Magneto therapy free) 8763725072. BBSR. D-19006

Newly open full body massage SPA in Bhubaneswar. Contact: 7205058838. D-70027

Rejuvenate and Ayurvedic full body massage by smart therapist. 9348123330. D-70028

Get refreshment body massage by expert therapist contact for 7205084157. D-70025

Sanjibani Ayurvedic full body massage with expert lady therapist. 7064223315 D-69652

Refreshing your mind & body with best therapy at Lotus Spa. 8018234866 D-69584

**LOST**

ମୁଁ ସୁଦାମ ନାୟକ, ଗ୍ରାମ- ରାଜୀବନଗର, ଥାନା- ବାଲୁଗାଁ, ଖୋର୍ଦ୍ଧା। ଘୋଷଣା କରେ କି ମୋର ଓରିଜିନାଲ୍ ଦଲିଲ୍ ୩୬/୯/୧/୧୯୯୮ ତା. ୦୫।୦୩।୨୦୧୮ ଗ୍ରାମରୁ ବାଲୁଗାଁ ଯିବା ରାସ୍ତାରେ ହଜି ଯାଇଛି। ହଜିଥିବା ଦଲିଲ୍ କେଉଁ ବ୍ୟାଙ୍କରେ ଦେଇ ମୁଁ ଋଣ ନେଇନାହିଁ। ଧ-୧୯୦୪୬

# ଓଡ଼ିଶାରେ ଭାରତ ବନ୍ଦର ଆଂଶିକ ପ୍ରଭାବ

■କେନ୍ଦ୍ରର ଶ୍ରମିକ, କୃଷକମାରଣ ନୀତିକୁ ବିରୋଧ

■ଶ୍ରମିକ ସଂଗଠନର ରାସ୍ତାରୋକୋ, ବିକ୍ଷୋଭ ପ୍ରତିବାଦ

ଭୁବନେଶ୍ୱର,୨୬।୧୧(ବ୍ୟୁରୋ)

କେନ୍ଦ୍ର ସରକାରଙ୍କ ଶ୍ରମିକ ଓ କୃଷକମାରଣ ନୀତି ବିରୋଧରେ ୧୦ କେନ୍ଦ୍ରୀୟ ଟ୍ରେଡ ୟୁନିୟନ ପକ୍ଷରୁ ଗୁରୁବାର ଦିଆଯାଇଥିବା ଭାରତ ବନ୍ଦ ଡାକରା ଆଂଶିକ ପ୍ରଭାବ ଓଡ଼ିଶାରେ ଦେଖିବାକୁ ମିଳିଛି। ସେଣ୍ଟର ଅଫ ଇଣ୍ଡିଆନ ଟ୍ରେଡ ୟୁନିୟନ (ସିଟୁ), ଓଡ଼ିଶା ନିର୍ମାଣ ଶ୍ରମିକ ୟୁନିୟନ ଆଇଏନ୍‌ଟିୟୁସି, ଏଆଇଟିୟୁସି,ଏଚ୍‌ଏମ୍‌ଏସ୍, ସିଆଇଟିୟୁ, ଏଆଇୟୁଟିୟୁସି, ଏଆଇସିସିଟିୟୁ, ଏଆଇଏଫ, ଟିୟୁସିସି, ବ୍ୟାଙ୍କ, ବୀମା, ରାଜ୍ୟ ସରକାରୀ କର୍ମଚାରୀ, କେନ୍ଦ୍ର କୋଇଲା, ପ୍ରତିରକ୍ଷା ଆଦି ସଂସ୍ଥାର ସଂଗଠନଗୁଡିକ ସାମିଲ ହୋଇଥିଲେ। ସଂଗଠନର ନେତାମାନେ କେନ୍ଦ୍ର ସରକାରଙ୍କ ବିଭିନ୍ନ ଅଫିସ ଆଗରେ ପିକେଟିଂ କରିବା ସହ ଶୋଭାଯାତ୍ରାରେ ବିରୋଧ ପ୍ରଦର୍ଶନ କରିଥିଲେ। ଶ୍ରମିକ ସଂଗଠନ ନେତାମାନେ ଆଚାର୍ଯ୍ୟ ବିହାର ଠାରେ ଜାତୀୟ ରାଜପଥ ଅବରୋଧ କରିଥିଲେ। ଫଳରେ ରାସ୍ତାର ଦୁଇ ପାର୍ଶ୍ୱରେ ବହୁ ଯାନବାହନ ଅଟକି ରହିଥିଲା। ସେହିପରି କଟକରେ ସିଟୁ ନେତାମାନେ ଜାତୀୟ ରାଜପଥ, ମଧୁପାଟଣା, ରାଣୀହାଟ, କଲେଜ ଛକରେ ବିକ୍ଷୋଭ କରିଥିଲେ। ଏଥିଯୋଗୁ ବହୁ ବ୍ୟବସାୟ ପ୍ରତିଷ୍ଠାନ ବନ୍ଦ ରହିଥିଲା। ସମ୍ବଲପୁର, ରାଉରକେଲା, ସୁନ୍ଦରଗଡ, ରାୟଗଡା, ଯାଜପୁର, ଅନୁଗୋଳ, କେନ୍ଦୁଝର ଆଦି ସ୍ଥାନରେ ଶ୍ରମିକ ସଂଗଠନ ପକ୍ଷରୁ ଟାୟାର ଜାଳି ରାସ୍ତାରୋକୋ କରାଯିବା ସହ ବିଭିନ୍ନ ସ୍ଥାନରେ ପିକେଟିଂ କରିଥିଲେ। ରାଜ୍ୟର ବିଭିନ୍ନ ସ୍ଥାନରେ ବୃହତ୍ ଓ ମଧ୍ୟମ ଶିଳ୍ପାନୁଷ୍ଠାନ ବନ୍ଦ ରହିଥିବା ବେଳେ ଦୋକାନ ବଜାର, ରେଳ, ବସ, ଟ୍ରକ ଚଳାଚଳ ବନ୍ଦ ରହିଥିଲା।



ବିକ୍ଷୋଭ ବେଳେ ଜଣେ ମହିଳାଙ୍କୁ ପୋଲିସ କାବୁ କରିନେଉଛି।

ଭୁବନେଶ୍ୱରରେ ବିଭିନ୍ନ ସଂଗଠନ ପକ୍ଷରୁ ରାସ୍ତାରୋକୋ ଓ ପ୍ରତିବାଦ ସଭା ଆୟୋଜନ କରାଯାଇଥିଲା। ପୂର୍ବାହ୍ନ ୧୧ଟାରେ ରାଜମହଲ ଛକରୁ ଶ୍ରମିକ ଓ କର୍ମଚାରୀମାନେ ଶୋଭାଯାତ୍ରାରେ ବାହାରି ପିଏମ୍‌ଜି ଛକ ପର୍ଯ୍ୟନ୍ତ ଯାଇଥିଲେ। ଆନ୍ଦୋଳନକାରୀମାନେ ଭୁବନେଶ୍ୱର ରେଳ ଷ୍ଟେଶନ, ପୂର୍ବତଟ ରେଳବାଇ ମୁଖ୍ୟ କାର୍ଯ୍ୟାଳୟ, ନାଲ୍‌କୋ ଅଫିସ, ଭାରତୀୟ ଖାଦ୍ୟ ନିଗମ, ବିଏସ୍‌ଏନ୍‌ଏଲ୍ କାର୍ଯ୍ୟାଳୟ, ରିଜର୍ଭ ବ୍ୟାଙ୍କ, ଷ୍ଟେଟ ବ୍ୟାଙ୍କ, ମୁଖ୍ୟ ଡାକଘର ସମ୍ମୁଖରେ ପ୍ରତିବାଦ କରିଥିଲେ। ଶିରୀପୁର ଛକ, ରାଜମହଲ, ଜୟଦେବ ବିହାର ଛକ, ଆଇଗିଣିଆ ଛକ, ବାଲିପାଟଣା ଛକ ଓ ଚନ୍ଦକା ଛକ ଆଦି ସ୍ଥାନରେ ଶ୍ରମିକ ସଂଗଠନର ନେତା ଓ କର୍ମୀମାନେ କେନ୍ଦ୍ର ସରକାରଙ୍କ ଜନ ବିରୋଧୀ ନୀତି ବିରୋଧରେ ପିକେଟିଂ କରିଥିଲେ। ଲୋୟର ପିଏମ୍‌ଜିଠାରେ ପହଞ୍ଚିବା ପରେ ଆନ୍ଦୋଳନକାରୀମାନଙ୍କୁ ପୋଲିସ ଗିରଫ କରିଥିଲା।

ଏହି ଶୋଭାଯାତ୍ରାରେ ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ସଭାପତି ରାମଚନ୍ଦ୍ର ଖୁଣ୍ଟିଆ, ସାଧାରଣ ସମ୍ପାଦକ କିଶୋର ଜେନା, ଉପସଭାପତି ମଦନମୋହନ ଧଳ, ଶ୍ୟାମସୁନ୍ଦର ମହାପାତ୍ର, ପ୍ରଶାନ୍ତ ମହାପାତ୍ର, ପ୍ରଦେଶ କଂଗ୍ରେସ କମିଟି ସଭାପତି ନିରଞ୍ଜନ ପଟ୍ଟନାୟକ, ବିଧାୟକ ସୁରେଶ କୁମାର ରାଉତରାୟ, ସିପିଆଇଏମ୍ ନେତା ଅଳି କିଶୋର ପଟ୍ଟନାୟକ, ଏଆଇଟିୟୁସି ପକ୍ଷରୁ ରାମକୃଷ୍ଣ ପଣ୍ଡା ଓ ବିଜୟ ଜେନା, ଏଚ୍‌ଏମ୍‌ଏସରୁ ବରେନ୍ଦ୍ର ଦାସ, ରାଜ୍ୟ କୋଷାଧ୍ୟକ୍ଷ ଦୁଷ୍ମନ୍ତ ଦାସ, ରମେଶ ଜେନା, ଏଆଇୟୁଟିସିରୁ ପୂର୍ଣ୍ଣ ଚନ୍ଦ୍ର ବେହେରା, ରାଧାକାନ୍ତ ସେଠୀ, ମହେନ୍ଦ୍ର ପରିଡା, କ୍ଷେତ ମଜଦୁର ୟୁନିୟନର ରାଜ୍ୟ ସମ୍ପାଦକ ପ୍ରଫୁଲ୍ଲ ଭୋଇ, ସେୱା ତରଫରୁ ପରିଲତା ମହାପାତ୍ର ପ୍ରମୁଖ ଯୋଗଦେଇ ଗିରଫ ହୋଇଥିଲେ।

କେନ୍ଦ୍ରୀୟ ସଂଗଠନ ପକ୍ଷରୁ ଦିଆଯାଇଥିବା ଭାରତ ବନ୍ଦ ଡାକରା ଓଡ଼ିଶାରେ ସମ୍ପୂର୍ଣ୍ଣ ସଫଳ ହୋଇଛି ବୋଲି ରାଷ୍ଟ୍ରୀୟ ମଜଦୁର କଂଗ୍ରେସର ଓଡ଼ିଶା ଶାଖା ସଭାପତି ରାମ ଚନ୍ଦ୍ର ଖୁଣ୍ଟିଆ କହିଛନ୍ତି। ଏ ନେଇ ସେ ସମସ୍ତ ଓଡ଼ିଶାବାସୀ ତଥା ଛାତ୍ର, ଯୁବକ, ଦିନ ମଜୁରିଆ, ଶ୍ରମିକ, କର୍ମଚାରୀ, ବ୍ୟବସାୟୀମାନଙ୍କୁ ଧନ୍ୟବାଦ ଦେଇଛନ୍ତି।

# କାନୁପୁର ସ୍ପିଲ୍ ଚ୍ୟାନେଲ ପୋଲ ନିର୍ମାଣ ବିଳମ୍ବ

ଜାତୀୟ ରାଜପଥ

■ଗଡ୍‌କରୀଙ୍କ ହସ୍ତକ୍ଷେପ ଲୋଡ଼ିଲେ ନବୀନ

ଭୁବନେଶ୍ୱର,୨୬।୧୧(ବ୍ୟୁରୋ)

ଜାତୀୟ ରାଜପଥ ୨୧୫ କାନୁପୁର ସ୍ପିଲ ଚ୍ୟାନେଲ ଉପରେ ୪ ଲାଇନ ବିଶିଷ୍ଟ ପୋଲ ନିର୍ମାଣ ବିଳମ୍ବ ହେବାରେ ଲାଗିଛି। ଦୀର୍ଘଦିନ ହେବ ଏହି ପୋଲ ନିର୍ମାଣ ହୋଇପାରୁ ନ ଥିବାରୁ ମୁଖ୍ୟମନ୍ତ୍ରୀ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଏହାର ନିର୍ମାଣ ତୁରନ୍ତ ଶେଷ କରିବାକୁ ଗୁରୁବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଚିଠି ଲେଖି କେନ୍ଦ୍ର ଭୂପୃଷ୍ଠ ପରିବହନ, ଜାତୀୟ ରାଜପଥ ମନ୍ତ୍ରୀ ନୀତିନ ଗଡ୍‌କରୀଙ୍କ ହସ୍ତକ୍ଷେପ ଲୋଡ଼ିଛନ୍ତି।

ମୁଖ୍ୟମନ୍ତ୍ରୀ ଚିଠିରେ ଉଲ୍ଲେଖ କରିଛନ୍ତି , ବୈତରଣୀ ନଦୀରେ ଓଡ଼ିଶା ସରକାର କାନୁପୁର ବୃହତ୍ ଜଳସେଚନ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଛନ୍ତି। ଏହାଦ୍ୱାରା ଆଦିବାସୀବହୁଳ କେନ୍ଦୁଝର ଜିଲାର ୨୯,୫୭୮ ହେକ୍ଟର ଜମିକୁ ଜଳସେଚନ ସୁବିଧା ଯୋଗାଇ ଦିଆଯାଇପାରିବ। ଏଆଇବିପି ପାଣ୍ଠିରୁ ଏହି ପ୍ରକଳ୍ପ ପାଇଁ କେନ୍ଦ୍ରୀୟ ସହାୟତା ଯୋଗାଇଦେବାର ବ୍ୟବସ୍ଥା ରହିଛି। ଏହି ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ୨୦୦୪-୦୫ରୁ ଆରମ୍ଭ ହୋଇଥିଲେ ମଧ୍ୟ ବିଭିନ୍ନ କାରଣରୁ ଏ ପର୍ଯ୍ୟନ୍ତ ଶେଷ ହୋଇନାହିଁ। ପ୍ରକଳ୍ପର ଅଧିକାଂଶ ଭାଗ କାର୍ଯ୍ୟ ଶେଷ ହୋଇଥିବା ବେଳେ ନଦୀର ସ୍ପିଲ୍ ଚ୍ୟାନେଲ ଉପରେ ରିମୁଳି-ରକ୍ସି-ରାଜମୁଣ୍ଡା ସେକ୍ସନ ଏନ୍‌ଏଚ୍-୨୧୫ରେ ୪ ଲେନ୍ ବିଶିଷ୍ଟ ଏକ ପୋଲ ନିର୍ମାଣ ହେବାକୁ ରହିଛି। ଏହି ପୋଲ ଉକ୍ତ ପ୍ରକଳ୍ପ ପାଇଁ ସମସ୍ୟା ସୃଷ୍ଟି କରିଛି। ବିଭିନ୍ନ ସ୍ତରରେ ବହୁବାର ବୈଠକ ହେବା ପରେ ମଧ୍ୟ ଏନ୍‌ଏଚ୍‌ଏଆଇ ଉକ୍ତ କାର୍ଯ୍ୟ ଆରମ୍ଭ କରିନାହିଁ। ଏହି ପୋଲର ଅଟକଳ ପ୍ରଥମେ ୪୦.୬୮ କୋଟି ଟଙ୍କା ଧାର୍ଯ୍ୟ କରାଯାଇଥିଲା। ଏନ୍‌ଏଚ୍‌ଏଆଇ ସେଥିରୁ ୮୦ ପ୍ରତିଶତ ଖର୍ଚ୍ଚ ବହନ କରିବାକୁ ରାଜି ହୋଇଥିଲା। ପରେ ଭୌଗୋଳିକ ପରିସ୍ଥିତିକୁ ଦେଖି ପୋଲ ଡିଜାଇନ ପରିବର୍ତ୍ତନ କରାଯାଇଥିଲା। ଏଥିପାଇଁ ୧୦୦.୫୩ କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ଆକଳନ କରାଯାଇଥିଲା। ତେବେ ସଂଶୋଧିତ ଅର୍ଥର ୮୦ ପ୍ରତିଶତ ବହନ କରିବାକୁ ଏନ୍‌ଏଚ୍‌ଏଆଇ ରାଜି ହେଉନାହିଁ। ଏ ନେଇ ୨୦୧୯ ମାର୍ଚ୍ଚ ୭ରେ ନୂଆଦିଲ୍ଲୀଠାରେ ବୈଠକ ହୋଇଥିଲେ ମଧ୍ୟ ଏନ୍‌ଏଚ୍‌ଏଆଇ ସଂଶୋଧିତ ପ୍ରକଳ୍ପ ମୂଲ୍ୟର ୮୦ ପ୍ରତିଶତ ବହନ କରିବାକୁ ସମ୍ମତି ପ୍ରକାଶ କରୁନାହିଁ। ଜିଲାର ଅର୍ଥନୈତିକ ବିକାଶ ପାଇଁ ଉକ୍ତ ପୋଲ ନିର୍ମାଣ କାର୍ଯ୍ୟ ଶୀଘ୍ର ଶେଷ କରିବା ଆବଶ୍ୟକ। ଏହି ପୋଲ ରାଜ୍ୟ ନୁହେଁ, କେନ୍ଦ୍ର ସରକାରଙ୍କ ପାଇଁ ମଧ୍ୟ ଜରୁରୀ। ତୁରନ୍ତ ନିର୍ମାଣ କାର୍ଯ୍ୟ ଆରମ୍ଭ କରା ନ ଗଲେ ଜଳସେଚନ ପ୍ରକଳ୍ପର ଖର୍ଚ୍ଚ ମୂଲ୍ୟ ବଢ଼ିଯିବ। ତୁରନ୍ତ ଏଥିରେ ହସ୍ତକ୍ଷେପ କରିବାକୁ ମୁଖ୍ୟମନ୍ତ୍ରୀ ଗଡ୍‌କରୀଙ୍କୁ ଅନୁରୋଧ କରିଛନ୍ତି।

# ଖଡ଼ିଆଳ ସହରରେ ମାଓବାଦୀ ପୋଷ୍ଟର

ତରବୋଡ,୨୬।୧୧ (ଡି.ଏନ.ଏ.)

ନୂଆପଡ଼ା ଜିଲା ଖଡ଼ିଆଳ ଥାନାଠାରୁ ମାତ୍ର ୧ଶହ ମିଟର ଦୂରରେ ବୁଧବାର ରାତିରେ ମାଓବାଦୀ ପୋଷ୍ଟର ଦେଖିବାକୁ ମିଳିଛି। ହେଲେ ଏ ସଂକ୍ରାନ୍ତରେ ପୋଲିସକୁ ସାମାନ୍ୟ ମଧ୍ୟ ସୂଚନା ମିଳି ନ ଥିଲା। ଗ୍ରାମ୍ୟ ଉନ୍ନୟନ ବିଭାଗ ଅଫିସ କାନ୍ଥରେ ଲାଗିଥିବା ଉକ୍ତ ପୋଷ୍ଟରରେ ଭଇସାଦାନି ପଞ୍ଚାୟତରେ ମାଓବାଦୀ କ୍ୟାମ୍ପ ଠାବ ଘଟଣାକୁ ମିଛ ବୋଲି ଉଲ୍ଲେଖ କରାଯାଇଛି। ଏଥିସହ ପାଟଦର୍ହା ଅଞ୍ଚଳରେ କୌଣସି ମାଓବାଦୀ କ୍ୟାମ୍ପ ନ ଥିଲା। ଏଭଳି ମିଥ୍ୟା ପ୍ରଚାର କରାଯାଉଛି ବୋଲି ଏହି ପୋଷ୍ଟରରେ ଦର୍ଶାଯାଇଛି। ଏ ନେଇ ଖଡିଆଳ ଆଇଆଇସି କୈଳାସ ଚନ୍ଦ୍ର ସେଠୀଙ୍କୁ ପଚାରିବାରୁ ସହରର ବ୍ଲକ ଛକ ଆଇସିଡିଏ ଅଫିସ୍ ଓ ଗ୍ରାମ୍ୟ ଉନ୍ନୟନ ଅଫିସ କାନ୍ଥରୁ ଦୁଇଟି ମାଓବାଦୀ ପୋଷ୍ଟର ଜବତ କରାଯାଇଛି। ଏହି ପୋଷ୍ଟର ସତ୍ୟାସତ୍ୟ ଉପରେ ଅଧିକ ତଦନ୍ତ ଚାଲିଛି ବୋଲି ସେ କହିଛନ୍ତି ।







# ବାଳକଙ୍କ ମୃତ୍ୟୁକୁ ନେଇ ଉତ୍ତେଜନା

■ଡାକ୍ତରଖାନାରେ ତ୍ରୁଟିପୂର୍ଣ୍ଣ ଚିକିତ୍ସା ଅଭିଯୋଗ

■ମୃତଦେହ ରଖି ରାସ୍ତାରୋକୋ

କେସିଙ୍ଗା, ୨୬।୧୧ (ଡି.ଏନ.ଏ.)

କଳାହାଣ୍ଡି ଜିଲା ନର୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଜଣେ ୧୨ବର୍ଷ ବାଳକଙ୍କ ମୃତ୍ୟୁକୁ ନେଇ ଗୁରୁବାର ଉତ୍ତେଜନା ପ୍ରକାଶ ପାଇଥିଲା । ତ୍ରୁଟିପୂର୍ଣ୍ଣ ଚିକିତ୍ସା ଯୋଗୁ ନର୍ଲା ଗ୍ରାମ ଜୟନ୍ତୀନଗର ପଡାର କୈବଲ୍ୟ ସେନାପତିଙ୍କ ପୁଅ ମନୋଜଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି । ଏହି ଘଟଣା ଜଣାପଡିବା ପରେ କ୍ଷତିପୂରଣ ଏବଂ ଡାକ୍ତର ନିଯୁକ୍ତି ଦାବିରେ ସ୍ଥାନୀୟ ଲୋକେ ଓ ମୃତକଙ୍କ ପରିବାର ସଦସ୍ୟମାନେ ମୃତଦେହ ରଖି ଡାକ୍ତରଖାନା ସମ୍ମୁଖ ରାସ୍ତା ଅବରୋଧ କରିଥିଲେ। ସକାଳ ୬ଟାରୁ ଅପରାହ୍ନ ୨ଟା ଯାଏ ଏହି ଆନ୍ଦୋଳନ ଚାଲିଥିଲା । ଖବର ପାଇ ଭବାନୀପାଟଣାରୁ ଏଡିଏମ୍‌ଓ, ନର୍ଲା ତହସିଲଦାର, ବିଡିଓ ଏବଂ ଆଇଆଇସି ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲେ। ମୃତକଙ୍କ ପରିବାରକୁ ମୃତଦେହ ସତ୍କାର ପାଇଁ ୪୦ ହଜାର ଟଙ୍କା ପ୍ରଦାନ ପରେ ରାସ୍ତା ଅବରୋଧ ହଟିଥିଲା।

ସୂଚନା ଅନୁଯାୟୀ, ମନୋଜଙ୍କ ପେଟରେ ଯନ୍ତ୍ରଣା ହେବାରୁ ବୁଧବାର ବିଳମ୍ବିତ ରାତିରେ ନର୍ଲା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତିକରାଯାଇଥିଲା। ଦାୟିତ୍ୱରେ ଥିବା ଇନ୍‌ଚାର୍ଜ ଅନୁପସ୍ଥିତ ଥିବାରୁ ନର୍ସ ୨ଟି ଇଞ୍ଜେକ୍ସନ୍ ଦେଇ ଘରକୁ ନେଇ ଯାଅ ଭଲ ହୋଇଯିବ ବୋଲି କହିଥିଲେ। ଘରକୁ ଫେରିବାର ୧୫ ମିନିଟ ପରେ ମନୋଜ ଗୁରୁତର ହୋଇ ପଡିଥିଲେ । ତାଙ୍କୁ ପୁଣି ଥରେ ଡାକ୍ତରଖାନାକୁ ଅଣାଯାଇଥିଲା। ହେଲେ ସମ୍ପୃକ୍ତ ନର୍ସ ପୁଣିଥରେ ତାଙ୍କୁ ଆଉ ଦୁଇଟି ଇଞ୍ଜେକ୍ସନ୍ ଦେବାରୁ ଏହାର କିଛି ସମୟ ପରେ ମନୋଜଙ୍କ ମୃତ୍ୟୁ ଘଟିଥିଲା। ନର୍ଲା ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ନ ଥିବାରୁ ତ୍ରୁଟିପୂର୍ଣ୍ଣ ଚିକିତ୍ସା ଯୋଗୁ ମନୋଜଙ୍କ ମୃତ୍ୟୁ ଘଟିଛି ବୋଲି ପରିବାର ଲୋକେ ଅଭିଯୋଗ କରିଛନ୍ତି ।






ବର୍ତ୍ତମାନ ମାନବଜାତିର କାର୍ଯ୍ୟକଳାପ, ଆଗ୍ରହ, ଇତସ୍ତତଃ ଧାବନ, ଦ୍ରୁତ ଅଗ୍ରଗତି, ଅନ୍ୱେଷଣ, ଖନନ ଓ ଭିତ୍ତିସ୍ଥାପନକୁ ଏବଂ ଅବତାର ଓ ବିଭୂତିମାନଙ୍କର ଆଗମନକୁ- ଅଧିକ ପରିମାଣରେ ଜାଗ୍ରତ ହେବାକୁ ଓ ଗୋଟିକ ପଛରେ ଗୋଟିଏ ଲାଗି ଲାଗି ବିଚରଣ କରିବାକୁ ଦେଖ। ଏ ସବୁ ଲକ୍ଷଣ ଦେଖି କ'ଣ ବୁଝାପଡୁ ନାହିଁ ଯେ ସମସ୍ତ ଅବତାର ଗଣ କଳିଯୁଗରେ ପ୍ରଥମ ସତ୍ୟଯୁଗ ପ୍ରତିଷ୍ଠା ପାଇଁ ଆସୁଛନ୍ତି ? —ଶ୍ରୀଅରବିନ୍ଦ

# ଟିକା ଦୌଡ଼

କରୋନା ଭୂତାଣୁ କବଳରୁ ସମ୍ପୂର୍ଣ୍ଣ ମୁକ୍ତି ପାଇଁ ମାନବଜାତି ଉତ୍ସୁକତାର ସହ ଚାହିଁବସିଛି। ସାରା ବିଶ୍ୱରେ ଏହି ରୋଗରେ ୧୪ ଲକ୍ଷରୁ ଅଧିକ ଲୋକଙ୍କ ଜୀବନ ଯାଇଛି ଓ ୬୦ ଲକ୍ଷରୁ ବେଶି ଆକ୍ରାନ୍ତ ହୋଇଛନ୍ତି। କରୋନା ପଞ୍ଝାରୁ ମୁକ୍ତି ପାଇବା ଲାଗି ଅନେକ ଦେଶ ଟିକା ଆବିଷ୍କାର କରିବା କାର୍ଯ୍ୟରେ ଲାଗିଛନ୍ତି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ(ଡବ୍ଲ୍ୟୁଏଚ୍‌ଓ) ଅନୁସାରେ ଏବେ ୧୭୦ଟି ଟିକା ବିକାଶର ବିଭିନ୍ନ ପର୍ଯ୍ୟାୟରେ ରହିଛି ଓ ଏମାନଙ୍କ ମଧ୍ୟରୁ ୭ଟି ଶୀର୍ଷ ସ୍ତରରେ ପହଞ୍ଚିଛି। ତେବେ କରୋନା ଭାଇରସ ପାଇଁ ଉପଶମର ଏକ ଠୋସ୍ ପନ୍ଥା ଏଯାଏ ମିଳିନି। ଯେ ପର୍ଯ୍ୟନ୍ତ ଏହା ନ ମିଳିଛି ଆମ ଶରୀରରେ ଏହି ଭୟଙ୍କର ଭୂତାଣୁର ପ୍ରବେଶକୁ ରୋକିପାରିବାର କ୍ଷମତା ଥିବା ଯେ କୌଣସି ଟିକା ନିଶ୍ଚିତ ଭାବେ ସ୍ୱାଗତଯୋଗ୍ୟ। ଏହି ପରିପ୍ରେକ୍ଷୀରେ ଫିଜର, ବାୟୋଏନ୍‌ଟେକ୍, ମର୍ଡନା,ଆଷ୍ଟ୍ରାଜେନେକା ଏବଂ ସ୍ପୁଟନିକ ଆଦି ବିଭିନ୍ନ ଫାର୍ମା କମ୍ପାନୀ ସେମାନଙ୍କ ଟିକା ୯୦ରୁ ୯୫ ପ୍ରତିଶତ କାମ କରପାରିବ ବୋଲି ଦାବି କରିବା ଉତ୍ସାହପ୍ରଦ। ଆମେରିକା, ଇଂଲଣ୍ଡ, ରୁଷିଆ ଏବଂ ଚାଇନା ଭଳି ଦେଶଗୁଡ଼ିକ ଟିକା ବିକାଶ କରିବାରେ ଶୀଘ୍ର ପ୍ରଗତି କରିଛନ୍ତି। ଭୂତାଣୁରେ ପାଖାପାଖି ୧୦ ମିଲିୟନ ସଂକ୍ରମିତ ଏବଂ ୧.୪୦ ଲକ୍ଷ ଲୋକଙ୍କ ମୃତ୍ୟୁ ଘଟିଥିବା ଦେଶ ଭାରତକୁ ଏହା କବଳରୁ ମୁକ୍ତି ପାଇବା ପାଇଁ ତା'ନିଜର ଟିକା ବିକାଶ କରିବାକୁ ଏହା ଚାପ ପକାଇଛି। ଚଳିତ ସପ୍ତାହ ପ୍ରାରମ୍ଭରେ ବିଶ୍ୱର ସବୁଠୁ ଅଗ୍ରଣୀ ଟିକା ଉତ୍ପାଦନକାରୀ ସଂସ୍ଥା ସେରମ ଇନଷ୍ଟିଚ୍ୟୁଟ ଅଫ୍ ଇଣ୍ଡିଆ (ଏସ୍‌ଆଇଆଇ)ର ସିଇଓ ଅଦାର ପୁନାୱାଲା ଦୃଢତାର ସହ କହିଛନ୍ତି ଯେ, ତାଙ୍କ ଫାର୍ମ ୧୦୦ ମିଲିୟନ ଡୋଜ୍ କରୋନା ଟିକା କୋଭିସିଲ୍ଡ ପ୍ରସ୍ତୁତ କରିପାରିବ।ଏହା କରୋନା ଭୂତାଣୁ ବିରୋଧରେ ୯୦ ପ୍ରତିଶତ କାମ କରିପାରିବ ବୋଲି ସେ ପ୍ରକାଶ କରିଛନ୍ତି। ପୁନାୱାଲାଙ୍କ ମନ୍ତବ୍ୟ ଦେଶବାସୀଙ୍କୁ ବେଶ ଖୁସି କରିପାରିଛି। ଏ ସବୁ କାର୍ଯ୍ୟ ଠିକ ଚାଲିଛି। ଅପରପକ୍ଷେ ଆମେରିକା,ଇଂଲଣ୍ଡ ଏବଂ ଆଉ କେତେକ ଦେଶରେ ଏହାର ସମକକ୍ଷ ଟିକା ପ୍ରଥମେ ସେମାନଙ୍କ ଦେଶର ଲୋକଙ୍କୁ ଲାଭ ଦେବ। ଭାରତରେ ପ୍ରସ୍ତୁତ କୋଭିସିଲ୍ଡ ଭାରତୀୟ ଜଳବାୟୁ ପାଇଁ ଉପଯୁକ୍ତ ହେବ। କୋଭିସିଲ୍ଡକୁ ସୁରକ୍ଷିତ ରଖିବା ପାଇଁ ମାଇନସ ୭୦ ରୁ ମାଇନସ ୮୦ ଡିଗ୍ରୀ ତାପମାତ୍ରା ଆବଶ୍ୟକ ହେବନାହିଁ।

## ଆଜିର ଅର୍ଥନୀତି

ଏହି ଖବର ଷ୍ଟକ ମାର୍କେଟ ବା ପୁଞ୍ଜି ବଜାରକୁ ଉତ୍ସାହିତ କରିଛି । ଦିନକୁ ଦିନ ଭାରତୀୟ ଷ୍ଟକ୍ ମାର୍କେଟ ନୂଆ ରେକର୍ଡ ସ୍ତରରେ ପହଞ୍ଚିବାରେ ଲାଗିଛି। ବୁଧବାର ଏହାକୁ ଝଟକା ଲାଗିବା ପରେ ବିଶ୍ୱ ବଜାରରୁ ସକାରାତ୍ମକ ସଙ୍କେତ ମିଳିବା ଦ୍ୱାରା ଗୁରୁବାର ପୁଣି ଶେୟାର ସୂଚକାଙ୍କ ବୃଦ୍ଧି ପାଇବା ଆରମ୍ଭ କରିଛି। ବଜାର ଖସିବା ପରେ ୩୦ ଶେୟାର ବିଶିଷ୍ଟ ବମ୍ବେ ଷ୍ଟକଏକ୍ସଚେଞ୍ଜ( ବିଏସ୍‌ଇ) ସେନ୍‌ସେକ୍ସ ୪୩୧.୬୪ ପଏଣ୍ଟ (୦.୯୮% ) ବଢି ୪୪,୨୫୯.୭୪ ରେ ରହିଛି। ସେହିପରି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ ନିଫ୍ଟି କାରବାର ୧୨୮.୬୦ ପଏଣ୍ଟ (୧%) ବଢି ୧୨,୯୮୭ରେ ରହିଛି। ଅପରପକ୍ଷେ ସୁନା ଯେଉଁଥିରେ ନିବେଶ କରିବା ସୁରକ୍ଷିତ ସେଥିରେ ଏବେ ଅନିଶ୍ଚିତତା ଦେଖାଦେଇଛି ଓ ଗତ କିଛି ଦିନ ହେବ ମାନ୍ଦା ରହିଆସିଛି। ଦିଲ୍ଲୀ ଭଳି ମହାରାଷ୍ଟ୍ରରେ ଦ୍ୱିତୀୟ ପର୍ଯ୍ୟାୟ ସଂକ୍ରମଣ ଆରମ୍ଭ ହୋଇ ସେଠାରେ ପ୍ରତିଷେଧମୂଳକ ପଦକ୍ଷେପ ସ୍ୱରୂପ ନିଷେଧାଦେଶ ଲାଗୁ କରାଯାଇଥିବାବେଳେ ଟିକା ଖବର ଆସିଛି। ମହାରାଷ୍ଟ୍ରକୁ ଆସୁଥିବା ସମସ୍ତ ଲୋକଙ୍କ ପାଇଁ ରାଜ୍ୟ ସରକାର ସୋମବାର ଆର୍‌ଟି-ପିସିଆର ରିପୋର୍ଟ ବାଧ୍ୟତାମୂଳକ କରିଛନ୍ତି। ଆହୁରି ଅନେକ ରାଜ୍ୟ ଏଭଳି ନିୟମ ପାଳନ କରାଯିବା ଆଶା କରାଯାଉଛି। ରୋଗଠାରୁ ଦୂରେଇ ରହିବା ଲାଗି ଏହା ଏକ ଫଳପ୍ରଦ ପଦକ୍ଷେପ ହେବାକୁ ଯାଉଛି। ନେଗେଟିଭ ରିପୋର୍ଟ ବାଧ୍ୟତାମୂଳକ କରାଯିବା ଦ୍ୱାରା ଅନ୍ୟ ରାଜ୍ୟକୁ ଗଲେ ଟେଷ୍ଟ ରିପୋର୍ଟ ନେଇ ଯିବାକୁ ହେବ । ଏଥିପାଇଁ ଟେଷ୍ଟ କରିବା ବ୍ୟତୀତ ଲୋକଙ୍କ ପାଖରେ କୌଣସି ବିକଳ୍ପ ରହିବନି ଯାହାଦ୍ୱାରା ସେମାନେ ଏହା କରିବାକୁ ବାଧ୍ୟ ହେବେ ଓ ଟେଷ୍ଟ ସଂଖ୍ୟା ମଧ୍ୟ ଦେଶରେ ବୃଦ୍ଧି ପାଇବ। ଶୀଘ୍ର ଟେଷ୍ଟ କରିବା ଏକ ପ୍ରଭାବୀ ମାଧ୍ୟମ ଓ ଏହାଦ୍ୱାରା ସଂକ୍ରମଣକୁ ବି ଶୀଘ୍ର ପ୍ରତିରୋଧ କରାଯାଇପାରିବ। ଶତ ପ୍ରତିଶତ କାମ କରୁନଥିବା ଟିକା ଆସିବାର ଆଶା ବା ସମ୍ଭାବନା ଥିଲେ ବି ଅର୍ଥବ୍ୟବସ୍ଥା ଟ୍ରାକକୁ ଆସିବାକୁ ବହୁଦିନ ଲାଗିଯିବ। ଅନ୍ତତଃ ଆସନ୍ତା ଆର୍ଥିକ ବର୍ଷ ସୁଦ୍ଧା ଅଧାଡଜନ ଟିକା କାର୍ଯ୍ୟକାରୀ କରିପାରିବା ବୋଲି ଏବେ ଆମେ ଆଶା ରଖିବା। ଏୟାରଲାଇନ୍, ହୋଟେଲ ଏବଂ ଏରୋପ୍ଲେନ ନର୍ମାଣକାରୀ ଶିଳ୍ପଗୁଡ଼ିକ ମହାମାରୀରେ ଧୂଳିସାତ ହୋଇଯାଇଛି। ଏଗୁଡ଼ିକ ଆଗକୁ ପୁଣି ବଢିବା ଲାଗି ଅନୁକୂଳ ବାଟ ପାଇବାର ସମ୍ଭାବନା ରହିଛି। ସାଧାରଣ ପରିବହନ, ମନୋରଞ୍ଜନ ଏବଂ ରେସ୍ତୋରାଁ ବ୍ୟବସାୟ ମଧ୍ୟ ଫେରିପାରିବ। ଟିକାର ପ୍ରତ୍ୟେକଟି ବିକାଶ ଉପରେ ଏବେଠୁ ଶେୟାର ବଜାରର ବୃଦ୍ଧି ନିର୍ଭର କରିବ। ଏବେ ସୁଦ୍ଧା ଟିକା ନିର୍ମାତାମାନେ ଅନେକ ଚ୍ୟାଲେଞ୍ଜକୁ ପାର କରିବାର ଅଛି। ଟିକା ବିକାଶରେ ଥିବା ଜଟିଳତା ଏବଂ ଏଥିରେ ଥିବା ବିଶାଳ ତର୍କଗତ ଚ୍ୟାଲେଞ୍ଜକୁ ଦୃଷ୍ଟିରେ ରଖି ଆମକୁ ଅତି କମ୍‌ରେ ଆଉ ଗୋଟିଏ ବର୍ଷ ଅପେକ୍ଷା କରିବାକୁ ପଡ଼ିପାରେ। ସେ ପର୍ଯ୍ୟନ୍ତ ଅର୍ଥବ୍ୟବସ୍ଥାରେ କିଛି ବାସ୍ତବ ସୁଧାର ହେବ ନାହିଁ।

# ମାତୃଭାଷାରେ ଶିକ୍ଷାଦାନ



ଡ. ମନୋରଞ୍ଜନ ପ୍ରଧାନ

ରାଷ୍ଟ୍ରପିତା ମହାତ୍ମା ଗାନ୍ଧୀଙ୍କ ମତରେ, ମାତୃଭାଷା ଶିଶୁ ପାଇଁ ମାତୃକ୍ଷୀର ସଦୃଶ। ଅର୍ଥାତ୍ ମାଆ କ୍ଷୀର ଯେପରି ଶିଶୁର ଶରୀରକୁ ବଳିଷ୍ଠ ଓ ମାନସିକ ସାମର୍ଥ୍ୟକୁ ଉତ୍କୃଷ୍ଟ କରିଥାଏ, ସେହିପରି ମାତୃଭାଷା ଶିଶୁର ଚିନ୍ତା, ଚେତନା, ବୌଦ୍ଧିକ ଶକ୍ତି ଓ ସୃଜନଶୀଳତା ଉନ୍ମେଷର ମହୋଷଧି। ମାତୃଭାଷା ମାଧ୍ୟମରେ ଶିକ୍ଷା କୋମଳମତି ବାଳିକାବାଳକମାନଙ୍କୁ କେବଳ ଯେ ପଢା ପ୍ରତି ଆଗ୍ରହ ସୃଷ୍ଟି କରାଏ ତାହା ନୁହେଁ ବରଂ ଏହା ଶିକ୍ଷା ଓ ଶିକ୍ଷଣ ପ୍ରକ୍ରିୟାକୁ ସହଜ, ସରଳ ଓ ସୁବୋଧ କରିଥାଏ। ତେଣୁ ଲୋକମାନ୍ୟ ବାଲ ଗଙ୍ଗାଧର ତିଳକ କହନ୍ତି, ଗୋଟିଏ ବିଦେଶୀଭାଷା ଶିକ୍ଷାଲାଗି ଏପରି ବାଧ୍ୟବାଧକତା ଭାରତ ଛଡା ଆଉ କେଉଁ ଦେଶରେ ଦେଖାଯାଏ ନାହିଁ। କୋଡ଼ିଏ ପଚାଶ ବର୍ଷ ଧରି ଇଂରେଜ ଭାଷା ମାଧ୍ୟମରେ ଆମେ ଯାହା ଶିକ୍ଷା କରିଛୁ, ମାତୃଭାଷା ମାଧ୍ୟମରେ ଆମେ ତାହା ସହଜରେ ସାତ ଆଠ ବର୍ଷରେ ଶିକ୍ଷାଲାଭ କରିପାରିବୁ। ଅର୍ଥାତ୍ ମାତୃଭାଷାରେ ଶିକ୍ଷା ଅତ୍ୟନ୍ତ ପ୍ରାଣସ୍ପର୍ଶୀ ଓ ସହଜସାଧ୍ୟ ହୋଇପାରୁଥିଲେ ମଧ୍ୟ ଆମ ଇଂଲିଶ ମାନସିକତା ମାତୃଭାଷା ପ୍ରତି ଆମ ଘୃଣା ଓ ସଂକୀର୍ଣ୍ଣତାକୁ ବ୍ୟକ୍ତ କରୁଛି। ବିଶ୍ୱର ଅନେକ ବିକଶିତ ରାଷ୍ଟ୍ର ନିଜ ମାତୃଭାଷାରେ ଶିକ୍ଷାଦାନ କରି ବିଜ୍ଞାନ, ବୈଷୟିକ ବିଦ୍ୟା, ଗବେଷଣା ତଥା ଅର୍ଥନୀତି କ୍ଷେତ୍ରରେ ସଫଳତାର ଶୀର୍ଷରେ ପହଞ୍ଚିପାରିଛନ୍ତି। ସାରା ବିଶ୍ୱର ଶିକ୍ଷାବିତ୍, ମନୋବିଜ୍ଞାନୀ ଓ ଗବେଷକମାନେ ନିଜ ନିଜର ଅନୁସନ୍ଧାନ ଏବଂ ଗବେଷଣା ବଳରେ ପିଲାଙ୍କ ଶିକ୍ଷା ପାଇଁ ମାତୃଭାଷାରେ ଶିକ୍ଷାଦାନ ସର୍ବୋତ୍କୃଷ୍ଟ ମାଧ୍ୟମ ବୋଲି ଯୁକ୍ତି ବାଢିଛନ୍ତି। ଶିଶୁ ମାତୃକୋଳରୁ ମାତୃଭାଷାକୁ ଆହରଣ ବା ଶିକ୍ଷଣ କରିଥାଏ ବୋଲି ଏହାକୁ କୋଳଭାଷା ମଧ୍ୟ କୁହାଯାଏ। ଏହା ମାଧ୍ୟମରେ ଶିକ୍ଷା ଶିଶୁକୁ ସ୍ୱାଭିମାନ କରିବା ସହ ନିଜ ଐତିହ୍ୟ, ପରମ୍ପରା ଓ ସଂସ୍କୃତି ସମ୍ବନ୍ଧରେ ପରିଚିତ କରେଇଥାଏ। ମାତୃଭାଷାରେ ଶିଶୁ ନିଜ ଭାବକୁ ନିର୍ଭୟ ଓ ନିଦ୍ୱନ୍ଦ୍ୱରେ ପ୍ରକଟ କରିପାରେ। ନିଜ ସୃଜନଶକ୍ତିକୁ ଲିଖିତ ବା କଥିତଭାବେ ଅତି ସହଜରେ ବ୍ୟକ୍ତ କରିପାରେ। ମାତୃଭାଷାରେ ଶିକ୍ଷାଦାନ ଫଳରେ ପିଲାମାନେ ପୁସ୍ତକାର୍ଜିତ ବିଦ୍ୟାକୁ ଜୀବନ ସହ ସହଜରେ ଯୋଡିବାରେ ସଫଳ ହୋଇଥାନ୍ତି। ଆଉ ମାତୃଭାଷାରେ ଶିକ୍ଷା କେବଳ ମସ୍ତିଷ୍କ ନୁହଁ, ପିଲାମାନଙ୍କର ହୃଦୟକୁ ସ୍ପର୍ଶ କରିଥାଏ।

ଏ ସମ୍ବନ୍ଧରେ ଦକ୍ଷିଣ ଆଫ୍ରିକାର ପୂର୍ବତନ ରାଷ୍ଟ୍ରପତି ନେଲସନ ମଣ୍ଡେଲା କହନ୍ତି- ତୁମେ ଯଦି ଜଣେ ବ୍ୟକ୍ତିକୁ ସେ ବୁଝିପାରୁଥିବା କୌଣସି ଭାଷାରେ କହିବ ତାହା ତା'ର ମସ୍ତିଷ୍କକୁ ଛୁଇଁପାରିବ, କିନ୍ତୁ ତାକୁ ଯଦି ତୁମେ ତା'ର ଭାଷାରେ କହିବ, ତାହା ବ୍ୟକ୍ତିର ହୃଦୟକୁ ସ୍ପର୍ଶ କରିପାରିବ।

ଆମ ସମ୍ବିଧାନର ଧାରା ୩୫୦(କ)ରେ ଲେଖାଅଛି କି ପ୍ରାଥମିକ ଶ୍ରେଣୀ ଯାଏ ପିଲାମାନଙ୍କୁ ବିଶେଷକରି ଭାଷାଗତ ସଂଖ୍ୟାଲଘୁ ପିଲାମାନଙ୍କୁ ନିଜ ଆଞ୍ଚଳିକ ବା ଘରୋଇ ଭାଷାରେ ଶିକ୍ଷାଦାନ ପାଇଁ ପ୍ରତ୍ୟେକ ରାଜ୍ୟ ତଥା ଆଞ୍ଚଳିକ ଅଧିକାରୀ ପ୍ରୟାସ କରିବେ। ଡକ୍ଟର ଡି.ଏସ. କୋଠାରୀଙ୍କ ଅଧ୍ୟକ୍ଷତାରେ ଗଠିତ ଭାରତୀୟ ଶିକ୍ଷା ଆୟୋଗ (୧୯୬୪-୬୬)ଭାରତର ଆଦିବାସୀ ଅଞ୍ଚଳର ପିଲାମାନଙ୍କୁ ପ୍ରଥମ ଦୁଇବର୍ଷ ନିଜ ଘରଭାଷାରେ ପାଠଦାନ ସହ ପୁସ୍ତକ ମଧ୍ୟ ସେହି ଭାଷାରେ ପ୍ରସ୍ତୁତ ପାଇଁ ବ୍ୟବସ୍ଥା କରିବାକୁ ପରାମର୍ଶ ଦେଇଥିଲେ। ୧୯୮୬ର ଜାତୀୟ ଶିକ୍ଷାନୀତି ଓ ଶିକ୍ଷା ଅଧିକାର ଅଧିନିୟମ ୨୦୦୯, ପ୍ରାଥମିକ ବିଦ୍ୟାଳୟଗୁଡିକରେ ପିଲାମାନଙ୍କୁ ମାତୃଭାଷାରେ ଶିକ୍ଷା ପ୍ରଦାନ ପାଇଁ ଅନେକ ପରାମର୍ଶ ଓ ପ୍ରାବଧାନ କରିଛନ୍ତି। କିଛିଦିନ ପୂର୍ବେ କେନ୍ଦ୍ର କ୍ୟାବିନେଟରେ ପାରିତ ଜାତୀୟ ଶିକ୍ଷାନୀତି ୨୦୨୦ ମଧ୍ୟ ମାତୃଭାଷାରେ ଶିକ୍ଷା ଓ ବହୁଭାଷୀୟ ଶିକ୍ଷାକୁ ଗୁରୁତ୍ୱ ଦେଇଛି। ଏହି ଶିକ୍ଷାନୀତି ସାରା ଦେଶର ଉଭୟ ସରକାରୀ ଓ ବେସରକାରୀ ବିଦ୍ୟାଳୟଗୁଡିକରେ ପଞ୍ଚମ ଶ୍ରେଣୀ ଯାଏ (ଆବଶ୍ୟକ ସ୍ଥଳେ ଅଷ୍ଟମ ଶ୍ରେଣୀ ଯାଏ) ନିଜ ଘରୋଇ/ଆଞ୍ଚଳିକ ବା ମାତୃଭାଷାରେ ଶିକ୍ଷାଦାନ ପାଇଁ ବ୍ୟବସ୍ଥା କରିଛି। ଏପରି କି ସବୁ ବିଷୟର ପାଠ୍ୟ-ପୁସ୍ତକ ମାତୃଭାଷାରେ ପ୍ରସ୍ତୁତ ପାଇଁ ଏହି ଶିକ୍ଷାନୀତି ପ୍ରସ୍ତାବ ରଖିଛି। ମାତୃଭାଷା କହିଲେ ପିଲା ଯେଉଁ ଭାଷା ମାଆ କୋଳରୁ ବା ଘରୋଇ ପରିବେଶରେ ଶିଖିଥିବା ଭାଷାକୁ ଆମେ ବୁଝୁ। ଅନ୍ୟ କୌଣସି ଭାଷା ପିଲାଙ୍କ ଉପରେ ଲଦି ନ ଦେଇ ନିଜ ମାତୃଭାଷାରେ ଶିକ୍ଷାଦାନ ପାଇଁ ହୋଇଥିବା ଏହି ବ୍ୟବସ୍ଥା ପିଲାମାନଙ୍କ ଶିକ୍ଷା ଗ୍ରହଣର ଚାପକୁ ଲାଘବ କରିପାରିବ। କାରଣ ବହୁ ସମୟରେ ଆମେ ପିଲାଙ୍କ ଉପରେ ଅନ୍ୟ ଭାଷାର ଚାପ ସୃଷ୍ଟି କରିଥାଉ। ପିଲାମାନେ ବାଧ୍ୟହୋଇ ଅବୋଧ ଭାଷାକୁ ଶୁଆ ଭଳି ଘୋଷି ମନେରଖିବାକୁ ବହୁ କଷ୍ଟ ସହିଥାନ୍ତି। ମାତୃଭାଷା ସହ ଅନେକ ଭାଷା ଶିଖିବାର ଅସୁବିଧା ନାହିଁ। କିନ୍ତୁ ଜୋର୍ କରି ଶିଖେଇବାର ମାନସିକତା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ତେବେ ପ୍ରଶ୍ନ ଉଠୁଛି ନିଜ ମାତୃଭାଷାରେ ଶିକ୍ଷାଦାନ ବା ମାତୃଭାଷାରେ ପଢା ଯାଉଥିବା ବିଦ୍ୟାଳୟରେ ପଢେଇବା ପାଇଁ ଆମ ଅଭିଭାବକମାନେ ଅରାଜି କାହିଁକି? କାରଣ କିନ୍ତୁ ଅନେକ।

ତଥ୍ୟ ଅନୁସାରେ ଗ୍ରାମାଞ୍ଚଳଠାରୁ ସହରାଞ୍ଚଳ ଯାଏ ଘରୋଇ ଓ ଇଂଲିଶ ମାଧ୍ୟମ ବିଦ୍ୟାଳୟଗୁଡ଼ିକରେ ନାମଲେଖା ହାର ଧୀରେ ଧୀରେ ବଢିବାରେ ଲାଗିଛି। ଗରିବ ମାତାପିତା ସବୁ ଆର୍ଥିକ ଅନଟନ ସତ୍ତ୍ୱେ ବେସରକାରୀ ଇଂଲିଶ ମାଧ୍ୟମ ସ୍କୁଲରେ ନିଜ ପିଲାଙ୍କୁ ପଢେଇବାର ସ୍ୱପ୍ନ ଦେଖୁଛନ୍ତି। ବହୁ ସମୟରେ ଅନ୍ୟକୁ ଦେଖି ନିଜ ପିଲାଙ୍କୁ ପଢେଇବାର ନିଷ୍ପତ୍ତି ମାତାପିତାମାନେ ନେଇଥାଆନ୍ତି। ପଡୋଶୀ ପିଲାଙ୍କ ସହ ପ୍ରତିଯୋଗିତା ଓ ପ୍ରତିଦ୍ୱନ୍ଦ୍ୱିତା ଅଭିଭାବକମାନଙ୍କୁ ଏଭଳି ନିଷ୍ପତ୍ତି ନେବାରେ ବାଧ୍ୟ କରିଥାଏ। ଅପରପକ୍ଷେ, ମାତୃଭାଷା ଅପେକ୍ଷା ଅନ୍ୟ ଭାଷୀୟ ବିଦ୍ୟାଳୟରେ ପଢିବା ଆଜିକାଲି କେବଳ ଫେଶନ ନୁହେଁ, ଆତ୍ମସମ୍ମାନ ବୋଲି ଅନେକେ ଭାବନ୍ତି। ସେହିଭଳି ବେସରକାରୀ ଇଂଲିଶ ବିଦ୍ୟାଳୟଗୁଡିକର ମନଲୋଭା ବିଜ୍ଞାପନ, ପ୍ରଚାର, ପ୍ରସାର ଏବଂ ଦାୟିତ୍ୱବୋଧ, ସୁରକ୍ଷିତ ପରିବେଶ ତଥା ନିରନ୍ତର ପାରିବାରିକ ସମ୍ପର୍କ ମାତାପିତାଙ୍କୁ ଆକୃଷ୍ଟ କରିଥାଏ। ଆଉ ଗୋଟେ ବଳିଷ୍ଠ କାରଣ ହେଉଛି ଅନେକାଂଶରେ ଆମ ସମାଜରେ ଇଂଲିଶ ଭାଷାର ଗୁରୁତ୍ୱ ତଥା ସମ୍ମାନ ବେଶି ରହିଛି। ଇଂଲିଶ ଭାଷାରେ ଅନର୍ଗଳ କହିଚାଲୁଥିବା ଲୋକଙ୍କୁ ଆମ ଲୋକମାନେ ମହାଜ୍ଞାନୀ ବୋଲି ଗ୍ରହଣ କରିଥାନ୍ତି; ଯାହା କି ନିଜ ଭାଷାରେ ପାଣ୍ଡିତ୍ୟ ଥିବା ଲୋକଙ୍କୁ ସେହି ସ୍ୱୀକୃତି ମିଳେନାହିଁ। ଏପରି କି ଚାକିରି କ୍ଷେତ୍ରରେ ନିଜ ଭାଷା ଅପେକ୍ଷା ଇଂଲିଶରେ ଭଲ ଦଖଲ ଥିବା ପିଲା ଭଲ ଓ ବଡ ପଦବୀରେ ନିଯୁକ୍ତି ସୁଯୋଗ ସହଜରେ ପାଇପାରୁଛି। ଯଦି ବାସ୍ତବତା ଦେଖିବା ଓଡ଼ିଶା ହେଉ ଅବା ଅନ୍ୟ ରାଜ୍ୟରେ ପ୍ରାୟ ପରୀକ୍ଷା (ନିଯୁକ୍ତି ନିମିତ୍ତ)ଇଂଲିଶ ଭାଷାରେ ହୋଇଥାଏ। ତେଣୁ ପିଲାଠାରୁ ଅଭିଭାବକ ଯାଏ ମାତୃଭାଷା ଛାଡି ଇଂଲିଶ ଭାଷାର ଶରଣାଗତ ହେବାକୁ ବାଧ୍ୟ ହେଉଛନ୍ତି। କିନ୍ତୁ ଏକଥା ସତ୍ୟ ଯେ ମାତୃଭାଷାରେ ପ୍ରବୀଣ ଥିବା ପିଲାମାନେ ସହଜରେ ଅନ୍ୟ ଭାଷା ଶିଖି ପାରନ୍ତି। ପୃଥିବୀରେ ଅସଂଖ୍ୟ ଉଦାହରଣ ଦେଖିପାରିବା ଯେଉଁମାନେ ନିଜ ମାତୃଭାଷାରେ ପଢି ପରେ ଅନେକ ଭାଷାରେ ନିଜର ପାରଦର୍ଶିତା ପ୍ରଦର୍ଶନ କରିଛନ୍ତି।

ଗୋଟିଏ ସାକ୍ଷାତ୍କାରରେ ମୋତେ ଜଣେ ସାମ୍ବାଦିକ ବନ୍ଧୁ ପଚାରିଲେ ମାତୃଭାଷା ପଢିଥିବା ପିଲା ଅନ୍ୟ ଭାଷାକୁ ସହଜରେ କିପରି ଜାଣିପାରିବ। ମୁଁ ଗୋଟେ ସରଳ ଉଦାହରଣ ଦେଇ ତାଙ୍କୁ ବୁଝେଇବାକୁ ଚେଷ୍ଟା କରିଥିଲି ସେ ମଧ୍ୟ ସହଜରେ ବୁଝିପାରିଥିଲେ। ଦେଖନ୍ତୁ ଆମ ରାଜ୍ୟରୁ ଅନେକ ଲୋକ ଦାଦନ ଖଟିବାକୁ ବାହାର ରାଜ୍ୟକୁ ଯାଉଛନ୍ତି। ସେମାନଙ୍କ ମଧ୍ୟରୁ ଅନେକ ଅପାଠୁଆ ବା କେହି କେହି ପଢିଥାନ୍ତି। କିନ୍ତୁ ସେଭଳି ଅପାଠୁଆ ଲୋକମାନେ ଗାଁରୁ ଯାଇ ବଡବଡ ସହରରେ ହିନ୍ଦୀ, ଇଂଲିଶ ଭଳି ଅନ୍ୟ ଭାଷା ଯାହା କେବେ ବି କହି ନ ଥିଲେ ବା ପଢି ନ ଥିଲେ, କେଡେ ସୁନ୍ଦର ଭାବରେ କହିପାରନ୍ତି। ତେବେ ଆମ ପିଲାମାନେ ପ୍ରାଥମିକ ଶ୍ରେଣୀ ଯାଏ ଭଲଭାବରେ ମାତୃଭାଷାରେ ଜ୍ଞାନ ଅର୍ଜନ କରି ଅନ୍ୟ ଭାଷା ଶିଖିପାରିବେନି କାହିଁକି? ସବୁ ସମ୍ଭବ। କିନ୍ତୁ ଆମ ମାନସିକତାର ପରିବର୍ତ୍ତନ ଦରକାର। ଅପରପକ୍ଷେ, ମାତୃଭାଷାରେ ଶିକ୍ଷାଦାନର ଅର୍ଥ ଏହାନୁହେଁ ଯେ ଇଂଲିଶ ଓ ହିନ୍ଦୀ ଭଳି ବିଷୟଗୁଡିକୁ ସମ୍ପୂର୍ଣ୍ଣ ଉଚ୍ଛେଦ କରିବା ଅଥବା ସେଗୁଡିକ ମଧ୍ୟ ମାତୃଭାଷାରେ ପଢେଇବା। ନିଜ ମାତୃଭାଷା ସହ ପିଲାମାନେ ଅନ୍ୟ ଭାଷା ମଧ୍ୟ ଶିଖନ୍ତୁ।

ସୁଖର କଥା ନୂତନ ଜାତୀୟ ଶିକ୍ଷାନୀତି ୨୦୨୦, ପଞ୍ଚମ ବା ଅଷ୍ଟମ ଶ୍ରେଣୀ ଯାଏ ମାତୃଭାଷାରେ ଶିକ୍ଷାଦାନ ପାଇଁ ଯେଉଁ ଅନୁମୋଦନ କରିଛି । ଏହାକୁ ବାସ୍ତବ ରୂପ ଦେବାପାଇଁ ରାଜ୍ୟମାନେ ପୂର୍ଣ୍ଣ ସହଯୋଗ କରିବା ଉଚିତ। ଓଡ଼ିଶା ସରକାର ଯେମିତି ବହୁଭାଷୀ ଶିକ୍ଷକ(ମଲ୍ଟି ଲିଙ୍ଗୁଆଲ ଟିଚର) ନିଯୁକ୍ତି କରି ଆଞ୍ଚଳିକ ଭାଷା ଜରିଆରେ ଶିକ୍ଷାଦାନ ପାଇଁ ଉଦାହରଣ ସୃଷ୍ଟି କରିଛନ୍ତି, ସବୁ ରାଜ୍ୟ ସରକାର ମଧ୍ୟ ଆଞ୍ଚଳିକ ଭାଷାରେ ପ୍ରବୀଣ ଥିବା ବ୍ୟକ୍ତିମାନଙ୍କୁ ପ୍ରାଥମିକ ବିଦ୍ୟାଳୟରେ ନିଯୁକ୍ତିର ବ୍ୟବସ୍ଥା କରନ୍ତୁ। ଫଳରେ ଭାଷାକୁ ନେଇ ଛାତ୍ରୀଛାତ୍ର ଓ ଶିକ୍ଷକଙ୍କ ମଧ୍ୟରେ ଯେଉଁ ଦୂରତା ରହୁଥିଲା, ତାହା ଦୂର ହୋଇପାରିବ। ଏଭଳି ନିଯୁକ୍ତି ପାଇଁ ମଧ୍ୟ ନୂତନ ଶିକ୍ଷାନୀତି ଅନୁମୋଦନ କରିଛି। ଅପରପକ୍ଷରେ ବୁଦ୍ଧିଜୀବୀ, ମାତାପିତା ଓ ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କ ସହଯୋଗ ରହିଲେ, ଆମ ଭବିଷ୍ୟତ ମାନେ ନିଜ ମାତୃଭାଷାରେ ପ୍ରବୀଣ ହେବା ସହ ଅନ୍ୟ ଭାଷାରେ ମଧ୍ୟ ଭଲ କରିପାରିବେ।

ଅଧ୍ୟାପକ, ସରକାରୀ ମହିଳା ମହାବିଦ୍ୟାଳୟ
ଜୟପୁର, କୋରାପୁଟ, ମୋ: ୯୪୩୭୯୧୪୮୧୮

# ଚନ୍ଦ୍ରମଣ୍ଡଳ ଓ କୋରୋନା



କମଳାକାନ୍ତ ଜେନା

ଆମ ରାଜ୍ୟରେ ଗତ ବୁଧବାର (୨୫।୧୧।୨୦୨୦) ସନ୍ଧ୍ୟାରେ ଚନ୍ଦ୍ର ଚାରିପାଖେ ବଳୟର ଦୃଶ୍ୟ ସମସ୍ତଙ୍କର ଦୃଷ୍ଟି ଆକର୍ଷଣ କରିଥିଲା। ଏହାକୁ ଆମେ ଚନ୍ଦ୍ରମଣ୍ଡଳ କହୁ। ଏହାକୁ ମଧ୍ୟ ଚନ୍ଦ୍ରବଳୟ ବୋଲି କହନ୍ତି। ପ୍ରାୟ ଥଣ୍ଡାଦିନେ ଏହା ଅଧିକ ଦେଖାଯାଏ। ତେଣୁ ଏହାକୁ କେହି କେହି ଶୀତବଳୟ ବି କହନ୍ତି। ଏହା ବର୍ଷକୁ ୧୦୦ଥର ବି ଦେଖାଦେଇପାରେ। ଭୂଇଁଠାରୁ ପ୍ରାୟ ୬-୭ କିଲୋମିଟର ଉଚ୍ଚତାରେ ରହିଥିବା ପତଳା ବାଦଲ ପାଇଁ ଏହାର ସୃଷ୍ଟି ସମ୍ଭବ ହୁଏ। ବାଦଲରେ ଜଳକଣା ଓ ବରଫକଣା ମିଶି ରହିଥାଏ। ବାୟୁମଣ୍ଡଳର ପତଳା ବାଦଲରେ ଥିବା ଷଡ଼ଭୁଜ (ଛଅ କୋଣିଆ) ଆକୃତିର ବରଫକଣା ଏହାକୁ ସୃଷ୍ଟି କରେ।

ଆଲୋକ ବରଫ ଭିତରେ ପଶିଲେ ବଙ୍କେଇଯାଏ। ଥରେ ବରଫକଣା ଭିତରକୁ ପଶିବା ସମୟରେ ବଙ୍କା ହୁଏ ଏବଂ ଆଉ ଥରେ ବରଫକଣାରୁ ବାହାରକୁ ବାହାରିବା ସମୟରେ ବଙ୍କେଇଯାଏ। ଶେଷରେ ସେହି ଆଲୋକ ରଶ୍ମି ଆମ ଆଖିରେ ପହଞ୍ଚିଲେ ଆମକୁ ଲାଗେ ବରଫକଣାରୁ ଆଲୋକ ଆସିଲା। ଅର୍ଥାତ୍, ଚନ୍ଦ୍ରକିରଣରେ କେବଳ ସେଇ ବରଫକଣାଟି ଆମକୁ ଉଜ୍ଜ୍ୱଳ ଦିଶେ, ଯେଉଁ ବରଫକଣାରୁ ବଙ୍କେଇଥିବା ଆଲୋକ ଆସି ଆମ ଆଖିରେ ପଡ଼େ। ଏକଥା ସତ, ବାଦଲର ସବୁ ବରଫକଣା ଦ୍ୱାରା ଚନ୍ଦ୍ରକିରଣ ବଙ୍କେଇଯାଏ। କିନ୍ତୁ କେବଳ ଗୋଟିଏ ବୃତ୍ତାକାର ଅଞ୍ଚଳରେ ରହିଥିବା ବରଫକଣାଗୁଡ଼ିକରୁ ବାହାରିଥିବା ଆଲୋକ ଆମ ପାଖରେ ପହଞ୍ଚିପାରେ। ଅନ୍ୟ ବରଫକଣାରୁ ଆସୁଥିବା ଆଲୋକ ଆମ ଆଖିରେ ପହଞ୍ଚିପାରେ ନାହିଁ। ତେଣୁ ଆମକୁ ସେଇ ବୃତ୍ତାକାର ଅଞ୍ଚଳରେ ଥିବା ବରଫକଣାଗୁଡ଼ିକ ଉଜ୍ଜ୍ୱଳ ଦିଶେ। ରାତିରେ ସେହି ବଳୟକୁ ସ୍ପଷ୍ଟ ଦେଖିପାରୁ। ଆମେ ଦୁଇ ହାତ ମେଲେଇ ଦେଲେ ଯେତିକି ଚଉଡ଼ା ହେବ, ବଳୟର ଆକାର ପ୍ରାୟ ସେତିକି ଥାଏ। ମଜାର କଥା, ପତଳା ବାଦଲ ଭିତରେ ସେହି ବଳୟ ସୃଷ୍ଟି ହୁଏ, ଯାହାର ଦୂରତା ଆମଠାରୁ ମାତ୍ର ୬-୭ କିଲୋମିଟର। କିନ୍ତୁ ଚନ୍ଦ୍ରର ଦୂରତା ଆମଠାରୁ ୩,୮୪,୪୦୦ କିଲୋମିଟର। ହେଲେ, ଆମକୁ ଲାଗେ ଚନ୍ଦ୍ର ପାଖରେ ବଳୟ ରହିଛି। ସେଥିପାଇଁ ଏହାକୁ ଆମ ଆଖିର ଏକ ଦୃଷ୍ଟିଭ୍ରମ ବୋଲି କହିପାରିବା।

ଚନ୍ଦ୍ରର ଧଳା ଆଲୋକରେ ୭ଟି ରଙ୍ଗ ଥାଏ, ଯାହାକୁ ଆମେ ସଂକ୍ଷେପରେ କହୁ 'ବା-ଘ-ନୀ-ସ-ହ-ନା-ଲା'। ବରଫକଣା ଭିତରେ ଚନ୍ଦ୍ରକିରଣ ଦୁଇ ଥର ବଙ୍କେଇବା ପରେ ସବୁ ରଙ୍ଗ ସମାନ କୋଣରେ ବଙ୍କେଇ ନ ଥାନ୍ତି। ତେଣୁ କିରଣ ଭିତରେ ଥିବା ୭ଟି ରଙ୍ଗ ପରସ୍ପରଠାରୁ ଅଲଗା ହୋଇଯାଆନ୍ତି। ହେଲେ ଆମର ଆଖି ସବୁ ରଙ୍ଗକୁ ଠିକ୍ ଭାବରେ ଦେଖିପାରେ ନାହିଁ। ପୁଣି ଆଲୋକ ବି ବେଶୀ ଉଜ୍ଜ୍ୱଳ ନ ଥାଏ। ଦୁଇଟା ରଙ୍ଗକୁ ଆମେ ଭଲ ଭାବରେ ଦେଖିପାରୁ। ଚନ୍ଦ୍ରବଳୟର ଭିତରପାଖ ଟିକିଏ ଲାଲ ଦେଖାଯାଏ ଏବଂ ବାହାରପଟ ନୀଳ ଦିଶେ। ଚନ୍ଦ୍ରମଣ୍ଡଳ ଆମ ପାଇଁ ଅଶୁଭ ନୁହେଁ କିମ୍ବା ଏହା ଆମର କ୍ଷତି କରେ ନାହିଁ। କିନ୍ତୁ ଝଡ଼ ପୂର୍ବରୁ ଭୂଇଁଠାରୁ ଅଧିକ ଉଚ୍ଚତାରେ ପତଳା ବାଦଲ ରହିଥାଏ, ଯାହାକି ଚନ୍ଦ୍ରବଳୟ ସୃଷ୍ଟି କରେ। ତେଣୁ ଚନ୍ଦ୍ରମଣ୍ଡଳ ସୃଷ୍ଟି ହେଲେ ଝଡ଼ ଓ ବର୍ଷା ହେବାର ସମ୍ଭାବନା ରହିଥାଏ। ଅତଏବ, ଚନ୍ଦ୍ରମଣ୍ଡଳ ଅଶୁଭ ନ ହୋଇ ଆମର ଉପକାର କରେ। ଝଡ଼ ପୂର୍ବରୁ ଆମକୁ ସତର୍କ କରିଦିଏ।

ଚନ୍ଦ୍ରକିରଣର ଆଉ ଏକ ଅବଦାନ ହେଉଛି କୋରୋନା। ଏହା ଏକ ଚିତ୍ତାକର୍ଷକ ଆଲୋକୀୟ ଦୃଶ୍ୟ। ଏହାର ଚନ୍ଦ୍ରମଣ୍ଡଳ ସହିତ ଅନେକ ସାମଞ୍ଜସ୍ୟ ରହିଛି। ଏହାର ଆକୃତି ବୃତ୍ତାକାର ଥାଳି ପରି, କିନ୍ତୁ ଅଣ୍ଡାକୃତି ବି ହୋଇପାରେ। କେବଳ ଚନ୍ଦ୍ରକିରଣ ନୁହେଁ, ସୂର୍ଯ୍ୟକିରଣ ଓ ଉଜ୍ଜ୍ୱଳ ତାରକାର କିରଣ ବି କୋରୋନା ସୃଷ୍ଟି କରିପାରିବ। ଚନ୍ଦ୍ରମଣ୍ଡଳ ସୃଷ୍ଟି ହେବା ପାଇଁ ବରଫକଣା ଦରକାର। କିନ୍ତୁ ଚନ୍ଦ୍ରକିରଣରୁ କରୋନା ସୃଷ୍ଟି ହେବା ପାଇଁ ଦରକାର ଅତି କ୍ଷୁଦ୍ର ଜଳକଣିକା। ବାଦଲରେ ଥିବା କ୍ଷୁଦ୍ର ଜଳକଣା ଦ୍ୱାରା ଏହା ସମ୍ଭବ ହୋଇପାରିବ। କ୍ଷୁଦ୍ର କ୍ଷୁଦ୍ର ବରଫ କଣିକା ବି କୋରୋନା ସୃଷ୍ଟିରେ ସହାୟତା କରିପାରିବ। ଏପରି କି ଜଙ୍ଗଲ ପାଖ ବାୟୁମଣ୍ଡଳରେ ଯଥେଷ୍ଟ ପରିମାଣରେ ପରାଗରେଣୁ ରହିଥିଲେ, ସେଠାରେ ମଧ୍ୟ କୋରୋନା ଦେଖାଯାଇପାରେ।

କୋରୋନାରେ ଚନ୍ଦ୍ରକୁ କେନ୍ଦ୍ରକରି ରଙ୍ଗିନ ଥାଳିଆ ରହିଥାଏ। ମଝିରେ ଚନ୍ଦ୍ର ଥାଏ। ଚନ୍ଦ୍ର ଚାରିପଟେ ରହିଥାଏ ହାଲୁକା ନୀଳରଙ୍ଗର ଓସାରିଆ ବଳୟ। ସେହି ବଳୟକୁ ଘେରିଥାଏ ଈଷତ୍ ନାଲି ରଙ୍ଗର ଓସାରିଆ ବାଦାମୀ ବଳୟ। ଏମିତି ରଙ୍ଗିନ୍ ବଳୟଗୁଡ଼ିକ ମିଶି ଗୋଟିଏ ସୁନ୍ଦର ଥାଳିଆ ପରି ଦିଶନ୍ତି। ଅବଶ୍ୟ ଆହୁରି ଅନେକ ପ୍ରକାର କରୋନା ବି ଦେଖିବାକୁ ମିଳେ। କୋରୋନାର ଆକାର ଚନ୍ଦ୍ରମଣ୍ଡଳଠାରୁ ଛୋଟ। ଏହାର ଆକାର ନିର୍ଭର କରେ ଜଳକଣା କିମ୍ବା ପରାଗରେଣୁର ଆକାର ଉପରେ। ଅତି କ୍ଷୁଦ୍ର କ୍ଷୁଦ୍ର ଜଳକଣାରୁ ବଡ଼ କୋରୋନା ସୃଷ୍ଟି ହୁଏ, କିନ୍ତୁ ଜଳକଣାର ଆକାର ବଡ଼ ଥିଲେ କୋରୋନାର ଆକାର ହ୍ରାସ ପାଏ।

କୋଅର୍ଡିନେଟର, ସ୍ନାତକୋତ୍ତର ପ୍ରାୟୋଗିକ ପଦାର୍ଥ ବିଜ୍ଞାନ ବିଭାଗ,
ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟ, ଭଦ୍ରକ
ମୋ- ୯୪୩୯୫୦୧୬୫୧

## ଏଇ ଭାରତରେ

ବିବାହ ସମସ୍ତଙ୍କ ଜୀବନର ଏକ ସ୍ୱତନ୍ତ୍ର ମୁହୂର୍ତ୍ତ। ଏହାକୁ କିଏ କିଭଳି ପାଳନ କରିବେ ତାହା ସେମାନଙ୍କର ରୁଚି। କେହି ଏହାକୁ ଧୁମ୍‌ଧାମରେ ପାଳନ କରନ୍ତି ତ କେହି ନିଆରା ଭାବେ ମନାଇବାକୁ ଚାହିଁଥାନ୍ତି। ଏମିତି ଏକ ଭିନ୍ନ ଢଙ୍ଗରେ ପାଳନ କରିବା ଲାଗି ସ୍ଥିର କରୁଛନ୍ତି ରେଲୱେ ଅଧିକାରୀ ଶଶିକାନ୍ତ କୋରଭାଥ। ବ୍ୟୟବହୁଳ ତଥା ପରିବେଶକୁ କ୍ଷତି କରୁଥିବା ଧାରାରୁ ଦୂରେଇ ଯାଇ ଶଶିକାନ୍ତ ତାଙ୍କ ନିମନ୍ତ୍ରଣ ପତ୍ରରେ ୬ ପ୍ରକାର ଗଛ ଉଗାରିବା ଲାଗି ବ୍ୟବସ୍ଥା କରିଛନ୍ତି। ନିମନ୍ତ୍ରଣ କାର୍ଡରେ ୬ ପ୍ରକାର ଗଛର ମଞ୍ଜି ରଖିଛନ୍ତି। ନିମନ୍ତ୍ରଣ କାର୍ଡର ଲଫାପା ଚିରି ସେଥିରେ ଥିବା ୬ ପ୍ରକାର ପରିବା ମଞ୍ଜିକୁ ବୁଣିବାକୁ ଅନୁରୋଧ କରିଛନ୍ତି। ଏହି ଲଫାପାକୁ ମଧ୍ୟ ସିଧା ମାଟିରେ ପୋତି ଗଛ ଉଗାରିହେବ। ଏହାକୁ କୁହାଯାଉଛି ପ୍ଲାଣ୍ଟେବଲ ଇନ୍‌ଭାଇଟ। ତେଲଙ୍ଗାନାର ଶଦନଗରରେ କାର୍ଯ୍ୟରତ ଇଣ୍ଡିଆନ୍ ରେଲୱେ ଟ୍ରାଫିକ ସର୍ଭିସ(ଆଇଆର୍‌ଟିଏସ୍) ଶଶିକାନ୍ତ ଏଭଳି ଏକ ଗ୍ରୀନ୍ ବିବାହ ଆୟୋଜନ କରି ପରିବେଶର ଘଟୁଥିବା କ୍ଷତିକୁ ସୁଧାରିବା ପାଇଁ ପ୍ରୟାସ କରିଛନ୍ତି। ଦମ୍ପତି ସେମାନଙ୍କ ବିବାହ ଉତ୍ସବକୁ ବିନା ପ୍ଲାଷ୍ଟିକ୍‌ରେ ପାଳନ କରିବାକୁ ମଧ୍ୟ ନିଷ୍ପତ୍ତି ନେଇଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୨୭ ନଭେମ୍ବର ୧୯୯୫

- ଆଫଗାନିସ୍ତାନର ରାଜଧାନୀ କାବୁଲ ଉପରେ ତାଲିବାନ ଉଗ୍ରପନ୍ଥୀମାନେ ବୋମା ଆକ୍ରମଣ କରିବା ଫଳରେ ୩୦ ସାଧାରଣ ନାଗରିକ ପ୍ରାଣ ହରାଇଛନ୍ତି।
- କାଜାଖସ୍ତାନର ଏକ କୋଇଲା ଖଣିରେ ବିସ୍ଫୋରଣ ଘଟି ୧୦ ଖଣି କର୍ମଚାରୀ ମୃତ୍ୟୁବରଣ କରିଛନ୍ତି।
- ହିନ୍ଦୀ ସାହିତ୍ୟର ବିଶିଷ୍ଟ ବିଦ୍ୱାନ, ଶିକ୍ଷାବିତ ଏବଂ ରାଜ୍ୟ ସଭା ସଦସ୍ୟ ଶଙ୍କର ଦୟାଳ ସିଂଙ୍କ ୫୮ ବର୍ଷ ବୟସରେ ପରଲୋକ।

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | 6 | | | | | | | 7 | | 5 | | | | |
| 3 | | 0 | | 9 | E | C | | | | | | 6 | | 7 |
| | | | 7 | | | | D | | A | 4 | B | | | |
| | C | 4 | | | 6 | | 8 | 9 | | D | | E | | |
| | | | D | 5 | | B | 0 | | | | | 3 | | |
| 7 | | | | 3 | 2 | | | | | | E | | | |
| E | B | D | | | | | | | | | | 5 | | 0 |
| 2 | 3 | | | | D | | E | 6 | | 8 | 7 | | 4 | |
| 5 | | 9 | | | C | | | | | | | A | | |
| | | | 8 | | | | 9 | | | | | | | |
| | | | | 6 | | 0 | | 8 | 9 | E | D | | | |
| 9 | | 6 | B | D | | | | | 8 | 1 | 4 | | E | |
| | 8 | | 2 | | 0 | | | | 3 | | A | | | 4 |
| | | | | | 8 | 5 | | E | | 6 | 0 | | 1 | 3 |
| | | | 3 | E | A | 1 | | | | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 9 | B | D | 7 | 8 | 4 | 1 | A | 0 | 6 | E | 5 | 3 | 2 | C |
| 6 | 3 | 8 | 1 | 5 | 0 | C | B | 2 | 7 | A | 4 | D | E | 9 |
| 5 | A | 0 | E | 2 | B | 3 | 7 | 6 | C | D | 9 | 4 | 1 | 8 |
| 4 | E | 1 | C | 6 | 3 | 8 | D | 9 | 0 | B | 2 | 5 | A | 7 |
| 7 | C | 2 | D | A | 9 | E | 5 | 4 | 3 | 1 | 8 | 0 | 6 | B |
| C | D | 5 | 4 | 7 | A | 0 | 3 | 8 | 2 | 6 | B | E | 9 | 1 |
| A | 6 | 4 | 3 | E | C | B | 2 | 5 | 1 | 9 | 0 | 8 | 7 | D |
| E | 0 | 7 | 9 | D | 6 | 4 | 1 | C | 8 | 3 | A | 2 | B | 5 |
| 3 | 1 | 9 | 8 | B | 2 | D | E | A | 4 | 5 | 7 | 6 | C | 0 |
| 2 | 8 | B | 0 | 1 | 5 | 6 | 9 | 7 | D | C | E | A | 3 | 4 |
| 8 | 7 | C | 5 | 9 | D | 2 | 6 | E | A | 4 | 1 | B | 0 | 3 |
| 0 | 5 | A | 6 | 3 | 1 | 7 | C | B | E | 8 | D | 9 | 4 | 2 |
| D | 4 | 3 | B | 0 | E | A | 8 | 1 | 9 | 2 | C | 7 | 5 | 6 |
| 1 | 9 | E | 2 | 4 | 8 | 5 | 0 | 3 | B | 7 | 6 | C | D | A |
| B | 2 | 6 | A | C | 7 | 9 | 4 | D | 5 | 0 | 3 | 1 | 8 | E |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଶିକ୍ଷକଙ୍କୁ ନ୍ୟାୟ ମିଳୁ

ମହାଶୟ,

ରାଜ୍ୟରେ ୩୦ହଜାରରୁ ଊର୍ଦ୍ଧ୍ୱ ଶିକ୍ଷକ, କର୍ମଚାରୀ ନୂତନ ଅନୁଦାନପ୍ରାପ୍ତ ବିଦ୍ୟାଳୟମାନଙ୍କରେ ନବେ ଦଶକରୁ ସୁଚାରୁରୂପେ କାର୍ଯ୍ୟ କରିଆସୁଛନ୍ତି। ଏମାନେ ୨୦୦୪ରୁ ସ୍ୱଳ୍ପବେତନ ଅର୍ଥାତ୍ ବ୍ଲକଗ୍ରାଣ୍ଟ ପାଇ କାର୍ଯ୍ୟ କରିଆସୁଥିଲେ। ଦୀର୍ଘ ୧୪ବର୍ଷ ପରେ ୨୦୧୮ ଜାନୁୟାରୀରୁ ଏମାନଙ୍କୁ ପୂର୍ଣ୍ଣ ଅନୁଦାନ ପ୍ରଦାନ କରାଯାଇଥିଲେ ମଧ୍ୟ ଏଯାବତ୍ ଚାକିରି ସର୍ତ୍ତାବଳୀ, ପେନ୍‌ସନ, ଗ୍ରାଚ୍ୟୁଇଟି, ଜିଆଇଏସ୍ ଭଳି ସୁବିଧା ସୁଯୋଗରୁ ବଞ୍ଚିତ କରାଯାଇଛି। ଏମାନଙ୍କ ମଧ୍ୟରୁ ପ୍ରାୟ କୋଡ଼ିଏ ଶତକଡ଼ା ଶିକ୍ଷକ, କର୍ମଚାରୀ ଅବସର ନେଇସାରିଥିବାବେଳେ କେତେକ ଅର୍ଥ ଅଭାବରୁ ଚିକିତ୍ସିତ ହୋଇ ନ ପାରି ମୃତ୍ୟୁବରଣ କରିସାରିଲେଣି। ଏମାନଙ୍କ ପରିବାର ଏବେ ଅଭାବ ଅସୁବିଧାରେ ପଡ଼ି ଦୟନୀୟ ଅବସ୍ଥାରେ ଜୀବନ ବିତାଉଛନ୍ତି କହିଲେ ଆଦୌ ଅତ୍ୟୁକ୍ତି ହେବ ନାହିଁ। ୨୦୨୪ ସୁଦ୍ଧା ଏମାନଙ୍କ ମଧ୍ୟରୁ ପ୍ରାୟ ସତୁରି ଶତକଡା ଶିକ୍ଷକ, କର୍ମଚାରୀ ଅବସର ଗ୍ରହଣ କରିବେ। ଏମାନେ ନିଜର ଆଗାମୀ ଭବିଷ୍ୟତ ନେଇ ଘୋର ଚିନ୍ତାଗ୍ରସ୍ତ ହୋଇପଡିଲେଣି। ରାଜ୍ୟରେ ୨୦୧୬ରୁ ସପ୍ତମ ବେତନ ଲାଗୁ କରାଯାଇଥିବାବେଳେ ସେଥିରୁ ଏମାନଙ୍କୁ ବଞ୍ଚିତ କରାଯାଇଛି। ତେବେ ଏମାନଙ୍କୁ ସମାନ କାମକୁ ସମାନ ବେତନ ନ୍ୟାୟରେ ସପ୍ତମ ବେତନ ପ୍ରଦାନ କରାଯିବା ଉଚିତ ନୁହେଁ କି? ଏ ପ୍ରକାର ସ୍ୱଳ୍ପ ବେତନଭୋଗୀ ଶିକ୍ଷକ, କର୍ମଚାରୀମାନଙ୍କ ଦୀର୍ଘଦିନର ସମସ୍ୟା ପ୍ରତି ରାଜ୍ୟ ସରକାର ଗୁରୁତର ସହ ଧ୍ୟାନ ନ ଦେଲେ ଆଗାମୀ ଦିନରେ ହଜାର ହଜାର ଶିକ୍ଷକ, କର୍ମଚାରୀ ଘୋର ଅଭାବ, ଅନଟନରେ କାଳାତିପାତ କରିବାକୁ ବାଧ୍ୟ ହେବେ। ତେଣୁ ଏମାନଙ୍କ ପ୍ରତି ସହାନୁଭୂତିଶୀଳ ହୋଇ ସପ୍ତମ ବେତନ, ପେନ୍‌ସନ ଓ ଅନ୍ୟାନ୍ୟ ସୁବିଧା ସୁଯୋଗ ପ୍ରଦାନ କରି ନ୍ୟାୟ ପ୍ରଦାନ କରାଯାଉ।

ଅଭିମନ୍ୟୁ ସାହୁ, ବାଲମୁକୁଳି ହାଟ, ଯାଜପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଚାନ୍ଦତଳେ କାନ୍ଦେ ଚକୋର,
ମୋହରି ବିରହେ କାତର,
ବରଷା ଆଗମେ ଡାହୁକ ଡାକିଲା
ମୋହରି ବିରହ ଭାଷାରେ,
ଆଜି ସରବେ ମୋହରି ଆଶାରେ!
(ବିଶ୍ୱର ଆହ୍ୱାନ)

—କାଳିନ୍ଦୀ ଚରଣ ପାଣିଗ୍ରାହୀ

# ଘର ପୋଡ଼ିଲେ, ନିଜ ତଣ୍ଟି କାଟିଲେ

■ ଗୁରୁତର ଅବସ୍ଥାରେ ଯୁବକଙ୍କୁ ଉଦ୍ଧାର କଲା ପୋଲିସ
■ ସହାୟତାର ହାତ ବଢ଼ାଇଲେନି ସ୍ଥାନୀୟ ଲୋକେ

ଛେଣ୍ଡିପଦା,୨୬।୧୧(ଡି.ଏନ.ଏ.)

ଅନୁଗୋଳ ଜିଲା ଛେଣ୍ଡିପଦା ଥାନା ବରସାହି ପଞ୍ଚାୟତ ରଙ୍ଗମାଟିଆ ସାହିର ଖକନ ବେହେରା(୪୭) ଗୁରୁବାର ନିଜ ଘର ପୋଡ଼ିଦେବା ସହ ତଣ୍ଟି କାଟି ଗୁରୁତର ହେବା ଚର୍ଚ୍ଚାର ବିଷୟ ହୋଇଛି। ପାରିବାରିକ କଳହକୁ କେନ୍ଦ୍ରକରି ଖକନ ଏପରି କରିଥିବା ପୋଲିସ ସୂଚନା ଦେଇଛି।

ବାଗଡ଼ିଆ ଫାଣ୍ଡି ଅଧିକାରୀ ଅବଦୁଲ୍ ୱାସିମ ଖାନ କହିଛନ୍ତି, ପୂର୍ବାହ୍ନ ୯ଟାରେ ଖକନ ନିଜ ଘରେ ନିଆଁ ଲଗାଇଦେବା ପରେ ଏକ କଟୁରିରେ ତଣ୍ଟି ଓ ପେଟକୁ କାଟି ଦୌଡ଼ି ପଳାଇ ଯାଇଥିଲେ। ଖବରପାଇ ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ସରପାଳଠାରେ ଖକନ ଗୁରୁତର ଅବସ୍ଥାରେ ଦୀର୍ଘ ସମୟ ଧରି ପଡିରହିଥିଲେ ମଧ୍ୟ ସ୍ଥାନୀୟ ଲୋକେ ସହାୟତା କରି ନ ଥିଲେ। ପରେ ଥାନା ଗାଡ଼ି ନେଇ ସେ ଖକନଙ୍କୁ ଉଦ୍ଧାର କରି ହସ୍ପିଟାଲ ଆଣିଥିଲେ। ଏପରି କି ଉଦ୍ଧାର ସମୟରେ ଉପସ୍ଥିତ ଜନସାଧାରଣ ସହଯୋଗ କରି ନ ଥିଲେ। ଛେଣ୍ଡିପଦା ଥାନାର କେତେଜଣ କର୍ମଚାରୀ ଡାକ୍ତରଖାନା ପହଞ୍ଚି ଖକନଙ୍କୁ ଆଶୁ ଚିକିତ୍ସା ବିଭାଗରେ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ଥିବାରୁ ସମ୍ପୃକ୍ତ ଯୁବକଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଏ ନେଇ ଛେଣ୍ଡିପଦା ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବାବେଳେ ପୋଲିସ ନିଜଆଡୁ ଘଟଣାର ତଦନ୍ତ କରୁଥିବା ଫାଣ୍ଡି ଅଧିକାରୀ ପ୍ରକାଶ କରିଛନ୍ତି।

# ଆଜି ନାଗାର୍ଜୁନ ବେଶ


ମହାପ୍ରଭୁଙ୍କ ନାଗାର୍ଜୁନ ବେଶ ଅବସରରେ ପୁରୀ ବେଳାଭୂମିରେ ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କ ବାଲୁକା କଳା।

ପୁରୀ ଅଫିସ, ୨୬।୧୧

ଶୁକ୍ରବାର ମହାପ୍ରଭୁଙ୍କ ନାଗାର୍ଜୁନ ବେଶ। ରତ୍ନସିଂହାସନରେ ଏହି ବୀର ବେଶରେ ସଜେଇ ହେବେ ଦାରୁଦିଅଁ। ୨୫ ବର୍ଷ ପରେ ପଡ଼ିଥିବା ଏହି ଦୁର୍ଲଭ ବେଶକୁ କିନ୍ତୁ ଏଥର ଭକ୍ତ ଦେଖିପାରିବେନି। କରୋନା ମହାମାରୀ ପାଇଁ ଶ୍ରୀମନ୍ଦିରକୁ ପ୍ରବେଶ ଉପରେ କଟକଣା ଥିବାରୁ ନାଗାର୍ଜୁନ ବେଶ ଦର୍ଶନରୁ ଲକ୍ଷ ଲକ୍ଷ ଶ୍ରଦ୍ଧାଳୁ ବଞ୍ଚିତ ହେବେ। ଅନ୍ୟପକ୍ଷରେ କିପରି ସୁରକ୍ଷିତ ଓ ଶୃଙ୍ଖଳିତ ଭାବେ ଏହି ବେଶ ସମ୍ପନ୍ନ ହେବ ସେଥିପାଇଁ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରିଛି ପ୍ରଶାସନ। ଶ୍ରୀମନ୍ଦିର ଚତୁଃପାର୍ଶ୍ୱ ଅଞ୍ଚଳରେ ୧୪୪ ଧାରା ଜାରି ହୋଇଥିବାବେଳେ ସହରରେ ୨୫ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଛି।

ନାଗାର୍ଜୁନ ବେଶ ପାଇଁ ଶ୍ରୀମନ୍ଦିର ପ୍ରଶାସନ, ପୋଲିସ ଓ ଜିଲା ପ୍ରଶାସନ ସମେତ ବେଶ ସ୍ୱତ୍ୱାଧିକାରୀ ଚକ୍ରକୋଟ ବଳରାମ ଖୁଣ୍ଟିଆ ସମସ୍ତ ପ୍ରସ୍ତୁତି ଶେଷ କରିଛନ୍ତି। ବିଜୟା ଦଶମୀଠାରୁ ବଳରାମଙ୍କ ହରଚଣ୍ଡୀ ସାହିସ୍ଥିତ ବାସଭବନରେ

## ଭୋର ୪ଟାରେ ଆରମ୍ଭ

ଶୁଦ୍ଧପୂତ ଭାବେ ଏହି ବେଶ ତିଆରି ଚାଲିଥିଲା। ଶିଳ୍ପୀ ବସନ୍ତ ରଣାଙ୍କ ନେତୃତ୍ୱରେ ୧୦ ଜଣ କାରିଗର ଏଥିରେ ସାମିଲ ଥିଲେ। ଗୁରୁବାର ରାତି ୨ଟାରେ କଡ଼ା ସୁରକ୍ଷାରେ ବଳରାମଙ୍କ ବାସଭବନରୁ ଶ୍ରୀମନ୍ଦିରକୁ ବେଶ ବିଜେ ହେବ। ଏହାପରେ ଅନ୍ୟାନ୍ୟ ନୀତି ବଢି ଶୁକ୍ରବାର ଭୋର ୪ଟାରେ ନାଗାର୍ଜୁନ ବେଶ ଆରମ୍ଭ ହେବ। ପ୍ରାୟ ୩ଘଣ୍ଟା ଧରି ଠାକୁରଙ୍କୁ ଏହି ବେଶରେ ସଜ୍ଜିତ କରାଯିବ। ସକାଳ ୭ଟାରେ ବେଶ ସଜା କାମ ସାରିବାକୁ ସମୟ ନିର୍ଘଣ୍ଟ ହୋଇଛି। ଏହି ବେଶ ଥାଇ ଠାକୁରଙ୍କର ବିଭିନ୍ନ ନୀତି ସମ୍ପନ୍ନ ହେବ। ଭୋଗମଣ୍ଡପ ସରିବା ପରେ ଅପରାହ୍ନ ୨ଟାରେ ନାଗାର୍ଜୁନ ବେଶ ମଇଲମ ପାଇଁ ଧାର୍ଯ୍ୟ ହୋଇଛି। ଅର୍ଥାତ୍ ପ୍ରାୟ ୧୦ ଘଣ୍ଟା ଧରି ମହାପ୍ରଭୁ ନାଗାର୍ଜୁନ ବେଶ ଧାରଣ କରିବେ।

ଶେଷଥର ୧୯୯୪ରେ ଶ୍ରୀମନ୍ଦିରରେ ନାଗାର୍ଜୁନ ବେଶ ଅନୁଷ୍ଠିତ ହୋଇଥିଲା। ଦୀର୍ଘ ୨୫ ବର୍ଷ ପରେ ଏହି ବେଶ ପଡ଼ିଛି। ମାତ୍ର ସମୟ ଓ ସ୍ଥିତି ବଦଳି ଯାଇଛି। ଏଥର ଏହି ବେଶ ଦର୍ଶନରୁ ବଞ୍ଚିତ ହେବେ ଭକ୍ତ। କରୋନା କଟକଣା ପାଇଁ ଏଭଳି କଠୋର ନିଷ୍ପତ୍ତି ନେଇଛନ୍ତି ରାଜ୍ୟ ସରକାର। ସାମ୍ପ୍ରତିକ ସ୍ଥିତି ଓ ଭକ୍ତଙ୍କ ଆବେଗକୁ ଦୃଷ୍ଟିରେ ରଖି ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି। ଏ ନେଇ ଏସ୍‌ପି କନୱର ବିଶାଲ ସିଂ କହିଛନ୍ତି, ନାଗାର୍ଜୁନ ବେଶ ପାଇଁ ପୋଲିସର ପ୍ରସ୍ତୁତି ସରିଛି। କଡ଼ା ସୁରକ୍ଷା ମଧ୍ୟରେ ହରଚଣ୍ଡୀ ସାହିରୁ ଶ୍ରୀମନ୍ଦିରକୁ ବେଶ ବିଜେ ସହ ମନ୍ଦିର ଭିତରେ ଓ ବାହାରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି। ସୁରକ୍ଷା ଦାୟିତ୍ୱରେ ୨ଜଣ ଏଏସ୍‌ପି, ୭ଜଣ ଡିଏସ୍‌ପି, ୧୯ ଜଣ ଏସ୍‌ଆଇ ଏବଂ ୭୭ ଜଣ ଏଏସ୍‌ଆଇ ରହିଛନ୍ତି। ମୋଟ ୨୫ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଛି। ମରିଚକୋଟ ଛକରୁ ସିଂହଦ୍ୱାର ପର୍ଯ୍ୟନ୍ତ ଏବଂ ଶ୍ରୀମନ୍ଦିର ଚତୁଃପାର୍ଶ୍ୱରେ ୧୪୪ ଧାରା ଜାରି ହୋଇଛି। ଗୁରୁବାର ରାତି ୨ଟାରୁ ଶୁକ୍ରବାର ବେଶ ଓଲାଗି ପର୍ଯ୍ୟନ୍ତ ଏହା ବଳବତ୍ତର ରହିବ। କରୋନା ମହାମାରୀ ସମୟରେ ଭକ୍ତଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ପୋଲିସର ପ୍ରାଥମିକତା। ତେଣୁ ଏହି ନିଷ୍ପତ୍ତିରେ ସମସ୍ତେ ସହଯୋଗ କରିବାକୁ ଏସ୍‌ପି ସିଂ ଅନୁରୋଧ କରିଛନ୍ତି।

# ପତିତପାବନଙ୍କ ଦର୍ଶନ ମିଳିବନି

ପୁରୀ ଅଫିସ, ୨୬।୧୧

ନାଗାର୍ଜୁନ ବେଶ ଅବସରରେ ଶ୍ରୀମନ୍ଦିର ଚତୁଃପାର୍ଶ୍ୱରେ ଜନସାଧାରଣଙ୍କ ଭିଡ଼ ଆଶଙ୍କା କରି ଏବଂ କୋଭିଡ୍ କଟକଣାକୁ ଦୃଷ୍ଟିରେ ରଖି ପୁରୀ ଜିଲା ପ୍ରଶାସନ ପକ୍ଷରୁ ୧୪୪ ଧାରା ଜାରି କରାଯାଇଛି। ଗୁରୁବାର ରାତି ୨ଟାରୁ ଶୁକ୍ରବାର ମହାପ୍ରଭୁଙ୍କ ବେଶ ଓଲାଗି ପର୍ଯ୍ୟନ୍ତ ଶ୍ରୀମନ୍ଦିର ଚତୁଃପାର୍ଶ୍ୱ ମରିଚିକୋଟ ଛକଠାରୁ ଜହ୍ନିମୁଣ୍ଡିଆ ଛକ, କାକୁଡ଼ିଖାଇ ଛକ, ଧାନକୁଟି ସାହି (ରଘୁନାଥ ଆଶ୍ରମ ନିକଟ) ଗାଣ୍ଡୁଆ ଚଉରା ଛକ, ଗଡ଼ନ୍ତି ଛକ ଓ ଦୋଳବେଦି କୋଣ ଅଞ୍ଚଳରେ ୧୪୪ ଧାରା ବଳବତ୍ତର ରହିବ। କେବଳ ନିର୍ଦ୍ଦିଷ୍ଟ ସେବାୟତ, ସରକାରୀ ଅଧିକାରୀ ଓ କର୍ମଚାରୀ, ଜେଟିପିଙ୍କୁ ଏହି ଅଞ୍ଚଳରେ ପ୍ରବେଶ ପାଇଁ ଅନୁମତି ମିଳିବ। ଏହି ସମୟରେ ପତିତପାବନଙ୍କ ଦର୍ଶନ ମିଳିବ ନାହିଁ ବୋଲି ଜିଲାପାଳ ବଲୱନ୍ତ ସିଂ ସ୍ପଷ୍ଟ କରିଛନ୍ତି। ଗୁରୁବାର ଗଣମାଧ୍ୟମକୁ ସୂଚନା ଦେଇ ଜିଲାପାଳ କହିଛନ୍ତି, ପତିତପାବନଙ୍କର ନାଗାର୍ଜୁନ ବେଶ କରାଯାଉ ନାହିଁ। ମନ୍ଦିର ଭିତରକୁ କୌଣସି ଅଣସେବକ ଯେପରି ପ୍ରବେଶ ନ କରିବେ ତାହା ଉପରେ କଡ଼ା ନଜର ରହିବ। କୌଣସି ସେବାୟତ ମୋବାଇଲ ଫୋନ ନେଇ ନ ଯିବାକୁ ଜିଲାପାଳ ଅନୁରୋଧ କରିବା ସହ ଯେପରି ନିଆରା ରଥଯାତ୍ରା କରି ପୁରୀ ଅନ୍ୟମାନଙ୍କ ପାଇଁ ଉଦାହରଣ ସାଜିଥିଲା ସେହିପରି ସମସ୍ତେ ସହଯୋଗ କରିବା ପାଇଁ କହିଛନ୍ତି।


ସକ୍ରିୟ ରାଜନୀତିରୁ ଅବସର ନେଇ ଖବରକାଗଜ ଦ୍ୱାରା ନିରପେକ୍ଷ ଖବର ପରିବେଷଣ ଏକ ଆଦର୍ଶ ପଦକ୍ଷେପ। ଧରିତ୍ରୀର ଜନ୍ମବାର୍ଷିକୀରେ ଅଶେଷ ଅଶେଷ ଶୁଭେଚ୍ଛା।

ଅଶୋକ ସାମଲ
ମୁଖପାତ୍ର
ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି

Indian Youth Congress
ଧରିତ୍ରୀର ସ୍ୱନକ୍ଷତ୍ର ଅବସରରେ ଏହାର ଅଗଣିତ ପାଠକ, ପାଠିକାଙ୍କୁ ହାର୍ଦ୍ଦିକ ଅଭିନନ୍ଦନ।

ସ୍ମୃତି ରଞ୍ଜନ ଲେଙ୍କା
ସଭାପତି
ଓଡ଼ିଶା ପ୍ରଦେଶ ଯୁବ କଂଗ୍ରେସ

କେନ୍ଦ୍ରାପଡ଼ା ଅର୍ବାନ କୋ-ଅପରେଟିଭ ବ୍ୟାଙ୍କ ଲିଃ., କେନ୍ଦ୍ରାପଡ଼ା - ୭୫୪୨୧୧
ଦୈନିକ ଖବରକାଗଜ 'ଧରିତ୍ରୀ'ର ସ୍ୱନକ୍ଷତ୍ର ପାଳନ ଅବସରରେ, ଏହାର ଅଭିବୃଦ୍ଧି କାମନା କରିବା ସଙ୍ଗେ ସଙ୍ଗେ ଏହାର ପାଠକ, ପୃଷ୍ଠପୋଷକ ଏବଂ ସମ୍ପାଦନା ମଣ୍ଡଳୀଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଶୁଭକାମନା। ବ୍ୟାଙ୍କରେ ଉପଲବ୍ଧ ଆକର୍ଷଣୀୟ ସୁଧହାର, ୫ ଲକ୍ଷ ପର୍ଯ୍ୟନ୍ତ ବୀମାଭୁକ୍ତ ଜମା ସୁରକ୍ଷିତ, ସମ୍ପୂର୍ଣ୍ଣ କମ୍ପ୍ୟୁଟରୀକୃତ ସେବା, CBS/ATM କାର୍ଡ/RTGS-NEFT ସେବା ସହିତ ସହଜ ଋଣ ବ୍ୟବସ୍ଥାର ସୁଯୋଗ ନେବାକୁ ଅନୁରୋଧ।
ସ୍ୱା./- ସୁଶୀଲ କୁମାର ସାମଲ
ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ
ସ୍ୱା./- ବସନ୍ତ କୁମାର ରାଉତ
ଅତିରିକ୍ତ ଜିଲାପାଳ, କେନ୍ଦ୍ରାପଡ଼ା ଏବଂ ପ୍ରଶାସକ

ଅଠର ବର୍ଷ ପୂର୍ବରୁ ଝିଅ ଏବଂ ଏକୋଇଶ ବର୍ଷ ପୂର୍ବରୁ ପୁଅର ବିବାହ ଆଇନତଃ ଅପରାଧ।
ଚାଲନ୍ତୁ ଝିଅଟିଏର ଜତ୍ନ ନେବା ଏବଂ ତାକୁ ସ୍ୱାବଲମ୍ବନଶୀଳ ହେବାରେ ସାହାଯ୍ୟ କରିବା।
ସୌଜନ୍ୟ : ଚାଇଲ୍‌ଡଲାଇନ୍, ସଖୀ ଏବଂ ମହିଳା ଓ ବାଳିକା ସହାୟକ ଗ୍ରାମପଞ୍ଚାୟତ ପ୍ରକଳ୍ପ, ଢେଙ୍କାନାଳ

ଆପଣ ଦେଖୁଛନ୍ତି କି?
- ପିଲାଟି ହଜିଯାଇଛି କିମ୍ବା ବାଟବଣା ହୋଇଯାଇଛି।
- ପିଲାଟିକୁ କିଏ ବାଡାଇଛି କିମ୍ବା ବାଡାଉଛି।
- ପିଲାଟିକୁ କିଏ ନିର୍ଯାତନା ଦେଉଛି।
- ନିଃସହାୟ ଅବସ୍ଥାରେ ପିଲାଟି ପଡି ରହିଛି।
- ସଦ୍ୟ ଜନ୍ମ ହେବାର ଛୁଆଟିକୁ କିଏ ଫିଙ୍ଗି ଦେଇଛି।
- ବିବାହ ପ୍ରଲୋଭନ କିମ୍ବା କାମ ଯୋଗାଇଦେବା ନାମରେ ରାଜ୍ୟ ବାହାରକୁ ଝିଅ ପିଲାମାନଙ୍କୁ / ପିଲାଟିକୁ ନେଉଛି ତାହା ହେଲେ ଯଥାଶୀଘ୍ର ଭାରତ ସରକାରଙ୍କ ମହିଳା ଓ ଶିଶୁ କଲ୍ୟାଣ ବିଭାଗ ତରଫରୁ, ବନବାସୀ ସେବା ସମିତି, ବାଲିଗୁଡା ଦ୍ୱାରା, ଫୁଲବାଣୀ ଠାରେ କାର୍ଯ୍ୟରତ :

CHILD LINE 1098 NIGHT & DAY

ଚାଇଲଡ୍‌ଲାଇନ୍ -
କନ୍ଧମାଳ, ହାଉସିଂବୋର୍ଡ କଲୋନୀ, କେନ୍ଦୁପଦର, ଫୁଲବାଣୀ କାର୍ଯ୍ୟାଳୟକୁ ମାଗଣାରେ ଫୋନ କରି ୧୦୯୮ ନମ୍ବରରେ କନ୍ଧମାଳ ଓ ବୌଦ୍ଧ ଜିଲ୍ଲାର ଯେ କୌଣସି ଗାଁରୁ ଫୋନ୍ କରନ୍ତୁ ନତୁବା ୦୬୮୪୨-୨୫୩୩୫୬, ୨୫୫୩୫୭ ନମ୍ବରରେ ଜଣାନ୍ତୁ।

ପରମପୂଜ୍ୟ ସ୍ୱାମୀ ରାମଦେବଜୀ ମହାରାଜଙ୍କ ଆଶୀର୍ବାଦରେ ପରିଚାଳିତ
ଜାରକା ପତଞ୍ଜଳି ମଲ ଚିକିତ୍ସାଳୟ
ଦୈନିକ ଯୋଗକରି ମନକୁ ସ୍ଥିର, ଶାନ୍ତ ରଖିବା ସଙ୍ଗେ ସଙ୍ଗେ ଶରୀରର ପ୍ରତିରୋଧକ ଶକ୍ତି ବୃଦ୍ଧିକରି କରୋନା ମହାମାରୀ ପାଇଁ ସମ ଦୂରତା ରକ୍ଷା କରିବା, ମାସ୍କ ପିନ୍ଧିବା, ନିୟମିତ ହାତ ଧୋଇବା, ସାନିଟାଇଜ ହୋଇ କରୋନାକୁ ନିପାତ କରିବା।
ମୋ - ୯୪୩୭୦୨୭୩୧୦
କ୍ୟାପ୍ଟେନ୍ ତ୍ରିଲୋଚନ ବିଶ୍ୱାଳ
ଯୋଗଗୁରୁ, ପତଞ୍ଜଳି ଯୋଗ ସମିତି
ରୋଟାରିଆନ୍, ସମାଜସେବୀ
ପ୍ରଭାତୀ ବିଶ୍ୱାଳ
ପତଞ୍ଜଳି ଯୋଗ ଶିକ୍ଷୟିତ୍ରୀ
ଯୋଗାଯୋଗ : ଧର୍ମଶାଳା କଲେଜ ପାର୍ଶ୍ୱ କାର୍ଯ୍ୟାଳୟ
ଜାରକା, ଧର୍ମଶାଳା, ଯାଜପୁର

With Best Compliments from
ADITYA BIRLA GRASIM
GRASIM INDUSTRIES LIMITED
CHEMICAL DIVISION, GANJAM
Manufacturer of
Caustic Soda Lye, Liquid Chlorine
Hydrochloric Acid & Sodium Hypochlorite
Based on latest membrance Cell Technology
WORKS OFFICE
Post : Jayashree - 761 025
Dist. : Ganajm (Odisha)
Phone : (06811) 254516/254319/254336
Fax : (06811) 254384
E-mail : grasim.ganjam@adityabirla.com
Registered Office: P.O.: Birlagram, Nagda - 456 331 (M.P.)


ବାର୍ତ୍ତା
ବହୁଳ ପ୍ରସାରିତ ଦୈନିକ ଓଡ଼ିଆ ଖବରକାଗଜ ଧରିତ୍ରୀ ତା'ର ସ୍ୱନକ୍ଷତ୍ର ଉତ୍ସବ ଚଳିତ ମାସରେ ପାଳନ କରିବାକୁ ଯାଉଥିବା ଜାଣି ମୁଁ ବହୁତ ଆନନ୍ଦିତ। ଗଣମାଧ୍ୟମ ହେଉଛି ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ। ଭାରତ ଭଳି ଏକ ବୃହତ୍ ଗଣତାନ୍ତ୍ରିକ ରାଷ୍ଟ୍ରରେ ଗଣମାଧ୍ୟମର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ପ୍ରଶାସନ, ନ୍ୟାୟପାଳିକା ଓ ବ୍ୟବସ୍ଥାପିକା ସଭା ଭଳି ଆମ ଦେଶର ଜନସାଧାରଣଙ୍କ ପ୍ରତି ଗଣମାଧ୍ୟମର ମଧ୍ୟ କିଛି ଉତ୍ତରଦାୟିତ୍ୱ ରହିଛି। ଏହି ଉତ୍ତରଦାୟିତ୍ୱକୁ ସଠିକ୍ ଓ ସୁଚାରୁରୂପେ ନିର୍ବାହ କରିବା ହେଉଛି ପ୍ରତ୍ୟେକ ଗଣମାଧ୍ୟମର କର୍ତ୍ତବ୍ୟ। ଏ କ୍ଷେତ୍ରରେ ଧରିତ୍ରୀ ଦୀର୍ଘ ବର୍ଷ ଧରି ଓଡ଼ିଶାର ଜନସାଧାରଣଙ୍କ ପ୍ରତି ତାର କର୍ତ୍ତବ୍ୟ ଓ ଦାୟିତ୍ୱ ସଠିକ୍‌ଭାବେ ନିଭାଇ ଆସୁଛି। ନିର୍ଭୀକ ଓ ନିରପେକ୍ଷ ସମ୍ବାଦ ପରିବେଷଣ କ୍ଷେତ୍ରରେ ଧରିତ୍ରୀ ଆଜି ତାର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି। ଏଥିପାଇଁ ଧରିତ୍ରୀ ପରିବାରର ପ୍ରତ୍ୟେକ ସଦସ୍ୟ ଓ ସଦସ୍ୟାଙ୍କୁ ଅଶେଷ ଅଶେଷ ଧନ୍ୟବାଦ।
ଏହି ଅବସରରେ ମୁଁ ଧରିତ୍ରୀର ସ୍ୱନକ୍ଷତ୍ର ଉତ୍ସବର ସଫଳତା କାମନା କରିବା ସହ ଧରିତ୍ରୀ ପରିବାରର ପ୍ରତ୍ୟେକ ସଦସ୍ୟ ସଦସ୍ୟାଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି।
(ଅଚ୍ୟୁତ ସାମନ୍ତ)

ଧରିତ୍ରୀର ସ୍ୱନକ୍ଷତ୍ର ଅବସରରେ ଏହାର ଅଗଣିତ ପାଠକ, ପାଠିକାଙ୍କୁ ହାର୍ଦ୍ଦିକ ଅଭିନନ୍ଦନ।

ନିରଞ୍ଜନ ପଟ୍ଟନାୟକ
ପିସିସି ସଭାପତି

## ଓଡ଼ିଆ କବି ସମ୍ମିଳନୀ

ସାକ୍ଷୀଗୋପାଳ,(ଡି.ଏନ୍.ଏ.)- ସତ୍ୟବାଦୀ ଉଚ୍ଚ ବିଦ୍ୟାଳୟ ପରିସରରେ ଗୁରୁବାର ଓଡ଼ିଆ କବି ସମ୍ମିଳନୀ ଓ କବିତା ପାଠ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କବି ଡ. ପ୍ରସନ୍ନ ପାଟସାଣୀ ଗବେଷଣା ପ୍ରତିଷ୍ଠାନ ସାକ୍ଷୀଗୋପାଳ ଶାଖା ପକ୍ଷରୁ ଅନୁଷ୍ଠିତ ସାରସ୍ୱତ ସଭାରେ ମୁଖ୍ୟଅତିଥି ଭାବେ ଡ. ପ୍ରସନ୍ନ ପାଟସାଣୀ ଯୋଗଦେଇ ଓଡ଼ିଆ ଭାଷା ସାହିତ୍ୟକୁ ଉଜ୍ଜୀବିତ ରଖିବା ପାଇଁ ଯୁବପିଢ଼ି ଆଗେଇ ଆସିବାକୁ ଆହ୍ୱାନ ଦେଇଥିଲେ। ସାଧୁଚରଣ ବେହେରା ଉତ୍ସବରେ ସଭାପତିତ୍ୱ କରିଥିଲେ। କବି ସତିକାନ୍ତ ବିଶ୍ୱାଳ, ସୁନୀଲ ପଣ୍ଡା, ରବୀନ୍ଦ୍ରନାଥ ଷଡ଼ଙ୍ଗୀ ଓ ସତ୍ୟବାଦୀ ଦାସ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ମହିଳା କବିୟତ୍ରୀମାନଙ୍କୁ ରାଧାରାଣୀ ସମ୍ମାନରେ ସମ୍ମାନିତ କରାଯାଇଥିଲା। ସମ୍ପାଦକ ଯଯାତି ରାୟ ବିବରଣୀ ପାଠ କରିଥିଲେ। ବହୁ କବି ସ୍ୱରଚିତ କବିତା ପାଠ କରିଥିଲେ।

# ନାଗାବେଶରୁ ହୋଇଛି ନାଁ

ପୁରୀ ଅଫିସ, ୨୬।୧୧:

**ଦାରୁଦିଅଁଙ୍କ ନାଗାର୍ଜୁନ ବେଶ ଖୁବ୍ ଆକର୍ଷଣୀୟ ଓ ମନୋମୁଗ୍ଧକର। ଏହି ବେଶରେ ଠାକୁରମାନେ ଯାହା ବିଭୂଷିତ ହୁଅନ୍ତି ତାହାକୁ କାରିଗରମାନେ ନିଷ୍ଠା ଓ ଏକାଗ୍ରତାର ସହ ତିଆରି କରିଥାନ୍ତି। ସୋଲ, କନା, ଜରି, ବେତ ଓ କଇଁଥ ଅଠାରେ ହାଣ୍ଡିଆ, ଢେଣ୍ଟୁ, ନିଶଦାଢ଼ି, ଛୁରି, କଟାରୀ, ବାଘଛାଲ, ସିଙ୍ଗଡ଼ା, କଲିଫି, ଓଳମାଳ ଆଦି ତିଆରି କରିଥାନ୍ତି। ସେହିପରି ସ୍ୱର୍ଣ୍ଣ ନିର୍ମିତ ଶ୍ରୀଭୁଜ, ଶ୍ରୀପୟର, ବାଘନଖମାଳି, ହରିଡ଼ା ମାଳି ଏବଂ ଶ୍ରୀଜଗନ୍ନାଥଙ୍କ ହସ୍ତରେ ଶଙ୍ଖ, ଚକ୍ର ଓ ଶ୍ରୀବଳଭଦ୍ରଙ୍କ ହସ୍ତରେ ହଳ, ମୂଷଳ ଧାରଣ କରି ବୀର ବେଶରେ ସଜ୍ଜିତ ହୋଇଥାନ୍ତି। ଶ୍ରୀମନ୍ଦିର ସେବାୟତମାନଙ୍କ ମଧ୍ୟରୁ ଭିତରଛୁ ମହାପାତ୍ର, ତଳିଛୁ ମହାପାତ୍ର, ପୁଷ୍ପାଳକ ସେବକମାନେ ଠାକୁରମାନଙ୍କୁ ଏହି ବେଶରେ ସଜାଇଥାନ୍ତି। ଏଥିରେ ଖୁଣ୍ଟିଆ ଓ ମେକାପ ସେବକମାନେ ସାହାଯ୍ୟ କରିଥାନ୍ତି।**

ଐତିହ୍ୟ ବିଶାରଦ ଡ. ସୁରେନ୍ଦ୍ର କୁମାର ମିଶ୍ର କୁହନ୍ତି, ନାଗାର୍ଜୁନ ବେଶ କେବେଠାରୁ ଆରମ୍ଭ ହେଲା ଏବଂ ଏହାର ଇତିହାସ ସମ୍ପର୍କରେ କୌଣସି ତଥ୍ୟ ନାହିଁ। କିନ୍ତୁ ପୁରୀରେ ନାଗା ସମ୍ପ୍ରଦାୟର ଅଭ୍ୟୁଦୟ ପରେ ଏହା ଆରମ୍ଭ ହୋଇଥିବା ଅନୁମାନ କରାଯାଏ। କାରଣ ଶ୍ରୀରାମାନନ୍ଦ ଆଚାର୍ଯ୍ୟ ପୁରୀରେ ପଦାର୍ପଣ କରିବା ପରେ ଶ୍ରୀକ୍ଷେତ୍ର, ଶ୍ରୀମନ୍ଦିର ଏବଂ ଶ୍ରୀଜଗନ୍ନାଥଙ୍କ ସୁରକ୍ଷା ପାଇଁ ଆଖଡ଼ା ପ୍ରତିଷ୍ଠା କରିଥିଲେ। ଏହି ଆଖଡ଼ାରେ ତାଙ୍କ ସମ୍ପ୍ରଦାୟର ନାଗାମାନେ ରହୁଥିଲେ। ଇତିହାସରୁ ଜଣାଯାଏ ସେମାନେ ନିଜ ଜୀବନକୁ ଉତ୍ସର୍ଗ କରି ଶ୍ରୀମନ୍ଦିର ଓ ଶ୍ରୀଜଗନ୍ନାଥଙ୍କୁ ସୁରକ୍ଷା ଦେଇଥିଲେ। ସେଥିପାଇଁ ଭୋଇ ବଂଶର ଗଜପତି ସେମାନଙ୍କ ତିଳକକୁ ସମ୍ମାନ ସ୍ୱରୂପ ଶ୍ରୀମନ୍ଦିର ଅଁଳାବେଢ଼ାରେ ସ୍ଥାନ ଦେଇଥିଲେ। ଏହାପରେ ଜାଗା ଆଖଡ଼ାରେ ନାଗା ଉପାସନା କରିଥିଲେ। ନାଗାମାନେ ପୁରୁଷ ହେଲେ ମଧ୍ୟ ପୁରୀରେ ସେମାନଙ୍କୁ ବନଦୁର୍ଗା ମନ୍ତ୍ରରେ ଉପାସନା କରାଯାଏ। ତେଣୁ ନାଗାମାନଙ୍କ ସ୍ମୃତିକୁ ସ୍ମାରକୀ ରୂପେ ରଖିବା ପାଇଁ ଗଜପତି ଶ୍ରୀମନ୍ଦିରରେ ନାଗା ବେଶ ପ୍ରଚଳନ କରାଇଥିଲେ। ଆରମ୍ଭରୁ ଏହା ନାଗା ବେଶ ନାମରେ ନାମିତ ଥିଲା। ଅର୍ଜୁନ ବୀରତ୍ୱର ପ୍ରତୀକ ହୋଇଥିବାରୁ ପରବର୍ତ୍ତୀ ସମୟରେ ଲୋକମୁଖରେ ନାଗା ଶବ୍ଦ ସହିତ ଅର୍ଜୁନ ଶବ୍ଦ ମିଶି ନାଗାର୍ଜୁନ ବେଶ ଭାବେ ଏହା ପ୍ରସିଦ୍ଧ ହୋଇଛି ବୋଲି ଡ. ମିଶ୍ର ପ୍ରକାଶ କରିଛନ୍ତି।



ମହାପ୍ରଭୁଙ୍କ ନାଗାର୍ଜୁନ ବେଶ ଉପଲକ୍ଷେ ଶିଳ୍ପୀ ମାନସ ସାହୁଙ୍କ ସ୍ୟାଣ୍ଡ ଆନିମେଶନ ।

## କେବେ ହୋଇଥିଲା ନାଗାର୍ଜୁନ ବେଶ

ଗବେଷକ ଡ. ନରେଶ ଚନ୍ଦ୍ର ଦାଶଙ୍କ ସୂଚନା ଅନୁଯାୟୀ, ନାଗାର୍ଜୁନ ବେଶ ସଂକ୍ରାନ୍ତରେ ଠିକ୍ ଇତିହାସ କିମ୍ବା ପୁରାତନ କାଗଜାତ୍ ନାହିଁ। ଶ୍ରୀମନ୍ଦିର କାର୍ଯ୍ୟାଳୟ ରେକର୍ଡ ରୁମ୍‌ରେ ଥିବା ପୁରାତନ ନଥିରେ କେବଳ ୧୯୬୬ ମସିହାଠାରୁ ଏହି ବେଶ ସମ୍ବନ୍ଧରେ ସୂଚନା ଉଲ୍ଲେଖ ରହିଛି। ପ୍ରାୟ ୫୪ ବର୍ଷ ପୂର୍ବେ ୧୯୬୬ ମସିହା ନଭେମ୍ବର ୨୬ ତାରିଖ ମଳ ତ୍ରୟୋଦଶୀ ତିଥିରେ ଠାକୁରଙ୍କର ନାଗାର୍ଜୁନ ବେଶ ଅନୁଷ୍ଠିତ ହୋଇଥିଲା। ଏହାପରେ କ୍ରମାଗତ ଭାବେ ୧୯୬୭ ନଭେମ୍ବର ୧୬ ମଳ ଚତୁର୍ଦ୍ଦଶୀ, ୧୯୬୮ ନଭେମ୍ବର ୩ ମଳ ତ୍ରୟୋଦଶୀ ତିଥିରେ ଏହି ବେଶ କରାଯାଇଥିଲା। ଏହାର ୨୭ ବର୍ଷ ପରେ ଅର୍ଥାତ୍ ୧୯୯୩ ନଭେମ୍ବର ୨୬ ତାରିଖ ମଳ ଦ୍ୱାଦଶୀ ତିଥିରେ ନାଗାର୍ଜୁନ ବେଶ କରାଯାଇଥିଲା। ପୁନର୍ବାର ୧୯୯୪ ନଭେମ୍ବର ୧୬ ତାରିଖ ତ୍ରୟୋଦଶୀ ତିଥିରେ ରତ୍ନ ସିଂହାସନରେ ଏହି ବୀର ବେଶରେ ଦାରୁବିଗ୍ରହ ଦର୍ଶନ ଦେଇଥିଲେ।

## ଦଳାଚକଟାରେ ଯାଇଥିଲା ୩ ଜୀବନ

୧୯୯୩ରେ ନାଗାର୍ଜୁନ ବେଶ ଦର୍ଶନ ପାଇଁ ଶ୍ରୀକ୍ଷେତ୍ରରେ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼ ହୋଇଥିଲା। ଏଥିରେ ଦଳାଚକଟା ଯୋଗୁ ୩ଜଣଙ୍କ ଜୀବନ ଯାଇଥିଲା। ୧୯୯୪ରେ ଉଭୟ ଜିଲା ପ୍ରଶାସନ ଓ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଥିଲା। ସେହିଦିନ ଶ୍ରୀମନ୍ଦିରକୁ ଦର୍ଶନାର୍ଥୀଙ୍କ ପ୍ରବେଶ ନେଇ କେତେକ କଟକଣା ଜାରି କରାଯିବା ସହ ଅଧିକ ସଂଖ୍ୟକ ପୋଲିସ ମୁତୟନ କରାଯାଇଥିଲା। ବେଶକୁ ଶୃଙ୍ଖଳିତ ଭାବେ ସମ୍ପନ୍ନ କରିବା ଲାଗି ସ୍ୱତନ୍ତ୍ର ନୀତି ନିର୍ଘଣ୍ଟ ହୋଇଥିଲା। ବେଶ ପୂର୍ବଦିନ ଅର୍ଥାତ୍ ନଭେମ୍ବର ୧୫ ତାରିଖ ରାତି ୧୧ଟାରେ ଠାକୁରଙ୍କ ପହୁଡ଼ ନୀତି ହୋଇ ସେହି ରାତି ୨ଟାରେ ଦ୍ୱାରଫିଟା, ୨ଟା ୩୦ରେ ମଙ୍ଗଳ ଆଳତି, ୩ଟା ୫୦ରେ ଅବକାଶ ଏବଂ ୪ଟାରେ ନାଗାର୍ଜୁନ ବେଶ କରାଯିବା ଲାଗି ନିଷ୍ପତ୍ତି ହୋଇଥିଲା। ତେବେ ଏଥିରେ ସାମାନ୍ୟ ବିଳମ୍ବ ଘଟିଥିଲା। ଏହାସତ୍ତ୍ୱେ ଶାନ୍ତିଶୃଙ୍ଖଳାର ସହ ବେଶ ସମ୍ପନ୍ନ ହୋଇଥିବାବେଳେ ବିଳମ୍ବିତ ରାତି ପର୍ଯ୍ୟନ୍ତ ଭକ୍ତଙ୍କୁ ଦର୍ଶନର ସୁଯୋଗ ମିଳିଥିଲା।



କେନ୍ଦ୍ରାଞ୍ଚଳ ଡିଆଇଜି ଆଶିଷ ସିଂ ଗୁରୁବାର ନାଗାର୍ଜୁନ ବେଶ ନେଇ ସୁରକ୍ଷା ବ୍ୟବସ୍ଥାର ଅନୁଧ୍ୟାନ କରୁଛନ୍ତି ।

## ବିନିକାରୁ ତୁଳସୀ ଗଲା ଶ୍ରୀକ୍ଷେତ୍ର

ଖୋର୍ଦ୍ଧା ଅଫିସ,୨୬।୧୧:

ଶୁକ୍ରବାର ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନାଗାର୍ଜୁନ ବେଶ। ୨୫ ବର୍ଷ ପରେ ମହାପ୍ରଭୁଙ୍କ ଏହି ଦୁର୍ଲ୍ଲଭ ବେଶ ହେଉଥିବାରୁ ଭକ୍ତଙ୍କ ମହଲରେ ଉତ୍କଣ୍ଠା ଲାଗି ରହିଛି। ଏହି ବେଶ ଲାଗି ବିନିକା ଜଗନ୍ନାଥ ମନ୍ଦିର ପକ୍ଷରୁ ଏକ ସୁସଜ୍ଜିତ ରଥ ଶ୍ରୀକ୍ଷେତ୍ରକୁ ତୁଳସୀ, ପଦ୍ମଫୁଲ ଓ ଗେଣ୍ଡୁ ଫୁଲ ଧରି ବାହାରିଛି। ଗୁରୁବାର ଖୋର୍ଦ୍ଧା ଗୀତାଭବନ ନିକଟରେ ଏହି ରଥକୁ ବିଭିନ୍ନ ସଙ୍ଗଠନ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ଡ. ଧୀରେନ୍ଦ୍ର ନନ୍ଦ, ଐତିହ୍ୟ ଗବେଷକ ଗୋପାଳକୃଷ୍ଣ ଦାସ, ଡ.ନିରଞ୍ଜନ ମହାନ୍ତି, ଡ.ବୃନ୍ଦାବନ ପଣ୍ଡା, ସାମାଜିକ କର୍ମୀ ଇତିଶ୍ରୀ ସାହୁ, ସିଦ୍ଧେଶ୍ୱର ସିଂ, କୃଷ୍ଣଚନ୍ଦ୍ର ହରିଚନ୍ଦନ ପ୍ରମୁଖ ଉପସ୍ଥିତ ଥିଲେ। ରଥରେ ଆସିଥିବା ଚନ୍ଦ୍ରଶେଖର ଓତା କୁହନ୍ତି, କରୋନା କଟକଣା ଯୋଗୁ ମହାପ୍ରଭୁଙ୍କ ଏହି ଦୁର୍ଲ୍ଲଭ ଦର୍ଶନରୁ ଭକ୍ତମାନେ ବଞ୍ଚିତ ହୋଇଛନ୍ତି। ଭକ୍ତଙ୍କ ଭାବକୁ ମହାପ୍ରଭୁଙ୍କ ନିକଟରେ ସମର୍ପଣ ଲାଗି ଭକ୍ତଙ୍କ ଦ୍ୱାରା ସଂଗୃହୀତ ତୁଳସୀକୁ ଧରି ମହାପ୍ରଭୁଙ୍କ ନିକଟରେ ଅର୍ପଣ ଲାଗି ଏହି ଯୋଜନା କରାଯାଇଛି ବୋଲି ସେ କହିଛନ୍ତି। ପୂର୍ବ ନିର୍ଦ୍ଧାରିତ ସୂଚି ଅନୁଯାୟୀ ଗତ ୨୫ତାରିଖରେ ଏହି ରଥ ବାହାରିଥିଲା। ବିଭିନ୍ନ ସ୍ଥାନରେ ଭକ୍ତଙ୍କ ଅର୍ପିତ ତୁଳସୀ ଧରି ଶ୍ରୀକ୍ଷେତ୍ର ଅଭିମୁଖେ ଯାତ୍ରା ଚାଲିଛି। ମହାପ୍ରଭୁଙ୍କ ସହିତ ଭକ୍ତଙ୍କ ଭାବାବେଗ ଜଡ଼ିତ ରହିଛି ବୋଲି ଡ. ନନ୍ଦ କହିଛନ୍ତି।

## ସଂକ୍ଷେପରେ

### ଡଙ୍ଗାରୁ ଖସିପଡ଼ି ମତ୍ସ୍ୟଜୀବୀଙ୍କ ମୃତ୍ୟୁ

ଖୋର୍ଦ୍ଧା ଅଫିସ,୨୬।୧୧: ଡଙ୍ଗାରୁ ଖସିପଡ଼ିବାରୁ ଗୁରୁବାର ଜଣେ ମତ୍ସ୍ୟଜୀବୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଚିଲିକା କୁମଣ୍ଡଳପାଟଣା ସାମନ୍ତରାପୁର ଗ୍ରାମର ଗଣେଶ ଘଡ଼େଇ(୫୮)। ଖବରପାଇ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏ ସମ୍ପର୍କରେ ପୋଲିସ ଏକ ମାମଲା (ନଂ.୨୯/୨୦) ରୁଜୁକରି ତଦନ୍ତ ଚଳାଇଛି। ସୂଚନା ମୁତାବକ, ଗଣେଶ ମାଛ ଧରିବାକୁ ଚିଲିକା ମଧ୍ୟକୁ ଯାଇଥିଲେ। କୌଣସି କାରଣରୁ ତାଙ୍କ ଗୋଡ଼ ଡଙ୍ଗାରୁ ଖସିଯିବାରୁ ସେ ପାଣିରେ ବୁଡ଼ିଯାଇଥିଲେ। ଅନ୍ୟ ମତ୍ସ୍ୟଜୀବୀମାନେ ତାଙ୍କୁ ଉଦ୍ଧାର କରି ଗୁରୁତର ଅବସ୍ଥାରେ ମେଡିକାଲରେ ଭର୍ତ୍ତି କରିଥିଲେ। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ଗଜପତି କପିଳେନ୍ଦ୍ର ଦେବ ପାଠାଗାର ଉଦ୍‌ଘାଟିତ

ପୁରୀ ଅଫିସ,୨୬।୧୧: ଅତିବଡ଼ୀ ଜଗନ୍ନାଥ ଦାସଙ୍କ ଗାଁ କପିଳେଶ୍ୱରପୁର ଶାସନରେ ବୁଧବାର ଗଜପତି କପିଳେନ୍ଦ୍ର ଦେବ ପାଠାଗାର ଉଦ୍‌ଘାଟିତ ହୋଇଛି। କପିଳେଶ୍ୱରପୁର ଗ୍ରାମବାସୀ ଓ ମିଶନ ଓଡ଼ିଶା ମିଳିତ ସହଯୋଗରେ ସ୍ଥାପିତ ଏହି ପାଠାଗାରକୁ ଅତିବଡ଼ୀଙ୍କ ଦାୟାଦ ଭଗବାନ ଦାସ, ଶିକ୍ଷାବିତ୍ ଅଭିମନ୍ୟୁ ଭୂୟାଁ, ଗବେଷକ ସୁଧାଂଶୁ ପଣ୍ଡା, ଗାଳ୍ପିକ ବଦ୍ରି ମିଶ୍ର ଏବଂ ଡା. ବିଭୂତି ଭୂଷଣ ନାୟକ ଉଦ୍‌ଘାଟନ କରିଥିଲେ। ସରପଞ୍ଚ ଲଲାଟେନ୍ଦୁ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଦାନ ଉତ୍ସବର ଉଦ୍ୟୋକ୍ତା ବିପିନ ମହାନ୍ତି, ବ୍ଲକ ଉନ୍ନୟନ ଅଧିକାରୀ ଜ୍ୟୋତି ପ୍ରକାଶ ସେଠୀ, ଜଳବିଜ୍ଞାନୀ ଡ. ସୁଶାନ୍ତ ଜେନା, ସମର୍ପଣ ସମ୍ପାଦିକା ଜୟନ୍ତୀ ମହାପାତ୍ର, ବାଲିହାଟ ମୁଖିଆ ଦିବାକର ରାଉତ, ଶିକ୍ଷୟିତ୍ରୀ ଅନ୍ନପୂର୍ଣ୍ଣା ଦେବୀ ପ୍ରମୁଖ ଉପସ୍ଥିତ ଥିଲେ। ମିଶନ ଓଡ଼ିଶା ସମ୍ପାଦକ ମଧୁସୂଦନ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା ଓ ଗୀତିକାର ପ୍ରଶାନ୍ତ ତ୍ରିପାଠୀ ସଞ୍ଚାଳନ କରିଥିଲେ। ଅତିବଡ଼ୀ ବିଦ୍ୟାପୀଠର ପ୍ରଧାନଶିକ୍ଷକ ଦ୍ୱାରକାନାଥ ବିଶ୍ୱାଳ ଧନ୍ୟବାଦ ଦେଇଥିଲେ।

### ସମ୍ବିଧାନ ଦିବସ ପାଳିତ

ପୁରୀ ଅଫିସ,୨୬।୧୧: ଜନ ଶିକ୍ଷଣ ସଂସ୍ଥାନ ପୁରୀ ପକ୍ଷରୁ ଗୁରୁବାର ସମ୍ବିଧାନ ଦିବସ ପାଳିତ ହୋଇଯାଇଛି। ସଂସ୍ଥାନ ନିର୍ଦ୍ଦେଶକ ଜ୍ଞାନବିକାଶ ଗଜେନ୍ଦ୍ର ଯୋଗଦେଇ ପ୍ରଶିକ୍ଷକ ଓ କର୍ମକର୍ତ୍ତାଙ୍କୁ ସମ୍ବୋଧିତ କରିବା ସହ ସମ୍ବିଧାନର ମୁଖବନ୍ଧ ଶପଥ ପାଠ କରାଇଥିଲେ। ନିଜ ଦାୟିତ୍ୱ, ଅଧିକାର ଓ କର୍ତ୍ତବ୍ୟକୁ ପାଳନ କରିବା ପାଇଁ ଶପଥ କରାଇଥିଲେ। ଏହାକୁ ଅନୁଷ୍ଠାନର କାର୍ଯ୍ୟକ୍ରମ ଅଧିକାରୀ ଶୁଭେନ୍ଦୁ କୁମାର ମହାନ୍ତି ପରିଚାଳନା କରିଥିବାବେଳେ ପଦ୍ମଚରଣ ସେଠୀ ଧନ୍ୟବାଦ ଦେଇଥିଲେ।

### ଭାଜପାରେ ୨୦୦ କର୍ମୀଙ୍କ ଯୋଗଦାନ

ପିପିଲି,୨୬।୧୧(ସ୍ୱ.ପ୍ର.)- ଖୋର୍ଦ୍ଧା କାଇପଦରସ୍ଥିତ ସତ୍ୟପୀରଙ୍କ ପୀଠରେ ଭାଜପା ମିଶ୍ରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ପିପିଲି ପୌରାଞ୍ଚଳର ୨ଶହରୁ ଉର୍ଦ୍ଧ୍ୱ ବିଜେଡି ଓ କଂଗ୍ରେସ କର୍ମୀ ଭାଜପାରେ ସାମିଲ ହୋଇଛନ୍ତି। ଆଲେଜହୁର ଖାନ୍‌ଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୁରୀ ଜିଲା ଭାଜପା ସଭାପତି ଆଶ୍ରିତ ପଟ୍ଟନାୟକ ଯୋଗଦେଇ ନୂତନ କର୍ମୀମାନଙ୍କୁ ସ୍ୱାଗତ କରିଥିଲେ।



ସମ୍ବିଧାନ ଦିବସ ଅବସରରେ ଗୁରୁବାର ଖୋର୍ଦ୍ଧା ଆଇ.ଏନ.ଏସ ଚିଲିକାର କମାଣ୍ଡିଂ ଅଫିସର ସମସ୍ତ ନୌସୈନିକଙ୍କୁ ଶପଥ ପାଠ କରାଉଛନ୍ତି।

## ‘ସ୍ୱାମୀ ବିବେକାନନ୍ଦଙ୍କ ଆଦର୍ଶରେ ଅନୁପ୍ରାଣିତ ହୁଅ’

ଖୋର୍ଦ୍ଧା ଅଫିସ,୨୬।୧୧:

ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି), ଖୋର୍ଦ୍ଧା ଶାଖା ପକ୍ଷରୁ ଗୁରୁବାର ସ୍ଥାନୀୟ ସରସ୍ୱତୀ ଶିଶୁ ମନ୍ଦିର ପରିସରରେ ନଗର ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପରିଷଦର ରାଜ୍ୟ ସହ ସମ୍ପାଦିକା ସଙ୍ଗୀତା ପଣ୍ଡା ମୁଖ୍ୟ ବକ୍ତାଭାବେ ଯୋଗଦେଇ ଏବିଭିପିର ଲକ୍ଷ୍ୟ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଏହା ସହିତ ସ୍ୱାମୀ ବିବେକାନନ୍ଦଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ବିଦ୍ୟାର୍ଥୀଙ୍କୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ୨୦୨୦-୨୧ ବର୍ଷ ପାଇଁ ନଗରର ନୂତନ କର୍ମକର୍ତ୍ତା ଚୟନ ହୋଇଥିଲା। ପିଏନ୍ କଲେଜ ପ୍ରାଧ୍ୟାପକ ଡ.ଅଜୟ କୁମାର ମିଶ୍ର ସଭାପତି, ଦିଲୀପ ପୃଷ୍ଟି, ସମରେନ୍ଦ୍ର ବଳିଆରସିଂ ଓ ମନୋରଞ୍ଜନ ପ୍ରଧାନ ପ୍ରମୁଖ ଉପସଭାପତି, ଲଳିତମୋହନ ବଡଜେନା ସମ୍ପାଦକ, ଚିରଞ୍ଜିବୀ ଜଗଦ୍ଦେବ, ଦୀପ୍ତିମୟୀ ପ୍ରତିହାରୀ, ରୂପାଞ୍ଜଳି ରାଉତରାଏ ସହସମ୍ପାଦକ, ଲିପସା ପ୍ରଧାନ ଏସଏଫଡି ସଂଯୋଜିକା, ବର୍ଷାରାଣୀ ପୃଷ୍ଟି ସହ ସଂଯୋଜିକା, ତୃପ୍ତିମୟୀ ସେଠୀ ଛାତ୍ରସନ୍ଦେଶ ସଂଯୋଜିକା, ମାମାଲି ରାଉତ ପାଠ୍ୟଚକ୍ର ପ୍ରମୁଖ, ଅମୂଲ୍ୟ ବେହେରା ଏସଏଫଏସ ସଂଯୋଜକ, ସଂଘମିତ୍ରା ସାହୁ କଳାମଞ୍ଚ ପ୍ରମୁଖ, ଚନ୍ଦନ ପାଟ୍ଟଶାଣୀ ସିଏସଭିପି ସଂଯୋଜକ, ଅମିତ ବାରିକ, ପ୍ରଦୀପ ସ୍ୱାଇଁ କୋଷାଧ୍ୟକ୍ଷ ଏବଂ ନଗର କାର୍ଯ୍ୟକାରିଣୀ ସଦସ୍ୟ ଭାବେ ସଙ୍ଗୀତା ସାହୁ ଦାୟିତ୍ୱ ଗ୍ରହଣ କରିଛନ୍ତି।

## ଗରୁଡ଼ ଦ୍ୱାଦଶୀରେ ତୁଳସୀ ବିବାହ ସମ୍ପନ୍ନ

ସାକ୍ଷୀଗୋପାଳ, ୨୬।୧୧(ଡି.ଏନ୍.ଏ.)

ଗରୁଡ଼ ଦ୍ୱାଦଶୀ ତିଥି ଗୁରୁବାର ସନ୍ଧ୍ୟାରେ ସାକ୍ଷୀଗୋପାଳ ମନ୍ଦିର ସନ୍ନିକଟ ଶ୍ରୀରାମ ମନ୍ଦିରରେ ତୁଳସୀ ବିବାହ ସମ୍ପନ୍ନ ହୋଇଛି। ସତ୍ୟପ୍ରିୟ ମହାପାତ୍ର ଓ ଧୂଳିରାମ ମହାପାତ୍ର ସପତ୍ନିକ କର୍ତ୍ତାକର୍ତ୍ତୀ ଭାବେ ନାରାୟଣଙ୍କ ସହତ ତୁଳସୀଙ୍କୁ ବୈଦିକ ରୀତିନୀତି ଅନୁସାରେ ବିବାହ କରିଥିଲେ। ବିବାହରେ ରାମଚନ୍ଦ୍ର ମଧ୍ୟସ୍ଥି ସାଜିଥିଲେ। ପୁରଧା ଭାବେ ହରିହର ମହାପାତ୍ର ଓ ବଂଶୀଧର ପାଢ଼ୀ ବିବାହ କର୍ମ କରିଥିଲେ। ବରକନ୍ୟାଙ୍କୁ ମୁକୁଟ, ଫୁଲମାଳ ପିନ୍ଧାଇ ସଜ୍ଜିତ କରାଯାଇଥିଲା। ଆଖପାଖର ମହିଳାମାନେ ଏହି ବିବାହ ଉତ୍ସବରେ ବରକନ୍ୟାଙ୍କୁ ହୁଳହୁଳି ଦେଇ ବନ୍ଦାପନା କରିଥିଲେ। ପରେ ବିବାହ ଭୋଜିରେ ଶ୍ରଦ୍ଧାଳୁମାନେ ମହାପ୍ରସାଦ ସେବନକରି ଆପାୟିତ ହୋଇଥିଲେ। ସେହିପରି ପୂର୍ବାହ୍ନରେ ସାକ୍ଷୀଗୋପାଳ ମନ୍ଦିରରେ ଗରୁଡ଼ ଦ୍ୱାଦଶୀ ପର୍ବ ପାଳନ ହୋଇଯାଇଛି। ଜଗମୋହନ ଗରୁଡ଼ସ୍ତମ୍ଭ ଉପରେ ବିରାଜିତ ଗରୁଡଙ୍କୁ ସ୍ନାନ କରାଯାଇଛି। ନୂତନ ବସ୍ତ୍ର, ଫୁଲ ତୁଳସୀ ମାଳ, ଚନ୍ଦନ ଲାଗି କରିବା ସହ ଗରୁଡ଼ଙ୍କୁ ଯାତ କାକରା ନୈବେଦ୍ୟ କରାଯାଇଥିଲା। ପୂଜାପଣ୍ଡା ସେବାୟତ ଉପଚାର ଆଳତି କରି ମହାପ୍ରଭୁଙ୍କ ବାହନ ଗରୁଡ଼ଙ୍କୁ ବନ୍ଦାପନା କରିଥିବା ଦେଖାଯାଇଥିଲା।

## ବୋଇତ ବନ୍ଦାଣ ମନା, ପୀଠରେ ୧୪୪ ଧାରା

ଖୋର୍ଦ୍ଧା ଅଫିସ,୨୬।୧୧:

କରୋନା ମହାମାରୀକୁ ଦୃଷ୍ଟିରେ ରଖି ପବିତ୍ର କାର୍ତ୍ତିକ ପୂର୍ଣ୍ଣମୀରେ ବୋଇତ ବନ୍ଦାଣ, ଡଙ୍ଗା ଭସାଇବା, ଗାଧୋଇବା ଉପରେ ଖୋର୍ଦ୍ଧା ପ୍ରଶାସନ ପକ୍ଷରୁ କଟକଣା ଜାରି କରାଯାଇଛି। ଏହା ସହିତ ଉପଖଣ୍ଡ ଅନ୍ତର୍ଗତ ସମସ୍ତ ଶୈବପୀଠରେ ୧୪୪ ଧାରା ଜାରି କରାଯାଇଛି। ମନ୍ଦିରରେ ବଡ଼ଓଷା ଉପରେ ମଧ୍ୟ କଟକଣା ରହିଛି। କୌଣସି ପୋଖରୀରେ ବୋଇତ ବନ୍ଦାଣ ହୋଇପାରିବ ନାହିଁ ବୋଲି ଉପଜିଲାପାଳ ଅଶୋକ ବେହୁରିଆ ଟୁଇଟ କରି ଜଣାଇଛନ୍ତି। ଏଥିପ୍ରତି ସ୍ଥାନୀୟ ପ୍ରଶାସନ ଗୁରୁତ୍ୱ ଦେବାକୁ ଉଲ୍ଲେଖ କରିଛନ୍ତି। ପ୍ରକାଶ ଯେ, କାର୍ତ୍ତିକ ପୂର୍ଣ୍ଣମୀରେ ବ୍ରତଧାରୀମାନେ ଭୋରରୁ ସ୍ନାନ ସାରି ବୋଇତ ବନ୍ଦାଣ କରି ମନ୍ଦିରରେ ଦିଅଁ ଦର୍ଶନ କରିଥାନ୍ତି। ବଡ଼ଓଷା ଲାଗି ବିଭିନ୍ନ ଶୈବପୀଠରେ ଭିଡ଼ ଜମିଥାଏ। କୋଭିଡ-୧୯କୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ମନ୍ଦିରରେ ଭକ୍ତଙ୍କ ପ୍ରବେଶ ଉପରେ କଟକଣା ଜାରି କରାଯାଇଛି। ପ୍ରତିବର୍ଷ ଖୋର୍ଦ୍ଧା ସହର ପ୍ରମୁଖ ଶୈବପୀଠ ଧବଳେଶ୍ୱର, ସ୍ୱପ୍ନେଶ୍ୱର, ଗୋଡା ସ୍ଥିତ ମହାଦେବଙ୍କ ମନ୍ଦିରରେ ଭକ୍ତଙ୍କ ଗହଳି ଲାଗି ରହିଥାଏ।

## ଭାଜପା କାର୍ଯ୍ୟକାରିଣୀ କମିଟି ଗଠିତ

ନିମାପଡ଼ା,୨୬।୧୧(ଡି.ଏନ୍.ଏ.):

ଭାରତୀୟ ଜନତା ପାର୍ଟିର ଏକ ସାଙ୍ଗଠନିକ ବୈଠକ ବୁଧବାର ନିମାପଡ଼ା ଦଳୀୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଧନୁଆଁମଣ୍ଡଳର ସଭାପତି ଯତିନ୍ଦ୍ର ସ୍ୱାଇଁ ଅଧ୍ୟକ୍ଷତା କରିଥିଲେ। ଅତିଥିଭାବେ ଭାଜପା ଉପସଭାନେତ୍ରୀ ପ୍ରଭାତୀ ପରିଡ଼ା, ସରୋଜ ସାହୁ, ମାନସ ପ୍ରଧାନ, ବିଜୟ ପଣ୍ଡା, କୃଷ୍ଣଚନ୍ଦ୍ର ସ୍ୱାଇଁ, ରାଜକିଶୋର ନାୟକ ପ୍ରମୁଖ ଯୋଗଦେଇ ତୃଣମୂଳସ୍ତରରୁ ସଙ୍ଗଠନକୁ ମଜଭୁତ କରିବା ଦିଗରେ ଗୁରୁତ୍ୱାରୋପ କରିଥିଲେ। ଧନୁଆଁମଣ୍ଡଳର ୬୧ଜଣିଆ କାର୍ଯ୍ୟକାରିଣୀ କମିଟି ଗଠନ ହୋଇଥିଲା। ସଭାପତି ଭାବେ ଯତିନ୍ଦ୍ର ସ୍ୱାଇଁଙ୍କ ସମେତ ୬ଜଣ ଉପସଭାପତି, ସାଧାରଣ ସମ୍ପାଦକ ରଞ୍ଜନ କୁମାର ଭୋଇ ଓ ସୁଦର୍ଶନ ମଲ୍ଲିକ, ସନ୍ଧ୍ୟାରାଣୀ ପାତ୍ରଙ୍କ ସମେତ ୬ଜଣ ସମ୍ପାଦକ, କୋଷାଧ୍ୟକ୍ଷ ନୀଳାଦ୍ରିନାଥ ମଙ୍ଗରାଜ, ମହିଳା ମୋର୍ଚ୍ଚା ସଭାନେତ୍ରୀ ଭାବେ ନମିତା ସାହୁ, ଯୁବମୋର୍ଚ୍ଚା ସଭାପତି ଭାବେ ରମେଶ ଜେନା, କୃଷକ ମୋର୍ଚ୍ଚା ସଭାପତିଭାବେ ଆର୍ତ୍ତବନ୍ଧୁ ମହାନ୍ତି, ଅନୁସୂଚିତ ଜାତି ମୋର୍ଚ୍ଚାର ସଭାପତିଭାବେ ଗଗନ ବିହାରୀ ପଲେଇ, ଓବିସି ମୋର୍ଚ୍ଚା ସଭାପତି ଶ୍ରୀମନ୍ତ କୁମାର ସ୍ୱାଇଁ, ସଂଖ୍ୟା ଲଘୁ ମୋର୍ଚ୍ଚା ସଭାପତି ଭାବେ ଅନୱାର ଅଲ୍ଲି ଖାଁ ଏବଂ ମଣ୍ଡଳର କାର୍ଯ୍ୟକାରିଣୀ କମିଟି ସଦସ୍ୟଭାବେ ୪୫ଜଣ ସଦସ୍ୟ ନିର୍ବାଚିତ ହୋଇଛନ୍ତି।

## ମହାପ୍ରଭୁଙ୍କ ବାଙ୍କଚୂଡ଼ା ବେଶ

ପୁରୀ ଅଫିସ,୨୬।୧୧:

କାର୍ତ୍ତିକ ଶୁକ୍ଳ ଦ୍ୱାଦଶୀ ତଥା ପଞ୍ଚକର ଦ୍ୱିତୀୟ ଦିନରେ ଗୁରୁବାର ରତ୍ନସିଂହାସନରେ ମହାପ୍ରଭୁଙ୍କ ବାଙ୍କଚୂଡ଼ା ବେଶ ଅନୁଷ୍ଠିତ ହୋଇଛି। ଅବକାଶ ନୀତି ଶେଷ ହେବା ପରେ ଠାକୁରମାନଙ୍କ ବାଙ୍କଚୂଡ଼ା ବେଶ କରାଯାଇଥିଲା। ଏହି ବେଶରେ ଶ୍ରୀଜଗନ୍ନାଥ ଏବଂ ବଳଭଦ୍ରଙ୍କ ଶ୍ରୀମସ୍ତକରେ ଚନ୍ଦ୍ରିକା ଚୂଳ ସହିତ ଦକ୍ଷିଣ ଦିଗକୁ ଆଡ଼ ଖୋସା ପକାଯାଇଥିଲା। ଖୋସାର ଅଗ୍ର ଗଣ୍ଠିରେ ଏକ ସୁବର୍ଣ୍ଣ କିଆ ଖଞ୍ଜାଯାଇଥିଲା। ଏକ ଛୋଟ ସ୍ୱର୍ଣ୍ଣ କିରୀଟ ମହାପ୍ରଭୁଙ୍କ କପାଳର ଶୀର୍ଷ ଭାଗରେ ଶୋଭାପାଉଥିଲା। ଲକ୍ଷ୍ମୀନାରାୟଣ ବେଶରେ ବ୍ୟବହୃତ ହେଉଥିବା ଅଧିକାଂଶ ଅଳଙ୍କାର ଏହି ବେଶରେ ଲାଗି ହୋଇଥିଲେ ଦାରୁଦିଅଁ। ଏଥିସହ ଶ୍ରୀମନ୍ଦିରରେ ଗରୁଡ଼ ଉତ୍‌ଥାପନ ନୀତି ସମ୍ପନ୍ନ ହୋଇଛି। ଏକାଦଶୀରେ ମହାପ୍ରଭୁ ନିଦରୁ ଉଠିଥିବାବେଳେ ଗୁରୁବାର ଦ୍ୱାଦଶୀରେ ଗରୁଡ଼ ନିଦ୍ରା ତ୍ୟାଗ କରିଛନ୍ତି।

## ଘର ବୁଲି ପିଲାଙ୍କ ପାଠପଢ଼ା ବୁଝିଲେ ଶିକ୍ଷକ

ଖୋର୍ଦ୍ଧା ଅଫିସ,୨୬।୧୧ :

କରୋନା ମହାମାରୀ ଯୋଗୁ ଦୀର୍ଘ ୮ମାସ ହେବ ରାଜ୍ୟର ସମସ୍ତ ବିଦ୍ୟାଳୟରେ ପାଠପଢା ବନ୍ଦ ରହିଛି। ସରକାରଙ୍କ ଗାଇଡ୍‌ଲାଇନ ଅନୁଯାୟୀ ସମସ୍ତ ବିଦ୍ୟାଳୟ ପକ୍ଷରୁ ଅନ୍‌ଲାଇନରେ ପାଠ ପଢ଼ାଯାଉଛି। ଏହି ସମୟରେ ଖୋର୍ଦ୍ଧା ଜିଲା ଟାଙ୍ଗୀ ବ୍ଲକ ଲକ୍ଷ୍ମୀଧରପୁର କ୍ଲଷ୍ଟରର ସିଆରସିସି ଲଳିତ ମୋହନ ମହାପାତ୍ର ଏବଂ ଦୀନବନ୍ଧୁପୁର ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ବିଭୂତି ଭୂଷଣ ଜୁଝାରସିଂ ଘରକୁ ଘର ବୁଲି ଅଭିଭାବକଙ୍କ ସହ ଆଲୋଚନା କରିଛନ୍ତି। ପିଲାଙ୍କ ସ୍ୱାସ୍ଥ୍ୟାବସ୍ଥା, ପାଠପଢ଼ା ସମ୍ପର୍କରେ ବୁଝିବା ସହ କରୋନା ପ୍ରତି ସଚେତନ ରହିବା ଲାଗି ପରାମର୍ଶ ଦେଇଛନ୍ତି। ଶିକ୍ଷା ସଂଯୋଗ, ରେଡିଓ ପାଠଶାଳା, ଶିକ୍ଷା ଶିଖର କାର୍ଯ୍ୟକ୍ରମ, ଦିବ୍ୟାଙ୍ଗଙ୍କ ପାଠ୍ୟ ଉପକରଣ ଆଦି ସରକାରୀ ସୁବିଧା ଉପଲବ୍ଧତା, ପିଲାମାନେ ସମୟର କିପରି ସଦୁପଯୋଗ କରୁଛନ୍ତି ସେ ସମ୍ପର୍କରେ ମଧ୍ୟ ପଚାରି ବୁଝିଥିଲେ। ପିଲାଙ୍କ ପାଠପଢ଼ାରେ ଯେପରି କୌଣସି ବ୍ୟାହତ ସୃଷ୍ଟି ନ ହେବ ସେଥିପ୍ରତି ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ।

# କେନ୍ଦ୍ର ସରକାରଙ୍କୁ କଡ଼ା ସମାଲୋଚନା

ପୁରୀ ଅଫିସ/ଖୋର୍ଦ୍ଧା ଅଫିସ/ ନିରାକାରପୁର/ ନିମାପଡ଼ା/ଗୋପ/ କୋଣାର୍କ/ଡେଲାଙ୍ଗ/ପିପିଲି, ୨୬।୧୧(ଡି.ଏନ୍.ଏ.)

କେନ୍ଦ୍ର ସରକାରଙ୍କ ଶ୍ରମିକ ବିରୋଧୀ ନୀତି ପ୍ରତିବାଦରେ ଗୁରୁବାର କେନ୍ଦ୍ରୀୟ ଶ୍ରମିକ ସଙ୍ଗଠନଗୁଡ଼ିକ ପକ୍ଷରୁ ଡାକରା ଦିଆଯାଇଥିବା ଧର୍ମଘଟର ପ୍ରଭାବ ପୁରୀରେ ଦେଖିବାକୁ ମିଳିଛି। ଶ୍ରମିକ ସଙ୍ଗଠନଗୁଡ଼ିକର କର୍ମକର୍ତ୍ତାମାନେ ସହରର ବିଭିନ୍ନ ସ୍ଥାନରେ ପିକେଟିଂ କରିବା ବେଳେ କେନ୍ଦ୍ର ସରକାରଙ୍କ ବିରୋଧରେ ଗର୍ଜିଥିଲେ। ଏଥିସହ ଶ୍ରମିକ ଛଟେଇ ବନ୍ଦ କରିବା, ଇପିଏଫ୍ ସୁଧ ବୃଦ୍ଧି, ସର୍ବନିମ୍ନ ମଜୁରି ୨୧ ହଜାର ଟଙ୍କା, ପରିବହନ କର୍ମଚାରୀଙ୍କୁ ଆର୍ଥିକ ସହାୟତା ଆଦି ଦାବି କରିଥିଲେ। ଧର୍ମଘଟ ଯୋଗୁ କେତେକ ସରକାରୀ ଅନୁଷ୍ଠାନ ବନ୍ଦ ଥିଲାବେଳେ ଦୋକାନ ବଜାର ପ୍ରାୟତଃ ସ୍ୱାଭାବିକ ଥିଲା। ଆନ୍ଦୋଳନରେ ଶ୍ରମିକ ଜଗନ୍ନାଥ ଦେଓ, ବ୍ରଜବନ୍ଧୁ ପ୍ରଧାନ, ଶରତ କୁମାର ରାୟଗୁରୁ, ଶ୍ରୀକାନ୍ତ ପରିଜା, ଜ୍ଞାନ ରଞ୍ଜନ ଦାସ, ମୋହନ ନାଇଡୁ, ଗୋପାଳ ପଣ୍ଡା ପ୍ରମୁଖ ସାମିଲ ଥିଲେ। ଅଖିଳ ଭାରତ କୃଷକ ସଂଘର୍ଷ ସମନ୍ୱୟ ସମିତିର ଆହ୍ୱାନକ୍ରମେ କୃଷକ ନେତା କୃଷ୍ଣଚନ୍ଦ୍ର ରାଉତ, ସନାତନ ପାତ୍ର, ଦେବେନ୍ଦ୍ର ସାହୁ, ଜୟକୃଷ୍ଣ ପାତ୍ର, ମହେନ୍ଦ୍ର ବାରିକ, ରବୀନ୍ଦ୍ରନାଥ ପ୍ରଧାନ ପ୍ରମୁଖଙ୍କ ନେତୃତ୍ୱରେ ନିମାପଡ଼ା, ଚାରିଛକ, ଖେଲାର ଅଞ୍ଚଳରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଗୋପ ବ୍ଲକ ଅଙ୍ଗନବାଡ଼ି ସଂଘ ସଭାପତି ପୁଷ୍ପାଞ୍ଜଳିଙ୍କ ନେତୃତ୍ୱରେ ମନୋରଞ୍ଜନ ପରିଡ଼ା, ନିରୁପମା ତିୱାରି, ପ୍ରସନ୍ନ ଦାସ ପ୍ରମୁଖ ଯୋଗଦେଇ ବ୍ଲକ ସମ୍ମୁଖରେ ବିକ୍ଷୋଭ କରିଥିଲେ। କୋଣାର୍କର ଅର୍କକ୍ଷେତ୍ର ମହିଳା ସଂଗଠନ, ଅଙ୍ଗନବାଡ଼ି କର୍ମୀ, ସିପିଆଇ ପକ୍ଷରୁ ଶୋଭାଯାତ୍ରା ଓ ବିକ୍ଷୋଭ କରାଯାଇଥିଲା। ସିପିଆଇ ନେତା ସୁକାନ୍ତ ମହାନ୍ତି, ମହିଳା ସଂଗଠନ ସଭାପତି ମିନର୍ଭା ରାଉତଙ୍କ ନେତୃତ୍ୱରେ ଶତାଧିକ କର୍ମୀ ବିଭିନ୍ନ ସ୍ଲୋଗାନ ଦେଇ ବଜାର ପରିକ୍ରମା କରି ସୂର୍ଯ୍ୟମନ୍ଦିର ସମ୍ମୁଖରେ ବିକ୍ଷୋଭ କରିଥିଲେ। ଡେଲାଙ୍ଗରେ ସିପିଆଇ(ଏମ୍ଏଲ୍), ଏସ୍ୟୁସିଆଇ ଓ ଏଆଇକେକେଏମ୍ଏସ ପକ୍ଷରୁ ବ୍ଲକ ଅଫିସ ଆଗରେ ବିକ୍ଷୋଭ କରିବା ସହ ବ୍ୟାଙ୍କ ବସ ଚଳାଚଳ ବନ୍ଦ କରାଯାଇଥିଲା। ପିପିଲିରେ ମଧ୍ୟ କମ୍ୟୁନିଷ୍ଟ ସମେତ ବିଭିନ୍ନ ସଂଗଠନ ପକ୍ଷରୁ ଧର୍ମଘଟ ଡାକରା ଦିଆଯାଇଥିଲା।

ଖୋର୍ଦ୍ଧା ସହରରେ ଧର୍ମଘଟର ଆଂଶିକ ପ୍ରଭାବ ଦେଖିବାକୁ ମିଳିଛି। ଘରୋଇ ବସ୍ ଚଳାଚଳ ବନ୍ଦ ରହିଥିବା ବେଳ ଦୋକାନବଜାର ଖୋଲା ରହିଥିଲା। ୨ଶହରୁ ଉର୍ଦ୍ଧ୍ୱ ମହିଳା, ପୁରୁଷ ହାତରେ ପ୍ଲାକାର୍ଡ ଧରି ଜିଲାପାଳଙ୍କ କାର୍ଯ୍ୟାଳୟଠାରୁ ଶୋଭାଯାତ୍ରାରେ ବାହାରି କୋପେରେଟିଭ୍ ଛକରେ ପହଞ୍ଚି ପ୍ରତିବାଦ ସଭା କରିଥିଲେ। ଶିକ୍ଷକ ନେତା କିଶୋର ଚନ୍ଦ୍ର ପରମଗୁରୁ, ସିଆଇଟିୟୁର ଅନନ୍ତ ମଙ୍ଗରାଜ, ଶୈଳେସ ବଳିଆରସିଂ, ମୀନତି ଚମ୍ପତି, ଏଆଇସିୟୁଟିସିର ଅଶୋକ ସାହୁ, ଜୟନ୍ତ ମହାନ୍ତି, କାର୍ତ୍ତିକ ଘଡ଼େଇ, ଆଇଏନ୍‌ଟିୟୁସିର ପଦ୍ମଚରଣ ରାୟ, ରଣଜିତ୍ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। କଂଗ୍ରେସ ପକ୍ଷରୁ ପିସିସି ସଭ୍ୟ ଶିଶିର ପରିଡ଼ା, ଯୁବନେତା ପ୍ଲାବନ ପଟ୍ଟନାୟକ, ରଣଜିତ୍ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ସେହିପରି କୃଷକ ନେତା ଗିରିଶ ମହାରଣାଙ୍କ ନେତୃତ୍ୱରେ ମହିଳା, ପୁରୁଷମାନେ ହାତରେ ପ୍ଲା କାର୍ଡ ଧରି ନିରାକାରପୁର ବଜାର ପରିକ୍ରମା କରିବା ସହିତ କଲେଜ ଛକଠାରେ ନୂଆ ଜଗନ୍ନାଥ ସଡ଼କ ରାସ୍ତାକୁ ଅବରୋଧ କରିଥିଲେ। ଏହି କାର୍ଯ୍ୟକ୍ରମରେ ସିପିଆଇଏମ ନେତା ଚରଣ ଦଳେଇ, ନୃସିଂହ ଦଳେଇ, ବିଭୁଦତ୍ତ ମହାରଣାଙ୍କ ସମେତ ଅନେକେ ସାମିଲ ହୋଇଥିଲେ। ସେହିପରି ଟାଙ୍ଗୀ ବ୍ଲକର ଟାଙ୍ଗୀ, କୁହୁଡି, କନ୍ତଲବାଇଠାରେ ଧର୍ମଘଟ ଶାନ୍ତିପୂର୍ଣ୍ଣଭାବେ ସଫଳ ହୋଇଛି।




କୋଣାର୍କ ମନ୍ଦିର ସମ୍ମୁଖରେ ବିଭିନ୍ନ ସଂଗଠନ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି ।

## ଚିକିତ୍ସା ଅବହେଳାରୁ ଯୁବକଙ୍କ ମୃତ୍ୟୁ ଅଭିଯୋଗ

ଚିତ୍ରଡ଼ା,(ଡି.ଏନ୍.ଏ.): ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ ଅଧୀନ କିଶାନତାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ଅବହେଳାରୁ ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ମୃତକ ହେଲେ ଭାଲିଆଡ଼ିହା ପଞ୍ଚାୟତ ଅନ୍ତର୍ଗତ ଇଦର ଗାଁର ଟିକୁ ଚପେୟାର(୨୬)। ବୁଧବାର ତାଙ୍କୁ ଚିକିତ୍ସା ପାଇଁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିବା ବେଳେ ତାଙ୍କର ଉପଯୁକ୍ତ ଚିକିତ୍ସା କରାଯାଇ ନ ଥିବା ମୃତକଙ୍କ ପରିବାର ଓ ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ମୟୂରଭଞ୍ଜ ଏମ୍‌ପି ବିଶ୍ୱେଶ୍ୱର ଟୁଡୁ ଡାକ୍ତରଖାନା ପରିଦର୍ଶନରେ ଆସି ଏଭଳି ଅଭିଯୋଗ ଶୁଣିବାକୁ ପାଇ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଏସଂକ୍ରାନ୍ତରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ସଂଗ୍ରାମ ସାହୁଙ୍କୁ ପଚାରିବାରୁ ରୋଗୀ ଜଣକ ଗୁରୁତର ଅବସ୍ଥାରେ ଡାକ୍ତରଖାନା ଆସିଥିଲେ।

### ସଂକ୍ଷେପରେ

## ଗଛ କଟାକୁ ନେଇ ଜଣଙ୍କୁ ହତ୍ୟା

ରାୟଗଡ଼(ଗଜପତି), ୨୬।୧୧ (ଡି.ଏନ୍.ଏ.): ଗଜପତି ଜିଲା ରାୟଗଡ଼ ଥାନା ଲାଇଲାଇ ପଞ୍ଚାୟତ କୁରୁଡା ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି। ଖଜୁରି ଗଛ କଟାକୁ କେନ୍ଦ୍ର କରି ଜଣକୁ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ମୃତକ ହେଲେ ସେହି ଗ୍ରାମର ସମ୍ବରା ଶବର (୫୦)। ରାୟଗଡ଼ ପୋଲିସ୍ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ବୁଧବାର କୋର୍ଟ ଚାଲାଣ କରିଛି। ସମ୍ବରା ଗତ ୨୪ ତାରିଖ ଅପରାହ୍ନରେ ତାଙ୍କ ବଗଡ଼ରେ ଥିବା ଏକ ଖଜୁରି ଗଛ କାଟୁଥିଲେ। ଗ୍ରାମର ଲାଜୁ ଶବର (୪୨) ପହଞ୍ଚି ବିରୋଧ କରିବାରୁ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ସମ୍ବରାଙ୍କ ଶଳା ଡେମା ଶବର ଏହା ଦେଖିଥିଲେ। ଡେମା ପଳାଇବା ପରେ ସମ୍ବରାଙ୍କୁ ଶିଅଳ (ଖଜୁରି ଗଛରୁ ତାଡି କାଢ଼ିବାକୁ ବ୍ୟବହୃତ ଧାରୁଆ ଅସ୍ତ୍ର)ରେ ଭୁସି ଲାଜୁ ହତ୍ୟା କରିଥିଲେ। ପରେ ମୃତଦେହ ସେଠାରେ ଛାଡି ଘରକୁ ଚାଲି ଆସିଥିଲେ। ସମ୍ବରାଙ୍କ ସ୍ତ୍ରୀ ଓ ପୁଅ ଘରେ ନ ଥିବାରୁ କେହି ତାଙ୍କୁ ଖୋଜି ନ ଥିଲେ। ୨୫ ତାରିଖରେ ଡେମା ସମ୍ବରାଙ୍କୁ ଖୋଜି ନ ପାଇବାରୁ ବଗଡ଼ ଯାଇଥିଲେ। ସେଠାରେ ସମ୍ବରାଙ୍କ ମୃତଦେହ ପଡ଼ିଥିବା ଦେଖି ରାୟଗଡ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ମାମଲା (ନଂ.୮୫/୨୦) ରୁଜୁ କରି ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଅଭିଯୁକ୍ତ ଲାଜୁଙ୍କୁ ବୁଧବାର ଗିରଫ କରି କୋର୍ଟ ଚାଲାଣ କରିଥିବା ଥାନା ଅଧିକାରୀ ଶ୍ରବଣ କୁମାର ମହାରଣା ସୂଚନା ଦେଇଛନ୍ତି।

# କ୍ୟାପିଟାଲ ହସ୍ପିଟାଲରେ ଏମ୍‌ଆର୍‌ଆଇ ବିଭାଗ ଖୋଲିଲା

### ଉଦ୍‌ଘାଟନ କଲେ ସ୍ୱାସ୍ଥ୍ୟମନ୍ତ୍ରୀ

- ପିପିପି ମୋଡ୍‌ରେ ମିଳିବ ସେବା, ବ୍ୟୟ ହୋଇଛି ୮ କୋଟି
- ବିନା ମୂଲ୍ୟରେ ହେବ ଏମ୍‌ଆର୍‌ଆଇ ପରୀକ୍ଷଣ

ଭୁବନେଶ୍ୱର, ୨୬।୧୧(ବ୍ୟୁରୋ)

କ୍ୟାପିଟାଲ ହସ୍ପିଟାଲରେ ଏମ୍‌ଆର୍‌ଆଇ ବିଭାଗ ଖୋଲିଛି। ଗୁରୁବାର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବ କିଶୋର ଦାସ ଏହାକୁ ଲୋକାର୍ପଣ କରିଛନ୍ତି। ଏଣିକି ରୋଗୀମାନେ ଏମ୍‌ଆର୍‌ଆଇ ପରୀକ୍ଷା ପାଇଁ ବାହାରକୁ ଯିବେ ନାହିଁ। ହସ୍ପିଟାଲରେ ହିଁ ଏହି ପରୀକ୍ଷଣ ସେବା ପାଇବେ। ଏଠାରେ ମସ୍ତିଷ୍କର ଆନ୍‌ଜିଓ, ଭେନୋଗ୍ରାମ୍ ଓ ସ୍ପେକ୍ଟ୍ରୋସ୍କୋପି ପରୀକ୍ଷା, ଅର୍‌ବିଟ୍, ମେରୁଦଣ୍ଡ, ମଣିବନ୍ଧ, କହୁଣି, କାନ୍ଧ, ଆଣ୍ଠୁ, ଖଞ୍ଜା, ମୁହଁ, ବେକ, ତଳିପେଟ, ହାତ, ଗୋଡ଼ ଓ ପାଦ ଇତ୍ୟାଦିର ସମ୍ପୂର୍ଣ୍ଣ ଆଭ୍ୟନ୍ତରୀଣ ପରୀକ୍ଷା ହୋଇପାରିବ। ଏହି ଅବସରରେ ମନ୍ତ୍ରୀ ଦାସ କହିଛନ୍ତି, ଉନ୍ନତ ସାର୍ବଜନୀନ ସ୍ୱାସ୍ଥ୍ୟସେବା ଉପରେ ରାଜ୍ୟ ସରକାର ଅଗ୍ରାଧିକାର ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ 'ସୁସ୍ଥ ଓଡ଼ିଶା ସୁଖୀ ଓଡ଼ିଶା' ଅଭିଯାନକୁ ଅଧିକ ସଶକ୍ତ କରିବା ନିମନ୍ତେ ବିଭାଗ ପକ୍ଷରୁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଉଛି। କ୍ୟାପିଟାଲ ହସ୍ପିଟାଲରେ ଏମ୍‌ଆର୍‌ଆଇ ପରୀକ୍ଷା ସୁବିଧା ଉପଲବ୍ଧ କରାଇବା ଏପରି ପ୍ରୟାସରେ ଏକ ମାଇଲଖୁଣ୍ଟ ବିବେଚିତ ହେବ। ଏହା ଫଳରେ ସହଜରେ ଓ ବିନା ମୂଲ୍ୟରେ ଏମ୍‌ଆର୍‌ଆଇ ପରୀକ୍ଷା କରାଯାଇପାରିବ। ରାଜ୍ୟର ଅନ୍ୟ ହସ୍ପିଟାଲଗୁଡ଼ିକରେଏପରିସୁବିଧାପାଇଁଉଦ୍ୟମ ଅବ୍ୟାହତ ରହିବ ବୋଲି ମନ୍ତ୍ରୀ କହିଛନ୍ତି।



କ୍ୟାପିଟାଲ ହସ୍ପିଟାଲରେ ନୂତନ ଏମ୍‌ଆର୍‌ଆଇ ବିଭାଗକୁ ସ୍ୱାସ୍ଥ୍ୟମନ୍ତ୍ରୀ ନବକିଶୋର ଦାସ ଓ ଅନ୍ୟମାନେ ଉଦ୍‌ଘାଟନ କରୁଛନ୍ତି।

ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ, ବିଜ୍ଞାନ ଓ କାରିଗରି ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ବିଧାୟକ ଅନନ୍ତ ନାରାୟଣ ଜେନା, ବିଧାୟକ ସୁଶାନ୍ତ କୁମାର ରାଉତଙ୍କ ସମେତ କ୍ୟାପିଟାଲ ହସ୍ପିଟାଲର ନିର୍ଦ୍ଦେଶକ ଡା. ଲକ୍ଷ୍ମୀଧର ସାହୁ, ଅଧୀକ୍ଷକ ଡା. ବିରଞ୍ଚି ନାରାୟଣ ବାରିକ ଓ ଉପଅଧୀକ୍ଷକ ଡା. ଧନଞ୍ଜୟ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

ରାଜ୍ୟରେ ପିପିପି ମୋଡ୍‌ରେ ପ୍ରଥମଥର ପାଇଁ ଏହି ପରୀକ୍ଷଣ ବ୍ୟବସ୍ଥା ହୋଇଛି। ଏଥିପାଇଁ ମଣିପାଲ୍ ହେଲ୍‌ଥ ମ୍ୟାପ୍ ଡାଇଗ୍ନୋଷ୍ଟିକ୍ସ ସ୍ୱାସ୍ଥ୍ୟାନୁଷ୍ଠାନ ସହିତ ଗତ ମାର୍ଚ୍ଚ ମାସରେ ରାଜ୍ୟ ସରକାର କରିଥିବା ଚୁକ୍ତିନାମା ଅନୁସାରେ ସେବା ଆରମ୍ଭ ହୋଇଛି। ଅଗଷ୍ଟରୁ କାର୍ଯ୍ୟ ଆରମ୍ଭ ହୋଇ ଗତ ୨୦ ତାରିଖରେ ସରିଥିଲା। ଏଥିପାଇଁ ପ୍ରାୟ ୮ କୋଟି ଟଙ୍କା ବ୍ୟୟ କରାଯାଇଥିବା ହସ୍ପିଟାଲ ପକ୍ଷରୁ ସୂଚନା ଦିଆଯାଇଛି।

# ମଣିପୁରରେ ଓଡ଼ିଆ ଯବାନଙ୍କ ମୃତ୍ୟୁ

ରାଜକନିକା,୨୬।୧୧(ଡି.ଏନ.ଏ.)

କେନ୍ଦ୍ରାପଡ଼ା ଜିଲା ରାଜକନିକା ଥାନା ମେଘପୁର ଗାଁର ଆସାମ ରାଇଫଲରେ ଯବାନ ଭାବେ କାର୍ଯ୍ୟ କରୁଥିବା ବିଭୂତି ଭୂଷଣ ନାୟକ (୫୫) ମଣିପୁରରେ ପାହାଡ ଉପରୁ ଗାଡି ଖସିଯିବାରୁ ମୃତ୍ୟୁବରଣ କରିଥିବା ଜଣାପଡିଛି। ବିଭୂତି ୨୨ବର୍ଷ ଧରି ଆସାମ ରାଇଫଲରେ ଭର୍ତ୍ତି ହୋଇ ହାବିଲଦାରକୁ ପଦୋନ୍ନତି ପାଇଥିଲେ। ମଣିପୁରର ଇମ୍ଫାଲରେ ଥିବା ଅଫିସରୁ ୧୦ ଯବାନଙ୍କ ସହ ମୋବାଇଲ ଚେକିଂରେ ଯାଉଥିବା ବେଳେ ଗାଡିଟି ୧ ହଜାର ଫୁଟ ପାହାଡ ଉପରୁ ତଳକୁ ଖସି ପଡିଥିଲା। ଦୁର୍ଘଟଣାରେ ୬ ଜଣ ଗୁରୁତର ଆହତ ହୋଇଥିବା ବେଳେ ୪ ଯବାନଙ୍କ ମୃତ୍ୟୁ ହୋଇଥିଲା। ବୁଧବାର ପୂର୍ବାହ୍ନ ସାଢେ ୯ରେ ଦୁର୍ଘଟଣାର ଶିକାର ହୋଇଥିବା ଗାଡି ଓ ଯବାନଙ୍କୁ ଉଦ୍ଧାର କରିବାକୁ ଅପରାହ୍ନ ୪ଟା ହୋଇଯାଇଥିଲା। ଯବାନ ବିଭୂତିଙ୍କ ମୃତଦେହ ଚିହ୍ନଟ ପରେ ଘରକୁ ଖବର ଆସିଥିଲା। ଗୁରୁବାର ଏକ ସ୍ୱତନ୍ତ୍ର ବିମାନରେ ବିଭୂତିଙ୍କ ମରଶରୀର ମଣିପୁରରୁ ଆସି ସନ୍ଧ୍ୟା ୬ଟା୧୫ରେ ଭୁବନେଶ୍ୱରରେ ପହଞ୍ଚିବା ପରେ ଗାଁ ମେଘପୁରକୁ ଅଣାଯାଉଛି। ରାତିରେ ପହଞ୍ଚିବାକୁ ଥିବା ମରଶରୀରକୁ ମେଘପୁରର ଶହୀଦ ବାସୁବିସ୍ୱନି ସ୍ମୃତି ପୀଠରେ ଶେଷକୃତ୍ୟ କରାଯିବାକୁ ଗ୍ରାମବାସୀ ପ୍ରସ୍ତୁତି ଚଳାଇଛନ୍ତି। ତାଙ୍କର ସ୍ତ୍ରୀ ଶକୁନ୍ତଳା, ପୁଅ ବିଶ୍ୱଜିତ ଥିବାବେଳେ ଝିଅ ବିବାହ କରି ସାରିଥିବା ଜଣାପଡିଛି।

ଧରିତ୍ରୀର ଜନ୍ମବାର୍ଷିକ ଉତ୍ସବ ଅବସରରେ ଚିତ୍ରକୋଣ୍ଡା, ଦୋରାଗୁଡା ଏବଂ ବଡପଦର ଗ୍ରାମ ପଞ୍ଚାୟତର ସମସ୍ତ ଜନସାଧାରଣଙ୍କୁ ଆନ୍ତରିକ ଶୁଭେଚ୍ଛା ଜଣାଉଛି।
ଶ୍ରୀଯୁକ୍ତ ସୁବାସ ଚନ୍ଦ୍ର ଗୁଡ଼ିଆ
ଗ୍ରାମ ରୋଜଗାର ସେବକ,
ଜି.ଆର୍.ଏସ., ଚିତ୍ରକୋଣ୍ଡା

ନିରପେକ୍ଷ ଖବରକାଗଜ 'ଧରିତ୍ରୀ' ସ୍ୱନକ୍ଷତ୍ର ଦିବସ ଅବସରରେ ବାମନଘାଟୀ ସବଡିଭିଜନର ସମସ୍ତ ଜନସାଧାରଣଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ।
ଇଂ ନିଶିକାନ୍ତ ରାୟ, ସଭାପତି
ଦିଲ୍ଲୀପ କୁମାର ଗିରି, ଉପଦେଷ୍ଟା
ନଗେନ୍ଦ୍ର ନାଥ ସାହୁ, ସଂପାଦକ
ଓଡ଼ିଶା ଡିପ୍ଲୋମା ଇଞ୍ଜିନିୟର ସେବା ସଂଘ
ରାଇରଙ୍ଗପୁର ଶାଖା

ନିରପେକ୍ଷ ସମ୍ବାଦପତ୍ର 'ଧରିତ୍ରୀ' ଜନ୍ମବାର୍ଷିକୀ ଅବସରରେ ଯାମଦା ବ୍ଲକ ଅଞ୍ଚଳବାସୀଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଏବଂ ଅଭିନନ୍ଦନ।
ସୁବାସ ମଣ୍ଡଳ
ସ୍ପେଶାଲ କ୍ଲାସ କଣ୍ଟ୍ରାକ୍ଟର ତଥା ସମାଜସେବୀ
ଯାମଦା ବ୍ଲକ (ରାଇରଙ୍ଗପୁର)

ଜଙ୍ଗଲରେ ନିଆଁ ଲଗାନ୍ତୁ ନାହିଁ ବନପଶୁପକ୍ଷୀଙ୍କ ସୁରକ୍ଷା ପାଇଁ। ବୃକ୍ଷଲତା ସଙ୍ଗେ ବନ୍ୟଜୀବ ମନୁଷ୍ୟ ସମାଜ ଦୀର୍ଘ ଜୀବନ। ଉଜୁଡା ଜଙ୍ଗଲ ସଜାଡି ଦେବା ଆମ ଜଙ୍ଗଲକୁ ଆମେ ଜଗିବା। ଶୁଭେଚ୍ଛା ସହ–
ଶ୍ରୀଯୁକ୍ତ କାହ୍ନୁଚରଣ ପଟ୍ଟନାୟକ
ଡେପୁଟି ରେଞ୍ଜର, ଦିଗପହଣ୍ଡି ବନାଞ୍ଚଳ (ଗଞ୍ଜାମ)

ମାନ୍ୟବର ବାଚସ୍ପତି ଡା. ସୂର୍ଯ୍ୟନାରାୟଣ ପାତ୍ରଙ୍କ ଉଦ୍ୟମରେ ଦିଗପହଣ୍ଡି ବ୍ଲକ ସିଦ୍ଧେଶ୍ୱର ପଞ୍ଚାୟତ ଅଞ୍ଚଳର ସାମଗ୍ରିକ ବିକାଶ ହୋଇପାରିଛି। ଧରିତ୍ରୀର ସ୍ୱନକ୍ଷତ୍ର ଅବସରରେ ସମସ୍ତ ଜନସାଧାରଣଙ୍କୁ ଅଭିନନ୍ଦନ ଓ ନମସ୍କାର ଜଣାଉଛି।
ଶ୍ରୀଯୁକ୍ତ ବିଜୟ କୁମାର ପ୍ରଧାନ
ସଭାପତି
ସିଦ୍ଧେଶ୍ୱର ପଞ୍ଚାୟତ ବିଜୁ ଜନତା ଦଳ,ଦିଗପହଣ୍ଡି ବ୍ଲକ

ଧରିତ୍ରୀର ସ୍ୱନକ୍ଷତ୍ର ଅବସରରେ ଦିଗପହଣ୍ଡି ବ୍ଲକ କୈଁଠଖଣ୍ଡି ଗ୍ରାମପଞ୍ଚାୟତ ତଥା ଦିଗପହଣ୍ଡି ବ୍ଲକ ଅଞ୍ଚଳର ସମସ୍ତ ଜନସାଧାରଣଙ୍କ ସୁଖ ସମୃଦ୍ଧି କାମନା କରୁଛି।
ଶ୍ରୀମତୀ ପଙ୍କଜ ଗୌଡ
ସରପଞ୍ଚ
କୈଁଠଖଣ୍ଡି ଗ୍ରାମପଞ୍ଚାୟତ (ଦିଗପହଣ୍ଡି ବ୍ଲକ)

ଧରିତ୍ରୀର ସ୍ୱନକ୍ଷତ୍ର ଅବସରରେ ଶୁଭେଚ୍ଛା ଦିଗପହଣ୍ଡି ବ୍ଲକ ଖମାରି ଗାଁ ପଞ୍ଚାୟତରେ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ପରିମଳ ଓ ପାନୀୟଜଳ ବ୍ୟବସ୍ଥାକୁ ସୁଧାରିବା ପାଇଁ ଉଦ୍ୟମ ଅବ୍ୟାହତ ରହିଛି। ସମସ୍ତଙ୍କ ସମ୍ପୂର୍ଣ୍ଣ ସହଯୋଗରେ ଖମାରି ଗାଁ ପଞ୍ଚାୟତକୁ ଏକ ଆଦର୍ଶ ପଞ୍ଚାୟତରେ ପରିଣତ କରିବା ପାଇଁ ମୁଁ ସଙ୍କଳ୍ପବଦ୍ଧ।
ଶ୍ରୀଯୁକ୍ତ କେ. ସନ୍ତୋଷ କୁମାର ପାତ୍ର
ସରପଞ୍ଚ
ଖମାରି ଗାଁ ଗ୍ରାମପଞ୍ଚାୟତ, ଦିଗପହଣ୍ଡି ବ୍ଲକ (ଗଞ୍ଜାମ)

ନିରପେକ୍ଷ ସମ୍ବାଦପତ୍ର ଦୈନିକ 'ଧରିତ୍ରୀ'ର ଜନ୍ମବାର୍ଷିକୀ ଅବସରରେ ରାଇରଙ୍ଗପୁର ଜନସାଧାରଣଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଏବଂ ଅଭିନନ୍ଦନ।
ପଶ୍ଚିମ ମୟୂରଭଞ୍ଜ ଶାଖା
ଭାରତୀୟ ଜନତା ଦଳ, ରାଇରଙ୍ଗପୁର

ଧରିତ୍ରୀର ସ୍ୱନକ୍ଷତ୍ର ଅବସରରେ ଧରିତ୍ରୀ ପରିବାରର ସମସ୍ତ ସଦସ୍ୟଙ୍କ ସମେତ ମୋର ସମସ୍ତ ଛାତ୍ରଛାତ୍ରୀ, ଅଧ୍ୟାପକ ଅଧ୍ୟାପିକା ଓ କର୍ମଚାରୀମାନଙ୍କ ସୁଖ ସମୃଦ୍ଧି କାମନା କରୁଛି।
ଶ୍ରୀମତୀ ପ୍ରଣତି ପାତ୍ର
ଅଧକ୍ଷା
ଖେମୁଣ୍ଡି କଲେଜ, ଦିଗପହଣ୍ଡି (ଗଞ୍ଜାମ)

ଧରିତ୍ରୀର ସ୍ୱନକ୍ଷତ୍ର ଅବସରରେ ଦିଗପହଣ୍ଡି ବ୍ଲକ ବି. ତୁରୁବୁଡି ଗ୍ରାମପଞ୍ଚାୟତର ଜନସାଧାରଣଙ୍କୁ ଶୁଭେଚ୍ଛା ଜଣାଉଛି।
ଶ୍ରୀଯୁକ୍ତ କେ. ସଞ୍ଜୀବ କୁମାର ରେଡ୍ଡୀ
ପୂର୍ବତନ ସରପଞ୍ଚ
ତଥା ସଭାପତି, କାଣ୍ଡସର ପ୍ରାଥମିକ ସେବା ସମବାୟ ସମିତି

ପ୍ରଗତି ପଥେ ବିକାଶ ଅଭିମୁଖେ ସ୍ୱାଭିମାନ ଅଞ୍ଚଳ ଧରିତ୍ରୀ ଜନ୍ମବାର୍ଷିକୀ ଉତ୍ସବ ଅବସରରେ ଚିତ୍ରକୋଣ୍ଡା ନିର୍ବାଚନ ମଣ୍ଡଳୀ ତଥା ସ୍ୱାଭିମାନ ଅଞ୍ଚଳର ସମସ୍ତ ଜନସାଧାରଣଙ୍କୁ ଆନ୍ତରିକ ଶୁଭେଚ୍ଛା ଜଣାଉଛି।
ଶ୍ରୀଯୁକ୍ତ ପୀତାମ୍ବର ଖେମୁଡୁ
ସମାଜସେବୀ, ଚିତ୍ରକୋଣ୍ଡା

ଧରିତ୍ରୀ ସମ୍ବାଦପତ୍ରର ସନକ୍ଷେତ୍ର ଦିବସ ଅବସରରେ ଧରିତ୍ରୀ ପରିବାରର ସମସ୍ତ ସଦସ୍ୟ ଓ ଅଗଣିତ ପାଠକପାଠିକାମାନଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ।
ଶ୍ରୀଯୁକ୍ତ ସତ୍ୟନ ପଣ୍ଡା
ପୂର୍ବତନ ସଭାପତି
ଆଠଗଡ ଉପଖଣ୍ଡ ଓକିଲ ସଂଘ

ଧରିତ୍ରୀର ସ୍ୱନକ୍ଷତ୍ର ଅବସରରେ ସମସ୍ତ ଜନସାଧାରଣଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା।
ସତ୍ୟପ୍ରକାଶ ପାଢ଼ୀ
କାଶୀନଗର, ଗଜପତି

ଶୁଭ ଅଭିନନ୍ଦନ
ନିର୍ଭୀକ, ନିରପେକ୍ଷ ଓ ସମୟୋପଯୋଗୀ ଖବର ପରିବେଷଣକରି 'ଧରିତ୍ରୀ' ଜନାଦୃତ ହେଉ। ଧରିତ୍ରୀର ସ୍ୱନକ୍ଷତ୍ର ଅବସରରେ ଦିଗପହଣ୍ଡି ଅଞ୍ଚଳର ସମସ୍ତ ଜନସାଧାରଣ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ କୋଭିଡ୍-୧୯ର ସମସ୍ତ ନୀତି ନିୟମ ମାନି ଚଳନ୍ତୁ। ନିର୍ଦ୍ଧାରିତ ସମୟରେ ରାଜସ୍ୱ ପୈଠ କରନ୍ତୁ।
ଶ୍ରୀଯୁକ୍ତ ଅଦ୍ୱୈତ କୁମାର ସ୍ୱାଇଁ
ତହସିଲଦାର, ଦିଗପହଣ୍ଡି (ଗଞ୍ଜାମ)

ଦୀର୍ଘ ୪୭ ବର୍ଷ ହେବ ଧରିତ୍ରୀ ଖବରକାଗଜ ଆମକୁ ସବୁବେଳେ ଭଲ, ସଠିକ୍, ନିର୍ଭୁଲ ଖବର ଦେଇଆସୁଥିବାରୁ ଏହାର ମଙ୍ଗଳ କାମନା କରିବା ସହ ମୋର ବୌଦ୍ଧ ଜିଲାବାସୀଙ୍କ ଉନ୍ନତି ପାଇଁ ମା' ଭୈରବୀଙ୍କ ନିକଟରେ ପ୍ରାର୍ଥନା କରୁଛି।
ବିପ୍ର ଚରଣ ମହାନ୍ତି
ସଭାପତି,
ଜିଲା
ବିଜେପି,
ବୌଦ୍ଧ

ଧରିତ୍ରୀ ଖବରକାଗଜ ଆମକୁ ଦୀର୍ଘ ୪୭ ବର୍ଷ ହେବ ଆମ ଅଞ୍ଚଳର ସମସ୍ତ ଖବର ସଠିକ୍, ସତେଜ ଓ ନିର୍ଭୁଲ ଖବର ଦେଇଆସୁଥିବା ସହ ଆଗକୁ ଏହାର ଉତ୍ତରୋତ୍ତର ଉନ୍ନତି କାମନା କରୁଛି।
ପ୍ରସନ୍ନ କୁମାର ପ୍ରଧାନ
ଭାରପ୍ରାପ୍ତ ରେଞ୍ଜ ଅଫିସର,
କେନ୍ଦୁପତ୍ର ବିଭାଗ,
ଚାରିଛକ, ବୌଦ୍ଧ

ଧରିତ୍ରୀର ସ୍ୱନକ୍ଷତ୍ର ଅବସରରେ ଅଭିନନ୍ଦନ ଓ ଶୁଭେଚ୍ଛା
ଦିଗପହଣ୍ଡି ପଞ୍ଚାୟତ ସମିତି ଅନ୍ତର୍ଗତ ସମସ୍ତ ଗ୍ରାମାଞ୍ଚଳର ଆର୍ଥିକ ଦୁର୍ବଳତର ଜନସାଧାରଣଙ୍କ ଅର୍ଥନୈତିକ ଅଗ୍ରଗତି ସାଙ୍ଗକୁ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ମାଧ୍ୟମରେ ହେଉଥିବା ଉନ୍ନୟନମୂଳକ କାର୍ଯ୍ୟର ସଫଳ ରୂପାୟନ ଦିଗରେ ସହଯୋଗ କରିବା ଲାଗି ଜନସାଧାରଣଙ୍କୁ ମୋର ବିନମ୍ର ନିବେଦନ।
ଶ୍ରୀଯୁକ୍ତ ହଳଧର ଶବର (ଓ.ପ୍ର.ସେ.)
ବିଡିଓ
ଦିଗପହଣ୍ଡି ପଞ୍ଚାୟତ ସମିତି (ଗଞ୍ଜାମ)

ଧରିତ୍ରୀର ସ୍ୱନକ୍ଷତ୍ର ଅବସରରେ ଗଞ୍ଜାମ ଜିଲ୍ଲାର ଅଗଣିତ ଚାଷୀ, ସ୍ୱୟଂ ସହାୟିକା ଗୋଷ୍ଠୀ, ସମବାୟ ବିଭାଗର ସମସ୍ତ କାର୍ଯ୍ୟକର୍ତ୍ତା ଓ କର୍ମଚାରୀଙ୍କ ଉନ୍ନତି କାମନା କରୁଛି। ରାଜ୍ୟ ସରକାରଙ୍କ ସହଯୋଗ ତଥା କୃଷକର ଅକ୍ଲାନ୍ତ ପରିଶ୍ରମରେ ଓଡ଼ିଶା ଶସ୍ୟଶ୍ୟାମଳାରେ ଭରପୂର ହେଉ। ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଏତିକି ହିଁ ପ୍ରାର୍ଥନା।
Sri Sanatan Sangram Singh
Member, National Education Committee
National Co-operative Union of India, New Delhi
PCC Chairman, NCUI Field Project for Women,
Aska (Gm.)

ଧରିତ୍ରୀ ଖବରକାଗଜ ୪୭ ବର୍ଷ ହେବ ଆମ ଅଞ୍ଚଳର ଖବର ଦେଇଆସୁଥିବା ସହ ମା' ବନଦୁର୍ଗା ଜନ୍ମବାର୍ଷିକୀରେ ଏହାର ମଙ୍ଗଳ କରନ୍ତୁ।
ବ୍ରହ୍ମବାସୀ ବେଉରା
ଯୁବ ସମାଜସେବୀ, ମାଧପୁର, ହରଭଙ୍ଗା, ବୌଦ୍ଧ

ଦୀର୍ଘ ୪୭ ବର୍ଷ ହେବ ଧରିତ୍ରୀ ଖବରକାଗଜ ଆମକୁ ସଠିକ୍, ନିର୍ଭୁଲ, ସତେଜ ଖବର ଦେଇଆସୁଥିବା ସହ ମା' ଭୈରବୀଙ୍କ ପାଖରେ ଏହାର ମଙ୍ଗଳ କାମନା କରୁଛି।
ଅଜିତ କୁମାର ପ୍ରଧାନ
ସମାଜସେବୀ,
ଆଡେଣୀଗଡ଼, ହରଭଙ୍ଗା,
ବୌଦ୍ଧ

**ଦ୍ୱିତୀୟ ତ୍ରୈମାସ ଅଭିବୃଦ୍ଧି ୭.୮% ଖସିପାରେ**

ଚଳିତ ଆର୍ଥିକ ବର୍ଷ ଦ୍ୱିତୀୟ ତ୍ରୈମାସରେ ଭାରତର ଅଭିବୃଦ୍ଧି ହାର ୭.୮% ଖସିପାରେ। ବ୍ୟାଙ୍କ ଅଫ୍ ଆମେରିକା ପକ୍ଷରୁ ଭାରତ ଅର୍ଥ ବ୍ୟବସ୍ଥାର ଅଭିବୃଦ୍ଧିକୁ ନେଇ ଏଭଳି ଆକଳନ କରାଯାଇଛି। ଚଳିତ ଆର୍ଥିକ ବର୍ଷ ପ୍ରଥମ ତ୍ରୈମାସରେ ଭାରତର ବିକାଶ ହାର -୨୩.୯% ରହିଥିଲା। ଚଳିତ ମାସ ଶେଷ ସୁଦ୍ଧା ଭାରତ ସରକାର ଜିଡିପି ଡାଟା ଜାରି କରିବେ। ସେହିଭଳି ଚଳିତ ଆର୍ଥିକ ବର୍ଷରେ ଜିଡିପି ୭.୫% ଖସିବା ନେଇ ଏହା ପୂର୍ବରୁ ଆକଳନ କରିଥିବା ବେଳେ ଏହାକୁ ବର୍ତ୍ତମାନ ସୁଦ୍ଧା ଅପରିବର୍ତ୍ତିତ ରଖିଛି।

# ରାଜ୍ୟରେ ୧୦୦ କୋଟିର କାରବାର କ୍ଷତିଗ୍ରସ୍ତ

ଭୁବନେଶ୍ୱର,୨୬ା୧୧

ଶ୍ରମିକ ଧର୍ମଘଟ ଯୋଗୁ ରାଜ୍ୟର ପ୍ରମୁଖ ସ୍ଥାନଗୁଡ଼ିକରେ ଦୋକାନ ବଜାର ବନ୍ଦ ରହିଥିବା ବେଳେ ଅନ୍ୟ ସବୁ ସ୍ଥାନରେ ଆଂଶିକ ବନ୍ଦ ରହିଥିବା ଦେଖିବାକୁ ମିଳିଛି। ବନ୍ଦ କାରଣରୁ ରାଜ୍ୟରେ ପ୍ରାୟ ୧୦୦ କୋଟି ଟଙ୍କାର କାରବାର କ୍ଷତିଗ୍ରସ୍ତ ହୋଇଥିବା ବଜାର ସୂତ୍ରରୁ ସୂଚନା ମିଳିଛି । ବନ୍ଦ ଯୋଗୁ ଅର୍ଥ ବ୍ୟବସ୍ଥାକୁ ୨୫ ହଜାର କୋଟି ଟଙ୍କାର କ୍ଷତି ପହଞ୍ଚିଛି। ସେହିଭଳି ବ୍ୟାଙ୍କ କର୍ମଚାରୀ ଧର୍ମଘଟରେ ସାମିଲ ହେବା ଯୋଗୁ ପ୍ରାୟ ୧୮ ହଜାର କୋଟି ଟଙ୍କାର ଚେକ୍ କ୍ଲିୟରାନ୍ସରେ ବାଧା ଆସିଥିବା ଶ୍ରମିକ ସଙ୍ଗଠନଗୁଡ଼ିକ ପକ୍ଷରୁ ସୂଚନା ଦିଆଯାଇଛି। ରାଜ୍ୟ ବ୍ୟବସାୟୀ ମହାସଂଘ ସଭାପତି ସୁଧାକର ପଣ୍ଡା କହିଛନ୍ତି, ରାଜ୍ୟର ଯେଉଁ ସ୍ଥାନଗୁଡ଼ିକରେ ଶ୍ରମିକ ସଙ୍ଗଠନଗୁଡ଼ିକ ସକ୍ରିୟ ଅଛନ୍ତି ସେହି ସ୍ଥାନଗୁଡ଼ିକରେ ବିଶେଷକରି ବନ୍ଦ ପ୍ରଭାବ ଅଧିକ ରହିଛି। ରାଜ୍ୟର ଅନ୍ୟ ସ୍ଥାନରେ ବନ୍ଦ ପ୍ରଭାବ ଏତେଟା ଦେଖାଯାଇନାହିଁ। ଫଳରେ ବ୍ୟବସାୟ ଉପରେ ସେଭଳି କିଛି ପ୍ରଭାବ ପଡ଼ିନାହିଁ। ରାଜପଥରେ ଶ୍ରମିକ ସଙ୍ଗଠନଗୁଡ଼ିକ ଧାରଣା ଦେଇଥିବାରୁ ପରିବହନ ହେବା ବ୍ୟାପକ ବାଧାପ୍ରାପ୍ତ ହୋଇଥିବା ବିଭିନ୍ନ ସଙ୍ଗଠନ ପକ୍ଷରୁ ସୂଚନା ମିଳିଛି।



ଭୁବନେଶ୍ୱରର ରିଜର୍ଭ ବ୍ୟାଙ୍କ ଆଞ୍ଚଳିକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଉଛି ।

ଗୁରୁବାର ଶ୍ରମିକ ସଙ୍ଗଠନଗୁଡ଼ିକର ଦେଶବ୍ୟାପୀ ଧର୍ମଘଟ ଯୋଗୁ ରାଷ୍ଟ୍ରାୟତ୍ତ ବ୍ୟାଙ୍କରେ କାରବାର ଆଂଶିକ ପ୍ରଭାବିତ ହୋଇଛି। କିଛି ବ୍ୟାଙ୍କ କର୍ମଚାରୀ ସଙ୍ଗଠନ ଏହି ଧର୍ମଘଟରେ ସାମିଲ ହୋଇଥିଲେ। ବ୍ୟାଙ୍କରେ ଜମା ସହ ନଗଦ କାରବାର ପ୍ରଭାବିତ ହୋଇଥିବା ସୂଚନା ମିଳିଛି। ଏହାର ପ୍ରଭାବ ବିଦେଶୀ ମୁଦ୍ରା ଏବଂ ସରକାରୀ ନେଣଦେଣ ଉପରେ ମଧ୍ୟ ପଡ଼ିଛି। ଭାରତୀୟ ଷ୍ଟେଟ ବ୍ୟାଙ୍କ ଘରୋଇ କ୍ଷେତ୍ର ବ୍ୟାଙ୍କଗୁଡ଼ିକରେ କାର୍ଯ୍ୟ ବାଧାପ୍ରାପ୍ତ ହୋଇ ନ ଥିବା ଶିଳ୍ପ ସୂତ୍ରରୁ କୁହାଯାଇଛି। ସରକାରଙ୍କ

**ଶ୍ରମିକ ସଂଗଠନର ଦିନିକିଆ ଧର୍ମଘଟ**

ନୀତିକୁ ବିରୋଧକରି ଦେଶର ୧୦ ଶ୍ରମିକ ସଙ୍ଗଠନ ଧର୍ମଘଟକୁ ଓହ୍ଲାଇଛନ୍ତି। ଏଥିରେ ଭାରତୀୟ ମଜଦୁର ସଂଘ ଯୋଗଦେଇନାହିଁ।

ବନ୍ଦ ପ୍ରଭାବ ରାଜ୍ୟର ବ୍ୟାଙ୍କ ସେବା ଉପରେ ସେଭଳି ପ୍ରଭାବ ପକାଇନାହିଁ। ରାଜ୍ୟର ପ୍ରାୟ ସମସ୍ତ ରାଷ୍ଟ୍ରାୟତ୍ତ ଏବଂ ଘରୋଇ ବ୍ୟାଙ୍କ ଖୋଲା ରହିଥିବା ବେଳେ ଗ୍ରାହକ ମଧ୍ୟ ଆଶା ଅନୁଯାୟୀ କାରବାର କରିଛନ୍ତି। ପ୍ରାୟ ୭୫% ଗ୍ରାହକ ବ୍ୟାଙ୍କକୁ ଆସି ସେବା ଲାଭ କରିଥିବା ଏଆଇବିଓସି ରାଜ୍ୟ ସଭାପତି ଦାମୋଦର ନନ୍ଦ ସୂଚନା ଦେଇଛନ୍ତି। ବ୍ୟାଙ୍କିଙ୍ଗ୍ ସମ୍ପର୍କିତ ନେଣଦେଣ ଏବଂ ଅନ୍ୟ ସେବା ଯଥା ଇଣ୍ଟରନେଟ, ମୋବାଇଲ ବ୍ୟାଙ୍କିଙ୍ଗ୍ ଓ ଏଟିଏମ୍ ଭଳି ଡିଜିଟାଲ ମାଧ୍ୟମରେ ଟ୍ରାଞ୍ଜାକଶନ କରିବା ଲାଗି ବ୍ୟାଙ୍କଗୁଡ଼ିକ ଗ୍ରାହକଙ୍କୁ ପୂର୍ବରୁ କହିଥିଲେ।

# ହୋଣ୍ଡା ଆକ୍ଟିଭାର ଗୌରବମୟ ୨୦ ବର୍ଷ

ନୂଆଦିଲ୍ଲୀ,୨୬ା୧୧



ଭାରତୀୟ ୨ ଚକିଆ ଶିଳ୍ପରେ ବୈପ୍ଳବିକ ପରିବର୍ତ୍ତନ ଆଣିଥିବା ଆକ୍ଟିଭା ଦେଶରେ ୨ ଦଶନ୍ଧି ସଫଳତାର ସହ ପୂରଣ କରିଛି । ଆକ୍ଟିଭା ୨ କୋଟିରୁ ଊର୍ଦ୍ଧ୍ୱ ଭାରତୀୟ ଗ୍ରାହକଙ୍କ ବିଶ୍ୱାସ ଜିତିବା ସହ ଅତୁଳନୀୟ ଯାତ୍ରାରେ ଅଗ୍ରଣୀ ସାଜିଥିବା ଉତ୍ସବକୁ ପାଳନ କରିବା ଲାଗି ହୋଣ୍ଡା ମୋଟର ସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ ପ୍ରାଇଭେଟ ଲିମିଟେଡ୍ ପକ୍ଷରୁ ଆକ୍ଟିଭା ୬ ଜି'ର ସ୍ୱତନ୍ତ୍ର ୨୦ ତମ ବାର୍ଷିକ ସଂସ୍କରଣକୁ ଉନ୍ମୋଚନ କରାଯାଇଛି। ଏହି ଅବସରରେ ହୋଣ୍ଡା ମୋଟର ସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ ପ୍ରାଇଭେଟ ଲିମିଟେଡ୍ର ସିଇଓ ଓ ପରିଚାଳନା ନିର୍ଦ୍ଦେଶକ ତଥା ସଭାପତି ଆତସୁସି ଓଗାଟା କହିଛନ୍ତି, ୨୦ ବର୍ଷ ପୂର୍ବେ ଏହି କିମ୍ବଦନ୍ତୀଙ୍କ ଜନ୍ମ ହୋଇଥିଲା ଯେତେବେଳେ ହୋଣ୍ଡା ଭାରତର ସ୍ୱପ୍ନର ଶକ୍ତିକୁ ଜାଣିପାରି ଆକ୍ଟିଭା ମଡେଲକୁ ଉନ୍ମୋଚନ କରିଥିଲା। ସେହିଦିନଠାରୁ ପ୍ରତି ନୂଆ ପିଢ଼ିର ହୋଣ୍ଡା ଆକ୍ଟିଭାରେ ଭାରତୀୟ ଚାଳକଙ୍କ ପାଇଁ ଅତ୍ୟାଧୁନିକ ସୁବିଧା ସୁଯୋଗ ଓ ପ୍ରଯୁକ୍ତି ବ୍ୟବହାର କରାଯାଇଛି। ସେହିଭଳି ହୋଣ୍ଡା ମୋଟର ସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ ପ୍ରାଇଭେଟ ଲିମିଟେଡ୍ର ବିକ୍ରି ଓ ମାର୍କେଟିଂ ନିର୍ଦ୍ଦେଶକ ଯଦବିନ୍ଦର ସିଂହ ଗୁଲେରିଆ ଏହି ୨୦ ବର୍ଷ ପୂର୍ତ୍ତି ସମ୍ପର୍କରେ ବିସ୍ତୃତ ବିବରଣୀ ଉପସ୍ଥାପନ କରିଥିଲେ।

# ୪୩୨ ପଏଣ୍ଟ ବଢ଼ିଲା ସେନ୍‌ସେକ୍ସ

ନୂଆଦିଲ୍ଲୀ,୨୬ା୧୧

ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ(ବିଏସ୍‌ଇ)ର ସେନ୍‌ସେକ୍ସ ଗୁରୁବାର ୪୩୨ ପଏଣ୍ଟ ବଢ଼ିଛି। ମେଟାଲ ଏବଂ ବ୍ୟାଙ୍କିଙ୍ଗ୍ ଷ୍ଟକ୍ କାରବାର ଉନ୍ନତ ହେବାରୁ ବଜାରରେ ଏଭଳି ସ୍ଥିତି ଦେଖାଯାଇଛି। ଭାରତ ଶେୟାର ବଜାରରେ ବିଦେଶୀ ନିବେଶକମାନେ ନିବେଶ ବଢାଇବା ନେଇ ଆଶା ଜନ୍ମିଛି। ଏହାର ପ୍ରଭାବ ବଜାର ଉପରେ ଉନ୍ନତ ରହିଛି। ୩୦ ଶେୟାର ବିଶିଷ୍ଟ ବିଏସ୍‌ଇର ସୂଚକାଙ୍କ ୦.୯୮% ଉଚ୍ଚରେ ରହିବା ଯୋଗୁ ୪୪,୨୬୦ ପଏଣ୍ଟ ସ୍ତରରେ ବନ୍ଦ ହୋଇଛି। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜର ନିଫ୍ଟି ୧୨୯ ପଏଣ୍ଟ ବା ୧% ଉଚ୍ଚରେ ରହି ୧୨,୯୮୭ ପଏଣ୍ଟ ସ୍ତରରେ ରହିଛି। ଟାଟା ଷ୍ଟିଲ୍, ବଜାଜ ଫାଇନାନ୍ସ, ବଜାଜ ଅଟୋ, ଏଚ୍‌ଡିଏଫ୍‌ସି, ଏଚ୍‌ସିଏଲ୍ ଟେକ୍, ଟାଇଟାନ ଏବଂ ଏଚ୍‌ଡିଏଫ୍‌ସି ବ୍ୟାଙ୍କ ସେନ୍‌ସେକ୍ସରେ ଭଲ କାରବାର କରିଛନ୍ତି। ସେହିଭଳି ଓଏନ୍‌ଜିସି, ମାରୁତି, ଟେକ୍ ମହିନ୍ଦ୍ରା, ଇଣ୍ଡସ୍‌ଇଣ୍ଡ ବ୍ୟାଙ୍କର ଶେୟାର ପ୍ରଭାବିତ ରହିଛି। ଏନ୍‌ଏସ୍‌ଇ ପ୍ଲାଟ୍‌ଫର୍ମ ନିଫ୍ଟିରେ ମେଟାଲ, ପିଏସ୍‌ୟୁ ବ୍ୟାଙ୍କ, ଫାଇନାନ୍ସିଆଲ ସର୍ଭିସ କାରବାର ଉନ୍ନତ ରହିଛି। ସେହିଭଳି ଲାର୍ସନ ଆଣ୍ଡ ଟୁବ୍ରୋ ଏବଂ ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରାର କାରବାର ବେଶ୍ ଉନ୍ନତ ରହିଥିବା ଷ୍ଟକ୍ ବଜାର ସୂତ୍ରରୁ ସାମ୍ନାକୁ ଆସିଛି।

# ଆଦିତ୍ୟ ହ୍ୟୁଣ୍ଡାଇ ପକ୍ଷରୁ କାର ସର୍ଭିସ କ୍ୟାମ୍ପ

ଭୁବନେଶ୍ୱର,୨୬ା୧୧

ହ୍ୟୁଣ୍ଡାଇ ମୋଟର ଇଣ୍ଡିଆ ଲିମିଟେଡ୍ ପକ୍ଷରୁ ସାରା ଦେଶରେ ଏହାର ଗ୍ରାହକମାନଙ୍କ ପାଇଁ ପ୍ରି-ଉଇଣ୍ଟର କାର କେୟାର କ୍ୟାମ୍ପର ଆୟୋଜନ କରାଯାଇଛି। ଏହି କ୍ୟାମ୍ପ ଜରିଆରେ ଗ୍ରାହକମାନେ କମ୍ପାନୀର ସମସ୍ତ ଡିଲର ଓ ସର୍ଭିସ ପଏଣ୍ଟରେ ଏହି ସୁବିଧା ପାଇପାରିବେ ବୋଲି ସୂଚନା ଦିଆଯାଇଛି। ଏହି ପରିପ୍ରେକ୍ଷୀରେ ଭୁବନେଶ୍ୱରର ଅଗ୍ରଣୀ କାର ଶୋ'ରୁମ୍ ଆଦିତ୍ୟ ହୁଣ୍ଡାଇ ପକ୍ଷରୁ ହୁଣ୍ଡାଇ ଗ୍ରାହକଙ୍କ ପାଇଁ ସ୍ୱଳ୍ପ ବଜେଟରେ କାର ସର୍ଭିସ ସେବା ଯୋଗାଇ ଦିଆଯାଉଛି। ସ୍ଥାନୀୟ ଶୋ'ରୁମ୍ ପରିସରରେ ଏହି କାର ସର୍ଭିସ କ୍ୟାମ୍ପ ଚଳିତ ମାସ ୨୫ରୁ ୩୦ ତାରିଖ ପର୍ଯ୍ୟନ୍ତ ଜାରି ରହିବ ବୋଲି ଶୋ'ରୁମ୍ ପକ୍ଷରୁ ସୂଚନା ଦିଆଯାଇଛି। ଏହି ସମୟରେ ଗାଡ଼ିର ଉଚିତ ଯତ୍ନ ନେବା ସହ ଆବଶ୍ୟକ ସର୍ଭିସ ସହ ଅନ୍ୟାନ୍ୟ ଆନୁଷଙ୍ଗିକ କାର୍ଯ୍ୟ କରାଇପାରିବେ।

# ଅର୍ଥ ବ୍ୟବସ୍ଥାରେ ସୁଧାର ଆଶାଠାରୁ ଉନ୍ନତ:ଶକ୍ତିକାନ୍ତ

ନୂଆଦିଲ୍ଲୀ,୨୬ା୧୧

କରୋନା ଯୋଗୁ ଭାରତ ବଜାର ସଙ୍କଟ ଦେଇ ଗତି କରୁଛି । ଚଳିତ ଆର୍ଥିକ ବର୍ଷ ପ୍ରଥମ ତ୍ରୈମାସରେ ଦେଶର ମୋଟ ଘରୋଇ ଉତ୍ପାଦ(ଜିଡିପି) -୨୩.୯% ହ୍ରାସ ପାଇଥିଲା । ବଜାର ପ୍ରଭାବିତ ହୋଇ ରହିଥିବା ବେଳେ ରିଜର୍ଭ ବ୍ୟାଙ୍କ ଗଭର୍ଣ୍ଣର ଶକ୍ତିକାନ୍ତ ଦାସ ଦେଶର ଅର୍ଥ ବ୍ୟବସ୍ଥାକୁ ନେଇ ଗୁରୁବାର ମତ ରଖିଛନ୍ତି । ସେ କହିଛନ୍ତି, ଅର୍ଥ ବ୍ୟବସ୍ଥା ପୁଣି ଥରେ ଟ୍ରାକ୍‌କୁ ଫେରିବା ଜାରି ରହିଛି । ହେଲେ ଏହି ଧାରା ଆଶାଠାରୁ ଉନ୍ନତ। ଅର୍ଥାତ୍ ଯେଉଁ ଅର୍ଥ ବ୍ୟବସ୍ଥାର ଭଲ ଦିନ ଆଗକୁ ଆସୁଥିବା କୁହାଯାଉଛି। ଫରେନ ଏକ୍ସଚେଞ୍ଜ ଡିଲର୍ସ ଆସୋସିଏଶନ ଅଫ୍ ଇଣ୍ଡିଆର ଏକ କାର୍ଯ୍ୟକ୍ରମକୁ ସମ୍ବୋଧିତ କରି ସେ କହିଛନ୍ତି, ଚଳିତ ଆର୍ଥିକ ବର୍ଷ ଦ୍ୱିତୀୟ ତ୍ରୈମାସରେ ଦ୍ରୁତ ହାରରେ ଅର୍ଥ ବ୍ୟବସ୍ଥା ଟ୍ରାକ୍‌କୁ ଫେରୁଛି।

# ପରଲୋକରେ ଟିସିଏସ୍‌ର ପ୍ରତିଷ୍ଠାତା ଫକିର ଚାନ୍ଦ କୋହଲି

ନୂଆଦିଲ୍ଲୀ,୨୬ା୧୧



ଭାରତର ପ୍ରମୁଖ ଆଇଟି କମ୍ପାନୀ ଟାଟା କନ୍ସଲଟାନ୍ସି ସର୍ଭେସେସ (ଟିସିଏସ)ର ପ୍ରତିଷ୍ଠାତା ଫକୀର ଚାନ୍ଦ କୋହଲିଙ୍କର ଗୁରୁବାର ପରଲୋକ ହୋଇଯାଇଛି। ୯୬ ବର୍ଷ ବୟସରେ ସେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି। ସେ ଭାରତର ସଫ୍ଟୱେର୍ ଇଣ୍ଡଷ୍ଟ୍ରିର ଜନକ ଭାବେ ବେଶ ଜଣାଶୁଣା। କୋହଲି MIT (Massachusetts Institute of Technology) ରୁ ମାଷ୍ଟର ଡିଗ୍ରୀ ଶେଷ କରିବା ପରେ ୧୯୫୧ରେ ଟାଟା ଇଲେକ୍ଟ୍ରିକ କୋରେ ଯୋଗ ଦେଇଥିଲେ। ଏହାପରେ ଦେଶର ପ୍ରଥମ ଲୋଡ ଡେସପାଚ୍ କେନ୍ଦ୍ର ପ୍ରତିଷ୍ଠା କରିଥିଲେ। ୧୯୬୯ ମସିହାରେ ଟାଟା ଇଲେକ୍ଟ୍ରିକ ମୁମ୍ବାଇ ଏବଂ ପୁଣେ ମଧ୍ୟରେ ଥିବା ବିଦ୍ୟୁତ ଲାଇନକୁ ନିୟନ୍ତ୍ରଣ କରିବା ପାଇଁ ଏକ କମ୍ପ୍ୟୁଟର ସିଷ୍ଟମ ସ୍ଥାପନ କରିବା ପରେ ଟାଟା ଗ୍ରୁପ ଚେୟାରମ୍ୟାନ ଜେ.ଆର.ଡି ଟାଟା କୋହଲିଙ୍କୁ ଟିସିଏସ୍ ସ୍ଥାପନ କରିବାକୁ କହିଥିଲେ। ସୂଚନାଯୋଗ୍ୟ, କୋହଲି ୧୯୨୪ ମାର୍ଚ୍ଚ ୧୯ରେ ପାକିସ୍ତାନର ପେଶୱାରେ ଜନ୍ମଗ୍ରହଣ କରିଥିଲେ।


GOVT. OF ODISHA
OFFICE OF THE SUPERINTENDING ENGINEER, RURAL WORKS, CIRCLE, BHAWANIPATNA
Phone: 06670-235504; E-Mail: serwbpt@yahoo.com

**Bid identification No.:- BPT/Online-04/2020-21 Date: 20.11.2020**
**NOTICE INVITING TENDERS FOR ROAD WORKS IN ODISHA**
**NATIONAL COMPETITIVE BIDDING THROUGH e-Procurement**

No. O-624:-
1. Name of the Work : Construction of incomplete Road and Bridges works under State Plan in the District of Kalahandi.
2. No of Works : 3 Nos.
3. Location details : Kalahandi District
4. Estimated Cost : As per NIT.
5. Period of Completion : As per NIT.
6. Cost of tender paper : Rs.10,000/- per set.
7. Other details :

| Availability of tender for online bidding | | Last date & time for seeking tender clarification | Date and time of opening of technical bid |
|---|---|---|---|
| From | To | | |
| 27.11.2020 11.00 A.M. | 11.12.2020 5.00 P.M. | 10.12.2020 | 15.12.2020 at 11.00 A.M. |

Further details can be seen from the website "www.tendersorissa.gov.in"
OIPR-25102/11/0004/2021 Sd./- Superintending Engineer, Rural Works Circle, Bhawanipatna



ଭାରତର ଜଣେ ଭଲ ନାଗରିକ ହୁଅନ୍ତୁ
ବିଦ୍ୟୁତ ଚୋରିର ସୂଚନା TPCODLକୁ ଜଣାନ୍ତୁ



ଶକ୍ତି ଚୋରି ହେଉଛି ବେଆଇନ ଏବଂ ସାଂଘାତିକ ଅପରାଧ
ବିଦ୍ୟୁତ ମିଟର ଓ ସର୍ଭିସ୍ ଲାଇନ୍‌କୁ ଜାଣିଶୁଣି ଖରାପ (Tampering)କରିବା ଏକ ଦଣ୍ଡନୀୟ ଅପରାଧ
ଯଦି ଆପଣ କୌଣସି ସ୍ଥାନରେ ବିଦ୍ୟୁତ ଚୋରି ଉପରେ ସନ୍ଦେହ କରୁଛନ୍ତି
TPCODL କୁ ହ୍ୱାଟ୍‌ସଆପ୍ ନମ୍ବରରେ ଯୋଗାଯୋଗ କରନ୍ତୁ
9437158670
TP CENTRAL ODISHA DISTRIBUTION LIMITED



TPCODL
TP CENTRAL ODISHA DISTRIBUTION LIMITED
ଏତଦ୍‌ଦ୍ୱାରା ଭୁବନେଶ୍ୱର BCDD-1, BCDD - II, BED, Nimapara ଏବଂ Puri ନିର୍ବାହୀ ଯନ୍ତ୍ରୀଙ୍କ ଅଧିନସ୍ଥ ସମସ୍ତ ଉପଭୋକ୍ତାଙ୍କୁ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଅଭିଯୋଗ ଶୁଣାଣି ପ୍ରକୋଷ୍ଠ (GRF) ଭୁବନେଶ୍ୱର ଯାହାକି ପାୱାର ହାଉସ୍ ଛକ ନିକଟରେ ଅବସ୍ଥାପିତ ଥିଲା ବର୍ତ୍ତମାନ ନିମ୍ନଲିଖିତ ଠିକଣାକୁ ସ୍ଥାନାନ୍ତରିତ ହୋଇଯାଇଅଛି ।
Plot No.- 1789/4898,
Nua Sahi, Nayapalli, BBSR, Pincode - 751012



OFFICE OF THE EXECUTIVE ENGINEER, RWS&S DIVISION, BALASORE
Tel: 06782-262249, Fax: 262931, email: eerwss_bls@nic.in, eerwssbls@gmail.com. No. O-621

**NATIONAL COMPETITIVE BIDDING THROUGH e-Tendering Identification No. 15 Dt. 23-11-2020**

1. Nos. of Work : 23 Nos RPWS schemes in Balasore district.
2. Estimated cost : Rs. 19.17 lakhs to Rs. 411.16 lakhs
3. Period of completion : 180 days to 330 days
4. Availability of bid document in Portal : Dt. 08-12-2020 at 10.00 hours to 17-12-2020 up to 17.00 hours through online.
5. Seeking of Clarification : Dt. 08-12-2020 at 10.00 hours to Dt. 15-12-2020 up to 15.00 hours
6. Date of opening of Bid : Dt. 22-12-2020 at 11.00 hours in the O/o EE, RWSS Division, Balasore.
7. Name and address of the Officer Inviting Tender : Executive Engineer, RWS&S Division, Balasore

Bid Cost & Bid Security will be received through electronic payment by NEFT / RTGS. Further details can be seen from the e-Procurement Portal: http://tendersodisha.gov.in
EXECUTIVE ENGINEER, RWS&S DIVISION, BALASORE.
OIPR-25013/11/0006/2021



OFFICE OF THE EXECUTIVE ENGINEER
RURAL WATER SUPPLY AND SANITATION DIVISION, CUTTACK
MAHANADIBIHAR, CUTTACK-753004
Telephone: 0671-2441619, e-mail: eerwss_ctc1@nic.in
Government of Odisha e-Procurement Notice

**Bid Identification No. rwssctc- 05/2020-21**

**No. O-618:-** The Executive Engineer, RWS&S Division, Cuttack on behalf of Governor of Odisha invites lump sum bid through e-procurement double cover system according to norm of e-procurement.
1. **Nature of work:** Rural Piped W/S Schemes.
2. **No. of tenders:** 5 Nos.
3. **Tender Paper Cost:** Rs.10,000/-
4. **Value of Work:** Rs.82.93 lakh to Rs.147.83 lakhs
5. **Class of Contractor:** "B" & "A" Class
6. **Date and time of availability of bid document in portal:** 11 hour of 02.12.2020 to 14.12.2020 up to 17 hours.
7. **Date & time of seeking tender clarification:** 11.12.2020 up to 17 hours
8. **Date & time of opening of tender:** 15.12.2020 at 11.30 hours in the Office of the Executive Engineer, RWS&S Division, Cuttack
9. **Time of completion:** 180 to 270 days.
10. The bidders have to participate in online bidding only. Further details can be seen from the website https://www.tendersorissa.gov.in

Sd./- EXECUTIVE ENGINEER, RWSS DIVISION, CUTTACK
OIPR-25022/11/0012/2021



Office of the Executive Engineer,
UI Left Canal Division No.-I, Kusumkhunti, Dist: Kalahandi
eeuilcd1kusumkhunti@gmail.com

**e-Procurement Notice No. EE-LCD-I-03(01-03)/20-21, Dt.-25.11.2020**

No. 2300 Dtd. 25.11.2020

**No. A-317:-** Bid document consisting of work, estimated cost, cost of tender paper, EMD, time of completion, class of contractor, the set of terms and condition of contract and other necessary documents can be seen in e-procurement portal https://tendersodisha.gov.in
1. Type of the work : Renovation of canal works.
2. No. of works : 03 Nos. (Three)
3. Class of contractor : 'C' & 'D' class
4. Bid Identification No. : EE-LCD-I-03 (01 to 03)/2020-21
5. Estimated cost : Varies from Rs. 10.13 lakh to Rs.12.21 lakh
6. Period of completion : 01 (One) calendar month.
7. Date & time of availability of bid documents in the portal : From **27.11.2020, 10.00 A.M.** to **07.12.2020, 5.00 P.M.**
8. Date of opening of Bid : **08.12.2020 at 10.00 AM** in the O/o Executive Engineer, UI Left Canal Division, No-I, Kusumkhunti, Dist.- Kalahandi
9. Name of the officer inviting Tender : Executive Engineer, UI Left Canal Division No-I, Kusumkhunti, Dist.- Kalahandi

(A) **Any addendum / corrigendum / cancellation of tender can also be seen in the said Website.**
(B) **Further details can be seen from Government Website - https://tendersodisha.gov.in**
(C) **The Bidder shall transfer the required amount of EMD (Bid Security) and cost of Bid by online through electronics payment as per Govt. of Odisha WDOM NO. 17254/W Dt. 05.12.2017 as mentioned in the DTCN.**

Sd./- Executive Engineer, UI Left Canal Division No.- I, Kusumkhunti
OIPR-32126/11/0005/2021



ZILLA SWASTHYA SAMITI, KANDHAMAL
OFFICE OF THE CDM & PHO-CUM-DISTRICT MISSION DIRECTOR, NHM, KANDHAMAL, ODISHA - 762001
Advt. No. 14420/NHM/19 Dt.26.11.20

**TENDER CALL NOTICE**

Sealed proposals as per prescribed RFP document are invited from interested eligible bidders (Private Individuals/ Tour Operators/Travel Agency/Society/Firms) for hiring of vehicles for DPMU/BPMU/MHT. The eligible criteria, the terms of reference and the formats for submission of bid as set forth in the RFP document can be downloaded from the website **www.kandhamal.nic.in**. Interested bidders fulfilling the eligibility criteria may submit their proposal(s) with EMD & document as per RFP. The bidders have to submit their proposal(s) at the O/o. The CDM & PHO cum District Mission Director, Kandhamal, DHH, Phulbani. The details of the location where the vehicles will be engaged are mentioned in the RFP document. Proposal(s) complete in all respect should reach the undersigned on or before **03.00 P.M. of 14.12.2020** through Regd./Speed Post & Courier and the same will be opened on **15.12.2020 at 4.00 P.M.** The undersigned reserves the right to reject any or all the tender(s) without assigning any reason thereof.

Sd./- CDM & PHO cum District Mission Director, Kandhamal



ଓଡ଼ିଶା ସେତୁ ଓ ନିର୍ମାଣ ନିଗମ ଲିଃ
(ଓଡ଼ିଶା ସରକାରଙ୍କ ଏକ ଉଦ୍ୟୋଗ)
ODISHA BRIDGE & CONSTRUCTION CORPORATION LIMITED
(A Government of Odisha Undertaking)

No.: 7083 File: SMT-1697 Date: 25.11.2020

**NOTICE INVITING TENDER**

Bid Identification: 36/Tender/OBCC/2020-21 No.CAD-825:-

| Sr. No. | Name of Work |
|---|---|
| 1 | Construction of Outer Access Road in the Heritage Security Zone of Shree Jagannath Temple, Puri including Redevelopment of Shree Jagannath Temple Administration Office Building at Puri. |
| 2 | Renovation and Development of Pandit Utkalamani Gopabandhu Das Birthplace Memorial and Museum Project at Suando village in the District of Puri. |

1. Date and time of availability of bid document in the eProcurement portal: **4.00 P.M. of 02.12.2020.**
2. Last date/time for receipt of online bid: **16.12.2020 till 5.00 PM.**
3. Further details can be seen from the e-Procurement portal **"https://www.tendersodisha.gov.in"**.
4. The authority reserves the right to cancel any or all bids without assigning any reason thereof.

Sd./- E.I.C.-cum-Managing Director O.B.& C.C. Ltd.
OIPR-34106/11/0035/2021



GOVERNMENT OF ODISHA
RURAL WATER SUPPLY & SANITATION ORGANISATION
OFFICE OF THE EXECUTIVE ENGINEER
RWS&S DIVISION, DHENKANAL
E-mail- eerwss-dkl@nic.in

**INVITATIONS FOR BIDS THROUGH e-Procurement**
**Bid Identification No – 10/E.E./RWSS/2020-21/ Dhenkanal/Dt. 18.11.2020**

**No. O-622:-** The Executive Engineer, RWS&S Division, Dhenkanal on behalf of Governor of Odisha invites Item Rate/Percentage bid through e-procurement in Double cover system from contractors having experience in similar nature of work for the Projects according to norm of e-Procurement system in on-line mode.

**Nature of Work: -** Execution of Rural Piped Water Supply Schemes in different Blocks under Dhenkanal District.
1. No. of Tenders : 16 Nos.
2. Tender Paper Cost : 6,000/- to 10,000/- (Online Mode)
3. Value of work : 22.70 lakh to 79.84 lakh
4. Class of Contractor : C, B & A Class
5. Date & time of availability of bid document in portal : 04.12.2020 at 11.00 A.M 16.12.2020 up to 5.00 P.M
6. Date & time of seeking tender clarification : 11.12.2020 up to 01.00 P.M
7. Date & time of opening of tender : 17.12.2020 at 11.00 A.M in the office of the Executive Engineer, RWS&S Division, Dhenkanal.
8. Time of completion : Six Months
9. The bidders have to participate in online biding only. Further details can be seen from the website **https://www.tendersorissa.gov.in**.
10. Corrigendum if any shall be published in the above website only.

Executive Engineer, RWS&S Division, Dhenkanal
OIPR-25029/11/0005/2021



ALL EDITION - B/W
(Every Day)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165



GOVERNMENT OF ODISHA
Office of Chief Resident Commissioner
4-Bordoloi Marg, Chankyapuri, New Delhi-110021
Telephone: 23019771, 23018498, FAX: 23010839

**TENDER NOTICE**

Bid Reference No. 3783/CRC Dated 25.11.2020

**No. D-113:-** Bids in sealed cover are invited under two-bid system from reputed and experienced manpower service provider for catering services for Odisha Bhawan/Odisha Niwas Office of Chief Resident Commissioner. The details of the bidding process are follows:

| Sl. No. | Bidding Schedule | Deadline |
|---|---|---|
| 1. | Date of Issue | 26.11.2020 |
| 2. | Bid Due Date and Time | 11.12.20 (5 P.M.) |
| 3. | Opening of Technical Bid | 14.12.2020 (11 A.M.) |
| 4. | Opening of Financial Bid | 21.12.2020 (11 A.M.) |

Bidders are required to submit the technical and financial bid a separately. The bids in sealed Cover-I containing "Technical Bid" and Sealed Cover-II containing Financial Bid should be placed in a third sealed cover superscribed "Bid for Outsourcing of Catering Services/ Operating Canteen in 4- Bordoloi Marg, Chanakyapuri, New Delhi-110021" must reach the undersigned on or before **11.12.2020, 5 P.M.** by Speed Post/Registered Post/Courier only. The bid documents containing eligibility criteria, scope of the work, terms and conditions of the tender and draft agreement can be downloaded from the website **www.rcodisha.gov.in**

**Complete Address for Submission of Bid**
Resident Commissioner
Office of Chief Resident Commissioner
4- Bordoloi Marg, Chankyapuri
New Delhi- 110021

OIPR-12003/11/0003/2021 Sd./- Resident Commissioner



OFFICE OF THE MUNICIPAL COUNCIL, RAYAGADA
No.4234 Dtd.25.11.2020

**'e' - TENDER NOTICE**

**Bid Identification No.RGDA-MUN-05/2020-21**

Bid documents consisting of 5 (Five) Nos. of Civil Work (Roads and Building) with their Estimated Cost (Work Value), Cost of Tender Paper, E.M.D., Time of Completion, Class of Contractors, Additional Performance Security Deposit and the set of terms and conditions applicable for the contract and other required necessary documents can be seen in the Government Website (i.e. http://tendersodisha.gov.in)
1. Name of the work : Civil Works ( Roads and Building) as mentioned in the website
2. No. of works : 5 (Five) only
3. Estimated costs : (As mentioned in the DTCN)
4. Period of completion : As mentioned against the work in the NIT/DTCN.
5. Date & time of availability of bid documents on the portal : From dated 01.12.2020, 11.30 A.M. to Dated 14.12.2020, 05.30 P.M.
6. Last date & time for receipt of bids on the portal : Dated 17.12.2020, 05.30 P.M.
7. Bids received online to be opened on : Dated 18.12.2020 11.30 A.M.
8. Name and address of the officer inviting the bid : Executive Officer, Rayagada Municipality, Rayagada

Further details can be seen from the Procurement Portal http://tendersorissa.gov.in

Sd./- Executive Officer Rayagada Municipality

# ଫେବୃୟାରୀରୁ ଭିଟାମିନ୍‌ଯୁକ୍ତ ଚାଉଳ

■ ଜିଲାରୁ ପୁଷ୍ଟିହୀନତା ଦୂର ନେଇ ଉଦ୍ୟମ

■ ନୂଆ ମେଶିନ ନ ଲଗାଇଲେ ମିଲରଙ୍କୁ ଚାଉଳ ମନା

ମାଲକାନଗିରି,୨୬।୧୧ (ଡି.ଏନ୍.ଏ.)

ମାଲକାନଗିରି ଜିଲାରେ ପୁଷ୍ଟିହୀନତା ଦୂର ପାଇଁ ସରକାର ଏକ ବିକଳ୍ପ ବ୍ୟବସ୍ଥା ଗ୍ରହଣ କରିଛନ୍ତି। ଜିଲାରେ ଖାଉଟି ଓ ହିତାଧିକାରୀଙ୍କୁ ବାର୍ଷିକ ପ୍ରାୟ ୫ ଲକ୍ଷ କୁଇଣ୍ଟାଲ ଚାଉଳ ବଣ୍ଟନ କରାଯାଉଛି। ଏହି ଚାଉଳରେ ଅଧିକ ପୁଷ୍ଟିସାର ରହୁ ନ ଥିବାରୁ ଅନେକ ବୟସ୍କ ଏବଂ ଶିଶୁମାନେ ଅପପୁଷ୍ଟିର ଶିକାର ହେଉଛନ୍ତି। ଏହି ଚାଉଳରେ ଭିଟାମିନ ଯୁକ୍ତ ଏକ କ୍ୟାଲସିୟମ ପଦାର୍ଥ ମିଶ୍ରଣ କରି ଯୋଗାଇବା ପାଇଁ ସରକାର ଦିଲୀର ଏକ କମ୍ପାନୀ ସହ ଚୁକ୍ତି କରିଛନ୍ତି। ସାଧାରଣ ଚାଉଳରେ ଭିଟାମିନ୍ ମିଶ୍ରଣ କରିବା ପାଇଁ ନୂତନ ମେଶିନର ଆବଶ୍ୟକତା ଥିବାରୁ ରାଜ୍ୟ ଯୋଗାଣ ବିଭାଗ ମାଲକାନଗିରି ଜିଲାର ୨୩ଟି ପୁରୁଣା ଓ ୩ଟି ନୂଆ ଚାଉଳ ମିଲର ମାଲିକଙ୍କୁ ତୁରନ୍ତ ନୂତନ ମେଶିନ ଲଗାଇବାକୁ ନିର୍ଦ୍ଦେଶ ଦେଇଛି। ସେହି ଅନୁସାରେ ମାଲକାନଗିରି ଜିଲାକୁ ବମ୍ବେର ଏକ କମ୍ପାନୀ ଏହି ମେଶିନ ଯୋଗାଇ ଦେଇଛି। ବର୍ତ୍ତମାନ ଅଧିକାଂଶ ମିଲରେ ଏହି ନୂତନ ମେଶିନ ସ୍ଥାପନ ହୋଇଛି। ଅନ୍ୟ ମିଲଗୁଡିକରେ ମେଶିନ ସ୍ଥାପନ କାର୍ଯ୍ୟ ଜାରି ରହିଛି। ଏହାକୁ ତଦାରଖ ପାଇଁ ରାଜ୍ୟ ଯୋଗାଣ ବିଭାଗ ଯୁଗ୍ମ ସଚିବ ଗଣେଶ ଚନ୍ଦ୍ର ପାଣି, ମାଲକାନଗିରି ଜିଲାରେ ରହି ବିଭିନ୍ନ ଧାନ ମିଲଗୁଡିକରେ ବସୁଥିବା ନୂତନ ମେଶିନଗୁଡିକ ଯାଞ୍ଚ କରୁଛନ୍ତି। ଯଦି କୌଣସି ମିଲର ଏହି ମେଶିନ ସ୍ଥାପନ ନ କରନ୍ତି ତେବେ ତାଙ୍କୁ ଧାନ ମିଲିଂ କରିବାକୁ ପ୍ରଦାନ କରାଯିବ ନାହିଁ ବୋଲି ଯୁଗ୍ମ ସଚିବ ପାଣି କହିଛନ୍ତି। ଆସନ୍ତା ୩୦ରୁ ଜିଲାରେ ଧାନମଣ୍ଡି ଆରମ୍ଭ ହେଲା ପରେ ମିଲରମାନଙ୍କୁ ଯୋଗାଣ ବିଭାଗ ଧାନ ଯୋଗାଇବ । ମିଲରେ ଧାନ ମିଲିଂ ପରେ ଏହି ଭିଟାମିନ ଚାଉଳ ମିଶ୍ରଣ କରାଯାଇ ଫେବୃଆରୀରୁ ବିତରଣ କରାଯିବ। ପ୍ରତି ଏକ କୁଇଣ୍ଟାଲ ସାଧାରଣ ଚାଉଳରେ ୧ କେଜି ଭିଟାମିନଯୁକ୍ତ ଚାଉଳ ମିଶ୍ରଣ ହେବ।

# ୨ କୁଇଣ୍ଟାଲ ଗଞ୍ଜେଇ ଜବତ,ଅଭିଯୁକ୍ତ ଗିରଫ

ସୁନାବେଡା,୨୬/୧୧(ସ୍ୱ. ପ୍ର)

ସୁନାବେଡାରୁ-ଜୟପୁର ୨୬ନମ୍ବର ଜାତୀୟ ରାଜପଥ ପାର୍ଶ୍ୱ ପାଛିକା ଛକ ନିକଟରୁ ସ୍ଥାନୀୟ ପୋଲିସ ଓ ଏସଟିଏଫ ଚଢାଉ କରି ଏକ ବାଇକ୍‌ରେ ଗଞ୍ଜେଇ ଚାଲାଣ କରୁଥିବା ଗୋବିନ୍ଦ ଖରାଙ୍କୁ ଗିରଫ କରିଛି। ତାଙ୍କ ଘର ନନ୍ଦପୁର ଥାନା ହାଡ଼ିଗୁଡା ଗ୍ରାମରେ। ତାଙ୍କୁ ଗିରଫ କରାଯାଇ ତାଙ୍କଠାରୁ ୨ କୁଇଣ୍ଟାଲ ୧୧ କେଜି ଗଞ୍ଜେଇ ଜବତ କରାଯାଇଛି। ଏହାର ଆନୁମାନିକ ବଜାର ମୂଲ୍ୟ ୨୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ହେବ ବୋଲି ଥାନା ଅଧିକାରୀ ଭୀମସେନ ନାୟକ କହିଛନ୍ତି। ୧୮୧/୨୦ରେ ମାମଲା ରୁଜୁ ହୋଇଛି ।




























































## କରୋନାରେ ଯୁବ ଇଞ୍ଜିନିୟରଙ୍କ ମୃତ୍ୟୁ

କଣିହାଁ,୨୬।୧୧(ଡି.ଏନ.ଏ.): ଅନୁଗୋଳ ଜିଲା ଏମ୍‌ସିଏଲ୍‌ର କଣିହାଁ ଓସିପିରେ ଓଭରମ୍ୟାନ ଭାବେ କାର୍ଯ୍ୟ କରୁଥିବା ଯୁବ ଇଞ୍ଜିନିୟର ସତ୍ୟ ନାରାୟଣ ସାହୁ (୩୮)ଙ୍କ ବୁଧବାର ରାତିରେ ମୃତ୍ୟୁ ହୋଇଛି। ତାଙ୍କ ଘର ବଡ଼ଗୁଣ୍ଡୁରୀ ପଞ୍ଚାୟତ ବଡ଼ହୀରା ଗ୍ରାମରେ। ଗତ ୧୬ ଦିନ ହେଲା ସେ କରୋନାରେ ଆକ୍ରାନ୍ତ ହୋଇ ଭୁବନେଶ୍ୱରର ଏକ ଘରୋଇ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସାଧୀନ ଥିଲେ। ଗୁରୁବାର ଅପରାହ୍ନରେ ପରିବାର ଲୋକଙ୍କ ଉପସ୍ଥିତିରେ ଭୁବନେଶ୍ୱର ମହାନଗର ନିଗମ ପକ୍ଷରୁ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିଲା।

**ସଂକ୍ଷେପରେ**

## ୧,୭୦୦ ଟପିଲା କରୋନା ମୃତ୍ୟୁ

ଭୁବନେଶ୍ୱର,୨୬।୧୧(ବ୍ୟୁରୋ): ରାଜ୍ୟରେ କରୋନା ମୃତ୍ୟୁ ରୋକି ହେଉନି। ଶେଷ ୨୪ଘଣ୍ଟାରେ ଆଉ ୧୭ଜଣଙ୍କ ଜୀବନ ଯିବାପରେ ମୃତ୍ୟୁ ସଂଖ୍ୟା ୧,୭୦୪କୁ ବୃଦ୍ଧି ପାଇଛି। ତେବେ ନୂଆ ମୃତକଙ୍କ ମଧ୍ୟରେ ସୁନ୍ଦରଗଡ଼ରେ ସର୍ବାଧିକ ୫ଜଣ ଥିବାବେଳେ ପୁରୀରୁ ୪, ଖୋର୍ଦ୍ଧା ୩, ଅନୁଗୋଳ ୨, ଢେଙ୍କାନାଳ, କଳାହାଣ୍ଡି ଓ ମୟୂରଭଞ୍ଜରୁ ଜଣେ ଲେଖାଏ ଆକ୍ରାନ୍ତ ରହିଛନ୍ତି। ସେପଟେ ପୁରୀରେ କରୋନା ମୃତ୍ୟୁ ସଂଖ୍ୟା ଶହେ ଛୁଇଁଛି। ଖୋର୍ଦ୍ଧା ଜିଲାରେ ସର୍ବାଧିକ ୨୮୬ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଗଞ୍ଜାମରେ ୨୪୦, ସୁନ୍ଦରଗଡ଼ରେ ୧୪୧, କଟକରେ ୧୩୪ଜଣଙ୍କର ମୃତ୍ୟୁ ହୋଇଛି। ବାକିସବୁ ଜିଲାରେ ମୃତ୍ୟୁ ସଂଖ୍ୟା ଏହା ତଳକୁ ରହିଛି। ଅପରପକ୍ଷରେ ରାଜ୍ୟରେ ଆଉ ୬୪୪ ନୂଆ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ୩୬୯ଜଣ କ୍ୱାରାଣ୍ଟାଇନ ସେଣ୍ଟରର ଓ ଅବଶିଷ୍ଟ ୨୭୫ଜଣ ସ୍ଥାନୀୟ ଆକ୍ରାନ୍ତ ବୋଲି ଜଣାପଡ଼ିଛି। ଏମାନଙ୍କ ମଧ୍ୟରେ କଟକରେ ସର୍ବାଧିକ ୬୪ଜଣ ଥିବାବେଳେ ସୁନ୍ଦରଗଡ଼ ୬୨ ଓ ଅନୁଗୋଳରୁ ୫୦ଜଣ ରହିଛନ୍ତି। ଅନ୍ୟ ସବୁ ଜିଲାରେ ସଂକ୍ରମିତ ସଂଖ୍ୟା ଏହାଠାରୁ କମ୍ ରହିଛି। ଖୋର୍ଦ୍ଧା ଜିଲାରେ ଦୈନିକ ସଂକ୍ରମଣ ୫୦ତଳକୁ ଖସିଛି। ଏମାନଙ୍କୁ ମିଶାଇ ରାଜ୍ୟରେ ଏବେ ମୋଟ ପଜିଟିଭ୍ ସଂଖ୍ୟା ୩,୧୬,୬୪୫ରେ ପହଞ୍ଚିଛି।

## ୩.୨୭ ଲକ୍ଷ ଟଙ୍କାର ନକଲି ନୋଟ୍ ଜବତ, ଜଣେ ଗିରଫ



କୋରାପୁଟ/ସୁନାବେଡ଼ା, ୨୬।୧୧(ସ୍ୱ.ପ୍ର.): କୋରାପୁଟ ଜିଲା ସୁନାବେଡ଼ା ଥାନା ଅଞ୍ଚଳରୁ ବୁଧବାର ବିଳମ୍ବିତ ରାତିରେ ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ଚଢ଼ାଉ କରି ଜଣେ ବ୍ୟକ୍ତିଙ୍କଠାରୁ ୩ ଲକ୍ଷ ୨୭ ହଜାର ୬୦୦ ଟଙ୍କାର ନକଲି ନୋଟ୍ ଜବତ କରିଛି। ଅଭିଯୁକ୍ତ ହେଲେ ନନ୍ଦପୁର ଥାନା ଲେକିଡ଼ିଗୁଡ଼ା ଗ୍ରାମର ଅନାମ ଖିଲା। ସେମିଳିଗୁଡ଼ା ବସ୍‌ଷ୍ଟାଣ୍ଡ ଅଞ୍ଚଳରେ ସନ୍ଦେହଜନକ ଅବସ୍ଥାରେ ବୁଲୁଥିବା ବେଳେ ଏସ୍‌ଟିଏଫ୍ ଏବଂ ସୁନାବେଡ଼ା ପୋଲିସର ମିଳିତ ଟିମ୍ ଅନାମଙ୍କୁ ଧରିଥିଲେ। ଜବତ ନକଲି ଟଙ୍କା ମଧ୍ୟରେ ୧୧୬ଟି ଶହେ ଟଙ୍କିଆ, ୨୩୬ଟି ପାଞ୍ଚ ଶହ ଟଙ୍କିଆ ଏବଂ ୯୯ଟି ଦୁଇ ହଜାର ଟଙ୍କିଆ ରହିଛି। ପଟ୍ଟାଙ୍ଗୀ ଥାନା ଅନ୍ତର୍ଗତ ମାଳିଦୁସୁରା ଗ୍ରାମର ଜଗଦୀଶ ନାମକ ଜଣେ ବ୍ୟକ୍ତିଙ୍କଠାରୁ ଅନାମ ଏହି ନକଲି ନୋଟ୍ ଆଣିଥିଲେ। ଉକ୍ତ ଟଙ୍କା ସେମିଳିଗୁଡ଼ାର ଜଣେ ଡିଲରଙ୍କୁ ଦେବାକୁ ଆସିଥିଲେ। ତେବେ ଟଙ୍କା ହସ୍ତାନ୍ତର ପୂର୍ବରୁ ସେ ଧରାପଡ଼ିଛନ୍ତି। ଏହି ଘଟଣାରେ ବିଧିବଦ୍ଧ ଭାବେ ଏକ ର୍‍ୟାକେଟ କାମ କରୁଥିବା ସନ୍ଦେହ କରାଯାଉଛି। ଏ ନେଇ ନଂ. ୧୮୨/୨୦, ଦଫା ୪୮୯ (ଏ), ୪୮୯(ବି), ୪୮୯(ସି), ୧୨୦(ବି)ରେ ମାମଲା ରୁଜୁ ହୋଇଛି। ଅଭିଯୁକ୍ତଙ୍କୁ ଜେରା କରାଯାଉଥିବା ଏସ୍‌ଡିପିଓ ନିରଞ୍ଜନ ବେହେରା ସୂଚନା ଦେଇଛନ୍ତି।

## କୁମ୍ଭୀର ଗଣନା ପାଇଁ ଭିତରକନିକା ୧୦ଦିନ ବନ୍ଦ

ରାଜନଗର, ୨୬।୧୧ (ଡି.ଏନ.ଏ.): କେନ୍ଦ୍ରାପଡା ଜିଲାର ଭିତରକନିକା ଜାତୀୟ ଉଦ୍ୟାନ ୧୦ ଦିନ ବନ୍ଦ ରହିବ ବୋଲି ବନବିଭାଗ ପକ୍ଷରୁ ଗୁରୁବାର ସୂଚନା ଦିଆଯାଇଛି। ବିରଳ ବଉଳା କୁମ୍ଭୀରଙ୍କ ଅନ୍ତୁଡିଶାଳ ଭିତରକନିକା। ଭିତରକନିକା ବନ୍ୟଜୀବ, ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ, ଭିତରକନିକା ଜାତୀୟ ଉଦ୍ୟାନ ମଧ୍ୟରେ ପ୍ରବାହିତ ନଦୀ, ନାଳ ଓ ଜଙ୍ଗଲ ଅଞ୍ଚଳରେ କୁମ୍ଭୀର ଗଣନା କରାଯିବ। ଏଥିପାଇଁ ୨୦୨୧ ଜାନୁୟାରୀ ୫ରୁ ୧୪ ଯାଏ ଭିତରକନିକା ଦେଶବିଦେଶର ପର୍ଯ୍ୟଟକଙ୍କ ପାଇଁ ବନ୍ଦ ରହିବ। ଏହି ସମୟ ମଧ୍ୟରେ ଇଚ୍ଛୁକ ପର୍ଯ୍ୟଟକ ଓ ପରିଦର୍ଶକମାନେ ଭିତରକନିକା ନ ଆସିବାକୁ ବନ ବିଭାଗ ପକ୍ଷରୁ ଅନୁରୋଧ କରାଯାଇଛି। ଭିତରକନିକାରେ ୧୮ ଶହରୁ ଅଧିକ ବଉଳା କୁମ୍ଭୀର ରହିଛନ୍ତି। ପ୍ରତିବର୍ଷ ଏହି ସମୟରେ କୁମ୍ଭୀର ଗଣନା କରାଯାଇଥାଏ।

# ୧୦୦ କୋଟିରୁ ଊର୍ଦ୍ଧ୍ୱ କାରବାର କରିଛନ୍ତି ବାପ, ପୁଅ

## ଆଇଏଫ୍‌ଏସ୍ ଅଫିସର ଅଭୟକାନ୍ତଙ୍କ ଘରେ ଭିଜିଲାନ୍ସ ଯାଞ୍ଚ ଜାରି

- ଆକାଶଙ୍କୁ ମୁମ୍ବାଇରୁ ଭୁବନେଶ୍ୱର ଆଣିଲା ଭିଜିଲାନ୍ସ ଟିମ୍
- ବାପାଙ୍କ ସରକାରୀ ବାସଭବନରେ ଚାଲିଛି ଜେରା



ଭୁବନେଶ୍ୱର,୨୬।୧୧(ବ୍ୟୁରୋ)

ଆଇଏଫ୍‌ଏସ୍ ଅଫିସର ତଥା ଅତିରିକ୍ତ ପିସିସିଏଫ୍ ଅଭୟକାନ୍ତ ପାଠକଙ୍କ ଆୟ ବହିର୍ଭୂତ ସମ୍ପତ୍ତି ଠାବ ପାଇଁ ରାଜ୍ୟ ଭିଜିଲାନ୍ସ ପକ୍ଷରୁ ଦେଶର ୧୩ ସ୍ଥାନରେ ଚଢାଉ ଜାରି ରହିଛି। ୨ଦିନର ଯାଞ୍ଚରେ ଅଭୟକାନ୍ତ ଓ ତାଙ୍କ ପୁଅ ଆକାଶ ଗତ କିଛିଦିନ ମଧ୍ୟରେ ୧୦୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା କାରବାର କରିବା ସହ ବିପୁଳ ପରିମାଣର ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ଠୁଳ କରିଥିବା ପ୍ରମାଣ ପାଇଛି ଓଡିଶା ଭିଜିଲାନ୍ସ। ୧୫୦ ଭିଜିଲାନ୍ସ ଅଫିସର ଓ ବିଶେଷଜ୍ଞ ଆୟ ବହିର୍ଭୂତ ସମ୍ପତ୍ତି ତଲାସିରେ ନିୟୋଜିତ ଅଛନ୍ତି। ଚଢାଉ ଜାରି ରହିଥିବାରୁ ଆହୁରି ଅଧିକ ସମ୍ପତ୍ତି ଠାବ ହେବ ବୋଲି ଭିଜିଲାନ୍ସ ପକ୍ଷରୁ ସୂଚନା ମିଳିଛି।

ଅଭୟକାନ୍ତ ଓ ପୁଅ ଆକାଶଙ୍କ ମାଲିକାନାରେ ଥିବା ସ୍ଥାବର ଅସ୍ଥାବର ସମ୍ପତ୍ତି ମଧ୍ୟରେ ୬୦ ଲକ୍ଷ ଟଙ୍କା, ମୂଲ୍ୟବାନ ଗୃହ ଉପକରଣ ଓ ୮୦୦ ଗ୍ରାମ ସୁନା ଅଳଙ୍କାର ଜବତ ହୋଇଛି। ଏକକାଳୀନ ୨୩ ଲକ୍ଷ ଟଙ୍କା ସୁନା ଗହଣା କିଣିଥିବାର ତଥ୍ୟ ମିଳିଛି। ପୁଅ ଆକାଶଙ୍କ ବିଭିନ୍ନ ଆକାଉଣ୍ଟରେ ୯.୪ କୋଟି ଟଙ୍କା ଜମା ଥିବାବେଳେ ଏଟିଏମ୍ ଜରିଆରେ ଶହୀଦନଗର ଓ ନୟାପଲ୍ଲୀସ୍ଥିତ ଦୁଇଟି ବ୍ୟାଙ୍କରେ ୮.୪ କୋଟି ଜମା କରାଯାଇଥିବା ଭିଜିଲାନ୍ସ ଜାଣିପାରିଛି। ସେହିଭଳି ଜବତ ଗାଡ଼ି ମଧ୍ୟରେ ବିଳାସପୂର୍ଣ୍ଣ ମର୍ସିଡିଜ୍, ବିଏମ୍‌ଡବ୍ଲ୍ୟୁ, ଟାଟା କାର୍, ତିନି ଏଚ୍‌ଜେଡ୍‌ଏସ୍ ବାଇକ୍ ପୁଅ ନାମରେ ପଞ୍ଜୀକୃତ ରହିଛି। ମର୍ସିଡିଜ୍ ସହ ଫାର୍ମ ନିକଟରେ ତିନୋଟି ଗାଡିଥିବାବେଳେ ଫାର୍ମ ଓ ଫ୍ଲାଟ୍‌ର ଭଡା ୧ କୋଟି ଥିବା ଭିଜିଲାନ୍ସ ଯାଞ୍ଚରୁ ଜଣାପଡିଛି। ତାଜ୍‌ମହଲ୍ ପ୍ୟାଲେସ୍ ହୋଟେଲ୍ ବିଲ୍ ୯୦ ଲକ୍ଷ ଟଙ୍କା ଓ ଉଦୟପୁର ତାଜ୍ ଲେକ୍ ପ୍ୟାଲେସ୍ ବିଲ୍ ୨୦ ଲକ୍ଷ ଟଙ୍କା ଦିଆଯାଇଥିବା ପ୍ରମାଣ ସଂଗ୍ରହ କରିଛି ତଦନ୍ତକାରୀ ଟିମ୍। ବାପ/ପୁଅଙ୍କ ବିଦେଶ ଯାତ୍ରା ସମ୍ପର୍କରେ ମଧ୍ୟ ଅନେକ ତଥ୍ୟ ମିଳିଛି। ମାଲେସିଆ, ହଂକଂ, ୟୁନାଇଟେଡ୍ କିଙ୍ଗଡମ୍, ୟୁନାଇଟେଡ୍ ଆରବ ଏମିରେଟ୍ସ, ମାଳଦ୍ୱୀପ ଯାତାୟାତରେ ୩ କୋଟି ଟଙ୍କା ବ୍ୟୟ ହୋଇଛି।

ଅନ୍ୟପକ୍ଷରେ ଟାଟା ମୋଟର୍ସ ନାମରେ ପୁଅ ଆକାଶ ବହୁ କୋଟି ଟଙ୍କା ଠକେଇ କରିଥିବା କ୍ରାଇମବ୍ରାଞ୍ଚର ସାଇବର ଥାନାରେ ଅଭିଯୋଗ ହେବା ପରେ ତଦନ୍ତ ଆରମ୍ଭ ହୋଇଛି। ଆକାଶଙ୍କୁ ଭିଜିଲାନ୍ସର ଏକ ସ୍ୱତନ୍ତ୍ର ଟିମ୍ ମୁମ୍ବାଇରୁ ଧରିଆଣି ଭୁବନେଶ୍ୱର ବିମାନବନ୍ଦରରେ ଗୁରୁବାର ରାତିରେ ପହଞ୍ଚିଛି। କଡା ସୁରକ୍ଷା ମଧ୍ୟରେ ତାଙ୍କୁ ବିମାନବନ୍ଦରରୁ ସିଧା ବାପାଙ୍କ ସରକାରୀ ବାସଭବନକୁ ନିଆଯାଇଛି। ସେଠାରେ ଭିଜିଲାନ୍ସର ଏକ ସ୍ୱତନ୍ତ୍ର ଟିମ ପଚରାଉଚରା କରିବା ସହ ସାଇବର ଠକେଇ ଓ ଅର୍ଥ କାରବାରର ନେଇ ତଥ୍ୟ ପାଇବାକୁ ଆଶା ରଖିଛି। ତେବେ ଚଢାଉ ଓ ଯାଞ୍ଚ ଶେଷ ହେବାପରେ ଆୟବହିର୍ଭୂତ ସମ୍ପତ୍ତିର ଠିକ୍ ପରିମାଣ ଜଣାପଡିବ ବୋଲି ଭିଜିଲାନ୍ସର ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ମଙ୍ଗଳବାର ରାତିରୁ ଅଭୟକାନ୍ତ ପାଠକଙ୍କୁ ନେଇ ଭୁବନେଶ୍ୱରର ୫, ମୁମ୍ବାଇର ୭ ଓ ବିହାରର ଗୋଟିଏ ସ୍ଥାନରେ ଚଢାଉ କରାଯାଇଥିଲା। ଏଥିମଧ୍ୟରେ ସରକାରୀ କ୍ୱାର୍ଟର୍ସ, ଭୁବନେଶ୍ୱର ଅଫିସ୍ ଓ ଫ୍ଲାଟ, ପୁଅ ନାମରେ ଥିବା ଘାଟିକିଆ ବିପୁଲ୍ସ ଗାର୍ଡେନ ଓ ପିପିଲିର ଡ୍ରାଇଭର ଘର ରହିଛି। ଏଥିସହିତ ପୁଣେର ସମଥ୍ କଲୋନୀ, ମୁମ୍ବାଇ ଜୁହୁରେ ଥିବା ରେଷ୍ଟୁରାଣ୍ଟ, ରାଜସ୍ଥାନ ଉଦୟପୁର ଘର, ବିହାରର ନିଜ ଗାଁ ବିଷ୍ଣୁପୁରଠାରେ ଦୁଇଟି ବିଳାସପୂର୍ଣ୍ଣ କୋଠା, କ୍ୱାର୍ଟର୍ସ ଆପାର୍ଟମେଣ୍ଟ ଓ ଗର୍ଡସ ବ୍ଲେସିଂ ଆପାର୍ଟମେଣ୍ଟ, ପୁଣେ ଓ ଗୁରୁଗ୍ରାମ ଅଫିସ ସମେତ ଫାର୍ମ ହାଉସ୍‌ରେ ଏକକାଳୀନ ଚଢାଉ କରାଯାଇଥିଲା।

## ଖବରଦାତାଙ୍କ ମୃତ୍ୟୁ ହେଲେ ୪ ଲକ୍ଷ

- କଲ୍ୟାଣ ପାଣ୍ଠି ୨୦୦୬ ନିୟମରେ ସଂଶୋଧନ
- ଗାଡ଼ି ଲୋନ୍ ଉପରେ ୩ % ସୁଧ ବହନ କରିବେ ସରକାର

ଭୁବନେଶ୍ୱର, ୨୬।୧୧(ବ୍ୟୁରୋ)

କାର୍ଯ୍ୟରତ ଖବରଦାତାଙ୍କୁ ସହାୟତା କରିବା ପାଇଁ ରାଜ୍ୟ ସରକାର 'ଓଡିଶା ରାଜ୍ୟ କାର୍ଯ୍ୟରତ ଖବରଦାତା କଲ୍ୟାଣ ପାଣ୍ଠି ରୁଲ-୨୦୦୬'କୁ ସଂଶୋଧନ କରିଛନ୍ତି। ଏଥିସହ ଓଡ଼ିଶା ରାଜ୍ୟ କାର୍ଯ୍ୟରତ ଖବରଦାତା କଲ୍ୟାଣ ପାଣ୍ଠି ରୁଲ୍-୨୦୨୦ କାର୍ଯ୍ୟକାରୀ କରିଛନ୍ତି। ଏ ନେଇ ଗୁରୁବାର ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। କାର୍ଯ୍ୟରତ ଖବରଦାତାଙ୍କ ମୃତ୍ୟୁ ହେଲେ ସରକାର ୪ ଲକ୍ଷ ଟଙ୍କାର ଅନୁକମ୍ପା ରାଶି ପ୍ରଦାନ କରିବେ। ଏଥିସହିତ ୨ ଲକ୍ଷ ଟଙ୍କାର ସ୍ୱାସ୍ଥ୍ୟବୀମା, ୨୫ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଗୃହଋଣ ଉପରେ ୩% ସୁଧ, ୫୦ ହଜାର ଟଙ୍କା ପର୍ଯ୍ୟନ୍ତ ଦୁଇଚକିଆ ଏବଂ ୪ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ୪ ଚକିଆ ଯାନ ଉପରେ ଥିବା ଋଣର ୩% ସୁଧ ସରକାର ବହନ କରିବେ। ଦୁର୍ଘଟଣା, ରୋଗ କିମ୍ବା ଅନ୍ୟ କୌଣସି କାରଣରୁ ଖବରଦାତା ଦିବ୍ୟାଙ୍ଗ ହୋଇଗଲେ ୨ଲକ୍ଷ ଟଙ୍କାର ସହାୟତା ପ୍ରଦାନ କରାଯିବ। କାର୍ଯ୍ୟରତ ଖବରଦାତାଙ୍କ ମୃତ୍ୟୁ ହେଲେ ତାଙ୍କ ପିଲାଙ୍କୁ ପ୍ରତି ମାସରେ ମାଟ୍ରିକ୍ ଯାଏ ୧୫୦୦ ଟଙ୍କା ଏବଂ ଉଚ୍ଚଶିକ୍ଷା ଶେଷ କରିବା ଯାଏ ମାସିକ ୨୫୦୦ ଟଙ୍କା ପ୍ରଦାନ କରାଯିବ ବୋଲି ନିୟମରେ ବ୍ୟବସ୍ଥା କରାଯାଇଛି।

## ପୁରୀ ଅଭିମୁଖେ ତୁଳସୀ ରଥ



ନାଗାର୍ଜୁନ ବେଶ ପାଇଁ ତୁଳସୀ ଓ ଫୁଲ ପଠାଯାଉଛି।

ସୋନପୁର,୨୬।୧୧(ନି.ପ୍ର.)

**ନାଗାର୍ଜୁନ ବେଶରେ ତିନି ଠାକୁରଙ୍କଠାରେ ଲାଗି ହେବ**

ପୁରୀ ଶ୍ରୀକ୍ଷେତ୍ରରେ ଚତୁର୍ଦ୍ଧା ମୂର୍ତ୍ତିଙ୍କ ବିରଳ ନାଗାର୍ଜୁନ ବେଶ ଶୁକ୍ରବାର ଅନୁଷ୍ଠିତ ହେବ। ଏଥିପାଇଁ ସୁବର୍ଣ୍ଣପୁରରୁ ସଜ ତୁଳସୀ, ଫୁଲ ନେଇ ଏକ ସୁସଜ୍ଜିତ ରଥ ଗୁରୁବାର ସକାଳେ ପୁରୀ ଅଭିମୁଖେ ଯାତ୍ରା କରିଛି। ସୁବର୍ଣ୍ଣପୁର ଓ ପଡୋଶୀ ଜିଲାର ପୁରପଲ୍ଲୀର ଶ୍ରଦ୍ଧାଳୁଙ୍କ ଠାରୁ ସଂଗ୍ରହ ହୋଇଥିବା ୧୬ ଝୁଡି ତୁଳସୀ, ପଦ୍ମ ଓ ଗେଣ୍ଡୁ ଫୁଲ ଏହି ରଥରେ ରହିଛି। ରଥ ଶ୍ରୀକ୍ଷେତ୍ରରେ ପହଞ୍ଚିବା ପରେ ତିନିଠାକୁରଙ୍କ ନାଗାର୍ଜୁନ ବେଶରେ ଏସବୁ ତୁଳସୀ ଓ ପଦ୍ମଫୁଲ ମାଳ ଆକାରରେ ଲାଗି ହେବ। ପୁରୀ ରାମଜୀ ମଠର ମହନ୍ତ ବଂଶୀଧର ଦାସ ମହାରାଜ ଏସବୁ ତୁଳସୀ ଓ ପଦ୍ମଫୁଲ ଅର୍ପଣ କରିବେ। ବିନିକା ଜଗନ୍ନାଥ ମନ୍ଦିରରୁ ସକାଳେ ଏହି ରଥ ବାହାରିଥିଲା। ପରେ ବିନିକା ବ୍ଲକର ମହାଦେବପାଲି, ସୋନପୁର ବ୍ଲକର ବିଶିମୁଣ୍ଡା, ସୋନପୁର ଗଡଭିତର ଜଗନ୍ନାଥ ମନ୍ଦିର, ଘୋଡାଘାଟପଡାର ଦଧିବାମନ ମନ୍ଦିର, ବୌଦ୍ଧ, ଚାରିଛକ, ଦଶପଲ୍ଲା ଓ ନୟାଗଡ ଦେଇ ଏହି ରଥ ପୁରୀରେ ପହଞ୍ଚିବ। ରାସ୍ତାରେ ଶତାଧିକ ମହିଳା ପୁରୁଷ ତୁଳସୀ ଓ ଫୁଲ ପ୍ରଦାନ କରିଥିଲେ।

ପ୍ରକାଶ ଯେ, ରାଜାରାଜୁଡା ଅମଳରେ ସୁବର୍ଣ୍ଣପୁର ଜିଲା ପାତାଳି ଶ୍ରୀକ୍ଷେତ୍ରରୁ ପ୍ରତିବର୍ଷ ପ୍ରଭୁଙ୍କ ଦୈନନ୍ଦିନ ସୁନାଭୋଗ ଥାଳି ପାଇଁ ସ୍ୱାଦିଷ୍ଟ ମୁଗ, ଘିଅ ଓ ସରୁ ବାସମତି ଚାଉଳ ମହାନଦୀର ଜଳପଥରେ ପଠା ଯାଉଥିଲା। ପରବର୍ତ୍ତୀ ସମୟରେ ଏହି ପରମ୍ପରା ବନ୍ଦ ହୋଇ ଯାଇଥିଲା। ଚଳିତବର୍ଷ ଶ୍ରୀଜଗନ୍ନାଥଙ୍କ ନାଗାର୍ଜୁନ ବେଶ ଥିବା ବେଳେ କରୋନା ମହାମାରୀ ପାଇଁ ପ୍ରତ୍ୟକ୍ଷ ଦର୍ଶନରୁ ଶ୍ରଦ୍ଧାଳୁମାନେ ବଞ୍ଚିତ ହୋଇଛନ୍ତି। ତେଣୁ ଶ୍ରଦ୍ଧାଳୁମାନେ ତିନିଠାକୁରଙ୍କ ପାଇଁ ତୁଳସୀ ଓ ଫୁଲ ପଠାଇବା ପାଇଁ ମନସ୍ଥ କରିଥିଲେ ବୋଲି ମୁଖ୍ୟ ଆୟୋଜକ ଚନ୍ଦ୍ରଶେଖର ଓତା କହିଛନ୍ତି। ଏହି କାର୍ଯ୍ୟକ୍ରମରେ ସୁରେଶ ମିଶ୍ର, ସଞ୍ଜୟ ମହାପାତ୍ର, ଶ୍ରବସ୍ମ ମଲ୍ଲିକ, ଗଦାଧର ବାରିକ୍, ମନୋଜ ପଣ୍ଡା ଓ ବ୍ୟାସଦେବ ଭରଦ୍ୱାଜ ମିଶ୍ର ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ।

## ରାସ୍ତାରେ ବାଘଛୁଆ, ଭିଡିଓ ଭାଇରାଲ

ଚୌଦ୍ୱାର,୨୬।୧୧(ଡି.ଏନ୍.ଏ.)



କଟକ ବନଖଣ୍ଡ ଅଧୀନ ଡାଳିଯୋଡ଼ା ଫରେଷ୍ଟ ରେଞ୍ଜର ରାମଚନ୍ଦ୍ରପୁରଶାସନ ଗ୍ରାମ ନିକଟ ଫାର୍ମହାଉସ ରାସ୍ତାରେ ୨ଟି ବାଘଛୁଆ ବୁଲୁଥିବା ନେଇ ସୋସିଆଲ ମିଡିଆରେ ଏକ ଭିଡିଓ ଭାଇରାଲ ହେବାରେ ଲାଗିଛି। ଫଳରେ ଉକ୍ତ ଅଞ୍ଚଳରେ ଲୋକଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଛି। ଏହି ଘଟଣାକୁ ନେଇ ବନ ବିଭାଗ ପକ୍ଷରୁ ଦିନତମାମ ତଦନ୍ତ କରାଯାଉଛି। ସୂଚନା ଅନୁଯାୟୀ, ବୁଧବାର ରାତି ପ୍ରାୟ ୯ଟାରେ ୨ଜଣ ଯୁବକ କାର୍ ଯୋଗେ ରାମଚନ୍ଦ୍ରପୁରଶାସନ ଗ୍ରାମ ନିକଟ ଏହି ଫାର୍ମକୁ ଯାଉଥିଲେ। ଫାର୍ମର କିଛିବାଟ ପୂର୍ବରୁ ଗାଡ଼ି ଆଲୁଅରେ ବାଘଛୁଆ ସଦୃଶ ୨ଟି ଜନ୍ତୁକୁ ଦେଖି ତାହାର ଭିଡିଓ କରିଥିଲେ। ପରେ ଏହି ଭିଡିଓ ଜଣେ ଗଣମାଧ୍ୟମ ପ୍ରତିନିଧିଙ୍କୁ ଦେବା ପରେ ତାହା ଭାଇରାଲ ହୋଇଥିଲା। ଗୁରୁବାର ଏହି ଖବର ପ୍ରଚାର ହେବା ପରେ ସ୍ଥାନୀୟ ଲୋକେ ଓ ନିକଟସ୍ଥ ବନ ସୁରକ୍ଷା ସମିତିର କର୍ମକର୍ତ୍ତାମାନେ ସେଠାରେ ପହଞ୍ଚିଥିଲେ। ପରେ ମଙ୍ଗରାଜପୁର ଫରେଷ୍ଟର ମାଣିକ ମୁଣ୍ଡା ଓ ବୈରୀ ରେଞ୍ଜ ଅଫିସର ଅଭିରାମ ଜେନା ପହଞ୍ଚି ଘଟଣାର ଅନୁସନ୍ଧାନ କରି ତଦନ୍ତ ଜାରି ରଖିଛନ୍ତି। ତେବେ ଉକ୍ତ ରାସ୍ତାରେ ବନ ବିଭାଗ ତରଫରୁ ସିସି କ୍ୟାମେରା ଲଗାଯାଇଥିବା ମଙ୍ଗରାଜପୁର ଫରେଷ୍ଟର ମୁଣ୍ଡା ସୂଚନା ଦେଇଛନ୍ତି। ହେଲେ ବାଘଛୁଆ ଆସିବା କଥାକୁ ବନ ବିଭାଗ ସହଜରେ ଗ୍ରହଣ କରିପାରି ନାହିଁ। ବୈରୀ ରେଞ୍ଜ ଅଫିସର ଜେନାଙ୍କ କହିବାନୁଯାୟୀ କଟକ ବନଖଣ୍ଡ ଅଧୀନରେ ଥିବା ଜଙ୍ଗଲରେ ବାଘ ନାହାନ୍ତି। ଏଥିସହ ଏହା ବାଘଛୁଆ କି ଅନ୍ୟ କୋଣସି ଜୀବ ତାହା ଭିଡିଓରେ ସ୍ପଷ୍ଟ ହେଉ ନାହିଁ। ଅଧିକ ତଦନ୍ତ ପାଇଁ ଭିଡିଓକୁ ଭୁବନେଶ୍ୱର ପଠାଯାଇଛି। ଏଥି ପାଇଁ ବନ ବିଭାଗ କର୍ମଚାରୀ ସଜାଗ ରହିବା ସହ ଗ୍ରାମବାସୀଙ୍କୁ ମଧ୍ୟ ସଚେତନ ରହିବା ପାଇଁ ବିଭାଗ ତରଫରୁ ସୂଚନା ପ୍ରଦାନ କରାଯାଇଥିବା ସେ କହିଛନ୍ତି।

**ବନ ବିଭାଗର ତଦନ୍ତ ଜାରି**

## ଦୁର୍ଦ୍ଦାନ୍ତ ମାଓବାଦୀ କିଶୋର ନିହତ

- ୮ ଲକ୍ଷର ପୁରସ୍କାର ଥିଲା
- ଅନ୍ୟ ଜଣେ କ୍ୟାଡର ଗୁରୁତର, ଏକେ ୪୭ ଜବତ

ମାଲକାନଗିରି/ଚିତ୍ରକୋଣ୍ଡା, ୨୬।୧୧ (ଡି.ଏନ୍.ଏ.)

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ସ୍ୱାଭିମାନ ଅଞ୍ଚଳ ଅଧୀନ ଯନ୍ତ୍ରୀ ଗ୍ରାମ ନିକଟସ୍ଥ ତୋଟାଗୁଡ଼ା ଜଙ୍ଗଲରେ ଗୁରୁବାର ପୋଲିସ-ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ଘଟିଛି। ଏଥିରେ ଦୁର୍ଦ୍ଦାନ୍ତ ମାଓବାଦୀ କିଶୋର ନିହତ ହୋଇଛନ୍ତି। ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ଘଟଣାସ୍ଥଳରୁ ଗୋଟିଏ ଏକେ ୪୭ ରାଇଫଲ ସମେତ ବିପୁଳ ପରିମାଣର ମାରଣାସ୍ତ୍ର ଜବତ କରାଯାଇଛି। କିଶୋରଙ୍କ ନାମରେ ୮ଲକ୍ଷ ଟଙ୍କାର ପୁରସ୍କାର ଥିଲା। ପ୍ରତିକୂଳ ପାଗ ଯୋଗୁ ଅପରେଶନରେ ସାମିଲ ହୋଇଥିବା ସୁରକ୍ଷାକର୍ମୀମାନେ ଖବର ଲେଖାଯିବା ସୁଦ୍ଧା ଜିଲା ପୋଲିସ କାର୍ଯ୍ୟାଳୟରେ ପହଞ୍ଚି ନ ଥିବା ଜଣାପଡ଼ିଛି। ଏଭଳି ସାହସିକ ପଦକ୍ଷେପ ଲାଗି ଡିଜିପି ଅଭୟ ଟୁଇଟ୍ କରି ସୁରକ୍ଷାକର୍ମୀଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଭୋର୍ ସମୟରେ ବିଏସ୍‌ଏଫ୍, ଏସ୍‌ଓଜି, ଡିବିଏଫ୍ ଯବାନଙ୍କ ମିଳିତ କୋମ୍ବିଂ ଅପରେଶନ ଚାଲିଥିଲା। ଏହି ସମୟରେ ବଡ଼ ଧରଣର ହିଂସାକାଣ୍ଡ ଘଟାଇବାକୁ ଶିବିର ପକାଇଥିବା ମାଓବାଦୀଙ୍କ ସହ ମୁହାଁମୁହିଁ ହୋଇଥିଲା। ସୁରକ୍ଷା କର୍ମୀଙ୍କ ଆକ୍ରମଣର ସମ୍ମୁଖୀନ ହୋଇ ନ ପାରି ମାଓବାଦୀମାନେ ଶିବିର ଛାଡ଼ି ଛତ୍ରଭଙ୍ଗ ଦେଇଥିଲେ। ତଲାସି ବେଳେ କିଶୋରଙ୍କ ମୃତଦେହ ମିଳିଥିଲା।

## ସମ୍ବିଧାନ ଦିବସ: ମୁଖବନ୍ଧ ପାଠକଲେ ସରକାରୀ କର୍ମଚାରୀ

ଭୁବନେଶ୍ୱର,୨୬।୧୧(ବ୍ୟୁରୋ)

ସମ୍ବିଧାନ ଦିବସ ଉପଲକ୍ଷେ ଗୁରୁବାର ଲୋକସେବା ଭବନଠାରେ ମୁଖ୍ୟ ଶାସନ ସଚିବ ଅସିତ୍ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ସମ୍ବିଧାନ ମୁଖବନ୍ଧ ପାଠ କରାଯାଇଥିଲା। ଏଥିରେ ଉନ୍ନୟନ କମିଶନର ସୁରେଶ ଚନ୍ଦ୍ର ମହାପାତ୍ର, ଆଇନ ବିଭାଗ ସଚିବ ଶଶୀକାନ୍ତ ମିଶ୍ର, ମହିଳା ଓ ଶିଶୁ କଲ୍ୟାଣ ବିଭାଗ ସଚିବ ଅନୁ ଗର୍ଗ, ଯୋଜନା ଓ ସମନ୍ୱୟ ବିଭାଗ ଅତିରିକ୍ତ ସଚିବ ଦେବେନ୍ଦ୍ର ଜେନା, ସାଧାରଣ ପ୍ରଶାସନ ବିଭାଗ ଅତିରିକ୍ତ ଶାସନ ସଚିବ ଦିଲ୍ଲୀପ ରାଉତରାୟ, ଅବନୀକାନ୍ତ ପଟ୍ଟନାୟକ, ହିମାଂଶୁ ଭୂଷଣ ପଣ୍ଡାଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀମାନେ ଯୋଗଦେଇ ସମ୍ବିଧାନ ମୁଖବନ୍ଧ ପାଠ କରିଥିଲେ।

ଏହି ଅବସରରେ ମୁଖ୍ୟ ଶାସନ ସଚିବ ସମ୍ବିଧାନ ଚିଠା ପ୍ରସ୍ତୁତି କମିଟିର ଅଧ୍ୟକ୍ଷ ଭୀମ୍‌ରାଓ ରାମଜୀ ଆମ୍ବେଡକର (ବାବା ସାହେବ ଆମ୍ବେଡକର), ଆଲ୍ଲାଦି କ୍ରିଷ୍ଣସ୍ୱାମୀ ଆୟାର, ନରସିଂହ ଆୟାଙ୍ଗାର ଗୋପାଳସ୍ୱାମୀ, କେ.ଏମ୍. ମୁନ୍‌ସୀ, ମହମ୍ମଦ ସାବୁଲ୍ଲା, ବି.ଏଲ୍. ମିଟ୍ଟେର ଏବଂ ଡି.ପି. ଖାଇତାନ ପ୍ରମୁଖ ମହାମନୀଷୀମାନଙ୍କର ଅବଦାନ ବିଷୟ ସ୍ମରଣ କରାଇଥିଲେ। ସମ୍ବିଧାନ ଦେଶର ସର୍ବଶ୍ରେଷ୍ଠ ଦସ୍ତାବିଜ ଏବଂ ଏହାର ପୂର୍ଣ୍ଣ ଅନୁପାଳନ ଆମ ସମସ୍ତଙ୍କର ଆଶା ଓ ଆକାଂକ୍ଷା ପୂରଣ କରିବ ବୋଲି ତ୍ରିପାଠୀ କହିଛନ୍ତି।

# ନକଲି ଘିଅ କାରଖାନାରେ ଚଢ଼ାଉ

- ୫୦ ଲକ୍ଷର ସାମଗ୍ରୀ ଜବତ
- ମାଲିକଙ୍କ ସମେତ ୨ ଗିରଫ





ଜବତ ହୋଇଥିବା ନକଲି ଘିଅ ଓ ଗିରଫ ୨ ଅଭିଯୁକ୍ତ।

କଟକସଦର,୨୬।୧୧(ଡି.ଏନ୍.ଏ.)

କଟକ ଅଞ୍ଚଳରେ ଗତ କିଛିମାସ ହେବ ନକଲି ସାମଗ୍ରୀ କାରଖାନା ବଢ଼ିବାରେ ଲାଗିଛି। ତେଲ, ଘିଅ, ଗୁଟ୍‌ଖା ଭଳି ବିଭିନ୍ନ ସାମଗ୍ରୀର ନକଲି କାରଖାନା କଟକ ଅଞ୍ଚଳର ଏବେ ମୁଖ୍ୟ ପେଣ୍ଠସ୍ଥଳୀ ଭାବେ ଉଭାନ ହେବାରେ ଲାଗିଛି। ପୋଲିସ ପକ୍ଷରୁ ବାରମ୍ବାର ଚଢ଼ାଉ ସତ୍ତ୍ୱେ ମାଲିକମାନେ କିଛିଦିନର ବ୍ୟବଧାନ ପରେ ପୁଣିଥରେ ନକଲି କାରବାର ଆରମ୍ଭ କରିଦେଉଛନ୍ତି। ତେବେ ମାଲଗୋଦାମ ଥାନା ପୋଲିସ ଓ କଟକ ସଦର ପୋଲିସ ମିଳିତ ଭାବେ ପୁଣି ଏକ ନକଲି କାରଖାନା ଉପରେ ଚଢ଼ାଉ କରିଛନ୍ତି। କଟକସଦର ଥାନା ଅନ୍ତର୍ଗତ ହରିଅନ୍ତା ପଞ୍ଚାୟତ ଉଲ୍ଲାର ଗ୍ରାମର ଏକ ନକଲି ଘିଅ କାରଖାନାରେ ଗୁରୁବାର ଚଢ଼ାଉ କରି ବିଭିନ୍ନ ନାମୀଦାମୀ ଘିଅ କମ୍ପାନୀର ଲୋଗୋ, ଜରି ପ୍ୟାକେଟ, ନକଲି ଘିଅ ପ୍ରସ୍ତୁତ ପାଇଁ ସାମଗ୍ରୀ, ଓଜନ ଯନ୍ତ୍ରୀ ସମେତ ବିଭିନ୍ନ ସାମଗ୍ରୀ ଜବତ କରାଯାଇଛି। ଜବତ ସାମଗ୍ରୀର ମୂଲ୍ୟ ପ୍ରାୟ ୫୦ଲକ୍ଷ ଟଙ୍କା ହେବ ବୋଲି ମାଲଗୋଦାମ ଥାନାଧିକାରୀ ରବିନାରାୟଣ ଭଞ୍ଜ କହିଛନ୍ତି। ଏହାସହ କାରଖାନା ମାଲିକଙ୍କ ସମେତ ୨ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ମାଲିକ ବାଙ୍କୀ ଥାନା ଅଧୀନ ନୂଆଗାଁ ଅଞ୍ଚଳର ନରସିଂହ ଦାସ ଓ ବାରଙ୍ଗ ଥାନା ଅଧୀନ ଜଇପୁର(ବେଲଗଛିଆ)ର କାଳନ୍ଦୀ ସାହୁ। ଏ ନେଇ ମାଲଗୋଦାମ ଥାନାରେ ଏକ ମାମଲା(ନଂ.୨୩୩/୨୦) ରୁଜୁ ହୋଇଛି।

ପୋଲିସ ସୂଚନା ଅନୁଯାୟୀ, କଟକ ମାଲଗୋଦାମରେ ନକଲି ଘିଅ ବିକ୍ରି ହେଉଥିବା ନେଇ ଏକ ବିଶେଷ ସୂତ୍ରରୁ ମାଲଗୋଦାମ ଥାନାରେ ଖବର ପହଞ୍ଚିଥିଲା। ପୋଲିସ ସେଠାରେ ଚଢ଼ାଉ କରି ବିକ୍ରେତା କାଳନ୍ଦୀଙ୍କୁ ଧରିବା ସହ ପଚରାଉଚରା ବେଳେ ମୁଖ୍ୟ କାରଖାନା କଟକସଦର ଅଞ୍ଚଳରେ ଥିବା ଜଣାପଡ଼ିଥିଲା। ତେବେ ପୋଲିସ ପ୍ରଥମେ ସଦର ଥାନା ପୋଲିସଙ୍କ ସହାୟତାରେ ବୁଧବାର ରାତିରେ ଉଲ୍ଲାର ଗ୍ରାମକୁ ଯାଇ ନକଲି ଘିଅ କାରଖାନାକୁ ସିଲ୍ କରିଥିଲା। ପରଦିନ ପୋଲିସ ପୂରା ଟିମ୍ ସହ ପହଞ୍ଚି ଚଢ଼ାଉ କରି ନକଲି ଘିଅ ଓ ସାମଗ୍ରୀ ଜବତ କରିଥିଲେ। ଚଢ଼ାଉରେ ମାଲଗୋଦାମ ଥାନାଧିକାରୀଙ୍କ ସମେତ କଟକ ଜୋନ ନଂ.୧ ଏସିପି ଅମରେଶ୍ୱର ପଣ୍ଡା, ଜୋନ ନଂ.୪ ଏସିପି ସତ୍ୟରଞ୍ଜନ ମଲ୍ଲିକ, ସଦର ଥାନାଧିକାରୀ ସୁଧାଂଶୁ ଭୂଷଣ ଜେନା, ଖାଦ୍ୟ ନିରାପତ୍ତା ଅଧିକାରୀ ପ୍ରତୀକ୍ଷା ଦାସ ମହାପାତ୍ର, ଓଜନ ମାପ ଅଧିକାରୀ ମୋନାଲିସା ରାୟ ପ୍ରମୁଖ ଅଧିକାରୀ ସାମିଲ ଥିଲେ।

## ଶୁଭା ଶର୍ମାଙ୍କ 'ଆୱାସ୍ଥିସ୍ ଅଫ୍ ଆମ୍‌ନଗ୍ରୀ' ପୁସ୍ତକ ଉନ୍ମୋଚିତ

ଭୁବନେଶ୍ୱର,୨୬।୧୧(ବ୍ୟୁରୋ)

ବରିଷ୍ଠ ପ୍ରଶାସିକା ତଥା ସୁଲେଖିକା ଶୁଭା ଶର୍ମାଙ୍କ ନୂତନ ଉପନ୍ୟାସ ' ଦି ଆୱାସ୍ଥିସ୍ ଅଫ୍ ଆମ୍‌ନଗ୍ରୀ' ଉନ୍ମୋଚିତ ହୋଇଯାଇଛି। ଗୁରୁବାର ଆୟୋଜିତ ଅନ୍‌ଲାଇନ୍ ଉତ୍ସବରେ ଜ୍ଞାନପୀଠ ପୁରସ୍କାର ବିଜେତା ଲେଖିକା ପ୍ରତିଭା ରାୟ ଏହି ପୁସ୍ତକକୁ ଉନ୍ମୋଚନ କରିଛନ୍ତି। ଏହି ଅବସରରେ ପ୍ରତିଭା କହିଛନ୍ତି ଯେ, ଉପନ୍ୟାସ ରଚନା ଲେଖକ ବା ଲେଖିକାର ବୃତ୍ତି ନୁହେଁ ବରଂ ଏକ ପ୍ରବୃତ୍ତି। ଏହାକୁ ସୃଷ୍ଟି କରିବା କାଠିକରପାଠ। ଉପନ୍ୟାସ ଲେଖିବା ଏକ ନିରନ୍ତର ଭାବ ପ୍ରକ୍ରିୟା, ଯଦ୍ଦ୍ୱାରା ଏହାକୁ ଲେଖିବା ନିମନ୍ତେ ଅହର୍ନିଶ ଭାବିବାକୁ ପଡ଼ିଥାଏ। ଲେଖିକା ଶର୍ମାଙ୍କର ଉପନ୍ୟାସଟିର ସେ ଉଚ୍ଚପ୍ରଶଂସା କରିଥିଲେ। ଏହି ଉତ୍ସବରେ ଯୋଗଦେଇ ବିଶିଷ୍ଟ ଲେଖକ ଡ. ଦେବାଶିଷ ପାଣିଗ୍ରାହୀ କହିଲେ ଯେ, ଶୁଭା ଶର୍ମା ଜଣେ ପ୍ରତିଭାଶାଳୀ ଲେଖିକା ଓ ଭାଷା ଉପରେ ତାଙ୍କର ଅଗାଧ ଜ୍ଞାନ ରହିଛି। ତାଙ୍କ ଉପନ୍ୟାସରେ କବିତାର ସୁଲଭ ଭାବପ୍ରବଣତା ଓ ସାବଲୀଳତା ଅନୁଭୂତ ହେଉଛି। ଉପନ୍ୟାସଟି କିଶୋର ଓ ତରୁଣ ବର୍ଗର ପାଠକଙ୍କ ଦ୍ୱାରା ବିଶେଷ ଭାବେ ଆଦୃତି ଲାଭ କରିପାରିବ ବୋଲି ମତବ୍ୟକ୍ତ କରିଛନ୍ତି। ପୁରୁଣା ସମୟ ଓ ନୂଆ ସମୟ ମଧ୍ୟରେ ସମ୍ପର୍କ, ସଂଘାତ, ସମନ୍ୱୟ ଏବଂ ପୁରାତନ ମୂଲ୍ୟବୋଧ ଆଧାରରେ ନୂଆଯୁଗର ଜୀବନ ଜୀବିକାର ଆକଳନ ହେଉଛି ଉପନ୍ୟାସର ବିଷୟବସ୍ତୁ, ଯାହାକୁ ଲେଖିକା ଏକ ଖାଣ୍ଟି ଭାରତୀୟ ପରିବାରକୁ କେନ୍ଦ୍ର କରି ସରଳ ଓ ସାବଲୀଳ ଭାବରେ ବର୍ଣ୍ଣନା କରିଛନ୍ତି। ଲେଖିକା ଶର୍ମା ଲେଡ଼ି ଶ୍ରୀରାମ କଲେଜ ଏବଂ ଜେଏନ୍‌ୟୁରୁ ଶିକ୍ଷା ସମାପ୍ତି ପରେ ଭାରତୀୟ ପ୍ରଶାସନିକ ସେବାରେ ଯୋଗଦେଇ ବିଭିନ୍ନ ସ୍ଥାନରେ ଓ ପଦପଦବୀରେ କାର୍ଯ୍ୟ କରିଛନ୍ତି। ଏବେ ସେ ଓଡ଼ିଶା ସରକାରଙ୍କ ହସ୍ତତନ୍ତ ଓ ହସ୍ତଶିଳ୍ପ ବିଭାଗର ଶାସନ ସଚିବ ଭାବେ କାର୍ଯ୍ୟ ତୁଲାଉଛନ୍ତି। ଯୋଗ, ଭ୍ରମଣ, ସନ୍ତରଣ ଓ ବନସାଇ ସଂଗ୍ରହରେ ରୁଚି ରଖିଥିବା ଶର୍ମାଙ୍କର ଏହା ଦ୍ୱିତୀୟ ପ୍ରକାଶିତ ପୁସ୍ତକ। ତାଙ୍କର ପ୍ରଥମ ପୁସ୍ତକ 'ଫ୍ଲାଇ ଅନ୍ ଦି ୱାଲ୍ ଆଣ୍ଡ ଅଦର ଷ୍ଟୋରିଜ୍' ବହୁଳ ପାଠକୀୟତା ହାସଲ କରିବା ସହିତ ଉଭୟ ସମାଲୋଚକ ଓ ପାଠକଙ୍କ ଦ୍ୱାରା ଆଦୃତ ହୋଇଥିଲା।



ଚଙ୍କି ପାଣ୍ଡେଙ୍କ ଅଭିନେତ୍ରୀ ଝିଅ ଅନନ୍ୟା ପାଣ୍ଡେ ବର୍ଷକ ମଧ୍ୟରେ ୪ ଫିଲ୍ମ ଓ କେତେକ ଆଡ୍ ଫିଲ୍ମରେ ଅଭିନୟ କରିଛନ୍ତି। ସୀମିତ ସମୟ ମଧ୍ୟରେ ସେ ଫ୍ୟାନ୍ ଫଲୋୟର୍ସଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛନ୍ତି। ଦର୍ଶକଙ୍କ ଭଲପାଇବା ମୋତେ ଆକର୍ଷିତ କରିଛି ଓ ଜଣେ ଭଲ ଅଭିନେତ୍ରୀଭାବେ ଜୀବନବ୍ୟାପୀ କାମ କରିବାକୁ ଚାହୁଁଛି ବୋଲି ସେ ପ୍ରକାଶ କରିଛନ୍ତି।

# ପିମ୍ପୁଡ଼ିଠାରେ ବିରଳ ଖଣିଜ

**ବିଚିତ୍ରମୟ ଜୀବଜଗତ। ଏଠାରେ ଅସ୍ତିତ୍ୱ ବଞ୍ଚାଇ ରଖିବାକୁ ହେଲେ ପ୍ରତି ମୁହୂର୍ତ୍ତରେ ସଂଘର୍ଷ କରିବାକୁ ପଡ଼େ। ଖାଦ୍ୟ ଏବଂ ଖାଦକଙ୍କ ମଧ୍ୟରେ ଚାଲିଥିବା ଲୁଚାଛପା ଖେଳରେ ଜୀବନ ବଞ୍ଚାଇବାକୁ ପ୍ରକୃତି ସମସ୍ତଙ୍କୁ ସ୍ୱତନ୍ତ୍ର କ୍ଷମତା ଦେଇଛି। ହାତୀ ଭଳି ବିଶାଳକାୟ ପ୍ରାଣୀ ଅମାପ ଶକ୍ତିର ଅଧିକାରୀ ହୋଇଥିବାବେଳେ ଆକାରରେ କ୍ଷୁଦ୍ର କୀଟ ନିକଟରେ ରହିଛି ହାତୀକୁ ମାରିବାର କ୍ଷମତା। ସେହିପରି ଏକ ପ୍ରଜାତିର ପିମ୍ପୁଡ଼ି ଶରୀରରେ ବୈଜ୍ଞାନିକମାନେ ବିରଳ ଖଣିଜ ଖୋଜି ପାଇଛନ୍ତି। ଯଦିଓ ଏହି ଖଣିଜ କବଚ ଆକାରରେ ସେମାନଙ୍କୁ ଶତ୍ରୁ କବଳରୁ ସୁରକ୍ଷା ଦିଏ, ତଥାପି ପ୍ରାକୃତିକ ଉପାୟରେ ଏହା ସୃଷ୍ଟି ହେଉଥିବାରୁ ଏହାର ମାତ୍ରା ବଢ଼ିବା ସମ୍ଭାବନା ସୃଷ୍ଟି ହୋଇଛି।**



**ନୂଆଦିଲ୍ଲୀ:** ବିବିଧତାରେ ଭରା ପ୍ରାଣୀଜଗତରେ ପ୍ରତି ଜୀବ କେତେକ ସ୍ୱତନ୍ତ୍ର କ୍ଷମତାର ଅଧିକାରୀ। ଶିକାରୀ ପ୍ରାଣୀଙ୍କ ନଜରରୁ ନିଜକୁ ବଞ୍ଚାଇବା ଲାଗି କ୍ଷୁଦ୍ର ଜୀବଙ୍କ ନିକଟରେ ବିଶେଷ ଦକ୍ଷତା ଥାଏ, ଯାହା ସେମାନଙ୍କ ଅସ୍ତିତ୍ୱ ବଞ୍ଚାଇବାରେ ସହାୟକ ହୋଇଥାଏ। ବୈଜ୍ଞାନିକମାନେ ପତ୍ର ଖାଉଥିବା ଏକ ପିମ୍ପୁଡ଼ି ନିକଟରେ ଭିନ୍ନ ଧରଣର ଏକ ଜୈବିକ ଖଣିଜରେ ତିଆରି କବଚ ଖୋଜି ବାହାର କରିଛନ୍ତି, ଯାହା ବିରଳ କ୍ୟାଲସିୟମ ସିଲିସାଇଟ୍‌ରେ ନିର୍ମିତ। ସାଧାରଣତଃ ଏଭଳି କବଚ ସାମୁଦ୍ରିକ କଙ୍କଡ଼ା ଭଳି ଜୀବଙ୍କ ନିକଟରେ ଦେଖାଯାଇଥାଏ, ଯାହା ଶତ୍ରୁ କବଳରୁ ସୁରକ୍ଷା ଦିଏ। ହେଲେ ସ୍ଥଳ ଭାଗରେ ବସବାସ କରୁଥିବା କୀଟପତଙ୍ଗ ନିକଟରେ ଏଭଳି କବଚ ସାଧାରଣତଃ ଦୃଷ୍ଟିଗୋଚର ହୋଇ ନ ଥାଏ। ପୃଥିବୀ ପୃଷ୍ଠରେ କ୍ୟାଲସିୟମ ସିଲିସାଇଟ୍ ଜୈବିକ ଖଣିଜ ଅତି ସ୍ୱଳ୍ପ ପରିମାଣରେ ରହିଛି। ଚୂନପଥର ଖଣି ଏହାର ମୁଖ୍ୟ ସ୍ରୋତ। ଏଭଳି ପିମ୍ପୁଡ଼ିଙ୍କ ଦେହରେ ଏହି ଖଣିଜ ସ୍ୱତଃ ସୃଷ୍ଟି ହେବା ନିଶ୍ଚିତ ଭାବେ ଶୁଭସଙ୍କେତ ବୋଲି ଅଧ୍ୟୟନର ପ୍ରମୁଖ ଲେଖକ ହୋଙ୍ଗଜୀ ଲି ସୂଚନା ଦେଇଛନ୍ତି।

ଏକ ପ୍ରକାର ଆଣ୍ଟିବାୟୋଟିକ୍ ସୃଷ୍ଟିକାରୀ ବ୍ୟାକ୍ଟେରିଆ ସମ୍ପର୍କରେ ଗବେଷଣା କରିବା ସମୟରେ ପିମ୍ପୁଡ଼ିକୁ ନେଇ କେତେକ ରୋଚକତଥ୍ୟ ପଦାକୁ ଆସିଛି। ଏଭଳି ଉପକାରୀ ବ୍ୟାକ୍ଟେରିଆ ଫିମ୍ପି ସୃଷ୍ଟିକାରୀ ହାନିକାରକ ପିମ୍ପୁଡ଼ିଠାରୁ ଫସଲକୁ ସୁରକ୍ଷା ପ୍ରଦାନ କରିଥାନ୍ତି। ୱିସ୍‌କନସିନ୍ ୟୁନିଭର୍ସିଟିର ପ୍ରଫେସର ତଥା ଅଧ୍ୟୟନର ସହଲେଖକ କ୍ୟାମରନ୍ କ୍ୟୁରି କହିଛନ୍ତି, ପିମ୍ପୁଡ଼ି ମେଳରେ ବଡ଼ ୱାର୍କର ଥାଆନ୍ତି। ସେମାନଙ୍କୁ ମେଜର କୁହାଯାଏ। ସେମାନଙ୍କ ଶରୀରରେ ଦାନା ଦାନା ହୋଇ ଧଳା ରଙ୍ଗର ଆବରଣ ଦେଖାଯାଏ। ପିମ୍ପୁଡ଼ିମାନେ ପରିପକ୍ୱ ହେବା ପରେ ସ୍ୱତଃ ଏହି ଖଣିଜ ସେମାନଙ୍କ ଶରୀରରେ ସୃଷ୍ଟି ହୋଇଥାଏ। ବୟସ ବଢ଼ିବା ସହିତ ଏହା କଠିନ ହୋଇଯାଏ ଏବଂ ପୂରା ଶରୀରକୁ ଆଚ୍ଛାଦନ କରିଦିଏ।

ଫିମ୍ପି ତିଆରି କରୁଥିବା ଅନ୍ୟ ଏକ ପିମ୍ପୁଡ଼ି ପ୍ରଜାତି ହେଲା ଆଟା ସେଫେଲୋଟସ୍। ଏମାନେ ମେଜର ବା ୱାର୍କର ପିମ୍ପୁଡ଼ି ଦଳକୁ ଆକ୍ରମଣ କରି ଖଣ୍ଡ ବିଖଣ୍ଡିତ କରିଦିଅନ୍ତି। ହେଲେ କବଚ ଧାରଣ କରିବା ପରେ ୱାର୍କର ପିମ୍ପୁଡ଼ି ହାରିଯାଇଥିବା ବାଜି ଜିତିଯାଇଥାନ୍ତି। ଏହି କବଚ କେବଳ ସୁରକ୍ଷା ଦିଏନାହିଁ, ରୋଗ ସଂକ୍ରମଣରୁ ମଧ୍ୟ ବଞ୍ଚାଇଥାଏ ବୋଲି ବୈଜ୍ଞାନିକମାନେ କହିଛନ୍ତି।





Birthday Wish



Happy Birthday Mamuni(Mew).
I am sending u good vibes and smiles for every second of your special day.God bless u always and have a bright future ahead.
D-19063

# କମ୍‌ବ୍ୟାକ୍ କରିବେ ଶ୍ରୁତି

**ମୁମ୍ବାଇ:** ପୁଣି ଥରେ ତେଲୁଗୁ ଫିଲ୍ମକୁ କମ୍‌ବ୍ୟାକ କରୁଛନ୍ତି ଅଭିନେତା କମଲ ହାସନଙ୍କ ଲାଡ଼ଲି ଶ୍ରୁତି ହାସନ। ଗୋଟିଏ ନୁହେଁ ତାଙ୍କର ଦୁଇ ଦୁଇଟି ତେଲୁଗୁ ଫିଲ୍ମ ଖୁବଶୀଘ୍ର ପରଦାକୁ ଆସୁଛି। ସାଉଥ୍ ସୁପର ଷ୍ଟାର ରବି ତେଜାଙ୍କ ଫିଲ୍ମ 'କ୍ରାକ୍' ଏବଂ ପୱନ କଲ୍ୟାଣଙ୍କ 'ଓକିଲ ସାହେବ୍'ରେ ନଜର ଆସିବେ ଶ୍ରୁତି। ରିପୋର୍ଟ ମୁତାବକ, ନିର୍ଦ୍ଦେଶକ ଗୋପିଚାନ୍ଦ ମାଲିନିଙ୍କ ଫିଲ୍ମ 'କ୍ରାକ୍'ରେ ଶ୍ରୁତିଙ୍କୁ ସମ୍ପୂର୍ଣ୍ଣ ରୂପେ ଏକ ଟ୍ରାଡିଶନାଲ ଲୁକ୍‌ରେ ଦେଖିବାକୁ ମିଳିବ। ଅଭିନେତା ରବି ତେଜାଙ୍କ ଅପୋଜିଟରେ ସେ ନଜର ଆସିବ। ସେହିପରି ନିର୍ଦ୍ଦେଶକ ବେଣୁ ଶର୍ମାଙ୍କ 'ଓକିଲ ସାହେବ୍'ରେ ଶ୍ରୁତିଙ୍କୁ ଅଭିନେତା ପୱନ କଲ୍ୟାଣଙ୍କ ପତ୍ନୀ ରୂପେ ଦେଖିବାକୁ ମିଳିବ । ତେବେ ଏନେଇ ଶ୍ରୁତି କିନ୍ତୁ ମୁହଁ ଖୋଲୁ ନାହାନ୍ତି। ସେ ତାଙ୍କ ଅପ୍‌କମିଂ ଫିଲ୍ମ ବିଷୟରେ କିଛି ବି ମିଡିଆ ଆଗରେ କହିବାକୁ ରାଜି ନାହାନ୍ତି। କେବଳ ସୋସିଆଲ ମିଡିଆରେ ଜାନୁୟାରୀରୁ ଶୁଟିଂକୁ କମ୍‌ବ୍ୟାକ କରିବା ନେଇ ସେ ହିଣ୍ଟସ୍ ଦେଇଛନ୍ତି। ସୂଚନା ମୁତାବକ ଫିଲ୍ମ 'ଓକିଲ ସାହେବ୍' ହେଉଛି ଅମିତାଭ ବଚ୍ଚନ ଓ ତାପସୀ ପନ୍ନୁଙ୍କ ଅଭିନୀତ ବଲିଉଡ୍ ଫିଲ୍ମ 'ପିଙ୍କ୍'ର ତେଲୁଗୁ ରିମେକ୍। ହାଇଦ୍ରାବାଦରେ ଏହି ଫିଲ୍ମର ଶୁଟିଂ ଆରମ୍ଭ ହୋଇସାରିଲାଣି।

# ସୋନୁଙ୍କ ପାଇଁ ସୁନ୍ଦର ପେଣ୍ଟିଂ



**ପାଟନା:** ବଲିଉଡ୍ ଅଭିନେତା ସୋନୁ ସୁଦ୍‌ଙ୍କୁ ଏବେ ବିଭିନ୍ନ ଅଞ୍ଚଳର ଲୋକେ ଭଗବାନ ଭଳି ସମ୍ମାନ ଦେଉଛନ୍ତି। ଦିନକୁ ଦିନ ତାଙ୍କ ପ୍ରତି ଲୋକଙ୍କ ଭଲପାଇବା ବଢ଼ିବାରେ ଲାଗିଛି। ଲକ୍‌ଡାଉନ୍ ସମୟରେ ସୋନୁଙ୍କର ଅକୁଣ୍ଠ ଦାନ ଓ ସାହାଯ୍ୟ ଲୋକଙ୍କୁ ନୂଆ ଜୀବନ ଦେଇଛି। ସେଥିପାଇଁ ତାଙ୍କୁ ଜୀବନରେ ଥରଟିଏ ଭେଟି ଉପହାର ଦେବାକୁ ଇଚ୍ଛା ରଖିଛନ୍ତି ବିହାରର ଅଜୟ କାପୁର।

ବିହାର ସୋନପୁର ଅଞ୍ଚଳରେ ଅଜୟ ରେଳ ବିଭାଗରେ ଜଣେ କର୍ମଚାରୀଭାବେ କାମ କରନ୍ତି। କିନ୍ତୁ ସେ ଜଣେ ଭଲ କାର୍ଟୁନିଷ୍ଟ ମଧ୍ୟ। ସୋନୁଙ୍କ ପାଇଁ ତାଙ୍କର ଭଲପାଇବା ଏତେ ଅଧିକ ଯେ ପ୍ରତିଦିନ ସେ ତାଙ୍କୁ ପାଇଁ ସୋସିଆଲ ମିଡିଆରେ ଅଭିନନ୍ଦନ ବାର୍ତ୍ତା ଦେଉଛନ୍ତି। ଗୀତ ମାଧ୍ୟମରେ ନିଜେ ରଚନା କରିଥିବା ଅଭିନନ୍ଦନ ବାର୍ତ୍ତାକୁ ସେ ସବୁଦିନ ସୋନୁଙ୍କ ପାଇଁ ପୋଷ୍ଟ କରନ୍ତି। ଏହା ସହ ସେ ସୋନୁଙ୍କର ସୁନ୍ଦର ଚିତ୍ର ଆଙ୍କି ତାଙ୍କୁ ଉପହାର ଦେବା ପାଇଁ ବି ରଖିଛନ୍ତି। କାର୍ଟୁନିଷ୍ଟ ଅଜୟ ପ୍ରତିବର୍ଷ ତାଙ୍କ ଚିତ୍ର ସବୁକୁ ନେଇ ଏକ ପ୍ରଦର୍ଶନୀ ଆୟୋଜନ କରନ୍ତି। ଏବର୍ଷ ମଧ୍ୟ ସେ ତାଙ୍କ ପ୍ରଦର୍ଶନୀରେ ସୋନୁ ସୁଦଙ୍କର ବିଭିନ୍ନ ପ୍ରକାରର ପେଣ୍ଟିଂକୁ ସ୍ଥାନ ଦେବା ପାଇଁ ଯୋଜନା କରିଛନ୍ତି। ଏହା ସହିତ ଟୁଇଟରରେ ସେ ପ୍ରତିଦିନ ସୋନୁଙ୍କୁ ଅଭିନନ୍ଦନ ଦେବା ସହିତ ତାଙ୍କୁ ଅତିକମରେ ଥରୁଟିଏ ଭେଟିବା ପାଇଁ ଆଶା ରଖିଥିବା ଜଣାଇଛନ୍ତି। ଆଉ ସୋନୁଙ୍କୁ ଭେଟିବା ଦିନ ସେ ତାଙ୍କୁ ତାଙ୍କ ହାତରେ ତିଆରି କରିଥିବା ସୋନୁଙ୍କ ପେଣ୍ଟିଂକୁ ଉପହାର ଦେବେ ବୋଲି ଇଚ୍ଛା ରଖିଛନ୍ତି। ଏହା ପୂର୍ବରୁ ଅଜୟ ତାଙ୍କ ପ୍ରିୟ ସେଲିବ୍ରିଟି କୁମାର ସାନୁ, ବିନୋଦ ରାଠୋର, ଉଷା ଉତ୍ଥୁପ ଆଦିଙ୍କୁ ସେମାନଙ୍କ ପେଣ୍ଟିଂ କରି ଉପହାର ଦେଇ ସାରିଛନ୍ତି।

# ବୁଲାକୁକୁରଙ୍କୁ ଘରେ ଆଶ୍ରୟ

**ଚେନ୍ନାଇ:** ବାତ୍ୟାରେ ଲୋକେ ନିଜ ପ୍ରାଣୀଙ୍କ ଜୀବନ ରକ୍ଷା ପାଇଁ ସେମାନଙ୍କୁ ଘରେ ରଖିଥାନ୍ତି। ଗୁରୁବାର ତାମିଲନାଡୁରେ ସ୍ଥଳଭାଗ ଛୁଇଁବା ସମୟରେ ଘୂର୍ଣ୍ଣିବାତ୍ୟା 'ନିଭାର' ନିଜର କରାଳ ରୂପ ଦେଖାଇଥିଲା। ହେଲେ ରାଜଧାନୀ ଚେନ୍ନାଇବାସୀ ଏ ସମୟରେ ଜୀବନ ଭୟରେ ମାନବିକତା ଭୁଲି ନ ଥିଲେ। ଜଣେ ନୁହନ୍ତି, ଅନେକ ଲୋକ ବୁଲାକୁକୁରଙ୍କୁ ବାତ୍ୟା ଓ ପ୍ରବଳ ବର୍ଷାରୁ ରକ୍ଷା କରିବା ପାଇଁ ନିଜ ଘରେ ରହିବାକୁ ସ୍ଥାନ ଦେଇଥିଲେ। ଅନେକ ସଂଖ୍ୟାରେ କୁକୁର ଲୋକଙ୍କ ଘର ଭିତରେ ଆଶ୍ରୟ ନେଇଥିବା ଦେଖାଯାଇଥିଲା। ଥିରୁଭେରକାଡୁ ଅଞ୍ଚଳରେ ୨ମାସ ତଳେ ହୋଇଥିବା ବର୍ଷାରେ ୧୩ କୁକୁର ଛୁଆଙ୍କ ଜୀବନ ଚାଲିଯାଇଥିଲା। ତେଣୁ ସେ ବାତ୍ୟା ବିଷୟରେ ପୂର୍ବ ସୂଚନା ପାଇ ଅଞ୍ଚଳର ଅନେକ ଲୋକ ବୁଲାକୁକୁରଙ୍କ ପାଇଁ ଘର କବାଟ ଖୋଲିଦେଇଥିବା କହିଛନ୍ତି। ସେହିପରି ଅନ୍ୟ ଅଞ୍ଚଳରେ ମଧ୍ୟ ଲୋକେ ନିଜ ଘର, ୱାର୍କଶପ୍ ଏବଂ ଅନ୍ୟ ସୁରକ୍ଷିତ ସ୍ଥାନରେ ଆଶ୍ରୟ ଦେଇଥିଲେ। ସେମାନଙ୍କ କହିବା ହେଲା ଏହି କୁକୁରମାନେ କେବଳ ଜୀବନ ବଞ୍ଚାଇବା ପାଇଁ ଆଶ୍ରୟ ଚାହିଁଥାନ୍ତି। ବାତ୍ୟା ପରେ ସେମାନେ ନିଜେ ବାହାରକୁ ଚାଲିଯାଇଥିଲେ ଏବଂ କାହାର କୌଣସି କ୍ଷତି କରି ନ ଥିଲେ ବୋଲି କହିଛନ୍ତି।

# ମଙ୍ଗଳରେ ବାସ କରିପାରିବେ ୪ ଅଣୁଜୀବ



**ୱାଶିଂଟନ:** ମଙ୍ଗଳରେ ବସତି ସ୍ଥାପନ କରିବା ଲାଗି ମନୁଷ୍ୟ ଉଦ୍ୟମ ଜାରି ରଖିଛି। ଏପରିସ୍ଥଳେ ମହାକାଶ ବିଜ୍ଞାନୀମାନେ କହିଛନ୍ତି ଯେ, ପୃଥିବୀରେ ଥିବା ୪ ପ୍ରଜାତିର ସୂକ୍ଷ୍ମ ଅଣୁଜୀବ ମଙ୍ଗଳରେ ସହଜରେ ବାସ କରିପାରିବେ। ମଙ୍ଗଳରେ ସହଜରେ ମିଥାନୋଥର୍ମୋବ୍ୟାକ୍ଟର ୱଲଫେଲି, ମିଥାନୋ ସାରସିନା ବାର୍କେରି, ମିଥାନୋବ୍ୟାକ୍ଟିରିୟମ୍ ଫର୍ମିସିକମ୍ ଏବଂ ମିଥାନୋକୋକସ୍ ମାରିପାଲୁଡିସ୍ ଆଦି ୪ ଅଣୁଜୀବ ବାସ କରିପାରିବେ। ଏସବୁ ଅଣୁଜୀବ ପୃଥିବୀରେ ବାସ କରିଥାନ୍ତି। ଏଭଳି ସୂକ୍ଷ୍ମ ଜୀବ ବିନା ଅମ୍ଳଜାନରେ ବଞ୍ଚି ରହିଥାନ୍ତି। ମଙ୍ଗଳର ବାୟୁମଣ୍ଡଳରେ ପ୍ରଚୁର ମାତ୍ରାରେ ମିଥେନ୍ ରହିଛି। ଏଠାରେ ଅମ୍ଳଜାନ ଗ୍ରହଣ କରୁଥିବା ପ୍ରାଣୀ ଅବା ସୂକ୍ଷ୍ମଜୀବ ବାସ କରିବା ଅସମ୍ଭବ। ମଙ୍ଗଳର ତାପମାତ୍ରା ମାଇନସ୍ ୪୮ ଡିଗ୍ରୀ ରହିଥାଏ। ତେବେ ପୃଥିବୀରେ ବାସ କରୁଥିବା ୪ ପ୍ରଜାତିର ମିଥାନୋଜେନ୍ସ ଏଭଳି ପରିସ୍ଥିତିରେ ବଞ୍ଚି ରହିପାରିବେ ବୋଲି ଅରକ୍ଆନସାସ୍ ବିଶ୍ୱବିଦ୍ୟାଳୟର ଗବେଷକଙ୍କ ଦ୍ୱାରା ହୋଇଥିବା ଏକ ଗବେଷଣା ରିପୋର୍ଟରେ ଉଲ୍ଲେଖ କରାଯାଇଛି। ଏହି ରିପୋର୍ଟ ଓରିଜିନ୍ ଅଫ୍ ଲାଇଫ୍ ଆଣ୍ଡ ଇଭୋଲ୍ୟୁଶନ ଅଫ୍ ବାୟୋସ୍ଫିୟରର ପତ୍ରିକାରେ ପ୍ରକାଶ ପାଇଛି। ମିଥାନୋଜେନ୍ସ ବଞ୍ଚି ରହିବା ପାଇଁ ହାଇଡ୍ରୋଜେନ୍ ଏବଂ କାର୍ବନ ଡାଇଅକ୍ସାଇଡ୍ ଉପରେ ନିର୍ଭର କରିଥାନ୍ତି। ସେମାନଙ୍କର ମଳରୁ ମିଥେନ ଗ୍ୟାସ୍ ନିର୍ଗତ ହୋଇଥାଏ। ପୂର୍ବରୁ ମଙ୍ଗଳରେ ଜୀବସତ୍ତା ଥିଲା। ଏହା ମଙ୍ଗଳର ଗଠନାତ୍ମକ ସଂରଚନାରୁ ପ୍ରମାଣିତ ହୋଇଥିବା ପ୍ରଫେସର ରେବେକା ମିକୋଲ କହିଛନ୍ତି। ମଙ୍ଗଳର ବାୟୁମଣ୍ଡଳରେ ଥିବା ମିଥେନ୍ ଜୀବସତ୍ତା ଲୋପ ପାଇବା ପରେ ମିଥାନୋଜେନ୍ସ ସୂକ୍ଷ୍ମ ଜୀବଙ୍କ ଦ୍ୱାରା କୋଟି କୋଟି ବର୍ଷ ଧରି ସୃଷ୍ଟି ହେଉଥିବା ସେ କହିଛନ୍ତି।

# ରେଷ୍ଟୁରାଣ୍ଟରେ ପାଣ୍ଡାଙ୍କ ଭିଡ଼

**ନୂଆଦିଲ୍ଲୀ:** ରେଷ୍ଟୁରାଣ୍ଟରେ ଏବେ ଗ୍ରାହକଙ୍କ ସ୍ଥାନରେ ବସିଛନ୍ତି ପାଣ୍ଡା। ଅବଶ୍ୟ ପାଣ୍ଡାଗୁଡ଼ିକ ସତସତିକା ପାଣ୍ଡା ନୁହନ୍ତି, ଏସବୁ ହେଉଛନ୍ତି ଖେଳନା ପାଣ୍ଡା। ଏଭଳି ଏକ ଦୃଶ୍ୟ ଦେଖିବାକୁ ମିଳିଛି ଜର୍ମାନର ଫ୍ରାଙ୍କଫୁଟ୍ ରେଷ୍ଟୁରାଣ୍ଟରେ। କରୋନା ଭାଇରସ୍ ପାଇଁ ହୋଇଥିବା ଲକ୍‌ଡାଉନ୍‌କୁ ସମର୍ଥନ କରି ରେଷ୍ଟୁରାଣ୍ଟ ପକ୍ଷରୁ ଏଭଳି ଏକ ଭିନ୍ନ ଢଙ୍ଗରେ ପ୍ରଦର୍ଶନ କରାଯାଇଛି।

କରୋନା ଭାଇରସ୍ ସଂକ୍ରମଣ ରୋକିବା ପାଇଁ ସାରା ବିଶ୍ୱର ବିଭିନ୍ନ ଦେଶ ଲକ୍‌ଡାଉନ୍ ଫର୍ମୁଲାକୁ ଆପଣାଇଥିଲେ। ଏବେ ବି ସଂକ୍ରମଣର ଭୟାବହତା କମ୍ ହୋଇ ନ ଥିବାରୁ ଅନେକ ଦେଶରେ ଲକ୍‌ଡାଉନ୍ ବଳବତ୍ତର ରହିଛି। ସଂକ୍ରମଣରୁ ବର୍ତ୍ତିବା ନିମନ୍ତେ ଲୋକେ ମଧ୍ୟ ଏହି ଲକ୍‌ଡାଉନ୍‌କୁ ସମର୍ଥନ କରୁଛନ୍ତି। ଜର୍ମାନରେ ଆସନ୍ତା ମାସ ପର୍ଯ୍ୟନ୍ତ ଲକ୍‌ଡାଉନ୍ ଥିବାରୁ ଏବେ ବି ସେଠାରେ ବିଭିନ୍ନ ରେଷ୍ଟୁରାଣ୍ଟ, ବାର୍, ହୋଟେଲ ଆଦି ବନ୍ଦ ରହିଛି। କେବଳ ଦୋକାନ ବଜାର ଏବଂ ସ୍କୁଲ କଲେଜ ଖୋଲା ରହିଛି। ରେଷ୍ଟୁରାଣ୍ଟକୁ ବନ୍ଦ ରଖିବା ପାଇଁ ସମର୍ଥନ କରିଛନ୍ତି ରେଷ୍ଟୁରାଣ୍ଟର ମାଲିକମାନେ। ଜର୍ମାନର ଫ୍ରାଙ୍କଫୁଟ୍ ରେଷ୍ଟୁରାଣ୍ଟର ଏଭଳି ପ୍ରଦର୍ଶନକୁ ଅନ୍ୟ ରେଷ୍ଟୁରାଣ୍ଟ ପକ୍ଷରୁ ସମର୍ଥନ କରାଯାଇଛି। ସେଠାରେ ଥିବା ପିନୋ ରେଷ୍ଟୁରାଣ୍ଟ ମ୍ୟାନେଜର ଗୁସେପି ଫିଚେରାଙ୍କ ମତରେ ରେଷ୍ଟୁରାଣ୍ଟରେ ଲୋକଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ହିଁ ସର୍ବାଧିକ ଗୁରୁତ୍ୱପୂର୍ଣ୍ଣ। ତେଣୁ ପାଣ୍ଡା ମାଧ୍ୟମରେ ଏଭଳି ନୀରବ ପ୍ରଦର୍ଶନ ବେଶ୍ ଗ୍ରହଣଯୋଗ୍ୟ। ରେଷ୍ଟୁରାଣ୍ଟରେ ଏଭଳି ପ୍ରଦର୍ଶନକୁ ଦେଖି ଲୋକେ ସତର୍କ ହେବା ଉଚିତ। ଏବେ କରୋନା ସଂକ୍ରମଣରୁ ରକ୍ଷା ପାଇବା ପାଇଁ ରେଷ୍ଟୁରାଣ୍ଟ କିମ୍ବା ହୋଟେଲ ଯିବା ବଦଳରେ ଘରେ ରହିବା ଉଚିତ। ଜର୍ମାନରେ ସରକାର ଲକ୍‌ଡାଉନ୍ ଅବଧି ବୃଦ୍ଧି କରି କ୍ଷତିଗ୍ରସ୍ତମାନଙ୍କୁ ଆର୍ଥିକ ସହାୟତା ଦେଉଛନ୍ତି।



CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

RIDHI FINANCE
ଋଣ କରାନ୍ତୁ ମାତ୍ର 24 ଘଣ୍ଟାରେ
ସବୁ ଯୋଜନା ଅଧୀନରେ
ପ୍ରପର୍ଟି, ମାର୍କଶିଟ୍, ପର୍ସନାଲ ଆଧାର ଋଣ, ପଶୁପାଳନ, ବ୍ୟବସାୟ ଓ ଗୃହ ଋଣ
50% ଛାଡ଼ 1% ସୁଧ
କମ୍ ସୁଧ ହାରରେ ଋଣ ମିଳିବ
ଥରେ ସେବାର ସୁଯୋଗ ଦିଅନ୍ତୁ Online ସୁବିଧା
ସବୁ ପ୍ରକାର ଋଣ ଘରେ ବସି ପାଆନ୍ତୁ
9310078574
9310051634
Email : ltfinanceodisha@gmail.com

ମୋର ଶକ୍ତି ପ୍ରଦର୍ଶନ ନିଜେ ଦେଖନ୍ତୁ ଖୋଲା ଚ୍ୟାଲେଞ୍ଜ୍
ଆଖି ଆଗରେ ୩ ଘଣ୍ଟାରେ ୧୦୧% ସମସ୍ୟାର ସମାଧାନ
ବାବା ଅଘୋରୀ ତାନ୍ତ୍ରିକ
(ତନ୍ତ୍ର ମନ୍ତ୍ର ର ସମ୍ରାଟ୍)
ଜାହାର ଥିବ ଜ୍ଞାନ ସେହିଁ କରିବ ସମାଧାନ
ଭଗବାନ ଚାହିଁଲେ ସବୁକିଛି ସମ୍ଭବ କରିପାରିବି ।
ସ୍ପେଶାଲିଷ୍ଟ ବଶୀକରଣ, ମନ ଚାହୁଁଥିବା ପ୍ରେମ, ପ୍ରେମ ବିବାହ, ପ୍ରେମରେ ଧୋକା, ରାଗିଥିବା ଲୋକଙ୍କୁ ମନେଇବା, ପତି ପତ୍ନୀ ମଧ୍ୟରେ ଝଗଡା, ଶତ୍ରୁଠାରୁ ମୁକ୍ତି, ବ୍ୟବସାୟରେ ବାଧା, A-Z ସମସ୍ୟାର ସମାଧାନ ।
8882348054
ପ୍ରକୃତ ପ୍ରେମୀମାନେ କାହିଁକି ନିରାଶ ହେଉଛନ୍ତି, ପ୍ରେମର ଅସମ୍ପୂର୍ଣ୍ଣ ସ୍ୱପ୍ନକୁ ବଶୀକରଣ ଦ୍ୱାରା ଜୀବନସାଥି କରନ୍ତୁ । ଘରେବସି କାମକରିଥିବା କଥାଗୁପ୍ତ ରହିବ ।

ଖର୍ଚ୍ଚ ଲୋନ ପାସ୍ ହେଲା ପରେ
BALAJI FINANCE
(Reg. No. KA08FGD557S113)
(ବିନା କୌଣସୀ ସୀକ୍ୟୁରିଟି ରେ)
୧୯୮୧ ରୁ ଆପଙ୍କର ସେବାରେ
ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭତ୍ତା, କୁକୁଡାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ଧୋକାବାଜ୍ କୁ ସାବଧାନ, ଧୋକା ଖାଇଥିବା ଅବଶ୍ୟ କଲ କରନ୍ତୁ
2th floor, Krishna Reddy, Mumbai, Maharastra
08763569043

ବାବା ଅମିଲ୍ ସୁଫି
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସଂପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧୀକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ-ବଶୀକରଣ, ମୁଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
7503449786
8800979262

JANODAYA Finance
ପର୍ସନାଲ୍, ପ୍ରପୋର୍ଟି, ଗ୍ରୁପ୍, ମାର୍କସିଟ୍, ବ୍ୟବସାୟ, କୃଷି ପଶୁପାଳନ, କୁକୁଡା ପାଳନ ଓ ଗୃହଋଣ ଇତ୍ୟାଦି ସବୁ ପ୍ରକାର LOAN ଘରେ ବସି ପାଆନ୍ତୁ ।
ମାତ୍ର ୨% ସୁଧ ହାରରେ
Bharatpur, Badahkole,Sambalpur
9438082179
8480403308

ଅଗରବତି ମେସିନ
କମ୍ ଖର୍ଚ୍ଚରେ ନିଜ ଘରେ ଧୂପକାଠି ମେସିନ ବସାଇ ଦୈନିକ ୧୦୦୦ରୁ ୧୫୦୦ ଟଙ୍କା ରୋଜଗାର କରନ୍ତୁ ।
ପ୍ରତ୍ୟେକ ମେସିନ ସହ
RAW MATERIAL FREE
Mob.-9078729199, 8018493464

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ମନେ ପଡ଼ନ୍ତି
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ସୁଧାକର ମହାପାତ୍ର
ଖଲ୍ଲିକୋଟ, କୁଷଢ଼ିପା ଶାସନ, ଗଞ୍ଜାମ
ଆବିର୍ଭାବ: ୧୯୫୩
ତିରୋଧାନ: ୧୯।୧୧।୨୦୨୦
ବାବା, କାର୍ତ୍ତିକ ମାସ ଶୁକ୍ଳପକ୍ଷ ପଞ୍ଚମୀ ତିଥିରେ ତୁମେ ଆମ ସମସ୍ତଙ୍କୁ ଛାଡ଼ି ଆର ପାରିକୁ ଚାଲିଗଲ। ତୁମର ଭକ୍ତି, ସ୍ନେହ, ଶ୍ରଦ୍ଧା, ଆଦର୍ଶ ଆମମାନଙ୍କ ମନରେ ଅମର ହୋଇ ରହିଗଲା। ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
-:ଶୋକସନ୍ତପ୍ତ:-
ଝିଅ: ମାମୁନି, ପୁପୁଲି, ଟୁକୁନି, ଜ୍ୱାଇଁ: ଶିବ, ଅଶୋକ, ଅମିତ, ନାତି-ନାତୁଣୀ: ଗୁଡ୍ଡୁ, ବବ୍ଲୁ, ଲାଲା ।
ଧ-୧୯୦୨୭

# ଉଦୀୟମାନ ମେଡ୍‌ଭେଡେଭ

**୨୦୦୯ ପରେ ଡାନିଲ ମେଡ୍‌ଭେଡେଭ ପ୍ରଥମ ରୁଷୀୟ ଖେଳାଳି ଭାବେ ଏଟିପି ଫାଇନାଲ୍ସ ଟାଇଟଲ ହାସଲ କରିଛନ୍ତି। ଫାଇନାଲରେ ସେ ଅଷ୍ଟ୍ରିଆର ଡୋମିନିକ୍ ଥିମ୍‌ଙ୍କୁ ୪-୬, ୭-୬, ୬-୪ ସେଟ୍‌ରେ ହରାଇ ଚାମ୍ପିୟନ ହୋଇଛନ୍ତି। ଟାଇଟଲ ହାସଲ ପ୍ରକ୍ରିୟାରେ ମେଡ୍‌ଭେଡେଭ୍ ଏଟିପି ଇତିହାସରେ ଚତୁର୍ଥ ଖେଳାଳି ଭାବେ ଗୋଟିଏ ଟୁର୍ନାମେଣ୍ଟରେ ବିଶ୍ୱର ଶ୍ରେଷ୍ଠ ୩ ଖେଳାଳିଙ୍କୁ ପରାସ୍ତ କରି ଉଜ୍ଜ୍ୱଳ ଭବିଷ୍ୟତର ସୂଚନା ଦେଇଛନ୍ତି...**

ଭବିଷ୍ୟତରେ ଜଣେ ସଫଳ ଟେନିସ୍ ତାରକା ଭାବେ ଉଭା ହେବେ ବୋଲି ରୁଷିଆର ଡାନିଲ ମେଡ୍‌ଭେଡେଭ୍ ନିକଟରେ ପ୍ରମାଣ ଦେଇଛନ୍ତି। ନିଜ ପ୍ରତିଭା ଓ ଦକ୍ଷତା ବଳରେ ୨୪ ବର୍ଷୀୟ ଏହି ଟେନିସ ତାରକା ସଦ୍ୟ ସମାପ୍ତ ଏଟିପି ଫାଇନାଲ୍ସ ଟୁର୍ନାମେଣ୍ଟରେ ଚାମ୍ପିୟନ ହେବାର ଗୌରବ ଅର୍ଜନ କରିଛନ୍ତି। ବର୍ଷ ଶେଷରେ ଖେଳାଯାଉଥିବା ଏହି ହାଇପ୍ରୋଫାଇଲ ଟୁର୍ନାମେଣ୍ଟରେ ଶ୍ରେଷ୍ଠ କେତେଜଣ ଖେଳାଳି ଅଂଶଗ୍ରହଣ କରିଥାନ୍ତି। ଏଟିପି ଫାଇନାଲ୍ସ ଟାଇଟଲ ହାସଲ କରିବା ଅବସରରେ ସେ ଏକାଧିକ ନିଜଠାରୁ ଉଚ୍ଚ ର୍‍ୟାଙ୍କର ଖେଳାଳିଙ୍କୁ ପରାସ୍ତ କରିଛନ୍ତି। ଏହି କ୍ରମରେ ସେ ବିଶ୍ୱର ୧ ନମ୍ବର ଖେଳାଳି ସର୍ବିୟାର ନୋଭାକ ଜୋକୋଭିଚ୍ ଓ ବିଶ୍ୱର ଦୁଇ ନମ୍ବର ଖେଳାଳି ସ୍ପେନର ରାଫାଲ ନାଡାଲଙ୍କୁ ପରାସ୍ତ କରିଛନ୍ତି। ପୂର୍ବରୁ ୫ଥର ଏଟିପି ଫାଇନାଲ୍ସ ଟାଇଟଲ ହାସଲ କରିଥିବା ଜୋକୋଭିଚ୍‌ଙ୍କୁ ସେ ରାଉଣ୍ଡ ରବିନ ପର୍ଯ୍ୟାୟରେ ପରାସ୍ତ କରିଥିବା ବେଳେ ନାଡାଲଙ୍କୁ ସେମିଫାଇନାଲରେ ହରାଇଥିଲେ। ତେବେ ଟାଇଟଲ ମୁକାବିଲାରେ ଅଷ୍ଟ୍ରିଆର ଡୋମିନିକ୍ ଥିମ୍‌ଙ୍କୁ ମେଡ୍‌ଭେଡେଭ୍ ୪-୬, ୭-୬, ୬-୪ ସେଟ୍‌ରେ ହରାଇ ଏଟିପି ଫାଇନାଲ୍ସ ଚାମ୍ପିୟନ ହେବାର ଗୌରବ ଅର୍ଜନ କରିଥିଲେ।

ଦୀର୍ଘ ୧୧ ବର୍ଷ ପରେ ମେଡ୍‌ଭେଡେଭ ପ୍ରଥମ ରୁଷୀୟ ଖେଳାଳି ଭାବେ ଏଟିପି ଫାଇନାଲ୍ସ ଟାଇଟଲ ହାସଲ କରିବାର ଗୌରବ ଅର୍ଜନ କରିଛନ୍ତି। ପୂର୍ବରୁ ୨୦୦୯ରେ ରୁଷିଆର ନିକୋଲେ ଡେଭିଡେଙ୍କୋ ଏଟିପି ଫାଇନାଲ୍ସର ପ୍ରଥମ ସଂସ୍କରଣରେ ଟାଇଟଲ ହାସଲ କରିଥିଲେ। ଟାଇଟଲ ହାସଲ ପ୍ରକ୍ରିୟାରେ ମେଡ୍‌ଭେଡେଭ୍ ଏଟିପି ଇତିହାସରେ ଚତୁର୍ଥ ଖେଳାଳି ହିସାବରେ ଗୋଟିଏ ଟୁର୍ନାମେଣ୍ଟରେ ବିଶ୍ୱର ଶ୍ରେଷ୍ଠ ୩ ଖେଳାଳିଙ୍କୁ ପରାସ୍ତ କରିଛନ୍ତି। ପୂର୍ବରୁ ଆର୍ଜେଣ୍ଟିନାର ଡେଭିଡ୍ ନାଲବଣ୍ଡିଆନ୍ (ମାଡ୍ରିଡ୍- ୨୦୦୭), ନୋଭାକ ଜୋକୋଭିଚ୍ (ମଣ୍ଟ୍ରିଲ ୨୦୦୭) ଓ ଜର୍ମାନୀର ବୋରିସ ବେକର (ଷ୍ଟକ୍‌ହୋମ ୧୯୯୪)ରେ ଗୋଟିଏ ଟୁର୍ନାମେଣ୍ଟରେ ଶ୍ରେଷ୍ଠ ୩ ଖେଳାଳିଙ୍କୁ ହରାଇ ଚାମ୍ପିୟନ ହେବାର ଗୌରବ ଅର୍ଜନ କରିଥିଲେ।

ମେଡ୍‌ଭେଡେଭ ଗତ ବର୍ଷ ପ୍ରଥମଥର ପାଇଁ ଏଟିପି ଫାଇନାଲ୍ସରେ ଅଂଶଗ୍ରହଣ କରିଥିଲେ। ତେବେ ସେ ଗ୍ରୁପ୍ ପର୍ଯ୍ୟାୟରେ ସବୁ ୩ଟି ମ୍ୟାଚ୍‌ରେ ପରାସ୍ତ ହୋଇ ବିଦାୟ ନେଇଥିଲେ। ଏହା ଗୋଟିଏ ବର୍ଷ ପରେ ସେ ଏହି ଟୁର୍ନାମେଣ୍ଟରେ ଟାଇଟଲ ଜିତି ଇତିହାସ ସୃଷ୍ଟି କରିଛନ୍ତି। ପୂର୍ବରୁ ୨୦୦୮ରେ ଜୋକୋଭିଚ୍ ଠିକ୍ ଏହି ଭଳି ଢଙ୍ଗରେ ଏଟିପି ଟାଇଟଲ ହାସଲ କରିଥିଲେ। ପୂର୍ବରୁ ୨୦୧୮ରେ ଜର୍ମାନୀ ଆଲେକଜାଣ୍ଡର ଜେଭେରେଭ ଓ ଗତବର୍ଷ ଗ୍ରୀସ୍‌ର ଷ୍ଟିଫାନୋ ସିଟିସ୍‌ପାସ୍ ଏଟିପି ଟାଇଟଲ ଜିତିଥିଲେ। କିନ୍ତୁ ଆଶ୍ଚର୍ଯ୍ୟଜନକ ଭାବେ ମେଡ୍‌ଭଡେଭଙ୍କ ସହ ଏହି ୨ ଖେଳାଳି ଏପର୍ଯ୍ୟନ୍ତ ଗୋଟିଏ ହେଲେ ବି ଗ୍ରାଣ୍ଡସ୍ଲାମ ଟାଇଟଲ ଜିତିନାହାନ୍ତି। ତେବେ ମେଡ୍‌ଭେଡେଭ ଆସନ୍ତାବର୍ଷ ଗ୍ରାଣ୍ଡସ୍ଲାମ ଟାଇଟଲ ଜିତିବାର ଗୌରବ ଅର୍ଜନ କରିବେ ବୋଲି ଆଶା କରାଯାଉଛି।

### ସଂକ୍ଷେପରେ...

**ପୂରା ନାମ:** ଡାନିଲ ସେର୍ଗେୟେଭିଚ୍ ମେଡ୍‌ଭେଡେଭ୍
**ଦେଶ:** ରୁଷିଆ
**ବାସସ୍ଥାନ:** ମୋଣ୍ଟେ କାର୍ଲୋ, ମୋନାକୋ
**ଜନ୍ମ:** ୧୧ ଫେବୃୟାରୀ ୧୯୯୬, ମସ୍କୋ, ରୁଷିଆ
**ବୟସ:** ୨୪
**ଉଚ୍ଚତା:** ୬ ଫୁଟ୍ ୬ ଇଞ୍ଚ୍
**ପ୍ଲେଜ୍:** ରାଇଟ୍ ହ୍ୟାଣ୍ଡେଡ୍ (ଟୁ ହ୍ୟାଣ୍ଡେଡ୍ ବ୍ୟାକହ୍ୟାଣ୍ଡ)
**କ୍ୟାରିୟର ଟାଇଟଲ:** ୯
**ଉଚ୍ଚତମ ଓ ବର୍ତ୍ତମାନର ର୍‍ୟାଙ୍କିଙ୍ଗ୍:** ୪ ନମ୍ବର

### ରନ୍ ଟୁ ଦି ଟାଇଟଲ (ମେଡ୍‌ଭେଡେଭ୍)

* ଫାଇନାଲ: ଡୋମିନିକ୍ ଥିମ୍ ୪-୬, ୭-୬, ୬-୪
* ସେମିଫାଇନାଲ: ରାଫାଲ ନାଡାଲ ୩-୬, ୭-୬, ୬-୩
* ରାଉଣ୍ଡ ରବିନ: ଡିଏଗୋ ସ୍ୱାର୍ଜମ୍ୟାନ ୬-୩,୬-୩
* ରାଉଣ୍ଡ ରବିନ: ନୋଭାକ ଜୋକୋଭିଚ୍ ୬-୩,୬-୩
* ରାଉଣ୍ଡ ରବିନ: ଆଲେକ୍‌ଜାଣ୍ଡର ଜେଭେରେଭ ୬-୩,୬-୪




ଆଗାମୀ ପିଢ଼ିରେ ସେ ନୂଆ ତାରକା ଭାବେ ଉଭା ହେବା ନିଶ୍ଚିତ ମନେହେଉଛି। ନିଜ ପ୍ରଦର୍ଶନରେ ସେ ସନ୍ତୋଷ ପ୍ରକଟ କରିଛନ୍ତି। ତେବେ ଏହି ପ୍ରଦର୍ଶନକୁ ସେ ଆଗାମୀ ସେସନରେ ବଜାୟ ରଖିବାକୁ ପ୍ରୟାସ କରିବେ ବୋଲି କହିଛନ୍ତି।
ମସ୍କୋରେ ଜନ୍ମିତ ମେଡ୍‌ଭେଡେଭ୍ ପିତା ସେର୍ଗେ ମେଡ୍‌ଭେଡେଭ୍‌ଙ୍କ ପ୍ରେରଣାରେ ମାତ୍ର ୬ ବର୍ଷରେ ଟେନିସ ଖେଳିବା ଆରମ୍ଭ କରିଥିଲେ। ଟେନିସ ଖେଳିବାକୁ ସେ କଲେଜ୍‌ରୁ ଅଧାରୁ ପାଠପଢ଼ା ଛାଡ଼ିଥିଲେ। ପରିବାର ସହ ସେ ଫ୍ରାନ୍ସର ଆଣ୍ଟିବେସ୍‌କୁ ଯାଇ ସେଠାରେ ରହି ଏକ ଟେନିସ ଏକାଡେମୀରେ ପ୍ରଶିକ୍ଷଣ ନେଇଥିଲେ। ଅଧିକାଂଶ ସମୟ ଦେଶ ବାହାରେ ରହିଥିବାରୁ ସେ ଇଂଲିଶ୍, ଫ୍ରେଞ୍ଚ୍ ସହ ଅତି ସହଜରେ ରୁଷୀୟ ଭାଷାରେ କଥା ହେବାର ଦକ୍ଷତା ହାସଲ କରିଛନ୍ତି। ୨୦୧୮ ସେପ୍ଟେମ୍ବର ୧୨ ତାରିଖରେ ମେଡ୍‌ଭେଡେଭ୍ ନିଜ ବାନ୍ଧବୀଙ୍କୁ ବିବାହ କରିଥିଲେ।

୬ ଫୁଟ୍ ୬ ଇଞ୍ଚ୍ ଉଚ୍ଚତା ବିଶିଷ୍ଟ ମେଡ୍‌ଭେଡେଭ୍ ଏପର୍ଯ୍ୟନ୍ତ ଗୋଟିଏ ହେଲେ ବି ଗ୍ରାଣ୍ଡସ୍ଲାମ ଟାଇଟଲ ହାସଲ କରି ନାହାନ୍ତି। ତେବେ ସେ ଗତବର୍ଷ ୟୁଏସ୍ ଓପନ୍ ଫାଇନାଲରେ ପ୍ରବେଶ୍ କରିଥିଲେ। ୨୦୧୯ ଓ ୨୦୨୦ରେ ସେ ଅଷ୍ଟ୍ରେଲିଆନ୍ ଓପନ୍ ଚତୁର୍ଥ ରାଉଣ୍ଡରେ ପ୍ରବେଶ କରିଥିଲେ। ସେହିପରି ୨୦୧୮ ଓ ୨୦୧୯ରେ ୱିମ୍ବେଲଡନ ତୃତୀୟ ରାଉଣ୍ଡକୁ ଉଠିଥିଲେ। ୨୦୧୪ରେ ପେସାଦାର ଟେନିସ୍‌ରେ ପାଦ ଦେଇଥିବା ଏହି ଖେଳାଳି କ୍ୟାରିୟରରେ ୯ଟି ଟାଇଟଲ ହାସଲ କରିଛନ୍ତି। ଗତବର୍ଷ ସେ କ୍ରମାଗତ ୬ଟି ଟୁର୍ନାମେଣ୍ଟର ଫାଇନାଲରେ ପ୍ରବେଶ କରି ଏକ ବିରଳ ସଫଳତା ଅର୍ଜନ କରିଥିଲେ। ଏହି ବର୍ଷ ସେ ୟୁଏସ୍ ଓପନ୍ ଫାଇନାଲରେ ପ୍ରବେଶ କରିଥିଲେ ଓ ଦୁଇଟି ମାଷ୍ଟର୍ସ ଟାଇଟଲ ମଧ୍ୟ ଜିତିଥିଲେ। ତେବେ କରୋନା ସଂକ୍ରମଣ କାରଣରୁ ସେ ୨୦୨୦ରେ ଅଧିକ ଟୁର୍ନାମେଣ୍ଟ ଖେଳିପାରି ନ ଥିଲେ। ତେବେ ଆଗାମୀ ବର୍ଷଗୁଡ଼ିକରେ ସେ ନିଜର ପ୍ରଦର୍ଶନ ମାଧ୍ୟମରେ ସମସ୍ତଙ୍କୁ ପଛରେ ପକାଇ ବିଶ୍ୱ ଟେନିସ୍‌ରେ ଏକ ବଡ଼ ତାରକା ଭାବେ ଉଭା ହେବେ ବୋଲି ଆଶା କରାଯାଉଛି।

# ଟାଏକୋଣ୍ଡୋରେ ସଫଳ ନୀଳିମା



ନାମ ନୀଳିମା କଞ୍ଚୀ। ବୟସ ୪୦ ପାଖାପାଖି। ପେସାରେ ଦାନ୍ତ ଡାକ୍ତର। ଏସ୍‌ସିବି ମେଡିକାଲ କଲେଜରେ ଚାକିରି । ମାତ୍ର ତାଙ୍କର ଆଉ ଏକ ପରିଚୟ ରହିଛି। ସେ ଟାଏକୋଣ୍ଡୋକୁ ନିଜର ନିଶା କରି ନେଇଛନ୍ତି। ନିକଟରେ ଓଡ଼ିଶା ତରଫରୁ ଖେଳି ଏହି ବୟସ ବର୍ଗର ଅନଲାଇନ୍ ଟୁର୍ନାମେଣ୍ଟରେ ସେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ନୀଳିମା ୨୦୨୦ରେ ହେବାକୁ ଥିବା ଏସିଆ ପୋମସାଏ ଚାମ୍ପିୟନଶିପ୍ ପାଇଁ ବିଭିନ୍ନ ବୟସ ବର୍ଗରେ ଯୋଗ୍ୟ ବିବେଚିତ ହୋଇଥିବା ୧୮ ଜଣଙ୍କ ମଧ୍ୟରେ ନିଜକୁ ସାମିଲ କରି ଗୌରବ ଆଣି ଦେଇଛନ୍ତି। ପୁମସାଏ ଟାଏକୋଣ୍ଡୋ ହେଉଛି ଏକ ପ୍ରଦର୍ଶନ କୌଶଳ; ଯେଉଁଥିରେ ଜଜ୍‌ମାନଙ୍କର ଆଦେଶ ଅନୁଯାୟୀ ଭାଗ ନେଉଥିବା ଖେଳାଳିମାନଙ୍କୁ କିକ୍, ପଞ୍ଚ କିମ୍ବା ବ୍ଲକ୍ ଆଦି ପ୍ରଦର୍ଶନ କରିବାକୁ ପଡ଼ିଥାଏ। ପ୍ରତିଯୋଗୀମାନଙ୍କର ଦକ୍ଷତା ଅନୁଯାୟୀ ସେମାନଙ୍କୁ ମାର୍କ ଏବଂ ର୍‍ୟାଙ୍କ ମିଳିଥାଏ। କଟକରେ ରହୁଥିବା ନୀଳିମା ୫ବର୍ଷ ତଳେ ନିଜକୁ ଫିଟ୍ ରଖିବା ପାଇଁ ଟାଏକୋଣ୍ଡୋ ଶିଖିବା ଆରମ୍ଭ କରିଥିଲେ। ଆଗରୁ ଜିମ୍ ଯାଉଥିଲେ। ସ୍ୱାମୀ ଏବଂ ନିଜ ଦୁଇ ପୁଅଙ୍କ ସହ ସେ କଟକ ସତ୍ୟବ୍ରତ ଷ୍ଟାଡିୟମକୁ ଯାଉଥିଲେ ଟାଏକୋଣ୍ଡୋ ଶିଖି ନିଜକୁ ଫିଟ୍ ରଖିବାକୁ। ତେବେ କୋଚ୍‌ଙ୍କ ଅନୁରୋଧରେ ସେ ନିୟମିତ ଟାଏକୋଣ୍ଡୋ ଶିଖିବା ଆରମ୍ଭ କଲେ। ଆଉ ଦିନକୁ ପାଖାପାଖି ୪ ଘଣ୍ଟା ସମୟ ଦେଉଥିବା ଏହି ମହିଳା ଏବେ ନିଜ ପରିଶ୍ରମର ଫଳ ପାଇବାକୁ ଲାଗିଛନ୍ତି।

ନୀଳିମାଙ୍କ ଜନ୍ମ ହାଇଦ୍ରାବାଦରେ। ବିବାହ ପରେ କଟକରେ ରହିବାକୁ ଆଉ କ୍ୟାରିୟର କରିବାକୁ ବାଧ୍ୟ ହେଲେ। ଛୋଟ ବେଳୁ ଖେଳାଖେଳି କରୁଥିଲେ, ହେଲେ ଏହା କଲେଜ ସମୟରେ ପାଠ ପଢା ଯୋଗୁଁ ଆଗକୁ ଯାଇପାରିଲା ନାହିଁ। ନିଜର ଦ୍ୱିତୀୟ ସନ୍ତାନ ଜନ୍ମ ହେଲା ପରେ ପୁଣି ଖେଳରେ ସମୟ ଦେବାକୁ ମନ ବଳାଇଲେ। ଏବେ କେବଳ ନୀଳିମା ନୁହେଁ ତାଙ୍କ ଦୁଇ ପୁଅ ଏବଂ ସ୍ୱାମୀ ଏକ ସମୟରେ ଏକାଠି କଟକରେ ଟାଏକୋଣ୍ଡୋ ଶିଖୁଛନ୍ତି। ଗତ କିଛିମାସଧରି କରୋନା ନିଜର କାୟା ବିସ୍ତାର କରି ବିଶ୍ୱକୁ ଅଭାବନୀୟ ପରିସ୍ଥିତିରେ ପକାଇ ଦେଇଥିବା ବେଳେ ନୀଳିମା କିନ୍ତୁ ହାର ମାନି ନାହାନ୍ତି। ରୋଗୀ ସେବା ସହ ନିଜର ଅଭ୍ୟାସକୁ ଜାରି ରଖିଛନ୍ତି। ଟାଏକୋଣ୍ଡୋ ଯୋଗୁ ନିଜର ଏବଂ ନିଜ ପିଲାମାନଙ୍କର ଜୀବନଚର୍ଯ୍ୟା ବଦଳି ଯାଇଛି ବୋଲି ନୀଳିମା କୁହନ୍ତି। ପିଲାମାନେ ଏବେ ଟାଏକୋଣ୍ଡୋକୁ ନେଇ ଆଗକୁ ବଢୁଛନ୍ତି। ଡାକ୍ତରୀ ପରି ଗୋଟିଏ ଚାପଗ୍ରସ୍ତ ପେସା ଭିତରେ ବି ନୀଳିମା ଏବଂ ତାଙ୍କ ପରିବାର ଏବେ ଟାଏକୋଣ୍ଡୋକୁ ବି ଉପଯୁକ୍ତ ସମୟ ଦେଉଛନ୍ତି। ଏଥିପାଇଁ ଏହି ଖେଳରୁ ସେ ପାଇଛନ୍ତି ଅଜସ୍ର ସମ୍ମାନ ଏବଂ ଶ୍ରଦ୍ଧା। ଆଗାମୀ ବିଶ୍ୱ ଅନ୍‌ଲାଇନ୍ ଚାମ୍ପିୟନଶିପ୍ ୨୦୨୦ ନଭେମ୍ବର ଶେଷ କିମ୍ବା ଡିସେମ୍ବର ପ୍ରଥମ ସପ୍ତାହରେ ହେବ। ଏଥିପାଇଁ ଏବେ ନୀଳିମା ପରିଶ୍ରମ କରିଚାଲିଛନ୍ତି। ପୂର୍ବତନ ଇଣ୍ଡିଆ କୋଚ୍ ଅମରେନ୍ଦ୍ର ପୃଷ୍ଟିଙ୍କ ଅଧୀନରେ ନିଜକୁ ସେ ଏବେ ସତ୍ୟବ୍ରତ ଷ୍ଟାଡିୟମରେ ସେ ଆହୁରି ଶାଣିତ କରୁଛନ୍ତି। ଦେଶପାଇଁ ଅନ୍ତର୍ଜାତୀୟ ସ୍ତରରେ ପ୍ରତିନିଧିତ୍ୱ କରିବାର ଯେଉଁ ସୁଯୋଗ ସେ ପାଇଛନ୍ତି ତାହାକୁ କୌଣସି ମତେ ବି ହାତଛଡା କରିବାକୁ ଚାହାନ୍ତି ନାହିଁ। ଯେତେଦୂର ସମ୍ଭବ ସେ ନିଜର ପ୍ରଦର୍ଶନର ପରାକାଷ୍ଠା ବଳରେ ଅନ୍ୟପାଇଁ ଉଦାହରଣୀୟ ପାଲଟି ଯିବାକୁ ଚାହାନ୍ତି।

-ରୁଦ୍ର ପ୍ରସନ୍ନ ରଥ

# ଆଉ ଏକ ଅଧ୍ୟାୟକୁ ଅପେକ୍ଷା

**ଭିଭିଏସ ଲକ୍ଷ୍ମଣ**

ପାଖାପାଖି ୯ ମାସ ପରେ ଭାରତ ଅନ୍ତର୍ଜାତୀୟ କ୍ରିକେଟକୁ ଫେରୁଛି। ସିଡ୍‌ନୀରେ ଭାରତ-ଅଷ୍ଟ୍ରେଲିଆ କ୍ରିକେଟ ଲଢ଼େଇର ଆଉ ଏକ ଅଧ୍ୟାୟକୁ ମୁଁ ଉତ୍କଣ୍ଠାର ସହ ଅପେକ୍ଷା କରିଛି। ୩ଟି ଦିନିକିଆ ଓ ସମାନ ସଂଖ୍ୟକ ଟି୨୦ ଖେଳିବାଦ୍ୱାରା ଭାରତ ଡିସେମ୍ବର ମଧ୍ୟଭାଗରେ ଟେଷ୍ଟ ସିରିଜ ବେଳକୁ ପରିବେଶ ସହିତ ଅଭ୍ୟସ୍ତ ହୋଇ ସାରିଥିବ। ଅଷ୍ଟ୍ରେଲିଆରେ ଦୁଇ ସପ୍ତାହରୁ ଊର୍ଦ୍ଧ୍ୱ ବିତାଇ ସାରିଥିବା ଭାରତୀୟ ଦଳ ଗତ ବର୍ଷର ପ୍ରଦର୍ଶନକୁ ଦୋହରାଇବା ଆଶା ରହିଛି। ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ) ଖେଳିବାପରେ ଭାରତ ଅଷ୍ଟ୍ରେଲିଆ ଆସିଛି। ଅବଶ୍ୟ ୫୦ ଓଭର ଫର୍ମାଟର କଥା ଭିନ୍ନ।

ଭାରତ ରୋହିତ ଶର୍ମାଙ୍କ ଅନୁପସ୍ଥିତି ଅନୁଭବ କରିବ ଏଥିରେ ଦ୍ୱିମତ ନାହିଁ। ସେ କେବଳ ଜଣେ ବିସ୍ଫୋରକ ଓପନର ନୁହନ୍ତି ଅଷ୍ଟ୍ରେଲିଆ ବିପକ୍ଷରେ ତାଙ୍କ ରେକର୍ଡ ମଧ୍ୟ ଖୁବ୍ ଭଲ। ତେବେ ଏହା ଅନ୍ୟମାନଙ୍କ ପାଇଁ ସୁଯୋଗ ସୃଷ୍ଟି କରିବ ବୋଲି ମୁଁ ବିଶ୍ୱାସକରେ। ମୋ ମତରେ ଶିଖର ଧାୱନଙ୍କ ସହ ମୟଙ୍କ ଅଗ୍ରୱାଲ ଇନିଂସ ଓପନ କରିବା ଉଚିତ। କାରଣ ସେ ପୂର୍ବରୁ ଅଷ୍ଟ୍ରେଲିଆରେ ଟେଷ୍ଟ ଖେଳିଛନ୍ତି ଏବଂ ଗତ ଆଇପିଏଲରେ ଚମତ୍କାର ପ୍ରଦର୍ଶନ କରିଛନ୍ତି। ରୋହିତଙ୍କ ଅନୁପସ୍ଥିତିରେ ଧାୱନଙ୍କ ଉପରେ ଅଧିକ ଦାୟିତ୍ୱ ରହିବ। ଗତ ଆଇପିଏଲ ତାଙ୍କ

SEAGRAM'S
ROYAL STAG
PACKAGED DRINKING WATER

ପାଇଁ ସ୍ମରଣୀୟ ରହିଥିଲା। ସେ ଆଖିବୁଜି ବଲ୍‌କୁ ହିଟ୍ କରିବା ପରିବର୍ତ୍ତେ ବୋଲରଙ୍କୁ ପଢ଼ି ସେହି ଅନୁସାରେ ଖେଳିଥିଲେ। ଧାୱନ ଓ ଅଧିନାୟକ ବିରାଟ କୋହଲିଙ୍କୁ ଭିତ୍ତି ସ୍ଥାପନ କରିବାକୁ ପଡ଼ିବ। ଏହାପରେ ଲୋକେଶ ରାହୁଲ, ଶ୍ରେୟାସ ଆୟାର, ହାର୍ଦ୍ଦିକ ପାଣ୍ଡ୍ୟା ଓ ମନୀଷ ପାଣ୍ଡେ ପ୍ରମୁଖ ଦଳକୁ ଆଗେଇ ନେବାର ଦକ୍ଷତା ରଖିଛନ୍ତି। ଟପ୍ ଅର୍ଡର ବୋଲିଂ ବିରାଟଙ୍କ ପାଇଁ ଚିନ୍ତା ସୃଷ୍ଟି କରିପାରେ। ବୋଲିଂକୁ ନେଇ ହାର୍ଦ୍ଦିକଙ୍କ ସ୍ଥିତି ସ୍ପଷ୍ଟ ନୁହେଁ। ଭାରତ କେବଳ ୫ ବୋଲରଙ୍କୁ ନେଇ ଖେଳିବା ଉଚିତ ନୁହେଁ। କାରଣ ନିର୍ଦ୍ଦିଷ୍ଟ ଦିବସ କାହାପାଇଁ ଖରାପ କହିହେବନାହିଁ।

ଗତଥର ତୁଳନାରେ ଅଷ୍ଟ୍ରେଲିଆ ଏଥର ବେଶ୍ ସନ୍ତୁଳିତ। ଡେଭିଡ ୱାର୍ନର ଓ ଷ୍ଟିଭ୍ ସ୍ମିଥ ଦଳକୁ ପ୍ରତ୍ୟାବର୍ତ୍ତନ କରିଥିବାବେଳେ ମାର୍ନସ ଲାବୁସ୍କାନ ସବୁଫର୍ମାଟ ପାଇଁ ଯୋଗ୍ୟ ବିବେଚିତ ହେଉଛନ୍ତି। ମିଡିଲ ଅର୍ଡରରେ ଗ୍ଲେନ ମ୍ୟାକ୍ସୱେଲ ଓ ଆଲେକ୍ସ କାରେ ଥିବାବେଳେ ମାର୍କୁସ ଷ୍ଟୋଇନିସ ଆଇପିଏଲରେ ଚମତ୍କାର ଖେଳିଛନ୍ତି। ତେବେ ଅଷ୍ଟ୍ରେଲିଆ ଏହି ହାର୍ଡ ହିଟରମାନଙ୍କୁ କିଭଳି ବ୍ୟବହାର କରୁଛି ତାହା ଦେଖିବାର ଅଛି। ବିରାଟଙ୍କ ଅପେକ୍ଷା ଅଷ୍ଟ୍ରେଲିଆ ଅଧିନାୟକ ଆରୋନ ଫିଞ୍ଚ୍‌ଙ୍କ ନିକଟରେ ପର୍ଯ୍ୟାପ୍ତ ବୋଲିଂ ବିକଳ୍ପ ରହିଛି। ତେବେ ଉଇକେଟ ହାସଲ କ୍ଷେତ୍ରରେ ସେ ମିଚେଲ ଷ୍ଟାର୍କ, ପ୍ୟାଟ୍ କୁମିନ୍ସ ଓ ଲେଗ୍ ସ୍ପିନର ଆଡାମ ଜାମ୍ପାଙ୍କ ଉପରେ ଅଧିକ ନିର୍ଭର କରିବେ। ଉଭୟ ଦଳ ସମକକ୍ଷ ବୋଲି ଆକଳନ କରାଯାଉଛି। ତେଣୁ ଏହି ସିରିଜ ଯିଏ ଦେଖି ନ ପାରିବେ ତାଙ୍କ ନିକଟରେ ସେପରି ବିଶେଷ କାରଣ ନିଶ୍ଚିତ ଥିବ।

(ଗେମ୍‌ପ୍ଲାନ)

# ମାରାଡୋନାଙ୍କୁ ଅନ୍ତିମ ବିଦାୟ

**ବୁଏନସଏରିଜ୍, ୨୬।୧୧ (ଏପି)**

ଶୋକାକୁଳ ପରିବେଶରେ ଗୁରୁବାର ଡିଏଗୋ ମାରାଡୋନାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ଫୁଟ୍‌ବଲପ୍ରେମୀମାନେ ସେମାନଙ୍କ ପ୍ରିୟ ଫୁଟ୍‌ବଲରଙ୍କୁ ଅନ୍ତିମ ବିଦାୟ ଜଣାଇବା ଲାଗି ପ୍ରବଳ ଭିଡ଼ ଜମାଇଥିଲେ। ବୁଏନ୍‌ସଏରିଜର କେନ୍ଦ୍ରସ୍ଥଳରେ ଅବସ୍ଥିତ ରାଷ୍ଟ୍ରପତିଙ୍କ କାର୍ଯ୍ୟାଳୟ କାସା ରୋସାଡାଠାରେ ପରିସ୍ଥିତି ନିୟନ୍ତ୍ରଣ ବାହାରକୁ ଚାଲିଯିବାରୁ ପୋଲିସ ଓ ପ୍ରଶଂସକଙ୍କ ମଧ୍ୟରେ ସଂଘର୍ଷ ଘଟିଥିଲା। ଏପରିକି ପୋଲିସକୁ ଲୁହବୁହା ଗ୍ୟାସ୍ ପ୍ରୟୋଗ କରିବାକୁ ପଡ଼ିଥିଲା। ଶେଷ ଦର୍ଶନ ପାଇଁ ମାରାଡୋନାଙ୍କ କାଠ ନିର୍ମିତ କଫିନ୍ ପ୍ରେସିଡେନ୍‌ସିଆଲ ଅଫିସ୍ ମୁଖ୍ୟ ଲବିରେ ରଖାଯାଇଥିଲା। କଫିନ୍ ଉପରେ ଆର୍ଜେଣ୍ଟିନା ପତାକା ଓ ଜାତୀୟ ଦଳର ୧୦ ନମ୍ବର ଶାର୍ଟ ରଖାଯାଇଥିଲା। କେତେଜଣ ଦର୍ଶନକାରୀଙ୍କ ଆଖିରେ ଲୁହ ଆସିଯାଇଥିଲା। ସେମାନେ ବିଭିନ୍ନ ଫୁଟ୍‌ବଲ ଦଳର ଜର୍ସି କଫିନ୍ ଉପରକୁ ଫିଙ୍ଗିଥିଲେ। ମାରାଡୋନାଙ୍କର ବୁଧବାର ହୃଦ୍‌ଘାତରେ ପ୍ରାଣହାନି ଘଟିଛି। ପ୍ରଥମେ ଝିଅ ଓ ଘନିଷ୍ଠ ସମ୍ପର୍କୀୟମାନେ ଶେଷ ଦର୍ଶନ କରିଥିଲେ। ପରେ ଓସ୍କାର ରୁଜେରିଙ୍କ ସମେତ ୧୯୮୬ ବିଶ୍ୱକପ୍ ବିଜୟୀ ଦଳର ଟିମ୍‌ମେଟ୍, ବୋକା ଜୁନିୟର୍ସର କାର୍ଲୋସ ଟେଭେଜ୍‌ଙ୍କ ସମେତ ଆର୍ଜେଣ୍ଟିନାର ଅନ୍ୟ ଫୁଟ୍‌ବଲରମାନଙ୍କୁ ସୁଯୋଗ ଦିଆଯାଇଥିଲା। ମାରାଡୋନାଙ୍କ ମୃତ୍ୟୁ ଖବର ସ୍ପଷ୍ଟ ହେବାର ମାତ୍ର କିଛି ଘଣ୍ଟା ପରେ କାସା ରୋସାଡା ବାହାରେ ଲମ୍ବା ଧାଡ଼ି ଆରମ୍ଭ ହୋଇଯାଇଥିଲା। କାସା ରୋସାଡା ବାହାରେ ଏକ ବଡ଼ କଳା ରଙ୍ଗର ସ୍କ୍ରିନ୍‌ରେ ମାରାଡୋନାଙ୍କର ଐତିହାସିକ ଫଟୋମାନ ସ୍ଥାନ ପାଇଥିଲା।



କାସା ରୋସାଡାଠାରେ ମାରାଡୋନାଙ୍କୁ ଅନ୍ତିମ ବିଦାୟ ଅବସରରେ ପ୍ରଶଂସକଙ୍କ ଭିଡ଼।



କୋଲକାତାରେ ଜଣେ ପ୍ରଶଂସକ ମାରାଡୋନାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଉଛନ୍ତି।

## ମାରାଡୋନାଙ୍କ ନାମରେ ଷ୍ଟାଡିୟମ

ୱାଶିଂଟନ ୨୬।୧୧(ଏପି): ଡିଏଗୋ ମାରାଡୋନାଙ୍କ ନାମରେ ସାନ୍ ପାଓଲୋ ଷ୍ଟାଡିୟମର ନାମକରଣ କରାଯିବ। ଏଥିପାଇଁ ନାପଲ୍ସ ମେୟର ଆନୁଷ୍ଠାନିକ ପ୍ରକ୍ରିୟା ଆରମ୍ଭ କରିଛନ୍ତି। ଆର୍ଜେଣ୍ଟିନାର ଏହି ମହାନ ଫୁଟ୍‌ବଲ ଖେଳାଳିଙ୍କର ବୁଧବାର ୬୦ ବର୍ଷ ବୟସରେ ହୃଦ୍‌ଘାତ୍‌ରେ ପ୍ରାଣହାନି ଘଟିଛି। ଦୁଇ ସପ୍ତାହ ପୂର୍ବେ ବୁଏନ୍‌ସଏରିଜ୍‌ର ଏକ ହସ୍ପିଟାଲରେ ତାଙ୍କର ଅସ୍ତ୍ରୋପଚାର ହୋଇଥିଲା। ମାରାଡୋନାଙ୍କ ଉଦ୍ଦେଶ୍ୟରେ ଶୋକଉତ୍ସବ ପାଳିତ ହୋଇଛି। ନାପଲ୍ସ ଷ୍ଟାଡିୟମକୁ ତାଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କରିବା ଆମର ପରବର୍ତ୍ତୀ ପଦକ୍ଷେପ ବୋଲି ମେୟର ଲୁଇଗି ଡି' ମ୍ୟାଜିଷ୍ଟ୍ରିସ୍ ପ୍ରକାଶ କରିଛନ୍ତି। ମାରାଡୋନାଙ୍କ ନେତୃତ୍ୱରେ ନାପୋଲି ମାତ୍ର ଦୁଇଥର ୧୯୮୭ ଓ ୧୯୯୦ରେ ସିରି ଏ' ଟାଇଟଲ ଜିତିଥିଲା। ଚଳିତ ୟୁରୋପା ଲିଗ୍‌ରେ ନାପୋଲି ଗୁରୁବାର କ୍ରୋଏସିଆ ଦଳ ରିଜେକା ବିପକ୍ଷ ମ୍ୟାଚ ଖେଳିଥିଲା। କରୋନା ଭାଇରସ୍ ଯୋଗୁ ବିନା ଦର୍ଶକରେ ଏହି ମ୍ୟାଚ ଖେଳାଯାଇଛି। ବୁଧବାର ରାତି ଓ ଶୁକ୍ରବାର ସକାଳେ ପ୍ରଶଂସକମାନେ ଷ୍ଟାଡିୟମ ବାହାରେ ହାତରେ ବ୍ୟାନର, ସଙ୍ଗୀତ ଗାନ ଏବଂ ଆଲୋକ ଜାଳି ମାରାଡୋନାଙ୍କ ପ୍ରତି ସେମାନଙ୍କ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।

## 'ଆମେରିକା ରାଷ୍ଟ୍ରପତିଙ୍କ ଭଳି ମନେ ହେଉଛି'

**କୋଲକାତା, ୨୬।୧୧ (ପି.ଟି.)**

ମହାନ ଫୁଟ୍‌ବଲ ଖେଳାଳି ଡିଏଗୋ ମାରାଡୋନାଙ୍କ ବିୟୋଗ ପରେ ତାଙ୍କର କୋଲକାତା ସହର ଗସ୍ତ ବେଳର କେତେକ ଘଟଣାକୁ ଏବେ ତାଙ୍କ ପ୍ରଶଂସକମାନେ ମନେ ପକାଉଛନ୍ତି। ଆର୍ଜେଣ୍ଟିନା କିମ୍ବଦନ୍ତୀ ୨୦୦୮ ଓ ୨୦୧୭ରେ ଦୁଇଥର କୋଲକାତା ସହରକୁ ଆସିଛନ୍ତି। ହେଲେ ତାଙ୍କର ପ୍ରଥମ ଗସ୍ତ ସବୁଦିନ ପାଇଁ ସ୍ମରଣୀୟ ହୋଇରହିବ। ସେତେବେଳେ ଡିସେମ୍ବର ହୋଇଥିଲା। ପ୍ରବଳ ଶୀତକୁ ଖାତିର ନ କରି ୧୯୮୬ ବିଶ୍ୱକପ୍ ହିରୋଙ୍କୁ ସ୍ୱାଗତ କରିବା ଲାଗି ପ୍ରତ୍ୟୁଷରେ ବିମାନବନ୍ଦରଠାରୁ ଆରମ୍ଭ କରି ସାଇନ୍ସସିଟି ନିକଟବର୍ତ୍ତୀ ଏକ ୫ ତାରକା ହୋଟେଲ ପର୍ଯ୍ୟନ୍ତ ରାସ୍ତାର ଦୁଇ ପାର୍ଶ୍ୱରେ ବହୁ ସଂଖ୍ୟାରେ ତାଙ୍କ ପ୍ରଶଂସକ ଧାଡ଼ି କରି ଛିଡା ହୋଇଥିଲେ। ଏଭଳି ଅଭୂତପୂର୍ବ ସ୍ୱାଗତ ସମ୍ବର୍ଦ୍ଧନା ଦେଖି ମାରାଡୋନା ସ୍ତମ୍ଭୀଭୂତ ହେବା ସହ ଭାବବିହ୍ୱଳ ମଧ୍ୟ ହୋଇ ପଡ଼ିଥିଲେ। ରାସ୍ତାରେ ସେ କାରକୁ ଅଟକାଇ ତା ଉପରକୁ ଚଢ଼ିଯାଇଥିଲେ ଏବଂ କହିଥିଲେ "ଏଠାରେ ବର୍ତ୍ତମାନ ମୋତେ ଆମେରିକାର ରାଷ୍ଟ୍ରପତି ଭଳି ମନେ ହେଉଛି"। ମାରାଡୋନା କୋଲକାତାରେ ୩ ଦିନ ଅବସ୍ଥାନ କରିଥିଲେ। ତାଙ୍କୁ ସମ୍ମାନ ଜଣାଇ ଧଳା ଓ ଫିକା ନୀଳ ରଙ୍ଗରେ ରଙ୍ଗାଯାଇଥିଲା। ସେତେବେଳେ ମାରାଡୋନା ଗସ୍ତକ୍ରମ ଦାୟିତ୍ୱରେ ଥିବା ଭାସ୍ୱର ଗୋସ୍ୱାମୀ ମହାନ ଫୁଟ୍‌ବଲ ଖେଳାଳିଙ୍କ ସ୍ମୃତିଚାରଣ କରିବାକୁ ଯାଇ ଏକଥା ମନେ ପକାଇ ଦେଇଛନ୍ତି।

## ଆର୍ଜେଣ୍ଟିନା ଫୁଟ୍‌ବଲ ସମର୍ଥକଙ୍କ ଶୋକ

**ବୁଏନସଏରିଜ୍, ୨୬।୧୧ (ଏପି):** ଡିଏଗୋ ମାରାଡୋନାଙ୍କ ଦେହାନ୍ତ ଖବର ଆର୍ଜେଣ୍ଟିନାର ଫୁଟ୍‌ବଲ ପ୍ରଶଂସକମାନଙ୍କୁ ସ୍ତମ୍ଭୀଭୂତ କରିଛି। ଦେଶରେ ୩ ଦିନ ଧରି ଜାତୀୟ ଶୋକ ପାଳନ କରାଯାଉଛି। ସମର୍ଥକମାନେ ବିଭିନ୍ନ ସ୍ଥାନରେ ଠୁଳ ହୋଇ ଶୋକ ଉତ୍ସବ ପାଳିଛନ୍ତି। ସେମାନେ ଆର୍ଜେଣ୍ଟିନସ ଜୁନିୟର୍ସ ଷ୍ଟାଡିୟମଠାରେ ଏକତ୍ରିତ ହୋଇଥିଲେ, ଯେଉଁଠାରେ ମାରାଡୋନା ଜଣେ ପ୍ରଫେସନାଲ ଫୁଟ୍‌ବଲର ଭାବେ ତାଙ୍କ କ୍ୟାରିୟର ଆରମ୍ଭ କରିଥିଲେ। ବହୁ ସମର୍ଥକ ବୋକା ଜୁନିୟର୍ସ ଦଳର ଲା ବମ୍ବୋନୋରା ଷ୍ଟାଡିୟମରେ ଏକାଠି ହୋଇଥିଲେ। ଜିମ୍ନାସିଆ ଲା ପ୍ଲାଟା ଷ୍ଟାଡିୟମରେ ଏହି ଦଳକୁ ମାରାଡୋନା କୋଚିଂ ଦେଉଥିଲେ। ସେଠାରେ ମଧ୍ୟ ପ୍ରଶଂସକଙ୍କୁ ଦେଖିବାକୁ ମିଳିଥିଲା। ସମର୍ଥକମାନେ ସେମାନଙ୍କ ପ୍ରିୟ ଫୁଟ୍‌ବଲ ଖେଳାଳିଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବାକୁ ଯାଇ ମହମବତି ଜାଳିବା ସହ ଷ୍ଟାଡିୟମର କାନ୍ଥରେ ପୁଷ୍ପଗୁଚ୍ଛ ସଜାଇଥିଲେ।

ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/18-20. ଶୁକ୍ରବାର, ନଭେମ୍ବର ୨୭/୨୦୨୦ Friday, November 27/2020

# ଦିନିକିଆ ସିରିଜ ଆଜିଠାରୁ

## ଭାରତର ଅଷ୍ଟ୍ରେଲିଆ ଗସ୍ତ

ସିଡ୍‌ନୀ,୨୬।୧୧(ପି.ଟି.)

କରୋନା ପ୍ରଭାବକୁ ପଛରେ ପକାଇ ଆଉ ଏକ ଅନ୍ତର୍ଜାତୀୟ ହାଇପ୍ରୋଫାଇଲ ସିରିଜ ଆରମ୍ଭ ହେବାକୁ ଯାଉଛି। ଅଷ୍ଟ୍ରେଲିଆ ଓ ଭ୍ରମଣକାରୀ ଭାରତ ମଧ୍ୟରେ ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ ଆରମ୍ଭ ହେବାକୁ ଯାଉଛି। ସ୍ଥାନୀୟ ସିଡ୍‌ନୀ କ୍ରିକେଟ ଗ୍ରାଉଣ୍ଡ (ଏସ୍‌ସିଜି)ରେ ଶୁକ୍ରବାର ପ୍ରଥମ ଦିନିକିଆ ମ୍ୟାଚ୍‌ରେ ଦୁଇ ଦେଶ ମୁହାଁମୁହିଁ ହେବେ। ବିଭିନ୍ନ ଦୃଷ୍ଟିକୋଣରୁ ଏହି ସିରିଜ ମହତ୍ତ୍ୱ ରଖୁଛି। ତାରକା ଓପନର ରୋହିତ ଶର୍ମାଙ୍କ ବିନା ଭାରତ ଶକ୍ତିଶାଳୀ ଅଷ୍ଟ୍ରେଲିଆକୁ କିଭଳି ସାମ୍ନା କରିବ ତାହା ଉପରେ ସମସ୍ତଙ୍କ ନଜର ରହିଛି। ଆହତ ରୋହିତଙ୍କ ଅନୁପସ୍ଥିତିରେ ଭାରତୀୟ ଟପ୍ ଅର୍ଡର ନିଶ୍ଚିତ ଭାବେ ଦୁର୍ବଳ ରହିବ। ଏଥିପାଇଁ ଅଧିନାୟକ ବିରାଟ କୋହଲି ଉପଯୋଗୀ ରଣନୀତି ଆପଣାଇବେ ବୋଲି ଆଶା କରାଯାଉଛି।

ଦୀର୍ଘଦିନ ପରେ ଭାରତ ଅନ୍ତର୍ଜାତୀୟ କ୍ରିକେଟକୁ ଫେରିବାକୁ ଯାଉଛି। କୋଭିଡ୍‌-୧୯ ଜନିତ ବ୍ରେକ୍ ପୂର୍ବରୁ ଭାରତ ନ୍ୟୁଜିଲାଣ୍ଡ ଗସ୍ତ କରିଥିଲା ଓ ମାର୍ଚ୍ଚ ପ୍ରାରମ୍ଭରେ ଏହା ଶେଷ ହୋଇଥିଲା। ବର୍ତ୍ତମାନ ନୂଆ ଅନ୍ତର୍ଜାତୀୟ କ୍ୟାଲେଣ୍ଡର ଆରମ୍ଭ ହେବାକୁ ଯାଉଥିବା ବେଳେ ଏ ନେଇ ଏକାଧିକ ସମସ୍ୟା ରହିଛି। ଭାରତୀୟ କ୍ରିକେଟ ଦଳ ନୂଆ ଜର୍ସି ସହ ପଡିଆକୁ ଓହ୍ଲାଇବ। ୧୯୯୨ ବିଶ୍ୱକପ୍‌ରେ ସେତେବେଳର ଭାରତୀୟ ଦଳ ନୂଆ ନେଭି ବ୍ଲୁ ଜର୍ସି ସହ ଖେଳିଥିଲା। ତେବେ ଏହା ଭାରତ ପାଇଁ ଦୁର୍ଭାଗ୍ୟ ଆଣି ଦେଇଥିଲା ବୋଲି କେତୋକ ବିଶ୍ୱାସ କରନ୍ତି। ୯ଟି ଦଳ ମଧ୍ୟରୁ ଭାରତ ସପ୍ତମ ସ୍ଥାନରେ ରହିଥିଲା। ରୋହିତଙ୍କ ଅନୁପସ୍ଥିତିରେ ଭାରତ ଓପନିଂରେ କିପରି ରାଇଟ୍ କମ୍ବିନେଶନ ହାସଲ କରିବ ସେ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ନେଇ ମଧ୍ୟ ପୂର୍ବରୁ ବେଶ୍ ଚର୍ଚ୍ଚା ହୋଇଛି। ଯୁବ ବ୍ୟାଟ୍ସମ୍ୟାନ ଶୁବମନ ଗିଲ କିମ୍ବା ସାମାନ୍ୟ ଅଭିଜ୍ଞତା ହାସଲ କରିଥିବା ମୟଙ୍କ ଅଗ୍ରୱାଲ ଇନ୍‌ଫର୍ମ ଶିଖର ଧାୱନଙ୍କ ସହ ଇନିଂସ ଓପନ କରିବେ ତାହା ମ୍ୟାଚ୍ ଆରମ୍ଭ ହେଲାପରେ ଜଣାପଡିବ। ମିଚେଲ ଷ୍ଟାର୍କ କିମ୍ବା ପ୍ୟାଟ୍ କୁମିନ୍ସଙ୍କ ଭଳି ବିଶ୍ୱସ୍ତରୀୟ ବୋଲରଙ୍କୁ ଭାରତୀୟ ଟପ୍‌ଅର୍ଡର କିପର ସମ୍ମୁଖୀନ ହେବ ତାହା ଏକ ବଡ଼ ଚ୍ୟାଲେଞ୍ଜ ବୋଲି ଚର୍ଚ୍ଚା ହେଉଛି। ଅଷ୍ଟ୍ରେଲିଆର ହାଇ କ୍ୱାଲିଟି ପେସ୍ ଆଟାକ ନିଶ୍ଚିତ ଭାବେ ସମସ୍ୟା ସୃଷ୍ଟି କରିବ। କୋହଲି ଓ କୋଚ୍ ରବି ଶାସ୍ତ୍ରୀ ଏହାକୁ ହୃଦୟଙ୍ଗମ କରିଥିବେ।

ଅଷ୍ଟ୍ରେଲିଆକୁ ତା'ର ନିଜ ମାଟିରେ ହରାଇବା ନିଶ୍ଚିତ ଭାବେ କଷ୍ଟକର। ଅଭିଜ୍ଞ ବ୍ୟାଟ୍ସମ୍ୟାନ ଷ୍ଟିଭ ସ୍ମିଥ୍ ଇତିମଧ୍ୟରେ ଲୟକୁ ଫେରିଛନ୍ତି ଓ ଭାରତ ପାଇଁ ବିପଦ ସୃଷ୍ଟି କରିଛନ୍ତି। ସେହିପରି ଅଭିଜ୍ଞ ଓପନର ଡେଭିଡ୍ ୱାର୍ନର ଓ ପ୍ରତିଭାସମ୍ପନ୍ନ ଉଦୀୟମାନ ବ୍ୟାଟ୍ସମ୍ୟାନ ମାର୍ନସ ଲାବୁସେନ୍ ଭାରତୀୟ ବୋଲରଙ୍କ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରିବେ। ଆଗାମୀ ଦୁଇ ବର୍ଷରେ ଦିନିକିଆ ଫର୍ମାଟକୁ ସେତେଟା ଗୁରୁତ୍ୱ ଦିଆଯିବ ନାହିଁ। ତେଣୁ କୋହଲି ଓ ଶାସ୍ତ୍ରୀ ସିରିଜ ବିଜୟକୁ ଅଧିକ ଗୁରୁତ୍ୱ ଦେବେ କିମ୍ବା ଟେଷ୍ଟ ଫର୍ମାଟ୍‌କୁ ଆଖିରେ ରଖି ଏହି ସିରିଜକୁ ବେଶ୍ ସହଜରେ ନେବେ।

ଦୁଇ ତାରକା ଦ୍ରୁତ ବୋଲର ଯଶପ୍ରୀତ ବୁମ୍‌ରା ଓ ମହମ୍ମଦ ସାମି ବୋଲିଂ ଆରମ୍ଭ କରିବେ। ତେବେ ଟେଷ୍ଟ ଫର୍ମାଟକୁ ଦୃଷ୍ଟିରେ ରଖି ଏହି ଦୁଇଜଣଙ୍କ ମଧ୍ୟରୁ ଜଣକୁ ଟିମ୍ ମ୍ୟାନେଜମେଣ୍ଟ ଖେଳାଇବାର ସମ୍ଭାବନା ରହିଛି। ତେଣୁ ଶାର୍ଦ୍ଦୁଳ ଠାକୁର ଓ ନବଦୀପ ସଇନିଙ୍କୁ ସୁଯୋଗ ମିଳିବ ବୋଲି ଆଶା କରାଯାଉଛି। କିନ୍ତୁ ବିଶ୍ୱସ୍ତରୀୟ ଅଷ୍ଟ୍ରେଲିଆ ଟପ୍ ଅର୍ଡର ପାଇଁ ଏହି ଦୁଇ ବୋଲର ସମସ୍ୟା ସୃଷ୍ଟି କରିପାରିବେ କି ନା ସେ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଇନ୍‌ଫର୍ମ ଷ୍ଟାଇଲିସ୍ ବ୍ୟାଟ୍ସମ୍ୟାନ ଲୋକେଶ ରାହୁଲ ଭାରତ ପାଇଁ ଏହି ସିରିଜରେ ବେଶ୍ ଉପଯୋଗୀ ସାବ୍ୟସ୍ତ ହେବେ ବୋଲି ଆଶା କରାଯାଉଛି। କିନ୍ତୁ ସେ ଏହି ସରିଜରେ ଅଗ୍ନିପରୀକ୍ଷାର ସମ୍ମୁଖୀନ ହେବେ। ଉଇକେଟକିପିଂ ସହ ନିର୍ଣ୍ଣାୟକ କ୍ରମରେ ବ୍ୟାଟିଂ କରି ସେ ପ୍ରଶଂସକଙ୍କ ମନ ଜିତିବାକୁ ପ୍ରୟାସ କରିବେ। ଅତିରିକ୍ତ ବ୍ୟାଟିଂ ଓ ବୋଲିଂ ବିକଳ୍ପ ଦଳରେ ସନ୍ତୁଳନ ଆଣିପାରେ। ପୁଣି ହାର୍ଦ୍ଦିକ ପାଣ୍ଡ୍ୟା ବୋଲିଂ କରିବାକୁ ଏବେ ଫିଟ୍ ନ ଥିବାରୁ ଟିମ୍ ମ୍ୟାନେଜମେଣ୍ଟ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବ। ଯଦି ୬ କିମ୍ବା ୭ ନମ୍ବରରେ ପାଣ୍ଡ୍ୟା ବିସ୍ଫୋରକ ବ୍ୟାଟିଂ କରନ୍ତି ତା'ହେଲେ କୋହଲି ଦୁଇଜଣ ସ୍ପିନରଙ୍କୁ ଖେଳାଇପାରିନ୍ତି। ଯୁବ ବ୍ୟାଟ୍ସମ୍ୟାନ ଶ୍ରେୟାସ ଆୟାର ୪ ନମ୍ବରରେ ବ୍ୟାଟିଂ କରିବେ। ରିଷ୍ଟ ସ୍ପିନର ଯୁଜବେନ୍ଦ୍ର ଚହଲ ଅଷ୍ଟ୍ରେଲିଆ ମିଡିଲ ଅର୍ଡର ବ୍ୟାଟ୍ସମ୍ୟାନ ଯଥା ମାର୍କୁସ ଷ୍ଟୋଇନିସ, ଗ୍ଲେନ ମ୍ୟାକ୍ସୱେଲ ଓ ଅଲେକ୍ସ କାରେଙ୍କ ପାଇଁ ସମସ୍ୟା ସୃଷ୍ଟି କରିବେ। ଷ୍ଟେଡି ଡେଥ୍ ବୋଲର ଭୁବନେଶ୍ୱର କୁମାରଙ୍କ ଅନୁପସ୍ଥିତିରେ ବୁମ୍‌ରା ବୋଲିଂ ବିଭାଗର ନେତୃତ୍ୱ ନେବେ। ବୁମ୍‌ରା ଆରୋନ ଫିଞ୍ଚ୍ ଓ ତାଙ୍କ ବ୍ୟାଟ୍ସମ୍ୟାନଙ୍କ ଲାଗି ପରୀକ୍ଷା ସୃଷ୍ଟି କରିବେ। ୩ଟି ଦିନିକିଆ ପରେ ୩ଟି ଟି୨୦ ମ୍ୟାଚ୍ ମଧ୍ୟ ଖେଳାଯିବ। ଏହା ପରେ ଡିସେମ୍ବର ୧୭ ତାରିଖରେ ୪ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ ଆରମ୍ଭ ହେବ। ଏହି ସିରିଜରେ ଦର୍ଶକମାନେ ସାମିଲ ହେବେ ଓ ଷ୍ଟାଡିୟମର ୫୦ ପ୍ରତିଶତ ସିଟ୍ ଦର୍ଶକଙ୍କ ପାଇଁ ଉପଲବ୍ଧ ହେବ। ଟିକେଟଗୁଡିକ ମଧ୍ୟ ବିକ୍ରି ହୋଇ ସାରିଛି ବୋଲି କ୍ରିକେଟ ଅଷ୍ଟ୍ରେଲିଆ ସୂଚନା ଦେଇଛି।

ପିଚ୍ ତା'ର ପ୍ରକୃତ ଧର୍ମ ଦେଖାଇଲେ ଏହି ମ୍ୟାଚ୍ ହାଇସ୍କୋରିଂ ହେବ। ଏହି ଗ୍ରାଉଣ୍ଡରେ ଖେଳାଯାଇଥିବା ଗତ ୭ଟି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରିଥିବା ଦଳ ୬ଟିରେ ବିଜୟୀ ହୋଇଛି। ପ୍ରଥମ ଇନିଂସର ହାରାହାରି ସ୍କୋର ୩୧୨ ରହିଛି। ତେଣୁ ଟସ୍ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବ। ପାଗ ସଫା ରହିବ। ଏହି ଗ୍ରାଉଣ୍ଡରେ ଅଷ୍ଟ୍ରେଲିଆ ୧୪ ଓ ଭାରତ ୨ଟିରେ ବିଜୟୀ ହୋଇଛି। ତେଣୁ ଭାରତ ପାଇଁ ଏହି ଗ୍ରାଉଣ୍ଡ ସେତେଟା ଭାଗ୍ୟଶାଳୀ ନୁହେଁ। ଆଉ ୧୭ ରନ କଲେ ଫିଞ୍ଚ୍ ଦିନିକିଆରେ ୫,୦୦୦ ରନ ପୂରଣ କରିବେ।

**ଭାରତୀୟ ଦଳ:** ବିରାଟ କୋହଲି (ଅଧିନାୟକ), ଶିଖର ଧାୱନ, ଶୁବମନ ଗିଲ, ଲୋକେଶ ରାହୁଲ, ଶ୍ରେୟାସ ଆୟାର, ମନୀଷ ପାଣ୍ଡେ, ହାର୍ଦ୍ଦିକ ପାଣ୍ଡ୍ୟା, ମୟଙ୍କ ଅଗ୍ରୱାଲ, ରବୀନ୍ଦ୍ର ଜାଡେଜା, ଯୁଜବେନ୍ଦ୍ର ଚହଲ, କୁଲଦୀପ ଯାଦବ, ଯଶପ୍ରୀତ ବୁମ୍‌ରା, ମହମ୍ମଦ ସାମି, ନବଦୀପ ସଇନି ଓ ଶାର୍ଦ୍ଦୁଳ ଠାକୁର।

**ଅଷ୍ଟ୍ରେଲିଆ ଦଳ:** ଆରୋନ ଫିଞ୍ଚ୍ (ଅଧିନାୟକ), ଡେଭିଡ ୱାର୍ନର, ଷ୍ଟିଭ୍ ସ୍ମିଥ୍, ମାର୍ନସ ଲାବୁସେନ, ଗ୍ଲେନ ମ୍ୟାକ୍ସୱେଲ, ମାର୍କୁସ ଷ୍ଟୋଇନିସ୍, ଆଲେକ୍ସ କାରେ, ପ୍ୟାଟ୍ କୁମିନ୍ସ, ମିଚେଲ ଷ୍ଟାର୍କ, ଆଡାମ ଜାମ୍ପା, ଜୋଶ ହାଜେଲଉଡ, ସିନ ଆବୋଟ୍, ଆଷ୍ଟନ ଅଗର, କାମେରନ ଗ୍ରୀନ, ମୋଇସେସ୍ ହେନେରିକ୍ସ, ଆଣ୍ଡ୍ରୁ ଟାଏ, ଡାନିଏଲ ସାମ୍ସ ଓ ମାଥ୍ୟୁ ୱେଡ୍।



**ମ୍ୟାଚ୍ ଆରମ୍ଭ: ସକାଳ ୯.୧୦**
**ସ୍ଥାନ: ସିଡ୍‌ନୀ କ୍ରିକେଟ ଗ୍ରାଉଣ୍ଡ**
**ପ୍ରସାରଣ: ସୋନୀ ନେଟ୍‌ୱର୍କ**

ବିରାଟ କୋହଲି ଆରୋନ ଫିଞ୍ଚ

# ଭାରତ, ଅଷ୍ଟ୍ରେଲିଆ ଖେଳାଳି ଆର୍ମବ୍ୟାଣ୍ଡ ପିନ୍ଧିବେ

ସିଡ୍‌ନୀ, ୨୬।୧୧(ପି.ଟି.)

ଶୁକ୍ରବାର ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ପ୍ରଥମ ଦିନିକିଆ କ୍ରିକେଟ ମ୍ୟାଚ ଅନୁଷ୍ଠିତ ହେବ। ଡିନ୍ ଜୋନ୍ସଙ୍କ ସ୍ମୃତିରେ ଉଭୟ ଦଳର ଖେଳାଳିମାନେ କଳା ଆର୍ମବ୍ୟାଣ୍ଡ ପିନ୍ଧିବେ ଏବଂ ମ୍ୟାଚ ପୂର୍ବରୁ ଏକ ମିନିଟ ନୀରବ ପ୍ରାର୍ଥନା କରିବେ। ଗତ ସେପ୍ଟେମ୍ବରରେ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ) ଅବସରରେ ଜୋନ୍ସ ମୃତ୍ୟୁବରଣ କରିଥିଲେ। ୫୨ ଟେଷ୍ଟ ଓ ୧୬୪ ଦିନିକିଆ ଖେଳିଥିବା ପୂର୍ବତନ ଅଷ୍ଟ୍ରେଲିଆ ବ୍ୟାଟ୍ସମ୍ୟାନ ଜୋନ୍ସ ଆଇପିଏଲ ଅଫିସିଆଲ ବ୍ରଡକାଷ୍ଟର ପ୍ୟାନେଲ ସଦସ୍ୟଭାବେ ମୁମ୍ବାଇରେ ଥିବାବେଳେ ସେପ୍ଟେମ୍ବର ୨୪ରେ ହୃଦ୍‌ଘାତରେ ପ୍ରାଣତ୍ୟାଗ କରିଥିଲେ। ଅଷ୍ଟ୍ରେଲିଆ କ୍ରିକେଟ ବୋର୍ଡ ମେଲବୋର୍ନରେ ହେବାକୁଥିବା ଦ୍ୱିତୀୟ ଟେଷ୍ଟର ପ୍ରଥମ ଦିବସ ଟୀ' ବିରତି ଅବସରରେ ଜୋନ୍ସଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବାକୁ ନିଷ୍ପତ୍ତି ନେଇଛି। ପ୍ରଥମଶ୍ରେଣୀ କ୍ରିକେଟରେ ଜୋନ୍ସଙ୍କ ସର୍ବାଧିକ ସ୍କୋର ୩୨୪*। ତେଣୁ ଅପରାହ୍ନ ୩ଟା ୨୪ରେ ତାଙ୍କପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯିବ। ନିଜ ଖେଳିବା ସମୟରେ ଜୋନ୍ସ ମେଲବୋର୍ନରେ ଘରୋଇ ଦର୍ଶକଙ୍କଠାରୁ ଭରପୂର ସମର୍ଥନ ପାଇଥାନ୍ତି। ଶ୍ରଦ୍ଧାଞ୍ଜଳି ଅବସରରେ ଜୋନ୍ସଙ୍କ ସ୍ତ୍ରୀ ଜାନେ ଓ ପରିବାରବର୍ଗ ଉପସ୍ଥିତ ରହିବେ। ଜୋନ୍ସ ଟେଷ୍ଟରେ ୧୧ ଶତକ ସହ ୩୬୩୧ ଓ ଦିନିକିଆ ଅନ୍ତର୍ଜାତୀୟରେ ୬୦୬୩ ରନ ସ୍କୋର କରିଥିଲେ।

# କେସିଏ ପ୍ରେସିଡେଣ୍ଟ୍ସ କପ୍ ଖେଳିବେ ଶ୍ରୀସନ୍ଥ୍

**କୋଚି, ୨୬।୧୧ (ପି.ଟି.):** ଭାରତର ପୂର୍ବତନ ପେସ୍ ବୋଲର ଏସ୍. ଶ୍ରୀସନ୍ଥ୍ ପ୍ରତିଯୋଗିତାମୂଳକ କ୍ରିକେଟକୁ ଫେରିବେ। କେରଳ କ୍ରିକେଟ ଆସୋସିଏଶନ (କେସିଏ) ଦ୍ୱାରା ଆୟୋଜିତ ସ୍ଥାନୀୟ ଏକ ଟୁର୍ନାମେଣ୍ଟରେ ସେ ଖେଳିବେ। ଆଇପିଏଲ୍ ସ୍ପଟ ଫିକ୍ସିଂ ମାମଲାରେ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଦ୍ୱାରା ୭ବର୍ଷ ବାସନ୍ଦ ପରେ ପ୍ରଥମଥର ଏକ ପ୍ରତିଯୋଗିତାରେ ଭାଗ ନେବାକୁ ଯାଉଛନ୍ତି। ଶ୍ରୀସନ୍ଥଙ୍କ ବାସନ୍ଦ ଦଣ୍ଡ ସେପ୍ଟେମ୍ବରରେ ଶେଷ ହୋଇଛି। ଆଲାପୁଝାରେ ହେବାକୁଥିବା ଏକ ଟି୨୦ ଇଭେଣ୍ଟର ଖେଳାଳି ତାଲିକାରେ ତାଙ୍କ ନାମ ରହିଛି। କେସିଏ ଟାଇଗର୍ସ ଟିମ୍ ଦଳରୁ ସେ ଖେଳିବେ। କେରଳ ଅଧିନାୟକ ସଚିନ ବେବି ଏହି ଦଳର ଅଧିନାୟକ ଅଛନ୍ତି। କେରଳ କ୍ରିକେଟ ଆସୋସିଏଶନର କହିବା ଅନୁସାରେ ଉଦ୍‌ଘାଟନୀ କେସିଏ ପ୍ରେସିଡେଣ୍ଟ୍ସ କପ୍ ଟି୨୦ ଟୁର୍ନାମେଣ୍ଟରେ ୬ଟି ଦଳ ଭାଗ ନେବେ। ଏହି ଦଳଗୁଡ଼ିକ ହେଲା କେସିଏ ରୟାଲ୍ସ, କେସିଏ ଟାଇଗର୍ସ, କେସିଏ ଟସ୍କର୍ସ, କେସିଏ ଇଗଲ୍ସ, କେସିଏ ପାନ୍ଥର୍ସ ଏବଂ କେସିଏ ଲାୟନ୍ସ। ଉଦ୍‌ଘାଟନୀ କେସିଏ ପ୍ରେସିଡେଣ୍ଟ୍ସ କପ୍ ଟି୨୦ ଟୁର୍ନାମେଣ୍ଟ ପାଇଁ ଗଠିତ ଏକ କମିଟି ଖେଳାଳି ମନୋନୟନ କରିଛି।




# କେରଳ ୨, ନର୍ଥଇଷ୍ଟ ୨

ବାମ୍ବୋଲିମ୍(ଗୋଆ), ୨୬।୧୧

ଇଣ୍ଡିଆନ ସୁପରଲିଗ୍ (ଆଇଏସ୍‌ଏଲ୍)ର ଗୁରୁବାର ଅନୁଷ୍ଠିତ ଏକ ସଂଘର୍ଷପୂର୍ଣ୍ଣ ମ୍ୟାଚରେ କେରଳ ବ୍ଲାଷ୍ଟର୍ସ ଓ ନର୍ଥଇଷ୍ଟ ୟୁନାଇଟେଡ ପଏଣ୍ଟ ଭାଗ କରିଛନ୍ତି। ପ୍ରଥମାର୍ଦ୍ଧରେ କେରଳ ଦଳ ୨-୦ ଗୋଲରେ ଅଗ୍ରଣୀ ରହିଥିଲେ ହେଁ ନର୍ଥଇଷ୍ଟ ଦ୍ୱିତୀୟାର୍ଦ୍ଧରେ ଚମତ୍କାର ପ୍ରତ୍ୟାବର୍ତ୍ତନ କରି ମ୍ୟାଚକୁ ଡ୍ର ରଖିଥିଲା। ୨ ମ୍ୟାଚରୁ ୧ ବିଜୟ ଓ ୧ ଡ୍ର ସହ ନର୍ଥଇଷ୍ଟର ପଏଣ୍ଟ ସଂଖ୍ୟା ୪ରେ ପହଞ୍ଚିଛି। ଅନ୍ୟପକ୍ଷରେ ଏଠାରୁ ପୂରା ୩ ପଏଣ୍ଟ ଆଶା କରୁଥିବା କେରଳକୁ ୧ ପଏଣ୍ଟରେ ସନ୍ତୁଷ୍ଟ ରହିବାକୁ ପଡ଼ିଛି। କେରଳର ସିତ୍ୟାସେନ ସିଂ ପାସ୍ ଅଫ୍ ଦି ମ୍ୟାଚ ଏବଂ ନର୍ଥଇଷ୍ଟର ଡିଲାନ ଫକ୍ସ ହିରୋ ଅଫ୍ ଦି ମ୍ୟାଚ ପୁରସ୍କାର ପାଇଥିଲେ।

ମ୍ୟାଚ ଆରମ୍ଭରୁ କେରଳ ପ୍ରାଧାନ୍ୟ ବିସ୍ତାର କରି ଖେଳିଥିଲା। ୫ମ ମିନିଟରେ ଡାହାଣ ପଟରୁ ସିତ୍ୟାସେନ ସିଂଙ୍କ ଫ୍ରି କିକ୍ ବକ୍ସ ମଧ୍ୟକୁ ଆସିଥିବାବେଳେ ସର୍ଗିଓ ସିଡୋଞ୍ଚା ଜମ୍ପକରି ହେଡ୍ ଜରିଆରେ ଏହାକୁ ଗୋଲରେ ପରିଣତ କରି କେରଳକୁ ଅଗ୍ରଣୀ ଦେଇଥିଲେ। ୪୫ତମ ମିନିଟରେ ବକ୍ସ ଏରିଆ ମଧ୍ୟରେ ନର୍ଥଇଷ୍ଟ ଖେଳାଳିଙ୍କ ବିପଜ୍ଜନକ ପ୍ରଦର୍ଶନ ପାଇଁ କେରଳକୁ ପେନାଲ୍ଟି ସୁଯୋଗ ମିଳିଥିଲା। ଗ୍ୟାରୀ ହୁପର କୌଣସି ଭୁଲ୍ ନ କରି ଏହାକୁ ଗୋଲରେ ପରିଣତ କରିବା ସହ କେରଳ ଅଗ୍ରଣୀକୁ ପ୍ରଥମାର୍ଦ୍ଧ ଶେଷସୁଦ୍ଧା ୨-୦ରେ ପହଞ୍ଚାଇ ଦେଇଥିଲେ। ଗୋଲ ପରିଶୋଧ ଲକ୍ଷ୍ୟରେ ଦ୍ୱିତୀୟାର୍ଦ୍ଧ ଆରମ୍ଭରୁ ନର୍ଥଇଷ୍ଟ ଆକ୍ରମଣକୁ ଜୋର୍‌ଦାର କରିଥିଲା। ୫୧ତମ ମିନିଟରେ କ୍ୱେସି ଆପିଆ ଗୋଟିଏ ଗୋଲ ପରିଶୋଧ କରିବାରୁ ମ୍ୟାଚରେ ରୋମାଞ୍ଚ ଆସିଥିଲା। ୬୫ତମ ମିନିଟରେ ନର୍ଥଇଷ୍ଟ ପାଇଁ ମ୍ୟାଚକୁ ସମାନ ସ୍ତରକୁ ଆଣିବାକୁ ସୁବର୍ଣ୍ଣ ସୁଯୋଗ ଆସିଥିଲା। ଗୋଲପୋଷ୍ଟ ବକ୍ସ ଏରିଆରେ ଆପିଆଙ୍କୁ କେରଳର ଜେସିଲ ଆଲାନ କାର୍ନେଇରୋ ଠେଲି ତଳେ ପକାଇ ଦେବାରୁ ନର୍ଥଇଷ୍ଟକୁ ପେନାଲ୍ଟି ମିଳିଥିଲା। ମାତ୍ର ଆପିଆଙ୍କ ଶଟ୍ ମିସ୍ ହୋଇଥିଲା। ସେ ଲଫ୍ଟ କର୍ନରରେ ବଲ୍ ମାରିବାକୁ ଉଦ୍ୟମ କରିଥିବାବେଳେ ତାହା ବାର୍ ଉପରେ ଚାଲି ଯାଇଥିଲା। ୯୦ତମ ମିନିଟରେ କେରଳ ୨-୧ରେ ଅଗ୍ରଣୀ ରହିଥିଲା। ମାତ୍ର ୫ ମିନିଟ ଇଞ୍ଜୁରି ଟାଇମ୍ ନର୍ଥଇଷ୍ଟ ପାଇଁ ଶୁଭ ସାବ୍ୟସ୍ତ ହୋଇଥିଲା। ୯୦+୧ ମିନିଟରେ ଗୁରଜିନ୍ଦରଙ୍କଠାରୁ ପାଇଥିବା ଲଙ୍ଗ୍ ପାସ୍‌କୁ ନିୟନ୍ତ୍ରଣକୁ ଆଣି ଇଦ୍ରିସା ସିଲା ଗୋଲ ଦେବାସହ ମ୍ୟାଚକୁ ସମାନ ସ୍ତରକୁ ନେଇ ଆସିଥିଲେ।



ସାଥୀ ଖେଳାଳିଙ୍କ ସହ ଖୁସି ମନାଉଛନ୍ତି ନର୍ଥଇଷ୍ଟ ୟୁନାଇଟେଡ୍‌ର ଇଦ୍ରିସା ସିଲା(ଡାହାଣ)।



**ଇଣ୍ଡିଆନ ସୁପରଲିଗ୍**
**(ଶୁକ୍ରବାର ମ୍ୟାଚ)**
**ଇଷ୍ଟବେଙ୍ଗଲ ବନାମ ଏଟିକେ ମୋହନବାଗାନ**
**ସ୍ଥାନ:** ତିଳକ ମଇଦାନ, ଗୋଆ, ସମୟ: ରାତି ୭ଟା ୩୦

# ପ୍ରଭଞ୍ଜନ ସିନିୟର ଚୟନ କମିଟି ଅଧ୍ୟକ୍ଷ

ଭୁବନେଶ୍ୱର, ୨୬।୧୧(କ୍ରୀଡ଼ା ପ୍ରତିନିଧି)

ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ)ର ସମ୍ବିଧାନ ଅନୁସାରେ ଏହାର ପରାମର୍ଶଦାତା କମିଟି ରାଜ୍ୟ ସିନିୟର କ୍ରିକେଟ ପାଇଁ ଗୁରୁବାର ଚୟନ କମିଟି ଗଠନ କରିଛି। ୮୮ଟି ପ୍ରଥମଶ୍ରେଣୀ ମ୍ୟାଚ ଖେଳିଥିବା ପୂର୍ବତନ ରଣଜୀ ଟ୍ରଫି ଅଧିନାୟକ ପ୍ରଭଞ୍ଜନ ମଲିକଙ୍କୁ ଚୟନ କମିଟିର ଅଧ୍ୟକ୍ଷ ମନୋନୟନ କରାଯାଇଛି। କମିଟିରେ ସ୍ଥାନ ପାଇଥିବା ଅନ୍ୟ ପୂର୍ବତନ ଖେଳାଳିମାନେ ହେଲେ ସୋମନାଥ ସାହୁ (୩୩ ମ୍ୟାଚ), ରବି ନାରାୟଣ ପଣ୍ଡା (୩୦), ବିଷ୍ଣୁଦେବ ମହାନ୍ତି (୨୯) ଓ ସୌରଜିତ ମହାପାତ୍ର (୨୮)। ଓସିଏ ସଭାପତି ପଙ୍କଜ ଲୋଚନ ମହାନ୍ତି ଓ ସମ୍ପାଦକ ସଞ୍ଜୟ ବେହେରା ଚୟନ କମିଟିକୁ ଶୁଭେଚ୍ଛା ଜଣାଇଛନ୍ତି। ସୂଚନାଯୋଗ୍ୟ ବୁଧବାର ପୂର୍ବତନ କ୍ରିକେଟର ତଥା ବିସିସିଆଇ ଲେଭଲ-୩ କୋଚ୍ ଆର. ଶ୍ରୀକାନ୍ତ ଓସିଏର ବୈଷୟିକ ନିର୍ଦ୍ଦେଶକ ଏବଂ କ୍ରିକେଟ ପରିଚାଳନା ମୁଖ୍ୟ ନିଯୁକ୍ତ ହୋଇଥିଲେ। ଏହା ବ୍ୟତୀତ ବିସିସିଆଇ ସ୍ୱୀକୃତିପ୍ରାପ୍ତ ଭିଡିଓ ବିଶ୍ଳେଷକ ଗଣେଶ କରଙ୍କୁ ଓସିଏର ଡାଟା ଆନାଲିଟିକ୍ସ ଓ ପରଫରମାନ୍ସ ମ୍ୟାନେଜମେଣ୍ଟ ମୁଖ୍ୟ ଏବଂ ବିସିସିଆଇ ଲେଭଲ-୧ ଟ୍ରେନର ଅମିୟ କୁମାର ମହାନ୍ତିଙ୍କୁ ଷ୍ଟ୍ରେଣ୍ଥ ଆଣ୍ଡ କଣ୍ଡିଶନିଂ ପ୍ରଶିକ୍ଷଣ ମୁଖ୍ୟଭାବେ ନିଯୁକ୍ତି ଦିଆଯାଇଥିଲା।



ପ୍ରଭଞ୍ଜନ ମଲ୍ଲିକ






3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

**'ଦି ଆୱାକ୍ସିସ୍ ଅଫ୍ ଆମନଗ୍ରି' ଉନ୍ମୋଚିତ**

ଭୁବନେଶ୍ୱର,(ବ୍ୟୁରୋ): ପ୍ରଶାସିକା ତଥା ଲେଖିକା ଶୁଭା ଶର୍ମାଙ୍କ ନୂତନ ଉପନ୍ୟାସ 'ଦି ଆୱାକ୍ସିସ୍ ଅଫ୍ ଆମନଗ୍ରି'ର ଉନ୍ମୋଚନ ଉତ୍ସବ ଗୁରୁବାର ଭୁବନେଶ୍ୱରରେ ଅନୁଷ୍ଠିତ ହୋଇଯାଇଛି। ଭିଡିଓ କନ୍‌ଫରେନ୍ସରେ ଅନୁଷ୍ଠିତ ଏହି ଉତ୍ସବରେ ଡ. ପ୍ରତିଭା ରାୟ ଯୋଗଦେଇ କହିଲେ, ଉପନ୍ୟାସ ରଚନା ଲେଖକ ବା ଲେଖିକାର ବୃତ୍ତି ନୁହେଁ, ଏକ ପ୍ରବୃତ୍ତି। ଉପନ୍ୟାସ ଲେଖିବା ଏକ ନିରନ୍ତର ଭାବ ପ୍ରକ୍ରିୟା, ଯେଉଁଥିପାଇଁ ଲେଖିବା ନିମନ୍ତେ ଅହର୍ନିଶ ଭାବିବାକୁ ପଡିଥାଏ। ଅନ୍ୟମାନଙ୍କ ମଧ୍ୟରେ ଡ. ଦେବାଶିଷ ପାଣିଗ୍ରାହୀ, ତନୟା ପଟ୍ଟନାୟକ ପ୍ରମୁଖ ଯୋଗଦେଇ ଉପନ୍ୟାସଟିର ସମୀକ୍ଷା କରିଥିଲେ।

**ସଂକ୍ଷେପରେ**

## ଅବସରପ୍ରାପ୍ତ ବିଦ୍ୟୁତ୍ ଇଞ୍ଜିନିୟର ଫୋରମ୍ ପକ୍ଷରୁ ରିଲିଫ୍ ଫଣ୍ଡକୁ ଦାନ

ଭୁବନେଶ୍ୱର, ୨୬।୧୧(ବ୍ୟୁରୋ): ରାଜ୍ୟ ସରକାରଙ୍କ ପକ୍ଷରୁ ବ୍ୟାପକ ସଚେତନତା ଓ ଦୃଢ଼ କାର୍ଯ୍ୟାନୁଷ୍ଠାନ ଫଳରେ ସାରା ବିଶ୍ୱରେ କାୟା ବିସ୍ତାର କରିଥିବା ମହାମାରୀ କରୋନାକୁ ବହୁମାତ୍ରାରେ ରୋକାଯାଇ ପାରିଛି। ଏପରିସ୍ଥଳେ ଓଡ଼ିଶା ଅବସରପ୍ରାପ୍ତ ବିଦ୍ୟୁତ୍ ଇଞ୍ଜିନିୟର ଫୋରମର ସଦସ୍ୟମାନେ ଅର୍ଥ ସଂଗ୍ରହ କରି ୫୦,୨୬୦ ଟଙ୍କା ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ପ୍ରଦାନ କରିଛନ୍ତି। ଫୋରମ ସଭାପତି ବାଳମୁକୁନ୍ଦ ଦାସ ବ୍ୟକ୍ତିଗତ ଭାବେ ୧୦,୦୦୦ ଟଙ୍କା ପ୍ରଦାନ କରିଛନ୍ତି। ଅନ୍ୟରାଜ୍ୟ ତୁଳନାରେ ଓଡ଼ିଶାରେ ଉଭୟ ସଂକ୍ରମଣ ଓ ମୃତ୍ୟୁ ହାର ଯଥେଷ୍ଟ କମ୍ ଥିବାରୁ ଫୋରମର ସଦସ୍ୟମାନେ ରାଜ୍ୟ ସରକାରଙ୍କ ପଦକ୍ଷେପକୁ ପ୍ରଶଂସା କରିଛନ୍ତି।

## ବାଇକ୍ ଦୁର୍ଘଟଣାରେ ବ୍ୟବସାୟୀ ମୃତ

ବାଙ୍କୀ,୨୬।୧୧(ସ୍ୱ.ପ୍ର.) ବାଙ୍କୀ ବ୍ଲକର ପଥରପୁରାଠାରେ ଏକ ବାଇକ୍ ଦୁର୍ଘଟଣାରେ ଜଣେ ବ୍ୟବସାୟୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବାଙ୍କୀ ରୁଚିକା ମାର୍କେଟସ୍ଥିତ ରଣପୁର ଗ୍ରାମର ରବୀନ୍ଦ୍ର କୁମାର ଗିରି (୫୫)। ତାଙ୍କର ସୌକିନ୍ ନାମରେ ଏକ ଡ୍ରେସ୍ ଦୋକାନ ରହିଛି। ଗୁରୁବାର ସେ ସ୍ତ୍ରୀ ଗିତାଞ୍ଜଳିଙ୍କ ସହ ଝିଆରୀ ଘରୁ ବାଙ୍କୀ ଫେରୁଥିବା ବେଳେ ଏକ ବାଲି ବୋଝେଇ ଗାଡି ତାଙ୍କୁ ସାଇଡ ମାରିଥିଲା। ଫଳରେ ରବୀନ୍ଦ୍ର ଭାରସାମ୍ୟ ହରାଇ ରାସ୍ତା କଡ଼ରେ ଥିବା ଏକ ଗଛରେ ପିଟି ହୋଇଯାଇଥିଲେ। ଉଭୟଙ୍କୁ ବାଙ୍କୀ ଉପଖଣ୍ଡ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ରବୀନ୍ଦ୍ରଙ୍କୁ ମୃତ ଘୋଷଣା କରାଯାଇଛି।

## ବନ୍ୟା କ୍ଷୟକ୍ଷତି ସହାୟତା ବଣ୍ଟନ ଦାବିରେ ଧାରଣା

ବାଙ୍କୀ,୨୬।୧୧ (ସ୍ୱ.ପ୍ର.) : ବନ୍ୟା କ୍ଷୟକ୍ଷତି ବାବଦ ବକେୟା ସହାୟତା ବଣ୍ଟନ ଦାବିରେ ବାଙ୍କୀ ଏନ୍ଏସି କାର୍ଯ୍ୟାଳୟ ସମ୍ମୁଖରେ ଭାଜପା ପକ୍ଷରୁ ଗୁରୁବାର ଗଣଧାରଣା ଦିଆଯାଇଥିଲା। ଭାଜପା ନେତା ଶୁଭ୍ରାଂଶୁ ମୋହନ ପାଢ଼ୀଙ୍କ ନେତୃତ୍ୱରେ ବହୁ କର୍ମୀ ଗଣଧାରଣା ଦେଇଥିଲେ। କାର୍ଯ୍ୟ ନିର୍ବାହୀ ଅଧିକାରୀ ବିନୟ ରଞ୍ଜନ ମହାପାତ୍ର ଧାରଣାସ୍ଥଳରେ ପହଞ୍ଚି ଖୁବ୍‌ଶୀଘ୍ର ୧୬ ଓ ୧୭ ନଂ ୱାର୍ଡକୁ ୱାର୍ଡକୁ ରିଲିଫ ସାମଗ୍ରୀ ଯୋଗାଇଦେବା ପାଇଁ ପ୍ରତିଶ୍ରୁତି ଦେବାପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।

## ଆଇନ ସାକ୍ଷରତା ମହୋତ୍ସବର ପୁରସ୍କାର ବିତରଣ

କଟକ ଅଫିସ, ୨୬।୧୧: ରାଜ୍ୟସ୍ତରୀୟ ଆଇନ ସାକ୍ଷରତା ମହୋତ୍ସବର ପୁରସ୍କାର ବିତରଣ କାର୍ଯ୍ୟକ୍ରମ ଗୁରୁବାର ହାଇକୋର୍ଟର ଭିଡିଓ କନ୍‌ଫରେନ୍ସ ହଲ୍‌ରେ ଅନୁଷ୍ଠିତ ହୋଇଯାଇଛି। ପ୍ରବନ୍ଧ, ଚିତ୍ରାଙ୍କନ ଓ ଅଭିନୟ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଛି। ରାଜ୍ୟର ୩୦ ଜିଲାକୁ ୫ଟି ପ୍ରାନ୍ତରେ ବିଭକ୍ତ କରାଯାଇ ପ୍ରତ୍ୟେକ ପ୍ରାନ୍ତରୁ ଶ୍ରେଷ୍ଠ ବିବେଚିତ ପ୍ରତିଯୋଗୀଙ୍କୁ ଉକ୍ତ ପ୍ରତିଯୋଗିତାରେ ସାମିଲ କରାଯାଇଥିଲା। ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ ହାଇକୋର୍ଟ ମୁଖ୍ୟ ବିଚାରପତି ଜଷ୍ଟିସ ମହମ୍ମଦ ରଫିକ୍ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ହାଇକୋର୍ଟର ବିଚାରପତି ସଞ୍ଜୁ ପଣ୍ଡା ଏବଂ ଅନ୍ୟ ବିଚାରପତିମାନେ ଯୋଗ ଦେଇଥିଲେ। ଏହି ଅବସରରେ ଆଇନସେବା ପ୍ରାଧିକରଣର ତ୍ରୟୋମାସିକ ଆଇନ ସମ୍ବନ୍ଧୀୟ ପତ୍ରିକା 'ଦି ଆୱେକେନିଂ' ଉନ୍ମୋଚନ ହୋଇଥିଲା। ରାଜ୍ୟ ଆଇନସେବା ପ୍ରାଧିକରଣ ସଦସ୍ୟ ସଚିବ ମିନାକ୍ଷୀ ଦାସ ଧନ୍ୟବାଦ ଦେଇଥିଲେ।

# ସତ୍ୟପାଠ ଦାଖଲ, ହତ୍ୟାର ପ୍ରମାଣ ମିଳୁନି

କଟକ ଅଫିସ,୨୬।୧୧

**ଆଦିତ୍ୟ ମୃତ୍ୟୁ ଘଟଣା**

ସାମାଜିକ କର୍ମୀ ମାନବପ୍ରେମୀ ଆଦିତ୍ୟ ଦାସଙ୍କ ମୃତ୍ୟୁ ଘଟଣା ଏପର୍ଯ୍ୟନ୍ତ ରହସ୍ୟମୟ ହୋଇରହିଛି। ତାଙ୍କୁ ହତ୍ୟା କରାଯାଇଥିବା ନେଇ କୌଣସି ପ୍ରମାଣ ଏ ପର୍ଯ୍ୟନ୍ତ ତଦନ୍ତରୁ ମିଳି ପାରି ନାହିଁ। ଏହା ଏକ ଆତ୍ମହତ୍ୟା ଘଟଣା ଭଳି ଦେଖାଦେଉଛି ବୋଲି କ୍ରାଇମବ୍ରାଞ୍ଚ ପକ୍ଷରୁ ହାଇକୋର୍ଟରେ ଦାଖଲ ସତ୍ୟପାଠରେ ଉଲ୍ଲେଖ ରହିଛି। କ୍ରାଇମବ୍ରାଞ୍ଚ ଇନ୍ସପେକ୍ଟର ଡି.ପି.ଦାଶଙ୍କ ପକ୍ଷରୁ ଦାଖଲ ସତ୍ୟପାଠରେ ଉଲ୍ଲେଖ କରାଯାଇଛି ଯେ, ତଦନ୍ତ ବେଳେ ଏକ ସୁଇସାଇଡ୍ ନୋଟ ଜବତ କରାଯାଇଥିଲା। ଏହାକୁ ଯାଞ୍ଚ ପାଇଁ ହ୍ୟାଣ୍ଡ ରାଇଟିଂ ବ୍ୟୁରୋକୁ ପଠାଯାଇଥିଲା। ଜୁଲାଇ ୨୧ରେ ମିଳିଥିବା ଏ ସମ୍ପର୍କିତ ରିପୋର୍ଟରୁ ଏହି ନୋଟ୍ ଆଦିତ୍ୟ ଲେଖିଥିବା ଜଣାପଡୁଛି। ଏଥିସହିତ ଏହି ନୋଟ ସମ୍ପର୍କରେ ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ମନସ୍ତତ୍ତ୍ୱବିତ୍ ଅଧ୍ୟକ୍ଷ, କାଉନସିଲ ଅଫ ଡିନ୍ସଙ୍କ ମତାମତ ଲୋଡ଼ାଯାଇଥିଲା। ଅଗଷ୍ଟ ୧୦ରେ ମନସ୍ତତ୍ତ୍ୱବିତ ପ୍ରଦାନ କରିଥିବା ରିପୋର୍ଟରେ ଉଲ୍ଲେଖ କରାଯାଇଥିଲା ଯେ, ଏହି ସୁଇସାଇଡ୍ ନୋଟ ଲେଖିବାବେଳେ କୌଣସି ବଳ ପ୍ରୟୋଗ କରାଯାଇ ନ ଥିଲା। ଏଥିସହିତ ଗଭୀର ଅବସାଦ ଯୋଗୁ ଆତ୍ମହତ୍ୟା କରିଥିବା ସପକ୍ଷରେ ରିପୋର୍ଟରେ ମତ ରହିଥିଲା। ଏଯାବତ ତଦନ୍ତରୁ ଏହା ଏକ ଆତ୍ମହତ୍ୟା ମାମଲା ବୋଲି ଲାଗୁଛି। ସୁଇସାଇଡ ନୋଟ୍ ଅନୁଯାୟୀ ଏଥିପାଇଁ କେହି ଦାୟୀ ନୁହେଁ ବୋଲି ଜଣାପଡୁଛି। ଏବେ ମଧ୍ୟ ଘଟଣାର ତଦନ୍ତ ଚାଲିଛି। ତଦନ୍ତକାରୀ ସଂସ୍ଥା ଏହି ମାମଲାରେ ଏ ପର୍ଯ୍ୟନ୍ତ ଫାଇନାଲ ଫର୍ମ ଦାଖଲ କରି ନାହାନ୍ତି। ଏଭଳି ସ୍ଥିତିରେ ସିବିଆଇ ବା ଅନ୍ୟ କୌଣସି ଏଜେନ୍ସିକୁ ତଦନ୍ତ ହସ୍ତାନ୍ତର ପାଇଁ ଆବେଦନକାରୀ କରିଥିବା ପ୍ରାର୍ଥନା ଅନାବଶ୍ୟକ ବୋଲି ସତ୍ୟପାଠରେ ଉଲ୍ଲେଖ କରାଯାଇଛି।

# ପୋଲିସ ମୁଖ୍ୟାଳୟରେ ସମ୍ବିଧାନ ଦିବସ



କଟକ ଅଫିସ, ୨୬।୧୧

ରାଜ୍ୟ ପୋଲିସ ମୁଖ୍ୟାଳୟରେ ଗୁରୁବାର ଜାତୀୟ ସମ୍ବିଧାନ ଦିବସ ପାଳିତ ହୋଇଯାଇଛି। ପୋଲିସ ମହାନିର୍ଦ୍ଦେଶକ ଅଭୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସମ୍ବିଧାନ ଦିବସ ପାଳନର ତାତ୍ପର୍ଯ୍ୟ ବିଷୟରେ କହିଥିଲେ। ପରେ ଡିଜିପି ଅଭୟ ଉପସ୍ଥିତ ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ସମ୍ବିଧାନର ମୁଖବନ୍ଧ ଶପଥ ପାଠ କରାଇଥିଲେ। କାର୍ଯ୍ୟକ୍ରମରେ ଅତିରିକ୍ତ ଡିଜି ଲଳିତ ଦାସ, ଆଇଜି ସଞ୍ଜୟ ସିଂହ, ଯତିନ୍ଦ୍ର କୋଏଲ, ପ୍ରବୀଣ କୁମାର, ଏଆଇଜି ସୁବାସ ଚନ୍ଦ୍ର ଜମାଦାର, ରବିନାରାୟଣ ବେହେରା, ବାଳକୃଷ୍ଣ ହୋତା ପ୍ରମୁଖ ଉପସ୍ଥିତ ଥିଲେ। ସହକାରୀ ଦୁର୍ଗପତି ପଙ୍କଜ କୁମାର ନାୟକ ଓ ସୁବେଦାର ଅଶୋକ କୁମାର ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଛାତ୍ରୀଛାତ୍ରଙ୍କ ମାନସିକ ସ୍ୱାସ୍ଥ୍ୟ ଉପରେ ଗୁରୁତ୍ୱାରୋପ

ଭୁବନେଶ୍ୱର, ୨୬।୧୧(ବ୍ୟୁରୋ)

ଛାତ୍ରୀଛାତ୍ରଙ୍କ ମାନସିକ-ସାମାଜିକ ସୁସ୍ଥତା ଉପରେ ମହାମାରୀର ପ୍ରଭାବକୁ ନେଇ ଏକ ଭର୍ଚୁଆଲ କର୍ମଶାଳା ଉତ୍କଳ ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଉତ୍କଳ ଉଦ୍ୟୋଗ ଓ କ୍ୟାରିଅର ହବ୍‌ର ମିଳିତ ଉଦ୍ୟମରେ ରୁଷା ୨.୦ ଅନ୍ତର୍ଗତ ରୁରାଲ ଆଉଟ୍‌ରିଚ ଟିମ୍ ଏହି କର୍ମଶାଳାର ଆୟୋଜନ କରିଥିଲା। ବର୍ତ୍ତମାନ ବିଶ୍ୱ ଶତାବ୍ଦୀର ସବୁଠାରୁ ବଡ଼ ବିପର୍ଯ୍ୟୟର ସାମ୍ନା କରୁଛି। ସମସ୍ତଙ୍କ ଉପରେ ଏହାର ପ୍ରଭାବ ପଡ଼ିଛି। ବିଶେଷକରି ଛାତ୍ରୀଛାତ୍ରଙ୍କ ଜୀବନ ବହୁଳ ଭାବେ ପ୍ରଭାବିତ ହୋଇଛି। ଦୀର୍ଘଦିନ ହେବ କଲେଜ ଓ ବିଶ୍ୱବିଦ୍ୟାଳୟ ବନ୍ଦ ରହିଥିବାରୁ ଛାତ୍ରୀଛାତ୍ରଙ୍କ ମାନସିକ ସ୍ୱାସ୍ଥ୍ୟ ସମ୍ବନ୍ଧରେ ସଚେତନତା ଆଣିବା ବେଶ୍ ଗୁରୁତ୍ୱପୂର୍ଣ୍ଣ ବୋଲି ଅତିଥିମାନେ ମତବ୍ୟକ୍ତ କରିଛନ୍ତି।

୭୧ତମ ସମ୍ବିଧାନ ଦିବସ ଅବସରରେ ଆୟୋଜିତ ଏହି କର୍ମଶାଳାରେ ଡ. ଭାସ୍ୱତୀ ପଟ୍ଟନାୟକ ମାନସିକ ସ୍ୱାସ୍ଥ୍ୟର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ଏଥିସହ ବଞ୍ଚିବାର ଅଧିକାରକୁ ନେଇ ମତ ରଖିଥିଲେ। କାର୍ଯ୍ୟକ୍ରମର ପ୍ରଶ୍ନୋତ୍ତର ଅଧିବେଶନରେ ସେ ଅଂଶଗ୍ରହଣକାରୀଙ୍କର ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇଥିଲେ। ଏଥିରେ ଚଣ୍ଡିଖୋଲ କ୍ୟାମ୍ପସର ଛାତ୍ରୀଛାତ୍ର ଓ ଶିକ୍ଷକମାନେ ଯୋଗଦେଇଥିଲେ। ଚଣ୍ଡିଖୋଲ କ୍ୟାମ୍ପସ ଦାୟିତ୍ୱରେ ଥିବା ଡ. ଦଣ୍ଡପାଟ ସ୍ୱାଗତ ଭାଷଣ ଦେଇଥିବାବେଳେ ଉତ୍କଳ ଉଦ୍ୟୋଗ ଓ କ୍ୟାରିୟର ହବ୍‌ର ନିର୍ଦ୍ଦେଶକ ପ୍ରଫେସର ଏ. ଖାନ ଧନ୍ୟବାଦ ଦେଇଥିଲେ।

## ସିଏସ୍‌ସି ପକ୍ଷରୁ ୫୦ ସାନିଟାରି ନାପକିନ୍ ଉଦ୍ୟୋଗ ଆରମ୍ଭ

ଭୁବନେଶ୍ୱର,୨୬।୧୧: ନାରୀ ସଶକ୍ତୀକରଣ ପାଇଁ ସାଧାରଣ ସେବା କେନ୍ଦ୍ର (ସିଏସ୍‌ସି)ପକ୍ଷରୁ ଅଭିନବ ପ୍ରୟାସ କରାଯାଇଛି। ଯୁବତୀ ଓ ମହିଳାମାନଙ୍କୁ ଆତ୍ମନିଯୁକ୍ତି ଦେବା ପାଇଁ ରାଜ୍ୟର ବିଭିନ୍ନ ଜିଲାରେ ୫୦ଟି ସାନିଟାରି ନାପକିନ୍ ଉଦ୍ୟୋଗ ଆରମ୍ଭ କରାଯାଇଛି। ଏଥିପାଇଁ ଏନ୍‌ଟିପିସି ପକ୍ଷରୁ ସିଏସ୍‌ଆର୍ ଫଣ୍ଡ ଜରିଆରେ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି।

# ବୀରେନ ମିତ୍ରଙ୍କ ୧୦୩ତମ ଜୟନ୍ତୀ



ଭୁବନେଶ୍ୱର, ୨୬।୧୧ (ବ୍ୟୁରୋ)

ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ବୀରେନ ମିତ୍ରଙ୍କ ୧୦୩ତମ ଜୟନ୍ତୀ ଗୁରୁବାର ପାଳିତ ହୋଇଯାଇଛି। ପ୍ରତ୍ୟୁଷରେ ଜୟଦେବ ବିହାରସ୍ଥିତ ତାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟାର୍ପଣ କରାଯାଇଥିଲା। ଅତିଥି ଭାବେ ପୂର୍ବତନ ବିଧାୟକ ତଥା ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥାର ଅଧ୍ୟକ୍ଷ ପ୍ରିୟଦର୍ଶୀ ମିଶ୍ର, ସରକାରୀ ଓକିଲ ସୁଧାଂଶୁ ତ୍ରିପାଠୀ, ପୂର୍ବତନ କର୍ପୋରେଟର ସୁଧାଂଶୁ ପଟ୍ଟନାୟକ, ଅବଧୂତ ସ୍ୱାଇଁ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ମିତ୍ରଙ୍କ ସ୍ମୃତିଚାରଣ କରିଥିଲେ।

## ସମ୍ବାଦପତ୍ର ବିକ୍ରେତା ସଂଘ ପକ୍ଷରୁ ବୀରେନ ମିତ୍ରଙ୍କ ଜୟନ୍ତୀ

କଟକ ଅଫିସ, ୨୬।୧୧

ସମ୍ବାଦପତ୍ର ବିକ୍ରେତା ସଂଘ ପକ୍ଷରୁ ଗୁରୁବାର ପୂର୍ବତନ ମୁଖ୍ୟମନ୍ତ୍ରୀ ବୀରେନ୍ ମିତ୍ରଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ମିଶନ ରୋଡ୍‌ସ୍ଥିତ ତାଙ୍କ ପ୍ରତିମୂର୍ତ୍ତିରେ ସଂଘ କର୍ମକର୍ତ୍ତାମାନେ ପୁଷ୍ପମାଲ୍ୟର୍ପଣ କରିଥିଲେ। ସଂଘ ସଭାପତି ବିଜୟ ପଢ଼ିହାରୀ, ସାଧାରଣ ସମ୍ପାଦକ ଦୁର୍ଗାପ୍ରସାଦ ଛାଟୋଇ, ସହସମ୍ପାଦକ ରତ୍ନାକର ପ୍ରଧାନ, କୋଷାଧ୍ୟକ୍ଷ ଅକ୍ଷୟ ମହାନ୍ତି, କମିଟି ସଭ୍ୟ ହିମାଂଶୁ ମହାପାତ୍ର, ମନୋଜ ପାଲ୍, ସନ୍ତୋଷ ମହାନ୍ତି, ପ୍ରଶାନ୍ତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ପରେ କଟକ ଜିଲା ପ୍ରଶାସନ ପକ୍ଷରୁ ଜିଲାପାଳ ଭବାନୀ ଶଙ୍କର ଚୟନୀ ମିଶନ ରୋଡସ୍ଥିତ ବୀରେନ୍ ମିତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ରାଜ୍ୟସଭା ସଦସ୍ୟ ସୁବାସ ସିଂ, ବିଧାୟକ ଇଂ. ମହମ୍ମଦ ମୋକିମ, ଦେବାଶିଷ ସାମନ୍ତରାୟ, ପ୍ରଭାତ ରଞ୍ଜନ ବିଶ୍ୱାଳ, ସୌମିତ୍ର ମିତ୍ର ଉପସ୍ଥିତ ଥିଲେ।

## ପୂର୍ବତନ ବାଚସ୍ପତି ରବି ରାୟଙ୍କ ଜୟନ୍ତୀ

କଟକ ଅଫିସ, ୨୬।୧୧

ଲୋକ ସଭାର ପୂର୍ବତନ ବାଚସ୍ପତି ରବି ରାୟଙ୍କ ୯୫ତମ ଜୟନ୍ତୀ ପ୍ରୋଜେକ୍ଟ ସ୍ୱରାଜ୍ୟ ପରିସରରେ ଗୁରୁବାର ପାଳିତ ହୋଇଯାଇଛି। ରବି ରାୟ ଏକାଡେମୀ ପକ୍ଷରୁ ଆୟୋଜିତ ଏହି ଉତ୍ସବରେ ଲକ୍ଷ୍ମୀ ମହାନ୍ତି ଅଧ୍ୟକ୍ଷତା କରିଥିଲେ। ଡ. ବିଶ୍ୱାବସୁ ଦାସ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ସମତା ମଞ୍ଚ ସଭାପତି ଚିତ୍ତରଞ୍ଜନ ମହାନ୍ତି, ସତ୍ୟ ରାୟ, ପ୍ରଶାନ୍ତ ଦାସ, ଖଗେଶ୍ୱର ସେଠୀ, ସୁକାନ୍ତ ନାୟକ, ପ୍ରଶାନ୍ତ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଇଂ. କ୍ଷୀରୋଦ ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ନିର୍ବାଚନ ତାରିଖ ଘୋଷଣା ପାଇଁ ମାମଲା

କଟକସଦର,୨୬।୧୧(ଡି.ଏନ୍.ଏ.)

**ତ୍ରିସ୍ତରୀୟ ପଞ୍ଚାୟତିରାଜ ସଂସ୍ଥା**

ଖାଲିପଡ଼ିଥିବା ସରପଞ୍ଚ, ସମିତିସଭ୍ୟା ସଭ୍ୟ, ଜିଲା ପରିଷଦ ସଭ୍ୟା ସଭ୍ୟ ଓ ୱାର୍ଡ ସଭ୍ୟାସଭ୍ୟ ଆସନ ପାଇଁ ମାର୍ଚ୍ଚ ୨୪ରେ ନିର୍ବାଚନ କରିବାକୁ ଘୋଷଣା ହୋଇଥିଲା। କରୋନା ପାଇଁ ଏହି ନିର୍ବାଚନକୁ ଅନ୍ୟାଦେଶ ପର୍ଯ୍ୟନ୍ତ ସ୍ଥଗିତ ରଖାଯାଇଛି। ତେବେ ଏହି ନିର୍ବାଚନର ପୁନର୍ବାର ତାରିଖ ଘୋଷଣା ପାଇଁ ଓଡ଼ିଶା ହାଇକୋର୍ଟରେ ଏକ ମାମଲା ଦାୟର ହୋଇଛି। କିଶନନଗର ଥାନା ଓଡ଼ପଡ଼ା ଗ୍ରାମର ଅଜୟ କୁମାର ମହାନ୍ତି ଓ ଅନ୍ୟମାନଙ୍କ ପକ୍ଷରୁ ଏହି ମାମଲା (ନଂ. ୩୨୮୧/୨୦) ଦାୟର କରାଯାଇଛି। ଏଥିରେ ପ୍ରମୁଖ ସଚିବ, ପଞ୍ଚାୟତିରାଜ ଓ ପାନୀୟ ଜଳବିଭାଗ, ରାଜ୍ୟ ନିର୍ବାଚନ ଆୟୁକ୍ତ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗକୁ ପକ୍ଷଭୁକ୍ତ କରାଯାଇଛି। ନିର୍ବାଚନ ସ୍ଥଗିତ ହେବାର ୯ମାସ ବିତିଯାଇଥିବାରୁ ନାମାଙ୍କନ ପତ୍ର ଦାଖଲ କରିଥିବା ଅନେକ ପ୍ରାର୍ଥୀ ଓ ପ୍ରାର୍ଥୀ ଆଶଙ୍କା ମଧ୍ୟରେ ରହିଛନ୍ତି। କେନ୍ଦ୍ରୀୟ ନିର୍ବାଚନ ଆୟୋଗ କୋଭିଡ୍ ଗାଇଡ୍‌ଲାଇନ୍‌କୁ ଦୃଷ୍ଟିରେ ରଖି ନିର୍ବାଚନ କରିବା ପାଇଁ ଅନୁମତି ଦେଇଛନ୍ତି। ହେଲେ ଆମ ରାଜ୍ୟରେ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ତାରିଖ ଘୋଷଣା ହେଉ ନାହିଁ। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ବିଜୟ କୁମାର ରଗଡ଼ ଓ ବିଭୂତି ଭୂଷଣ ବେହେରା ମାମଲା ପରିଚାଳନା କରୁଛନ୍ତି।

## ଲକ୍ଷ୍ମଣଙ୍କୁ ଚାକିରି ଦିଅ: ହାଇକୋର୍ଟ

କଟକ ଅଫିସ,୨୬।୧୧

ଲକ୍ଷ୍ମଣ ସୋରେନ ନାମକ କର୍ମଚାରୀ ନିଯୁକ୍ତି ଆଦେଶ ସହ ଗତବର୍ଷ ଡିସେମ୍ବର ୧୩ରେ ଚାକିରୀରେ ଯୋଗଦେବା ପାଇଁ ଅଗ୍ନିଶମ ବିଭାଗକୁ ଯାଇଥିଲେ। କିନ୍ତୁ ତାଙ୍କ ନିଯୁକ୍ତି ଆଦେଶକୁ ବିଭାଗୀୟ ଅଧିକାରୀ ଗ୍ରହଣ କରି ନ ଥିଲେ। ଫଳରେ ସେ ଗତ ମାସ ୧୨ତାରିଖରେ ହାଇକୋର୍ଟରେ ଏକ ରିଟ୍ ପିଟିଶନ ଦାଖଲ କରିଥିଲେ। ବିଚାରପତି ଏସ୍.ପଣ୍ଡା ଏବଂ ଏସ୍.କେ. ପାଣିଗ୍ରାହୀଙ୍କ ଦ୍ୱାରା ଗଠିତ ଖଣ୍ଡପୀଠ ଗୁରୁବାର ଉକ୍ତ ମାମଲାର ଶୁଣାଣି କରି ଆସନ୍ତା ୫ତାରିଖ ସୁଦ୍ଧା ଲକ୍ଷ୍ମଣଙ୍କ ନିଯୁକ୍ତି ଆଦେଶ ଗ୍ରହଣ କରିବା ପାଇଁ ଅଗ୍ନିଶମ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ନିଯୁକ୍ତି ଆଦେଶ ଗ୍ରହଣ ବେଳେ ଆବଶ୍ୟକ କାଗଜପତ୍ର ଯାଞ୍ଚ କରିବା ପାଇଁ ବିଭାଗକୁ କୁହାଯାଇଛି। ଏହି ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ମାସ ୯ତାରିଖରେ ହେବ ବୋଲି ଧାର୍ଯ୍ୟ କରାଯାଇଛି।

# ବିଭିନ୍ନ ଦାବିରେ ଶ୍ରମିକ ସଙ୍ଗଠନର ଧର୍ମଘଟ

କଟକ ଅଫିସ/ ଖୁଣ୍ଟୁଣୀ/ବାରଙ୍ଗ/ଚୌଦ୍ୱାର, ୨୬।୧୧(ଡି.ଏନ୍.ଏ)

କେନ୍ଦ୍ର ସରକାରଙ୍କ କୃଷି ଓ ଶ୍ରମିକ ମାରଣ ନୀତି ବିରୋଧରେ ବିଭିନ୍ନ କେନ୍ଦ୍ରୀୟ ଶ୍ରମିକ ସଙ୍ଗଠନଗୁଡ଼ିକ ପକ୍ଷରୁ ଗୁରୁବାର କଟକ ସହରରେ ଧର୍ମଘଟ ସହ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏସ୍‌ୟୁସିଆଇ(ସି), ଏଆଇୟୁଟିୟୁସି, ଏଆଇଡିଏସଓ, ଏଆଇଏମ୍‌ଏସ୍‌ଏସ୍, ଏଆଇଡିୱାଇଓ ପକ୍ଷରୁ ମିଳିତ ଭାବେ ଜିଲାପାଳଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭ କରାଯାଇଥିଲା। ଏସୟୁସିଆଇ(ସି) କଟକ ଜିଲା ସମ୍ପାଦକ ବିଶ୍ୱାବସୁ ଦାଶ, ଏଆଇୟୁଟିୟୁସିର ଖଗେଶ୍ୱର ସେଠୀ, ପାଭେଲ ପ୍ରିୟଦର୍ଶନ, ସ୍ୱାଧୀନ ବେହେରା, ଦୀପକ ଦାସ, ଏଆଇଏମଏସଏସ ପକ୍ଷରୁ ସିପ୍ରା ମହାନ୍ତି, ସୋଭା ଦେହୁରୀ, ଝରଣା ଦାସ, ଏଆଇଡିଏସଓ ପକ୍ଷରୁ ବିନୋଦ ସେଠୀ, ସୁଭସ୍ମିତା ସାହୁ, ସିବାନୀ ସାହୁ, ସରୋଜ ମାନସିଂ ପ୍ରମୁଖ ସାମିଲ ହୋଇଥିଲେ। ଲିଙ୍କରୋଡରୁ ହିନ୍ଦ୍ ମଜଦୁର ସଭାର ଶୋଭାଯାତ୍ରା ବାହାରି ସିଡିଏ କାର୍ଯ୍ୟାଳୟରେ ପହଞ୍ଚି ଏକ ଦାବିପତ୍ର ଜିଲାପାଳଙ୍କୁ ଦେଇଥିଲେ। ଏଥିରେ ସଙ୍ଗଠନର ରାଜ୍ୟ ଯୁବ ସଭାପତି ବିଜୟ ଭୂଷଣ ପତି, ଉପସଭାପତି ଲକ୍ଷ୍ମୀପ୍ରିୟା ମହାନ୍ତି, ସମ୍ପାଦକ ବିରଜା କିଙ୍କର ନାୟକ, ମନୋରଞ୍ଜନ ମହାରଣା ସାମିଲ ଥିଲେ।

କଟକ ନଗର (ଜିଲା) କଂଗ୍ରେସ କମିଟି ପକ୍ଷରୁ କଚେରୀସ୍ଥିତ ଏସ୍‌ବିଆଇ ମୁଖ୍ୟ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରାଯାଇଥିଲା। ନଗର କଂଗ୍ରେସ କମିଟି ସଭାପତି ଗିରିବାଳା ବେହେରାଙ୍କ ନେତୃତ୍ୱରେ କାଶୀନାଥ ମଲ୍ଲିକ, ଶୈଳବାଳା ଜେନା, ତୃପ୍ତି ଦାସ, ବିକି ଚକ୍ରବର୍ତ୍ତୀ ସାମିଲ ଥିଲେ। ଫାର୍ମାସ୍ୟୁଟିକାଲ ଏମ୍ପ୍ଲଇଜ ୟୁନିୟନ ପକ୍ଷରୁ ଶୋଭାଯାତ୍ରାରେ ବାହାରି ମାରୁତି ମଣ୍ଡପରେ ପହଞ୍ଚି ୟୁନିୟନ ସଭାପତି ଯୁଧିଷ୍ଠିର ମହାରଣାଙ୍କ ଅଧ୍ୟକ୍ଷତାରେ ଏକ ସଭା ହୋଇଥିଲା। ସୁଶାନ୍ତ ସାମଲ, କାଳନ୍ଦୀ ମହାଳିକ, ନିହାର ରଞ୍ଜନ ଦାସ, ଶିବ ମହାରଣା ପ୍ରମୁଖ ଉପସ୍ଥିତ ଥିଲେ। କଟକ ଡିଭିଜନ ବୀମା କର୍ମଚାରୀ ସଂଘ ଧର୍ମଘଟରେ ସାମିଲ ହୋଇଥିଲା। ସେହିପରି ଖୁଣ୍ଟୁଣୀ ଅଞ୍ଚଳରେ ଥିବା ବିଭିନ୍ନ କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନର କର୍ମକର୍ତ୍ତାମାନେ ବିଭିନ୍ନ ସ୍ଥାନରେ ହରତାଳ କରିଥିଲେ। ହିନ୍ଦ ମଜଦୁର ସଭା ଓଡିଶା ଶାଖା ସଭାପତିଙ୍କ ଆହ୍ୱାନକ୍ରମେ ଅନ୍ତପୁରରେ ଥିବା ଟାଟା ଷ୍ଟିଲ ଆଣ୍ଡ ମାଇନିଂ ଓ ଭୁବନେଶ୍ୱର ପାୱାର ପ୍ଲାଣ୍ଟ ଗେଟ ଆଗରେ ବିକ୍ଷୋଭ କରିଥିଲେ। ଚନ୍ଦକାରେ କୃଷକ ସଭା କ୍ଷେତ ମଜଦୁର ୟୁନିୟନ, ଆଦିବାସୀ ଅଧିକାର ମଞ୍ଚ, ଦଳିତ ଶୋଷଣ ମୁକ୍ତି ମଞ୍ଚ ପକ୍ଷରୁ ଚନ୍ଦକାବଜାରରେ ବିକ୍ଷୋଭ କରାଯାଇଥିଲା। କଟକ ଜିଲା କମିଟି ଏସୟୁସିଆଇ(ସି) ପକ୍ଷରୁ ବାରଙ୍ଗ ବ୍ଲକ ସମ୍ମୁଖରେ ବିକ୍ଷୋଭ କରାଯାଇଥିଲା।

## ନିର୍ମାଣ ଶ୍ରମିକଙ୍କ ରାସ୍ତାରୋକୋ

ଟିଗିରିଆ, ୨୬।୧୧ (ଡି.ଏନ୍.ଏ. )

କେନ୍ଦ୍ର ସରକାରଙ୍କ ଶ୍ରମିକ ଓ କୃଷକମାରଣ ନୀତି ବିରୋଧରେ ହିନ୍ଦ ମଜଦୁର ସଭା ଆଠଗଡ ଶାଖା ତରଫରୁ ଟିଗିରିଆ ବ୍ଲକର ନୂଆପାଟଣାର ଚଣ୍ଡୀଛକଠାରେ ଗୁରୁବାର ନିର୍ମାଣ ଶ୍ରମିକମାନେ ରାସ୍ତାରୋକୋ କରିଥିଲେ। ହିନ୍ଦ ମଜଦୁର ସଭା ଟିଗିରିଆର ସଭାପତି ସନ୍ତୋଷ କୁମାର ସାମଲ ଏଥିରେ ଅଧ୍ୟକ୍ଷତା କରିଥିଲେ। ମହମ୍ମଦ ବସିରୁଲ ହକ୍, ସଞ୍ଜୟ କୁମାର କର, ମହେନ୍ଦ୍ର କୁଣ୍ଡୁ, ପ୍ରକାଶ କୁମାର ରାଉତ, ରବୀନ୍ଦ୍ର ଜେନା, ଲକ୍ଷ୍ମୀଧର ଜେନା ଓ ହିନ୍ଦ ମଜଦୁର ସଭା ରାଜ୍ୟଶାଖାର ସାଧାରଣ ସମ୍ପାଦକ ଦିଲୀପ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଚେତାବନୀ ଦେଲା ଆୟକର କର୍ମଚାରୀ ସଂଘ

ଭୁବନେଶ୍ୱର, ୨୬।୧୧ (ବ୍ୟୁରୋ)

ଅନୁକମ୍ପାମୂଳକ ନିଯୁକ୍ତିରେ ଥିବା ୫ ପ୍ରତିଶତ ସିଲିଂକୁ ହଟାଇବା, ଜେସିଏମ୍ ବ୍ୟବସ୍ଥାକୁ ସୁଦୃଢ଼ କରିବା ଆଦି ୧୭ ଦଫା ଦାବି ନେଇ ସାରା ଦେଶରେ ଆୟକର ବିଭାଗର କର୍ମଚାରୀମାନେ ଗୁରୁବାର ଏକ ଦିବସୀୟ ଧର୍ମଘଟରେ ସାମିଲ ହୋଇଥିଲେ। ଆୟକର କର୍ମଚାରୀ ସଂଘ ଓଡ଼ିଶା ସର୍କଲ ପକ୍ଷରୁ ମଧ୍ୟ ବିଭିନ୍ନ ସ୍ଥାନରେ ଆନ୍ଦୋଳନ କରାଯାଇଥିଲା। ଏ ସମ୍ପର୍କରେ ସୂଚନ ଦେଇ ସର୍କଲର ସାଧାରଣ ସଚିବ ଚିତ୍ତରଞ୍ଜନ ପଟ୍ଟନାୟକ କହିଛନ୍ତି, ସବୁବେଳେ ଅଣଦେଖାର ପରିଣାମ ସ୍ୱରୂପ କର୍ମଚାରୀମାନେ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ନୂଆ ପେନ୍‌ଶନ ସ୍କିମ୍(ଏନ୍‌ପିଏସ୍) ଅନୁସାରେ ନିଜ ଦରମାରୁ କଟାଯାଉଥିବା ରାଶିର ଭବିଷ୍ୟତ ବିଷୟରେ କର୍ମଚାରୀ ଆଶଙ୍କାରେ ରହୁଛନ୍ତି। ତାହାକୁ ବନ୍ଦ କରି ୨୦୦୪ରୁ ସରକାରୀ ଚାକିରିରେ ଯୋଗଦେଇଥିବା କର୍ମଚାରୀଙ୍କୁ ପୁରୁଣା ପେନ୍‌ଶନ ସ୍କିମ୍ ଅଧୀନକୁ ଆଣିବା ଦରକାର। ସମୟଭିତ୍ତିକ ପଦୋନ୍ନତିକୁ ସୁନିଶ୍ଚିତ କରାଯିବା ପ୍ରସ୍ତାବକୁ ବହୁଦିନ ଧରି କାର୍ଯ୍ୟକାରୀ କରାଯାଉନାହିଁ। ବହୁବର୍ଷ ତଳେ ଆଡ୍‌ହକ୍ ଭାବେ ପଦୋନ୍ନତି ପ୍ରାପ୍ତ ଅଧିକାରୀଙ୍କୁ ନିୟମିତ କରାଯାଉନି। ସରକାର କରୋନା ସମୟରେ ସବୁ ବର୍ଗର ଲୋକଙ୍କ ପାଇଁ ବିଭିନ୍ନ ଆର୍ଥିକ ପ୍ୟାକେଜ ଘୋଷଣା କରାଯାଇଥିବାବେଳେ କର୍ମଚାରୀ ଓ ପେନଶନଭୋଗୀଙ୍କ ମହଙ୍ଗା ଭତ୍ତା ବନ୍ଦ କରିଦେଇଛନ୍ତି। ସର୍ବନିମ୍ନ ମଜୁରି ସଂକ୍ରାନ୍ତରେ ୨୦୧୬ରେ ଦିଆଯାଇଥିବା ପ୍ରତଶ୍ରୁତି ଏଯାଏ ପାଳନ କରାଯାଉନାହିଁ। ବିଭିନ୍ନ ପଦ ପାଇଁ ନିଯୁକ୍ତି ନିୟମାବଳୀକୁ ଚୂଡ଼ାନ୍ତ କରାଯାଉନାହିଁ। ଦାବି ଉପରେ କେନ୍ଦ୍ରୀୟ ପ୍ରତ୍ୟକ୍ଷ କର ବୋର୍ଡର କର୍ମକର୍ତ୍ତା ନୀରବ ରହୁଛନ୍ତି। ଆଗାମୀ ଦିନରେ ଏହା ଆହୁରି ଉଗ୍ରରୂପ ଧାରଣ କରିବ ବୋଲି ପଟ୍ଟନାୟକ ଚେତାବନୀ ଦେଇଛନ୍ତି।



କଟକ କଚେରି ରୋଡ୍‌ସ୍ଥିତ ଷ୍ଟେଟ୍‌ବ୍ୟାଙ୍କ ସମ୍ମୁଖରେ ବିଭିନ୍ନ ସଂଗଠନ ପକ୍ଷରୁ ବିକ୍ଷୋଭ।



ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ ଛକ।


ଧର୍ମଘଟ ପାଇଁ ଗାଡିଚଳାଚଳ ବନ୍ଦ ଯୋଗୁ ବରମୁଣ୍ଡା ବସଷ୍ଟାଣ୍ଡରେ ଅଟକି ରହିଥିବା ଯାତ୍ରୀ।